# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୨୮/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 28/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଇମ୍ରାନଙ୍କ ବିରୋଧରେ ମାମଲା**

ଇସ୍‌ଲାମାବାଦ ପୋଲିସ ଶୁକ୍ରବାର ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପିଟିଆଇ ସଭାପତି ଇମ୍ରାନ୍ ଖାନ୍ ଓ ଦଳୀୟ ନେତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଇମ୍ରାନଙ୍କ ପକ୍ଷରୁ ଇସ୍‌ଲାମାବାଦ୍‌ରେ କରାଯାଇଥିବା 'ଆଜାଦି ମାର୍ଚ୍ଚ' ସମୟରେ ରାଜଧାନୀରେ ହୋଇଥିବା ଦଙ୍ଗା ପାଇଁ ଇମ୍ରାନ୍ ଦାୟୀ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଦଙ୍ଗା ଓ ଅଗ୍ନିକାଣ୍ଡ ପାଇଁ କୋହସାର ପୋଲିସ ଷ୍ଟେଶନ୍‌ରେ ଦୁଇଟି ମାମଲା ରୁଜୁ କରାଯାଇଛି। ମୋଟ ୧୫୦ ଜଣଙ୍କ ବିରୋଧରେ ଅଭିଯୋଗ ଦାଏର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୯ ଜଣଙ୍କୁ ଗିରଫ କରାଯାଇଛି।



## ସଂକ୍ଷେପରେ

### ୨୦ ଦେଶକୁ ବ୍ୟାପିଲାଣି ମଙ୍କିପକ୍ସ

**ଜେନେଭା,୨୭।୫:** ମଙ୍କିପକ୍ସ ଏବେ ୨୦ରୁ ଊର୍ଦ୍ଧ୍ୱ ଦେଶକୁ ବ୍ୟାପିଲାଣି। ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେଇପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଜଣେ ବରିଷ୍ଠ ଅଧିକାରୀ ଶୁକ୍ରବାର ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହା ମନ୍ଥର ଗତିରେ ସଂକ୍ରମଣ ହେଉଥିବାରୁ ଲୋକେ ବ୍ୟତିବ୍ୟସ୍ତ ହେବାର କାରଣ ନାହିଁ। ମଙ୍କିପକ୍ସ ଏକ ରୋଗ ନୁହେଁ, ତଥାପି ଏହାର ସଂକ୍ରମଣକୁ ରୋକିବା ଉପରେ ପ୍ରାଥମିକତା ଦେବାକୁ ଡବ୍ଲ୍ୟୁଏଚ୍‌ଓ ବିଶ୍ୱ ସଂକ୍ରମଣଜନିତ ବିପଦ ପ୍ରସ୍ତୁତି ବିଭାଗ ନିର୍ଦ୍ଦେଶକ ସିଲ୍‌ଭି ବ୍ରିଆଣ୍ଡ କହିଛନ୍ତି। ମଙ୍କିପକ୍ସ ବର୍ତ୍ତମାନ ସୁଦ୍ଧା ଭାରତରେ ଚିହ୍ନଟ ହୋଇ ନାହିଁ। ବାହାର ଦେଶରେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ପ୍ରସ୍ତୁତ ରହିଥିବା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ପକ୍ଷରୁ କୁହାଯାଇଛି।

### ଫାରୁକ ଅବଦୁଲ୍ଲାଙ୍କୁ ଇଡି ସମନ



**ନୂଆଦିଲ୍ଲୀ,୨୭।୫(ପି.ଟି.):** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ ଫାରୁକ ଅବଦୁଲ୍ଲାଙ୍କୁ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ସମନ ଜାରି କରିଛି। ତାଙ୍କୁ ମେ' ୩୧ରେ ଇଡିର ଦିଲ୍ଲୀ ମୁଖ୍ୟ କାର୍ଯ୍ୟାଳୟରେ ଜେରା ପାଇଁ ହାଜର ହେବାକୁ କୁହାଯାଇଛି। ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏଶନରେ ଆର୍ଥିକ ଅନିୟମିତତା ଅଭିଯୋଗ ଉପରେ ତାଙ୍କୁ ଜେରା କରାଯାଇପାରେ। ଫାରୁକଙ୍କୁ ଇଡି ସମନ କିଛି ନୂଆ କଥା ନୁହେଁ। ଭାରତର ସବୁ ବିରୋଧୀ ଦଳର ନେତାମାନଙ୍କୁ ଏଭଳି ସମନ କରାଯାଉଛି। ସେ ତଦନ୍ତରେ ସହାୟତା କରିଆସିଛନ୍ତି ଓ ଏହି ମାମଲାରେ ତଦନ୍ତକାରୀ ସଂସ୍ଥାକୁ ସହଯୋଗ କରିବେ ବୋଲି ଦଳ ପକ୍ଷରୁ ଟୁଇଟ୍ କରାଯାଇଛି। ସୂଚନାଯୋଗ୍ୟ, ୨୦୨୦ରେ ଇଡି ଉକ୍ତ ମାମଲାରେ ଫାରୁକ୍‌ଙ୍କ ୧୧.୮୬ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା।

### ଉତ୍ତରାଖଣ୍ଡର ପୂର୍ବତନ ମନ୍ତ୍ରୀ ଆତ୍ମହତ୍ୟା କଲେ



**ନୂଆଦିଲ୍ଲୀ,୨୭।୫:** ଉତ୍ତରାଖଣ୍ଡ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ବହୁଗୁଣା ତାଙ୍କ ନାତୁଣୀଙ୍କୁ ଅସଦାଚରଣ କରିଥିବା ନେଇ ତାଙ୍କ ବୋହୂ ଅଭିଯୋଗ ଆଣିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ରାଜେନ୍ଦ୍ର ବୁଧବାର ଏକ ପାଣିଟାଙ୍କି ଉପରେ ଚଢ଼ି ନିଜକୁ ଗୁଳିକରି ହତ୍ୟା କରିଛନ୍ତି। ଆତ୍ମହତ୍ୟା କରିବା ପୂର୍ବରୁ ସେ ନିଜ ଘରୁ ପୋଲିସର ଜରୁରୀ ନମ୍ବର ୧୧୨କୁ ଫୋନ୍ କରି ତାଙ୍କ ଯୋଜନା ସମ୍ପର୍କରେ ଜଣାଇଥିଲେ। ପୋଲିସ ଓ ଶତାଧିକ ପଡୋଶୀଙ୍କ ସମ୍ମୁଖରେ ସେ ପାଣିଟାଙ୍କି ଉପରେ ନିଜକୁ ଗୁଳି କରିଥିଲେ। ପୋଲିସ ଡାକବାଜି ଯନ୍ତ୍ର ଯୋଗେ ତାଙ୍କୁ ଚରମ ପଦକ୍ଷେପ ନ ନେବାକୁ ଅନୁରୋଧ କରିଥିଲେ ମଧ ସେ ଶୁଣି ନ ଥିଲେ। ବୋହୂଙ୍କ ଅଭିଯୋଗକୁ ନେଇ ୫୯ ବର୍ଷୀୟ ରାଜେନ୍ଦ୍ର ଅତ୍ୟନ୍ତ ମର୍ମାହତ ଥିଲେ ବୋଲି ବରିଷ୍ଠ ପୋଲିସ ଅଧିକାରୀ ପଙ୍କଜ ଭଟ୍ଟ କହିଛନ୍ତି।

### ଖାଲି ପାଦରେ ବନ୍ୟାଞ୍ଚଳ ବୁଲିଲେ ଆଇଏଏସ୍ ଅଧିକାରୀ

**ଦିଶପୁର,୨୭।୫:** ଆସାମ ବନ୍ୟାରେ ସବୁଠାରୁ କ୍ଷତିଗ୍ରସ୍ତ ହୋଇଥିବା କାଛରା ଜିଲା ପରିଦର୍ଶନ କରିଥିଲେ ଆଇଏଏସ୍ ଅଧିକାରୀ କୀର୍ତ୍ତି ଜାଲ୍ଲି। ପରିଦର୍ଶନ ବେଳର ଫଟୋ ଏବେ ସୋସିଆଲ ମିଡ଼ିଆରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। କୀର୍ତ୍ତି ଖାଲି ପାଦରେ ବନ୍ୟାଞ୍ଚଳ ପରିଦର୍ଶନ କରୁଥିବାର ଏକ ଫଟୋ ଆଇଏଏସ୍ ଅଫିସର ଅୱ୍ନିଶ ଶରନ୍ ଟୁଇଟରରେ ଶେୟାର କରିଛନ୍ତି। କିର୍ଥୀ କାଦୁଅ ଲଗା ଗୋଡ଼ରେ ଛିଡ଼ା ହୋଇ ସେଠାକାର ଜଣେ ସ୍ଥାନୀୟ ମହିଳାଙ୍କ ସହ କଥା ହେଉଥିବା ଫଟୋରେ ଦେଖିବାକୁ ମିଳିଛି। ତେବେ ଆଇଏଏସ୍ ଅଧିକାରୀଙ୍କ ଫଟୋକୁ ଦେଖିବା ପରେ ସୋସିଆଲ ମିଡିଆ ୟୁଜର୍ସମାନେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି।





ଆମେରିକାର ଟେକ୍ସାସ୍ଥିତ ଉଭାଲ୍‌ଡେରେ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିବା ଏଲିମେଣ୍ଟାରି ସ୍କୁଲର ୧୯ ଶିଶୁ ଓ ୨ ଶିକ୍ଷୟିତ୍ରୀଙ୍କୁ ଟାଉନ୍ ସ୍କୋୟାରରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଜଣେ କୁନି ଝିଅ।

## ୨/୩ ଦିନରେ କେରଳ ଛୁଇଁବ ମୌସୁମୀ

**ନୂଆଦିଲ୍ଲୀ,୨୭।୫ (ପି.ଟି.)**

ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ସାମୁଦ୍ରିକ ବାତ୍ୟା ଅସାନି ପ୍ରଭାବରେ ମୌସୁମୀ ମେ' ୨୭ରେ କେରଳରେ ପହଞ୍ଚିବ ବୋଲି ପୂର୍ବରୁ ପାଣିପାଗ ବିଭାଗ କହିଥିଲା। ଫଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ତ୍ରାହି ମିଳିବା ନେଇ ଲୋକେ ଆଶ୍ୱସ୍ତ ହୋଇଥିଲେ। ହେଲେ ଉକ୍ତ ପୂର୍ବାନୁମାନରେ ୪ ଦିନ ତ୍ରୁଟି ରହିଥିବା କୁହାଯାଇଛି। ପାଣିପାଗ ବିଭାଗର ସଦ୍ୟତମ ସୂଚନା ଅନୁଯାୟୀ ଦକ୍ଷିଣ ଆରବ ସାଗର ଉପରେ ତଳ ସ୍ତରରେ ପ୍ରବଳ ବେଗରେ ପଛୁଆ ପବନ ପ୍ରବାହିତ ହେଉଛି। ଉପଗ୍ରହ ଚିତ୍ର ସୂଚନା ଅନୁଯାୟୀ କେରଳ ଉପକୂଳ ଓ ଦକ୍ଷିଣପୂର୍ବ ଆରବ ସାଗର ଆଖପାଖ ଅଞ୍ଚଳ ଉପରେ ଘନ ବାଦଲ ଦେଖାଦେଇଛି। ତେଣୁ ୨-୩ ଦିନ ମଧ୍ୟରେ କେରଳରେ ମୌସୁମୀ ପହଞ୍ଚିବା ଲାଗି ଅନୁକୂଳ ସ୍ଥିତି ସୃଷ୍ଟି



ହୋଇଥିବା ପାଣିପାଗ ବିଭାଗ କହିଛି। ମେ' ୧୬ରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ମୌସୁମୀ ପହଞ୍ଚିବ ବୋଲି ପୂର୍ବରୁ ଆଇଏମ୍‌ଡି ଘୋଷଣା କରିଥିଲା।

# ଅକାରଣେ ମାସେ ଜେଲ

**ବହୁଚର୍ଚ୍ଚିତ କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାର ତଦନ୍ତ କରୁଥିବା ଏନ୍‌ସିବି ପକ୍ଷରୁ ଶୁକ୍ରବାର ମୁମ୍ବାଇର ଏକ କୋର୍ଟରେ ୬,୦୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରାଯାଇଛି। ଚାର୍ଜଶିଟ୍‌ରେ ବିକ୍ରାନ୍ତ ଚୋକ୍କର, ମୋହକ ଜସୱାଲ, ଇଶମିତ୍ ଏସ୍. ଚଢ଼ା, ଗୋମିତ୍ ଚୋପ୍ରା, ଅବ୍‌ଦୁଲ କାଦର ଶେଖ, ଶ୍ରେୟସ୍ ସୁରେନ୍ଦ୍ର ନାୟାର, ମନୀଷ ରାଜଘରିଆ, ଚିନେଦୁ ଇଗ୍‌ୱେ, ଶିବରାଜ ଆର୍. ହରିଜନ, ନୂପୁର ସତିଜା, ଓକୋରୋ ଉଜେଓମା, ଅରବାଜ ମର୍ଚ୍ଚେଣ୍ଟ, ମୁନ୍‌ମୁନ୍ ଧମେଚା ଓ ଅର୍ଜିତ କୁମାରଙ୍କ ନାମ ରହିଛି। ଆର୍ଯ୍ୟନ ଖାନ୍‌ଙ୍କ ସମେତ ୬ ଜଣଙ୍କ ବିରୋଧରେ କିଛି ପ୍ରମାଣ ନ ଥିବା ଜଣାପଡ଼ିବା ପରେ ଏନ୍‌ସିବି ନିଜ ଦୋଷ ମାନିଛି। କୋର୍ଟ ଖୁବ୍‌ଶୀଘ୍ର ଏହାକୁ ସଜ୍ଞାନକୁ ନେଇ ନିଷ୍ପତ୍ତି ଗ୍ରହଣ କରିବେ।**





**ମୁମ୍ବାଇ/ନୂଆଦିଲ୍ଲୀ,୨୭।୫**

କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାରେ ବଲିଉଡ୍ ଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ନାଟକୀୟ ଗିରଫଦାରି ଆରମ୍ଭରୁ ଚର୍ଚ୍ଚିତ ଥିଲା। ଏହି ମାମଲାରେ ସବୁଠୁ ବିବାଦୀୟ ଥିଲେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ତତ୍କାଳୀନ ଜୋନାଲ ଡାଇରେକ୍ଟର ସମୀର ଓ୍ୱାଙ୍ଖଡେ। ସେ ମାମଲା ରଫାଦଫା କରି ଆର୍ଯ୍ୟନଙ୍କୁ ଛାଡ଼ିବା ପାଇଁ ୨୫ କୋଟି ଟଙ୍କା ରାନ୍‌ସମ୍ ଦାବି କରିଥିଲେ। ଏନ୍‌ସିବି ପକ୍ଷରୁ ଶୁକ୍ରବାର ଆର୍ଯ୍ୟନଙ୍କୁ କ୍ଲିନ୍‌ଚିଟ୍ ଦିଆଯିବା ପରେ ଓ୍ୱାଙ୍ଖଡେ ଏବେ ପୁଣି ଚର୍ଚ୍ଚାରେ। ତେବେ ବିନା କୌଣସି ପ୍ରମାଣରେ ତାଙ୍କୁ କାହିଁକି ଗିରଫ କରାଯାଇଥିଲା ଏବଂ ସେ ଅକାରଣେ ବିଚାରାଧୀନ କଏଦୀ ଭାବେ ମୁମ୍ବାଇର ଆର୍ଥର ରୋଡ୍ ଜେଲରେ ପ୍ରାୟ ମାସେ ଧରି ଦଣ୍ଡ ଭୋଗିଥିବାରୁ ଓ୍ୱାଙ୍ଖଡେଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତା' ଉପରେ ସମସ୍ତଙ୍କ ନଜର ରହିଛି।

ମୁମ୍ବାଇର ଏକ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିବା ତଦନ୍ତକାରୀ ଅଧିକାରୀମାନେ ସେଥିରେ ଆର୍ଯ୍ୟନ ଶାହରୁଖ୍ ଖାନ୍‌ଙ୍କ ନାମ ଉଲ୍ଲେଖ କରିନାହାନ୍ତି। କାରଣ ତାଙ୍କ ବିରୋଧରେ କିଛି ପ୍ରମାଣ ନାହିଁ ବୋଲ ଏନ୍‌ସିବି ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ସତ ସାମ୍ନାକୁ ଆସିବା ପରେ ଏନ୍‌ସିବିର ଭୂମିକା ଓ କାର୍ଯ୍ୟଶୈଳୀକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଥମେ ଏନ୍‌ସିବି ବିରୋଧରେ ଅଭିଯୋଗ ଆଣିଥିବା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ତଥା ମହାରାଷ୍ଟ୍ରର କ୍ୟାବିନେଟ ମନ୍ତ୍ରୀ ନୱାବ୍ ମଲିକ୍‌ଙ୍କୁ ଅନ୍ୟ ଏକ ମାମଲାରେ ଜେଲରେ ରଖାଯାଇଛି। ମଲିକ୍ ଟୁଇଟ୍ କରିଛନ୍ତି, ବର୍ତ୍ତମାନ ଆର୍ଯ୍ୟନ ଖାନ୍ ଓ ଅନ୍ୟ ୫ ଜଣଙ୍କୁ ଏନ୍‌ସିବି କ୍ଲିନ୍‌ଚିଟ୍ ଦେଇଛି। ଏନ୍‌ସିବି ଏହାର ପୂର୍ବତନ ଜୋନାଲ ଡାଇରେକ୍ଟର ସମୀର ଓ୍ୱାଙ୍ଖଡ଼େ ଓ ତାଙ୍କର ପ୍ରାଇଭେଟ୍ ଆର୍ମି ବିରୋଧରେ



ସଞ୍ଜୟ କୁମାର ସିଂ



ସମୀର ଓ୍ୱାଙ୍ଖଡେ

କାର୍ଯ୍ୟାନୁଷ୍ଠାନ ନେବ ନା ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବ ବୋଲି ସେ ପ୍ରଶ୍ନ କରିଛନ୍ତି।

ଆଇଆର୍‌ଏସ୍ ଅଧିକାରୀ ସମୀର ଓ୍ୱାଙ୍ଖଡ଼େ ଏନ୍‌ସିବି ଜୋନାଲ ଡାଇରେକ୍ଟର ଥିବାବେଳେ ବଲିଉଡ୍ ଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ଗିରଫ କରି ରାତାରାତି ଚର୍ଚ୍ଚାକୁ ଆସିଥିଲେ। ସେ ବର୍ତ୍ତମାନ ମୁମ୍ବାଇସ୍ଥିତ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ)ରେ ଅବସ୍ଥାପିତ। ଗତ ନଭେମ୍ବର ୬ରେ ଏନ୍‌ସିବି ତାଙ୍କୁ ତଦନ୍ତକାରୀ ସଂସ୍ଥାର ମୁଖ୍ୟାଳୟରୁ ହଟାଇଥିଲା। ଏଥିସହ ଦିଲ୍ଲୀର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)କୁ ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ ଦାୟିତ୍ୱ ଦେଇଥିଲା। ଏନ୍‌ସିବିର ଉପମହାନିର୍ଦ୍ଦେଶକ (ଅପରେଶନ୍ସ) ତଥା ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ସଞ୍ଜୟ କୁମାର ସିଂ ଏହି ଏସ୍‌ଆଇଟିର ନେତୃତ୍ୱ ନେଇଥିଲେ।

- ଆର୍ଯ୍ୟନଙ୍କୁ ଛାଡ଼ିବା ପାଇଁ ୨୫ କୋଟି ରାନ୍‌ସମ ମାଗିଥିଲେ ଓ୍ୱାଙ୍ଖଡେ
- ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର କରିଥିଲେ ତଦନ୍ତ

"ଆର୍ଯ୍ୟନ ଖାନ୍ ଓ ଅନ୍ୟ ୫ ଅଭିଯୁକ୍ତଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବାରୁ ଚାର୍ଜଶିଟ୍‌ରେ ସେମାନଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ।

**-ସତ୍ୟନାରାୟଣ ପ୍ରଧାନ, ଏନ୍‌ସିବି ମହାନିର୍ଦ୍ଦେଶକ**

"ଆର୍ଯ୍ୟନଙ୍କଠାରୁ ଡ୍ରଗ୍ସ ଜବତ ହୋଇ ନ ଥିବାରୁ ୩ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କୁ ଜେଲରେ ରଖାଯିବା ଅଯୌକ୍ତିକ ଥିଲା।

**-ସତିଶ ମାନେଶିନ୍ଦେ, ଆର୍ଯ୍ୟନଙ୍କ ଓକିଲ**

"ଏହା ଏକ ମିଛ ମାମଲା। ବିନା ପ୍ରମାଣରେ ଛୋଟ ପିଲାଙ୍କୁ ଫସାଇବା ପାଇଁ ଷଡ଼ଯନ୍ତ୍ର ରଚାଯାଇଥିଲା।

**-ସାନା ରଇସ୍, ସହଅଭିଯୁକ୍ତ ଅଭିନ ସାହୁଙ୍କ ଓକିଲ**

"ସମ୍ପୂର୍ଣ୍ଣ ପ୍ରକରଣ ହେଉଛି ମହାରାଷ୍ଟ୍ରର ମହାବିକାଶ ଅଘାଡ଼ି ସରକାରଙ୍କୁ ହଟାଇବା ପାଇଁ ଏକ ବୃହତ୍ ଷଡ଼ଯନ୍ତ୍ରର ଅଂଶବିଶେଷ। ଏବେ ସତ ସାମ୍ନାକୁ ଆସିଛି। ତେବେ ବିନା କାରଣରେ ଆର୍ଯ୍ୟନ ଯେଉଁ ଜେଲଦଣ୍ଡ ଭୋଗିଲେ ସେଥିପାଇଁ କିଏ ଦାୟୀ ହେବ?

**-ଅତୁଲ ଲୋନ୍ଧେ, କଂଗ୍ରେସ ନେତା**

"ଏନ୍‌ସିପି ନେତା ନୱାବ୍ ମଲିକ ପୂର୍ବରୁ ଏନ୍‌ସିବି ଅଫିସର ସମୀର ଓ୍ୱାଙ୍ଖଡେଙ୍କ ବିରୋଧରେ ଆଣିଥିବା ଅଭିଯୋଗ ପ୍ରମାଣିତ ହୋଇଛି।

**-ମହେଶ ତାପସେ, ଏନ୍‌ସିପି ମୁଖପାତ୍ର**

## ଚୌଟାଲାଙ୍କୁ ୪ ବର୍ଷ କାରାଦଣ୍ଡ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

**ନୂଆଦିଲ୍ଲୀ,୨୭।୫**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀସାବ୍ୟସ୍ତ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌଟାଲାଙ୍କୁ ଶୁକ୍ରବାର ଦିଲ୍ଲୀର ସ୍ୱତନ୍ତ୍ର ସିବିଆଇ କୋର୍ଟ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ତାଙ୍କୁ ୫୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ତାଙ୍କର ୪ଟି ସମ୍ପତ୍ତିକୁ ଜବତ କରିବା ଲାଗି ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଚୌଟାଲା କେଉଁ ସୂତ୍ରରୁ ଏତେ ସମ୍ପତ୍ତି ଠୁଳ କଲେ, ତାହା ଉପରେ ସନ୍ତୋଷଜନକ



ଉତ୍ତର ଦେଇପାରି ନ ଥିଲେ। ଫଳରେ ଗତ ସପ୍ତାହରେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଶୁକ୍ରବାର ଶୁଣାଣି ବେଳେ ଚୌଟାଲା ଅସୁସ୍ଥତା ଏବଂ ବାର୍ଦ୍ଧକ୍ୟଜନିତ କାରଣ ଦର୍ଶାଇ ସର୍ବନିମ୍ନ ଦଣ୍ଡବିଧାନ କରିବାକୁ ଅଦାଲତଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ୧୯୯୩ରୁ ୨୦୦୬ ମଧ୍ୟରେ ଚୌଟାଲା ବେଆଇନ ଭାବେ ୬.୦୯ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ। ୨୦୦୫ରେ ସିବିଆଇ ପୂର୍ବତନ ହରିୟାଣା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାମଲା ଦାଏର କରିବା ସହ ୨୦୧୦ ମାର୍ଚ୍ଚ ୨୬ରେ ଚାର୍ଜଶିଟ୍ ଦାଖଲ କରିଥିଲା।

## ଚିତ୍ରା ରାମକ୍ରିଷ୍ଣାଙ୍କୁ ସେବିର ୩.୧୨ କୋଟି ଟଙ୍କାର ଡିମାଣ୍ଡ ନୋଟିସ

**ନୂଆଦିଲ୍ଲୀ,୨୭।୫**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ପୂର୍ବତନ ସିଇଓ ଚିତ୍ରା ରାମକ୍ରିଷ୍ଣାଙ୍କୁ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ମଙ୍ଗଳବାର ୩.୧୨ କୋଟି ଟଙ୍କାର ଡିମାଣ୍ଡ ନୋଟିସ ପଠାଇଥିଲା। ଷ୍ଟକ୍ ଏକ୍ସଚେଞ୍ଜରେ ପରିଚାଳନାଗତ ତ୍ରୁଟିଜନିତ ମାମଲାରେ ତାଙ୍କୁ ଏହି ଅର୍ଥ ପୈଠ କରିବାକୁ କୁହାଯାଇଥିଲା। ୧୫ ଦିନ ମଧ୍ୟରେ ଅର୍ଥ ପୈଠ ନ କଲେ ତାଙ୍କୁ ଗିରଫ କରାଯିବା ସହ ସମ୍ପତ୍ତି ଏବଂ ବ୍ୟାଙ୍କ ଆକାଉଣ୍ଟ ବାଜ୍ୟାପ୍ତ କରାଯିବ। ପୂର୍ବରୁ ଚିତ୍ରାଙ୍କ ଉପରେ ସେବି ଲଗାଇଥିବା ଜରିମାନା ଦେବାରେ ସେ ବିଫଳ ହେବା ପରେ ଡିମାଣ୍ଡ ନୋଟିସ ପଠାଯାଇଥିଲା, ଯାହା ଶୁକ୍ରବାର ତାଙ୍କର ହସ୍ତଗତ ହୋଇଛି।

ସୂଚନାଯୋଗ୍ୟ, ଚିତ୍ରା ଏନ୍‌ଏସ୍‌ଇର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଥିବାବେଳେ ଆନନ୍ଦ ସୁବ୍ରମଣ୍ୟନଙ୍କୁ ଗ୍ରୁପ୍ ଅପରେଟିଂ ଅଫିସର ଏବଂ ଉପଦେଷ୍ଟା ଭାବେ ନିଯୁକ୍ତି ଦେବା ସହ ଅଜଣା ବ୍ୟକ୍ତିଙ୍କୁ କମ୍ପାନୀର ଗୋପନ ତଥ୍ୟ ଯୋଗାଇବା ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଉକ୍ତ ଘଟଣାରେ ପରିଚାଳନାଜନିତ ତ୍ରୁଟି ପାଇଁ ସେବି ଗତ ଫେବୃୟାରୀ ୧୧ରେ ଚିତ୍ରାଙ୍କ ଉପରେ ୩ କୋଟି ଟଙ୍କାର ଜରିମାନା ଲଗାଇଥିଲା।



## ଗୁଜରାଟ ବନ୍ଦରରୁ ୫୦୦ କୋଟିର କୋକେନ୍ ଜବତ

**ଗାନ୍ଧୀନଗର,୨୭।୫**

ଅପରେଶନ୍ 'ନମ୍‌କିନ୍' ଜରିଆରେ ଇଣ୍ଟେଲିଜେନ୍ସ ଅଧିକାରୀଙ୍କୁ ମିଳିଛି ବଡ଼ ସଫଳତା। ଗୁଜରାଟର ମୁନ୍ଦ୍ରା ବନ୍ଦରରୁ ୫୨ କିଲୋଗ୍ରାମର କୋକେନ ଜବତ କରିଛି ସ୍ୱତନ୍ତ୍ର ଗୋଇନ୍ଦା ବିଭାଗ। ଏହାର ବଜାର ମୂଲ୍ୟ ୫୦୦ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଲୁଣ ପ୍ୟାକେଟରେ କୋକେନ୍‌କୁ ଲୁଚାଇ ରଖାଯାଇଥିବା ଅଧିକାରୀ କହିଛନ୍ତି। ନମ୍‌କିନ୍ ଜରିଆରେ ରାଜସ୍ୱ ଗୋଇନ୍ଦା ବିଭାଗ ୨୫ ହଜାର କିଲୋଗ୍ରାମର ଲୁଣ କଣ୍ଟେନରକୁ ଜବତ କରିଥିଲା। ପାଖାପାଖି ଏକ ହଜାର ଲୁଣ ପ୍ୟାକେଟ ସେଠାରେ ମହଜୁଦ ଥିବାବେଳେ ପ୍ୟାକେଟରେ କୋକେନ୍ ଗୋଇନ୍ଦା ଅଧିକାରୀଙ୍କୁ ମିଳିଥିଲା। ବିଶେଷ କରି ଇରାନ୍‌ରୁ ମୁନ୍ଦ୍ରା ବନ୍ଦରକୁ ଏହା ଚୋରାଚାଲାଣ କରାଯାଉଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଲୁଣ ପ୍ୟାକେଟରୁ ସଂଗୃହୀତ ନମୁନାକୁ ଫୋରେନ୍ସିକ୍ ଲାବ୍‌ରେ ପରୀକ୍ଷା କରାଯିବା ପରେ ଏହା କୋକେନ୍ ବୋଲି ଜଣାପଡ଼ିଥିଲା। ତେବେ ଏ ପ୍ରକାର ବେଆଇନ୍ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଜାରି ରହିଥିବା ରାଜସ୍ୱ ଗୋଇନ୍ଦା ବିଭାଗ ପକ୍ଷରୁ କୁହାଯାଇଛି।

### ଅପରେଶନ୍ 'ନମ୍‌କିନ୍' ସଫଳ



### ୨୮ କୋଟିର କୋକେନ୍ ଚୋରା ଚାଲାଣ: ୨ ମହିଳା ଗିରଫ

**ନୂଆଦିଲ୍ଲୀ,୨୭।୫**

ଉଗାଣ୍ଡାର ଦୁଇ ମହିଳା ୨୮ କୋଟି ଟଙ୍କାର କୋକେନ୍ ଚୋରା ଚାଲାଣ କରୁଥିବାବେଳେ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ସେମାନଙ୍କୁ ଗିରଫ କରାଯାଇଛି। ଦୁଇ ମହିଳା କୋକେନ୍ କ୍ୟାପ୍‌ସୁଲଗୁଡ଼ିକୁ ଗିଳି ଦେଇଥିବାବେଳେ ସେମାନଙ୍କ ପାକସ୍ଥଳୀରେ ଏହି କୋକେନ ଥିବା ପୋଲିସ କହିଛି। ଜବତ କୋକେନର ପରିମାଣ ଦୁଇ କିଲୋଗ୍ରାମ୍ ହୋଇଥିବାବେଳେ ମହିଳାଙ୍କଠାରୁ ୧୮୧ଟି କ୍ୟାପ୍‌ସୁଲ ମିଳିଛି। ଗୁରୁବାର ବିମାନ ବନ୍ଦରରୁ ଜଣେ ମହିଳାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ପେଟରେ ୮୧ଟି କୋକେନ୍ କ୍ୟାପ୍‌ସୁଲ ଥିବା ସେ କହିଥିଲେ, ତାଙ୍କୁ ରାମ ମନୋହର ଲୋହିଆ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କ ପେଟରୁ କ୍ୟାପ୍‌ସୁଲ ଗୁଡିକ କଢ଼ାଯାଇଥିଲା। ଜବତ କୋକେନର ପରିମାଣ ୦.୮୯୧ କେ.ଜି. ହୋଇଥିବାବେଳେ ଏହାର ବଜାର ମୂଲ୍ୟ ୧୩.୬ କୋଟି ଟଙ୍କା ହୋଇଥିବା ପୋଲିସ କହିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମେ ୨୮/୨୦୨୨ | Bhubaneswar, Saturday, May 28/2022 | ପୃଷ୍ଠା-୧



## ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ

ସ୍ଲୋଭେନିଆର ଅଲ୍‌ଜାଜ୍ ବେଡେନେଙ୍କୁ ପରାସ୍ତ କରି ସର୍ବୀୟ ଖେଳାଳି ନୋଭାକ୍ ଜୋକୋଭିଚ୍ ଫ୍ରେଞ୍ଚ ଓପନ ଟେନିସ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୨ ୦୮

## ବଦଳିଲା ନାଁ

ବଲିଉଡ୍ ନାୟକ ଅକ୍ଷୟ କୁମାରଙ୍କ ଦ୍ୱାରା ଅଭିନୀତ ଫିଲ୍ମ ପୃଥ୍ୱୀରାଜର ନାମ ବଦଳାଇ ସମ୍ରାଟ ପୃଥ୍ୱୀରାଜ କରାଗଲା।






# ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବାଧ୍ୟ

## ପୁରୁଣା ଗାଡ଼ି ପାଇଁ ଅଗଷ୍ଟ ୩୧ରୁ ଡେଡ୍‌ଲାଇନ ପ୍ରକ୍ରିୟା

■ ୱେବ୍ ପୋର୍ଟାଲରେ ହେବ ଆବେଦନ

■ ମୂଲ୍ୟ ଉଲ୍ଲେଖ କରିବେ ଡିଲର

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ପୁରୁଣା ଗାଡ଼ିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍‌ଏସ୍‌ଆର୍‌ପି) ଲଗାଇବାକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି। କେନ୍ଦ୍ରୀୟ ମୋଟର ଯାନ ଆଇନ-୧୯୮୯ର ରୁଲ୍ସ-୫୦ ଅନୁଯାୟୀ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୨୦୨୨ ଅଗଷ୍ଟ ୩୧ରୁ ଡେଡ୍‌ଲାଇନ ପ୍ରକ୍ରିୟା ଆରମ୍ଭ ହେବ। ତଦନୁଯାୟୀ ଗାଡ଼ିମାଲିକଙ୍କ ଉପରେ ଜରିମାନା ଲାଗୁ ହେବ।

ଯେଉଁ ଯାନବାହନଗୁଡ଼ିକର ପଞ୍ଜୀକରଣ ନମ୍ବର ଶେଷ ଅକ୍ଷର ୧ ଓ ୨ ରହିଛି, ସେମାନଙ୍କ ପାଇଁ ଏଚ୍‌ଏସ୍‌ଆରପି ଲଗାଇବା ନିମନ୍ତେ ଅଗଷ୍ଟ ୩୧ ଧାର୍ଯ୍ୟ କରାଯାଇଥିବା ବେଳେ ଶେଷ ଅକ୍ଷର ୩ ଓ ୪ ପାଇଁ ସେପ୍ଟେମ୍ବର ୩୦, ୫ ଓ ୬ ପାଇଁ ଅକ୍ଟୋବର ୩୧ ଏବଂ ୭ ଓ ୮ ପାଇଁ ନଭେମ୍ବର ୩୦ ଏବଂ ଶେଷ ଅକ୍ଷର ୯ ଓ ୦ ପାଇଁ ଡିସେମ୍ବର ୩୧କୁ ଡେଡ୍‌ଲାଇନ ଧାର୍ଯ୍ୟ କରାଯାଇଛି। ଶେଷ ତାରିଖ ଯାଏ ଅପେକ୍ଷା ନ କରି ମାଲିକମାନେ ଯଥାଶୀଘ୍ର ନିଜ ନିଜ ଗାଡ଼ିରେ ଏଚ୍‌ଏସ୍‌ଆରପି ଲଗାଇବାକୁ ପରାମର୍ଶ ଦିଆଯାଇଛି। ଧାର୍ଯ୍ୟ ସମୟ ପରେ ଜରିମାନା ବାବଦରେ ମୋଟର ଯାନ ଆଇନ-୧୯୮୮ର ସେକ୍ସନ ୧୯୨ ଅନୁଯାୟୀ ୫ ହଜାରରୁ ୧୦ ହଜାର ଟଙ୍କାର ଇ-ଚାଲାଣ କଟାଯିବ ବୋଲି ଚେତାବନୀ ଦିଆଯାଇଛି।



ଗାଡ଼ିରେ ଏଚ୍‌ଏସ୍‌ଆରପି କେବଳ ଗାଡ଼ି ନିର୍ମାତାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଂସ୍ଥା କିମ୍ବା ଭେଣ୍ଡର ଲଗାଇବେ। ଯାନବାହନ ନିର୍ମାତା ଏହି ନମ୍ବର ପ୍ଲେଟ୍ ଯୋଗାଇଦେବେ। ଗାଡ଼ି ମାଲିକମାନେ ନମ୍ବର ପ୍ଲେଟ୍ ଲଗାଇବା ପାଇଁ ଅନ୍‌ଲାଇନ ପୋର୍ଟାଲ ଜରିଆରେ ବୁକ୍ କରିପାରିବେ। ଏହାଦ୍ୱାରା ସ୍ୱଚ୍ଛତା ବଜାୟ ରହିପାରିବ। ଡିଲରମାନେ ଅଧିକ ଟଙ୍କା ଦାବି କରିପାରିବେ ନାହିଁ। ଯାନ ନିର୍ମାତାମାନେ ସେହି ପୋର୍ଟାଲକୁ ସ୍ୱୀକୃତି ଦେବା ସହ ଗାଡ଼ି ମାଲିକମାନେ କେଉଁ ଡିଲର, କେଉଁ ଜାଗାରେ ଓ କେତେବେଳେ ନମ୍ବର ପ୍ଲେଟ୍ ଲଗାଇବେ ତାହା ସୂଚିତ କରିବେ। ଡିଲରମାନେ ନମ୍ବର ପ୍ଲେଟ୍ ବଦଳାଇବା ପାଇଁ କେତେ ଟଙ୍କା ନେଉଛନ୍ତି ତାହା ଏକ ଡିସ୍‌ପ୍ଲେ ବୋର୍ଡରେ ଉଲ୍ଲେଖ କରିବେ। ଏଥିସହିତ ପୋର୍ଟାଲରେ ମଧ୍ୟ ତାହା ଉଲ୍ଲେଖ ରହିବ। ଯଦି ଗାଡ଼ି ମାଲିକ ଚାହିଁବେ ତେବେ ସର୍ଭିସ୍ ଚାର୍ଜ ଦେଇ ଡିଲର ଜରିଆରେ ଘରେ ମଧ୍ୟ ଲଗାଇପାରିବେ। ଏଚ୍‌ଏସ୍‌ଆରପି ଲଗାଇବା ☞ପୃଷ୍ଠା-୨

# ଆର୍ଯ୍ୟନଙ୍କୁ ଏନ୍‌ସିବି କ୍ଲିନ୍‌ଚିଟ୍

## ୱାଙ୍ଖେଡେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲା କେନ୍ଦ୍ର

ମୁମ୍ବାଇ/ନୂଆଦିଲ୍ଲୀ,୨୭।୫

ବହୁଚର୍ଚ୍ଚିତ କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ଶୁକ୍ରବାର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ କ୍ଲିନ୍‌ଚିଟ୍ ଦିଆଯାଇଛି। ମୁମ୍ବାଇର ଏକ କୋର୍ଟରେ ଏନ୍‌ସିବି ଅଧିକାରୀମାନେ ଏହି ମାମଲାରେ ଚାର୍ଜଶିଟ୍ ଦାଖଲ କରିଛନ୍ତି। ଆର୍ଯ୍ୟନ ଓ ଅନ୍ୟ ୫ ଅଭିଯୁକ୍ତଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବାରୁ ଚାର୍ଜଶିଟ୍‌ରେ ସେମାନଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ ବୋଲି ଏନ୍‌ସିବି ମହାନିର୍ଦ୍ଦେଶକ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଆର୍ଯ୍ୟନଙ୍କୁ ଗିରଫ କରିଥିବା ଏନ୍‌ସିବିର ପୂର୍ବତନ ଅଧିକାରୀ ସମୀର ୱାଙ୍ଖେଡେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଗତ ଅକ୍ଟୋବର ୨ ରାତିରେ ମୁମ୍ବାଇରୁ ଗୋଆକୁ ଯାଉଥିବା କର୍ଡିଲିଆ କ୍ରୁଜ୍ ଶିପ୍‌ରେ ଆର୍ଯ୍ୟନ ଶାହରୁଖ୍ ଖାନ୍(୨୩) ଯାତ୍ରା କରୁଥିଲେ। ଏନ୍‌ସିବିର ଏକ ଟିମ୍ ପୂର୍ବରୁ ଏନେଇ ସୂଚନା ପାଇ ଉକ୍ତ ଜାହାଜରେ ଚଢ଼ାଉ କରିଥିଲା। ଏନ୍‌ସିବିର ତତ୍କାଳୀନ ଜୋନାଲ ଅଫିସର ସମୀର ୱାଙ୍ଖେଡେ ଏହାର ନେତୃତ୍ୱ ନେଇଥିବାବେଳେ ତାଙ୍କ ସହ ସାଦା ପୋଷାକରେ କେତେଜଣ ଅଧିକାରୀ ଓ ବାହାର ଲୋକ ଚଢ଼ାଉ ବେଳେ ଉପସ୍ଥିତ ଥିଲେ। ରାତି ଅଧରେ ଡ୍ରଗ୍ସ ପାର୍ଟି କରିବା ଅଭିଯୋଗରେ ଆର୍ଯ୍ୟନ ଓ ତାଙ୍କ ବନ୍ଧୁମାନଙ୍କୁ ଏନ୍‌ସିବି ଟିମ୍ ଗିରଫ କରି କୋର୍ଟରେ ହାଜର କରିଥିଲା। ଏନ୍‌ସିବି ସେମାନଙ୍କ ବିରୋଧରେ ଡ୍ରଗ୍ସ ରଖିବା, ବ୍ୟବହାର କରିବା, କିଣାବିକା କରିବା, ଷଡ଼ଯନ୍ତ୍ର ରଚିବା ଓ ଅପରାଧରେ ସହଯୋଗ କରିବା ଭଳି ସଙ୍ଗିନ ଅଭିଯୋଗ ଆଣି ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍ ଆକ୍ଟ (ଏନ୍‌ଡିପିଏସ୍)ର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଆର୍ଯ୍ୟନଙ୍କୁ ପ୍ରାୟ ମାସେ ଧରି ଜେଲରେ ରହିବାକୁ ପଡ଼ିଥିଲା। ଅକ୍ଟୋବର ୨୮ରେ ବମ୍ବେ ହାଇକୋର୍ଟ ଆର୍ଯ୍ୟନ ଓ ତାଙ୍କ ସହ ଧରାପଡ଼ିଥିବା ଅରବାଜ ମର୍ଚ୍ଚାଣ୍ଟ ଓ ମୁନ୍‌ମୁନ୍ ଧମେଚାଙ୍କୁ ଜାମିନ ଦେଇଥିଲେ। କିନ୍ତୁ ମୁମ୍ବାଇ ପୋଲିସ, ଏନ୍‌ସିବି ଅଧିକାରୀ ଓ ଆର୍ଥର ରୋଡ୍ ଜେଲ କର୍ତ୍ତୃପକ୍ଷଙ୍କ ଚାଲାକି ଯୋଗୁ ଆର୍ଯ୍ୟନଙ୍କ ମୁକୁଳିବା ଆଉ ଦୁଇଦିନ ବିଳମ୍ବିତ ହୋଇଥିଲା। ଏନେଇ ନୂଆଦିଲ୍ଲୀରେ ଏନ୍‌ସିବି ମୁଖ୍ୟ ସତ୍ୟନାରାୟଣ ପ୍ରଧାନ ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି, ପ୍ରମାଣକୁ ଭିତ୍ତିକରି ଆମେ ତଦନ୍ତ କରିଥିଲୁ। ୧୪ ଜଣଙ୍କ ବିରୋଧରେ ବ୍ୟକ୍ତିଗତ ଓ ପାରିପାର୍ଶ୍ୱିକ ପ୍ରମାଣ ମିଳିଛି। ଆର୍ଯ୍ୟନଙ୍କ ସମେତ ଅନ୍ୟ ୬ ଜଣଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ। ଏହି ମାମଲାରେ ଶାହରୁଖ୍‌ଙ୍କୁ ଜେରା କରାଯାଇଥିଲା କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ସତ୍ୟନାରାୟଣ ☞ପୃଷ୍ଠା-୨



ଆର୍ଯ୍ୟନ ଖାନ୍

# ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରଖିଲା ଓପିଏସ୍‌ସି

■ ୟୁଜିସିର ତାଗିଦ୍ ପରେ ଓହରିଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ ସତ୍ତ୍ୱେ ରାଜ୍ୟ ସରକାର ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଜାରି ରଖିଥିଲେ। ଶିକ୍ଷାବିତ୍‌ଙ୍କ ବିରୋଧ ଓ ୟୁଜିସିର ତାଗିଦ୍ ପରେ ଶୁକ୍ରବାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଏହି ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଏ ନେଇ ଶୁକ୍ରବାର ଓପିଏସ୍‌ସି ପକ୍ଷରୁ ଏକକାଳୀନ ଦୁଇଟି ନୋଟିସ ଜାରି ହୋଇଛି। ଫିଜିକ୍ସରେ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ନିମନ୍ତେ ଆସନ୍ତା ଜୁନ୍ ୪ରେ ହେବାକୁ ଥିବା ସାକ୍ଷାତକାର ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି ବାଣିଜ୍ୟରେ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ନିମନ୍ତେ ଜୁନ୍ ୬ରେ ହେବାକୁ ଥିବା ଡକ୍ୟୁମେଣ୍ଟ ଯାଞ୍ଚ କାର୍ଯ୍ୟକ୍ରମକୁ ମଧ୍ୟ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଆଉଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବିଭିନ୍ନ ବିଷୟରେ ମୋଟ ୬୦୬ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ନିମନ୍ତେ ଓପିଏସ୍‌ସି ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥି ମଧ୍ୟରୁ କେତେକ ପରୀକ୍ଷା ଓ ଡକ୍ୟୁମେଣ୍ଟ ଯାଞ୍ଚ ଆଦି ପ୍ରକ୍ରିୟା ଶେଷ ହୋଇ ସାରିଥିବାବେଳେ ବାଣିଜ୍ୟ ଓ ଫିଜିକ୍ସର ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିଲା। ଏ ନେଇ ଓପିଏସ୍‌ସି ବିଜ୍ଞପ୍ତି ☞ପୃଷ୍ଠା-୨

# ନଦୀକୁ ଖସିଲା ଗାଡ଼ି: ୭ ଯବାନ ମୃତ

ନୂଆଦିଲ୍ଲୀ,୨୭।୫ (ପି.ଟି.)

ଲଦାଖର ଟୁର୍କଟୁକ୍ ସେକ୍ଟରରେ ଶୁକ୍ରବାର ସକାଳେ ସୈନ୍ୟବାହିନୀର ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଶ୍ୟୋକ ନଦୀକୁ ଖସିପଡ଼ିବାରୁ ୭ ଜଣ ଯବାନଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୯ ଜଣ ଆହତ ହୋଇଛନ୍ତି। ୨୬ ସୈନ୍ୟଙ୍କୁ ନେଇ ଯାଉଥିବା ଗାଡ଼ିଟି ରାସ୍ତାରୁ ୫୦ରୁ ୬୦ ଫୁଟ ତଳକୁ ଖସି ନଦୀଗର୍ଭରେ ପଡ଼ିଥିଲା। ଯବାନମାନେ ପରତାପୁର ଟ୍ରାଞ୍ଜିଟ୍ କ୍ୟାମ୍ପରୁ ହନିଫ୍ ସବ୍‌ସେକ୍ଟରକୁ ଯାଉଥିବାବେଳେ ପୂର୍ବାହ୍ନ ପ୍ରାୟ ୯ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କେହି ମୁହଁ ଖୋଲୁନାହାନ୍ତି**


## ଅନ୍‌ଲାଇନ୍ ଅପେକ୍ଷା ଏଠି ଏତେ ଶସ୍ତା କାହିଁକି? ଯା ପଛରେ ସତ୍ୟତା କ'ଣ?

କୌଣସି କମ୍ପାନୀ 1 ଲକ୍ଷ ଉତ୍ପାଦ ତିଆରି କଲା ଓ ନିଜର ଆଉଟ୍‌ଲେଟ୍ ମାଧ୍ୟମରେ 50 ହଜାର ଉତ୍ପାଦ ବିକ୍ରି କଲା, ତା'ହେଲେ ଚିନ୍ତା କରନ୍ତୁ କମ୍ପାନୀ ନିକଟରେ ବଳକା ରହିଥିବା ଅବଶିଷ୍ଟ 50,000 ଗାର୍ମେଣ୍ଟସ୍ କ'ଣ ହେବ? ଏହି କାରଣରୁ ଏହି ମହା ସେଲ୍‌ରେ ଏତେ ବିଶାଳ ପରିମାଣର ରିହାତି ଉପଲବ୍ଧ ହେଉଛି ।

ବ୍ରାଣ୍ଡେଡ୍ ଗାର୍ମେଣ୍ଟସ୍, ଶାଢ଼ି, ଫୁଟ୍‌ୱେର୍, ହ୍ୟାଣ୍ଡଲୁମ୍ ଓ ଟ୍ରଲି ବ୍ୟାଗ୍‌ର ମହା ସେଲ୍

90% ପର୍ଯ୍ୟନ୍ତ ଛାଡ଼

## ମହା ସେଲ୍

28, 29 ଓ 30 ମେ, 2022

ସ୍ଥାନ ଦି ନ୍ୟୁ ମ୍ୟାରିଅନ୍ ଭୁବନେଶ୍ୱର

90% ପର୍ଯ୍ୟନ୍ତ ଛାଡ଼

ଏହିସବୁ ବ୍ରାଣ୍ଡ ଉପଲବ୍ଧ ହେବ

**ମେନ୍ସ ୱେର୍**: ମେନ୍ସ ୱେର୍: ବ୍ରାଣ୍ଡେଡ୍ ବ୍ଲେଜର୍ସ, ଶେରୱାନି, ମୋଦି ଜ୍ୟାକେଟ୍, ସାର୍ଟ, ପାଇଜାମା ଇତ୍ୟାଦି । ଏହିସବୁ ଜିନିଷ ବଜାରରେ Rs. 2000ରୁ Rs. 35000ରେ ବିକ୍ରି ହେଉଛି ଏବଂ ଆମେ ସେଗୁଡ଼ିକୁ ଏହି ମହା ସେଲ୍‌ରେ ଜନସାଧାରଣଙ୍କୁ ମାତ୍ର Rs. 750 ରୁ Rs. 2500ରେ ବିକ୍ରି କରିବା ପାଇଁ ପ୍ରସ୍ତୁତ । ବ୍ରାଣ୍ଡେଡ୍ ଜିନ୍ସ, ଟ୍ରାଉଜର୍ସ, ଫର୍ମାଲ୍ ପ୍ୟାଣ୍ଟ ଲୋଅର୍ସ ଆଦି । ଏସବୁ ଜିନିଷ ବଜାରରେ Rs.2000ରୁ 6000 ମୂଲ୍ୟରେ ବିକ୍ରି ହୋଇଥାଏ ଏବଂ ଆମେ ସେଗୁଡ଼ିକୁ ଜନସାଧାରଣଙ୍କୁ ମାତ୍ର Rs. 750ରୁ Rs. 1200ରେ ବିକ୍ରି କରିବା ପାଇଁ ପ୍ରସ୍ତୁତ ଅଛୁ । ପ୍ରିମିୟମ୍ ବ୍ରାଣ୍ଡେଡ୍ ସାର୍ଟ, ଯାହାର ମୂଲ୍ୟ Rs. 5000 ରୁ Rs. 9000, ତାହା ଆମ ପାଖରେ 1ଟି ପାଇଁ ମାତ୍ର Rs. 1500 ଓ 2ଟି ପାଇଁ ମାତ୍ର Rs.2500ରେ ଉପଲବ୍ଧ ।

**ଲେଡିଜ୍ ୱେର୍**: Rs.850ରୁ Rs.8500 ମୂଲ୍ୟର ଶାଢ଼ିଗୁଡ଼ିକୁ ଆମେ ଜନସାଧାରଣଙ୍କୁ ମାତ୍ର Rs.250, Rs.350, Rs.650 ଓ Rs.850ରେ ବିକ୍ରି କରିବା ପାଇଁ ପ୍ରସ୍ତୁତ । ବ୍ରାଣ୍ଡେଡ୍ ସାର୍ଟ, ବ୍ରାଣ୍ଡେଟ୍ କୁର୍ତ୍ତି, ୱାନ୍ ପିସ୍ ପାଲାଜୋ, ହେରମ୍, ଲେଗିଂ, ଜିନ୍ସ, ଟପ୍ସ, ଲୋଅ୍ୱର୍ସ ଇତ୍ୟାଦି । ଗର୍ଲସ୍ ୱେର୍‌ର ଅନ୍ୟ ସମସ୍ତ ପ୍ରକାରର ଟପ୍ ବ୍ରାଣ୍ଡେଡ୍ ଗାର୍ମେଣ୍ଟସ୍ ଯାହା ବଜାରରେ Rs.2000ରୁ Rs.5000 ମୂଲ୍ୟରେ ବିକ୍ରି ହେଉଛି ଆମେ ସେଗୁଡ଼ିକୁ ଜନସାଧାରଣଙ୍କୁ ମାତ୍ର Rs.150ରୁ Rs.550ରେ ବିକ୍ରି କରିବା ପାଇଁ ପ୍ରସ୍ତୁତ ।

**କିଡ୍‌ସ ୱେର୍**: ବଜାରରେ Rs.750ରୁ Rs.2000 ମୂଲ୍ୟରେ ବିକ୍ରି ହେଉଥିବା ଜିନ୍ସ, ଟି-ସାର୍ଟ, ସାର୍ଟ, ଶର୍ଟସ୍, ପ୍ୟାଣ୍ଟସ୍, ଲେଗିଂସ୍, ଲୋଅର୍ସ ଏବଂ ଅନ୍ୟାନ୍ୟ ପରିଧାନଗୁଡ଼ିକ ଆମ ନିକଟରେ ମାତ୍ର Rs.80ରୁ Rs.350ରେ ଉପଲବ୍ଧ ।

**ଫୁଟ୍‌ୱେର୍ ଜେଣ୍ଟସ୍, ଲେଜିଡ୍ ଏବଂ କିଡ୍‌ସ**: Rs. 3000ରୁ Rs.9000 ମୂଲ୍ୟବର୍ଗର ଫୁଟ୍‌ୱେର୍ ଭାରିଆଣ୍ଟଗୁଡ଼ିକ ଏକ ସେଟ୍ ପାଇଁ ମାତ୍ର Rs.999 ଏବଂ 5 ସେଟ୍ ପାଇଁ Rs.4000ରେ ଉପଲବ୍ଧ । ପିଲାଙ୍କର ଫୁଟ୍‌ୱେର୍, ବ୍ରାଣ୍ଡେଡ୍ ଷ୍ଟୋର୍ ଜୋତା, ଲେଦର୍ ଜୋତା, ସ୍ନିକର୍, ସାଣ୍ଡାଲ୍, ସ୍ଲିପର୍, ଯାହା ବଜାରରେ Rs.1200ରୁ Rs.7000ରେ ବିକ୍ରି ହେଉଛି ସେଗୁଡ଼ିକୁ ଆମେ ଏହି ମହା ସେଲ୍‌ରେ ଜନସାଧାରଣଙ୍କୁ ମାତ୍ର Rs.250ରୁ Rs.750ରେ ବିକ୍ରି କରିବା ପାଇଁ ପ୍ରସ୍ତୁତ। ଇମାରା କମ୍ପାନୀର ଲେଡିଜ୍/ଗର୍ଲସ୍ ଫୁଟ୍‌ୱେର୍, ଯାହା ବଜାରରେ Rs.2500ରେ ବିକ୍ରି ହେଉଛି, ଆମେ ତାହାକୁ ଜନସାଧାରଣଙ୍କୁ ମାତ୍ର Rs.499ରେ ବିକ୍ରି କରିବା ପାଇଁ ପ୍ରସ୍ତୁତ ।

(FACTORY OUTLET) Branded Store

## ଦି ନ୍ୟୁ ମ୍ୟାରିଅନ୍

6, ଜନପଥ, ରାମ ମନ୍ଦିର ସାମ୍ନା, ଭୁବନେଶ୍ୱର

ଏଣ୍ଟ୍ରି ଫି ନାହିଁ, ପାର୍କିଂ ଚାର୍ଜ ନାହିଁ । ସମୟ: ପୂର୍ବାହ୍ନ 10 ଘଟିକାରୁ ରାତି 10 ଘଟିକା

ରେଫରେନ୍ସ: 1. ଏହି ମହା ସେଲ୍‌କୁ ହାତଛଡ଼ା ନ କରିବା ପାଇଁ ଭୁବନେଶ୍ୱରବାସୀଙ୍କୁ ଅନୁରୋଧ । 2. ଆମେ ନିବେଦନ କରୁଛୁ କି, କେବଳ ଏହି ସେଲ୍‌ରେ ହିଁ ବ୍ରାଣ୍ଡେଡ୍ କମ୍ପାନୀଗୁଡ଼ିକର ଉତ୍ପାଦ ଏପରି କମ୍ ମୂଲ୍ୟରେ ଉପଲବ୍ଧ ହୋଇଥାଏ, ଆପଣ ଆଉ କେଉଁଠାରେ ଏତେ କମ୍ ମୂଲ୍ୟରେ ଏପରି ବ୍ରାଣ୍ଡେଡ୍ ଉତ୍ପାଦ କିଣି ଲାଭାନ୍ୱିତ ହୋଇପାରିବେ ନାହିଁ । 3. ଗାର୍ମେଣ୍ଟସ୍ ସରିବା ମାତ୍ରେ କାଉଣ୍ଟରକୁ ବନ୍ଦ କରିଦିଆଯିବ । 4. ହଲ୍ ମଧ୍ୟରେ ସମସ୍ତଙ୍କୁ ନୀରବ ରହିବାକୁ ଅନୁରୋଧ କରାଯାଉଛି ।

କୋଭିଡ୍-19 ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀକୁ ନିଶ୍ଚିତ ଭାବେ ପାଳନ କରିବା ପାଇଁ ଆମେ ଉତ୍ସାହିତ କରୁଛୁ । ମାସ୍କ ବିନା କାହାକୁ ହଲ୍ ମଧ୍ୟକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ ।


# 'ଟମ୍ବ ଅଫ୍ ସ୍ୟାଣ୍ଡ'କୁ ବୁକର



ଔପନ୍ୟାସିକା ଗୀତାଞ୍ଜଳି ଶ୍ରୀ ତାଙ୍କ ପୁସ୍ତକ ପ୍ରଦର୍ଶନ କରୁଛନ୍ତି।

■ ପୁରସ୍କାର ପାଇବାରେ ପ୍ରଥମ ହିନ୍ଦୀ ଉପନ୍ୟାସ

■ ଦେଶ ପାଇଁ ଗର୍ବର ମୁହୂର୍ତ୍ତ: ଗୀତାଞ୍ଜଳି ଶ୍ରୀ

ଲଣ୍ଡନ,୨୭।୫

ସୁନାମଧନ୍ୟା ଲେଖିକା ଗୀତାଞ୍ଜଳି ଶ୍ରୀଙ୍କ ବହୁଚର୍ଚ୍ଚିତ ଉପନ୍ୟାସ 'ଟମ୍ବ ଅଫ୍ ସ୍ୟାଣ୍ଡ' (ବାଲିର ସମାଧି) ଚଳିତ ବର୍ଷର ଇଣ୍ଟରନ୍ୟାଶନାଲ ବୁକ୍‌ର ପ୍ରାଇଜ୍ ପାଇଛି। ଲଣ୍ଡନରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଔପନ୍ୟାସିକା ଗୀତାଞ୍ଜଳି ଓ ଇଂଲିଶ୍ ଅନୁବାଦିକା ଡେଜି ରକ୍‌ୱେଲ୍ ମିଳିତ ଭାବେ ଏହି ମର୍ଯ୍ୟାଦାଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ବୁକର ପୁରସ୍କାର ଲାଭ କରିବାରେ 'ଟମ୍ବ ଅଫ୍ ସ୍ୟାଣ୍ଡ' ହେଉଛି ପ୍ରଥମ ହିନ୍ଦୀ ଫିକ୍ସନ। ୧୯୫୭ରେ ଉତ୍ତର ପ୍ରଦେଶର ମୈନପୁରୀରେ ଜନ୍ମିତ ତଥା ନୂଆଦିଲ୍ଲୀରେ ଅବସ୍ଥାନ କରୁଥିବା କଥାକାର ଗୀତାଞ୍ଜଳି ଶ୍ରୀ ଅନେକ କ୍ଷୁଦ୍ରଗଳ୍ପ ଓ ୫ଟି ଉପନ୍ୟାସ ରଚନା କରିଛନ୍ତି। ୬୪ ବର୍ଷୀୟା ଗୀତାଞ୍ଜଳିଙ୍କ ବହୁ ପୁସ୍ତକ ଇଂଲିଶ୍, ଫରାସୀ, ଜର୍ମାନ, ସର୍ବିଆନ୍ ଓ କୋରିଆନ୍ ଭାଷାରେ ଅନୂଦିତ ହୋଇଛି। ତାଙ୍କ ଉପନ୍ୟାସ 'ରେତ୍ କୀ ସମାଧି' (୨୦୧୮)କୁ ଆମେରିକୀୟ ପେଣ୍ଟର ତଥା ଲେଖିକା ଡେଜି ରକ୍‌ୱେଲ ଇଂଲିଶ୍ ଭାଷାରେ ଅନୁବାଦ କରିଛନ୍ତି। ଜଣେ ୮୦ ବର୍ଷୀୟା ☞ପୃଷ୍ଠା-୨

# ଲଲାଟଙ୍କୁ ଧର୍ମପଦ ପୁରସ୍କାର

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ଚିତ୍ରକଳା ଓ ସ୍ଥାପତ୍ୟ କଳା କ୍ଷେତ୍ରରେ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର-୨୦୨୧' ଶୁକ୍ରବାର ଘୋଷଣା କରାଯାଇଛି। ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ ଏହି ପୁରସ୍କାର ପାଇବେ। ସେହିଭଳି ଶିଳ୍ପୀ ସମ୍ବର୍ଦ୍ଧନା ପାଇଁ ଚିତ୍ରଶିଳ୍ପୀ ଜ୍ୟୋତିର୍ମୟୀ ମହାନ୍ତି, ବଳଦେବ ମହାରଥା, ପଞ୍ଚାନନ ସୁର, ଦୁର୍ଗା ଚରଣ ପଣ୍ଡା ଓ ଭାସ୍କର୍ଯ୍ୟ ଶିଳ୍ପୀ ଦେବେନ୍ଦ୍ର ମିଶ୍ରଙ୍କୁ ଚୟନ କରାଯାଇଛି। ପୁରସ୍କାର ରାଶି ବାବଦରେ ଧର୍ମପଦ ପାଇଁ ୫ଲକ୍ଷ ଓ ଶିଳ୍ପୀ ସମ୍ବର୍ଦ୍ଧନା ଲାଗି ୧ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ଚିତ୍ରଶିଳ୍ପୀ ଓ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ନୀରବଚ୍ଛିନ୍ନ ସାଧନା ପାଇଁ ପ୍ରୋତ୍ସାହିତ କରିବା ନିମନ୍ତେ ଓଡ଼ିଶା ଲଳିତ ଏକାଡେମୀ ପକ୍ଷରୁ ୧୯୮୭ରୁ ଏହି ପୁରସ୍କାର ଦିଆଯାଉଛି।

ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ହରିପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ପ୍ରାଣନାଥ ମହାବିଦ୍ୟାଳୟରୁ ପ୍ରି ୟୁନିଭର୍ସିଟି ଶିକ୍ଷା ପରେ ଶାନ୍ତି ନିକେତନ କଳାଭବନରୁ ଶିକ୍ଷାପ୍ରାପ୍ତି କରିଥିଲେ। ଗୁରୁ ରାମକିଙ୍କର ବେଜ୍, ସୁଖମୟ ମିତ୍ର, ଗୌରୀ ଭଞ୍ଜ, ଯମୁନା ସେନ୍, ବିଶ୍ୱରୂପ ବସୁଙ୍କଠାରୁ ଶିକ୍ଷା ଗ୍ରହଣ କରିଥିଲେ। ବୟନ ଶିଳ୍ପରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରି କେନ୍ଦ୍ର ସରକାରଙ୍କ ବୟନଶିଳ୍ପ ବିଭାଗରେ କାର୍ଯ୍ୟ କରିଥିଲେ। ବୁଣାକାରଙ୍କୁ ନୂତନ ପଦ୍ଧତି, ନୂଆ ନକ୍ସା, ରଙ୍ଗ ପ୍ରୟୋଗ ମାଧ୍ୟମରେ ହସ୍ତଶିଳ୍ପରେ ଉନ୍ନତିକରଣ ଏବଂ ସେମାନଙ୍କୁ ଆଧୁନିକ କୌଶଳ ପ୍ରୟୋଗ ମାଧ୍ୟମରେ ମାର୍ଗଦର୍ଶକ ସାଜିଥିଲେ। ସେ ଓଡ଼ିଶା ଲଳିତ କଳା ଏକାଡେମୀ ରାଜ୍ୟ ପୁରସ୍କାର, ବିପ୍ରଚରଣ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ପୁରସ୍କାର, ରଘୁରାଜପୁର ଗୁରୁକୁଳ ଆଶ୍ରମ ପୁରସ୍କାର, ଶିଳ୍ପୀ ସମ୍ରାଟ ପୁରସ୍କାର, କଳାଜ୍ୟୋତି ସମ୍ମାନ ଓ ବୟନ ବିଭବ ସମ୍ମାନ ଆଦି ବହୁ ପୁରସ୍କାର ଓ ସମ୍ମାନ ପାଇଛନ୍ତି।



ଲଲାଟ ମୋହନ ପଟ୍ଟନାୟକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୮ ମେ, ୨୦୨୨

**ଆଜିର ମନ୍ତବ୍ୟ**

"୨୦୧୪ ପୂର୍ବରୁ ଶାସନ କ୍ଷେତ୍ରରେ ପ୍ରଯୁକ୍ତିର ବ୍ୟବହାର ପ୍ରତି ଉଦାସୀନତାରୁ ଗରିବ ଓ ମଧ୍ୟବିତ୍ତ ବର୍ଗର ଲୋକେ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହେଉଥିଲେ। **-ନରେନ୍ଦ୍ର ମୋଦି, ଭାରତର ପ୍ରଧାନମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: .............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ଆଖି ଆଖି ନୁହେଁ**
**ଏକା ସାକ୍ଷୀ ସାକ୍ଷୀ ନୁହେଁ।**

ଦୁଇ ଆଖିରେ ଯେମିତି ଦେଖାଯାଇଥାଏ, ଏକ ଆଖିରେ ସେମିତି ଦେଖାଯାଇ ନ ଥାଏ। ସେହିପରି ସାକ୍ଷୀ ଯେତେ ସଂଖ୍ୟାରେ ସପକ୍ଷରେ ଥାଏ,ପ୍ରମାଣ ସେତିକି ଦୃଢ଼ ହୋଇଥାଏ। ଏକ ସଂଖ୍ୟା କେବେହେଲେ ବଳିଷ୍ଠ ବା ଶ୍ରେଷ୍ଠ ସଂଖ୍ୟା ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏକା ଗଛର ଧାନ**
**କେହି କାହାକୁ ନୁହନ୍ତି ଆନ।**

ଗୋଟିଏ ଧାନ ଗଛରେ ଫଳିଥିବା ଧାନର ଆକାର, ଗୁଣ ତଥା ସ୍ୱାଦ ସବୁ ସମାନ ହିଁ ହୋଇଥାଏ। ଯେକୌଣସି ଗୋଟିଏ ବାଛିଲେ ବି ସେଥିରେ କୌଣସିଟି ଫରକ ରହି ନ ଥାଏ। ସେହିପରି କିଛି ବ୍ୟକ୍ତି ସମ ପ୍ରକୃତିର ହୋଇଥାନ୍ତି। ତାଙ୍କ ନୀତି ଓ ସ୍ୱଭାବରେ କିଛି ବି ପ୍ରଭେଦ ବାରି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗଛରେ ବାନ୍ଧି ପିଟି ମାରିଦେଲେ

**କପ୍ତିପଦା, ୨୭।୫(ଡି.ଏନ.ଏ)**

ନୃଶଂସତାର ସବୁ ସୀମା ଟପିଗଲେ। ମାନସିକ ବିକୃତ ବୋଲି ନିଜ କକା ପୁଅ ଭାଇଙ୍କୁ ଗଛରେ ବାନ୍ଧି ପିଟି ପିଟି ମାରିଦେଲେ। ଶୁକ୍ରବାର ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତର ବାଟିଘୁଟୁ ଗ୍ରାମରେ। ମୃତକ ହେଲେ ଲାଣ୍ଡୁ ମୁଣ୍ଡା(୩୦)। ପୋଲିସ ଅଭିଯୁକ୍ତ ବଡ଼ବାପା ପୁଅ ଭାଇ ସିଂଘିରାୟ ଦେଓଗାମ ଓ ତାଙ୍କ ସହଯୋଗୀ ଚମ୍ପାଇ ମୁଣ୍ଡାଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ଲାଣ୍ଡୁ ଛୋଟ ପିଲାଙ୍କୁ ଦେଖିଲେ ଗୋଡ଼ାଇଥାନ୍ତି। ଏଭଳି କୌଣସି କାରଣକୁ ନେଇ ତାଙ୍କ ବଡ଼ ବାପା ପୁଅ ଭାଇ ସିଂଘିରାୟ ଲାଣ୍ଡୁ ଉପରେ ଭୀଷଣ ରାଗିଯାଇଥିଲେ। ସହଯୋଗୀ ଚମ୍ପାଇ ମୁଣ୍ଡାଙ୍କ ସହିତ ମିଶି ଲାଣ୍ଡୁଙ୍କ ହାତ ଗୋଡ଼ ବାନ୍ଧି ଏକ ଗଛରେ ଝୁଲାଇ ଦେଇଥିଲେ। ପରେ ଏକ କାଠ ଫାଳିଆରେ ତାଙ୍କୁ ଅତି ନିର୍ଦ୍ଦୟ ଭାବେ ପିଟି ପିଟି ହତ୍ୟା କରିଥିଲେ। ଖବରପାଇ ଶରତ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ରାମଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁଲୁ ସୁରିନଙ୍କ ଅଭିଯୋଗକୁ ଭିତ୍ତି କରି ଶରତ ଥାନାରେ ଏକ ହତ୍ୟା ମାମଲା (ନଂ.୪୪/୨୨) ରୁଜୁ ହୋଇଛି। ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିବା ସହ ତଦନ୍ତ ଜାରି ରଖିଛି।

# ଇଲେକ୍ଟୋରାଲ ବଣ୍ଡରୁ ବିଜେଡିକୁ ମିଳିଛି ୯୧% ଚାନ୍ଦା

**ନୂଆଦିଲ୍ଲୀ,୨୭।୫**

ବିଜୁ ଜନତା ଦଳ (ବିଜେଡି) ୨୦୨୦-୨୧ ବର୍ଷରେ ୭୩.୩୪୭ କୋଟି ଟଙ୍କା ଆୟ କରିଥିବା ଘୋଷଣା କରିଛି। ୩୧ ଆଞ୍ଚଳିକ ରାଜନୈତିକ ଦଳ ମଧ୍ୟରେ ଡିଏମ୍‌କେ ଏବଂ ୱାଇଏସ୍‌ଆର୍-କଂଗ୍ରେସ ପରେ ବିଜେଡି ପାଇଥିବା ଚାନ୍ଦା ତୃତୀୟ ସର୍ବାଧିକ। ବିଜେଡିକୁ ମିଳିଥିବା ଚାନ୍ଦାର ୯୧ ପ୍ରତିଶତ ଅର୍ଥାତ୍ ୬୭ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ମିଳିଛି। ଦଳ ପକ୍ଷରୁ ଭାରତର ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ଅଡିଟ୍ ରିପୋର୍ଟରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ୨୦୨୦-୨୧ ବର୍ଷରେ ବିଜେଡି ଯେତିକି ଆୟ କରିଛି ତାହାର ଅନ୍ୟୂନ ୯୦ ପ୍ରତିଶତ ଖର୍ଚ୍ଚ ହୋଇନାହିଁ। ଉକ୍ତ ବର୍ଷ ଦଳର ବ୍ୟୟ ୭.୦୧୫ କୋଟି ଟଙ୍କା ରହିଛି। ଅର୍ଥାତ୍ ଦଳର ମୋଟ ବ୍ୟୟଠାରୁ ଆୟ ପରିମାଣ ୬୬.୩୩୨ କୋଟି ଟଙ୍କା ଅଧିକ। ବିଜେଡି ଆୟର ମୁଖ୍ୟ ଉତ୍ସ ହେଲା ଚାନ୍ଦା ଓ ଅନୁଦାନ, ଯେଉଁଥିରୁ ୬୭.୦୦୨୩ କୋଟି ଟଙ୍କା ମିଳିଛି। ଏହା ବ୍ୟତୀତ ବ୍ୟାଙ୍କ ସୁଧ ବାବଦରେ ୬.୧୬ କୋଟି ଏବଂ ଫି ଓ ଅନ୍ୟାନ୍ୟ ଦେୟ ବାବଦରେ ୦.୧୭୭ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ପକ୍ଷରୁ ରାଜନୈତିକ ଦଳଗୁଡ଼ିକର ଆୟବ୍ୟୟର ବିଶ୍ଳେଷଣ କରାଯାଇଥିବାବେଳେ ସେଥିରେ ବିଜେଡିର ଆୟ ୨୦୧୯-୨୦ ବର୍ଷ ତୁଳନାରେ ୨୦୨୦-୨୧ରେ ପ୍ରାୟ ୧୭ କୋଟି ଟଙ୍କା ହ୍ରାସ ପାଇଥିବା କୁହାଯାଇଛି। ୨୦୧୯-୨୦ ବର୍ଷରେ ବିଜେଡି ୯୦.୩୫ କୋଟି ଟଙ୍କା ଆୟ କରିଥିବା ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଠିକ୍ ଭାବେ ଆଡଜଷ୍ଟ କରିବା କଷ୍ଟକର ହୋଇପାରେ। ସାମାଜିକ କ୍ଷେତ୍ରରେ ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। କୃଷି, ବ୍ୟବସାୟ,ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଫେରନ୍ତା ବାଟରୁ ଗୃହକୁ କିଛି ମୂଲ୍ୟବାନ କିମ୍ବା ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କାମର ଚାପ ପ୍ରଭାବରୁ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ମାନସିକ ଅଶାନ୍ତିର କାରଣ ହେବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ** ବନ୍ଧୁମାନଙ୍କ ସହାନୁଭୂତିରେ ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜିଯାଏ ଆପଣ କରି ପାରୁ ନ ଥିଲେ ଆଜି ମଧ୍ୟାହ୍ନ ପରେ ତାହା ସୁବିଧାରେ ହୋଇଯିବ। ଘରର ବାରଣ ମାନି କାମ କଲେ ଅବଶ୍ୟ ଉପକୃତ ହେବେ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** ଆଜି ପ୍ରତିବନ୍ଧକର ସାମ୍ନା କରି କାମ ହାସଲ କରିପାରିବେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଥାଁ କଥା କହି ପରିସ୍ଥିତିକୁ ସୁଧାରି ନେବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ , କିମ୍ବା ଘରର କଥା ବୁଝିବାକୁ ସମୟ ମଧ୍ୟ ପାଇପାରିବେ ନାହିଁ।

**ସିଂହ** ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଶିଳ୍ପ,ବାଣିଜ୍ୟ ବ୍ୟବସାୟ, ସଂଗଠନ, ପ୍ରଶାସନ, ବେତାର, ଗଣ ଯୋଗାଯୋଗ ପାଇଁ ଦିନଟି ବହୁତ ଭଲ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଲଘୁକ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କନ୍ୟା** ପରିଶ୍ରମଜନିତ ସ୍ୱାସ୍ଥ୍ୟହାନି ସାଙ୍ଗକୁ ବିଭିନ୍ନ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପାରେ। ଦୀର୍ଘଦିନ ହେଲା ଯେଉଁ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇଥିଲେ ତାହା ଅକ୍ଳେଶରେ ହୋଇଯିବ। ଉତ୍ତରା ଫାଲଗୁନୀ ନକ୍ଷତ୍ରର ସାମାଜିକ ସ୍ତରରେ ଲୋକସମ୍ପର୍କ ବଢ଼ିବ।

**ତୁଳା** ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ କିନ୍ତୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ମୁଣ୍ଡ ନ ପୂରାଇ ନୀରବ ରୁହନ୍ତୁ।

**ବିଛା** କାର୍ଯ୍ୟହାନି ସାଙ୍ଗକୁ ଅଯଥା ଭୟ, ଆଶଙ୍କା ଓ ଉଦ୍‌ବେଗରେ ଦିନଟି କଟିବ। ଅନୁରାଧା ନକ୍ଷତ୍ରର ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଙ୍କ ଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ। ଭୁଲ୍ ବୁଝାମଣାବଶତଃ ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ଧନୁ** ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ପରିସ୍ଥିତିକୁ ଦେଖି କାମ କଲେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସମ୍ପର୍କରେ ଅବନତି ଦେଖାଦେଇପାରେ।

**ମକର** ପରୋକ୍ଷ ଶତ୍ରୁତା, ଧାରକରଜ, ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ନିଜ ସହ ଆଦୌ ପଡୁ ନ ଥିବା ଲୋକମାନେ ଗୁଣଗାନ କରିବା ବଦଳରେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** ଆଜିର ଦିନଟିରେ ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ସହସା ମୁକ୍ତି ମିଳିବ। ପୂର୍ବ ବିବାଦକୁ କେନ୍ଦ୍ରକରି ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ପାରିବାରିକ ସ୍ଥିରତା ଓ କର୍ମକ୍ଷେତ୍ରର ସ୍ଥିତି ଅକ୍ଷୁଣ୍ଣ ରହିବା ସାଙ୍ଗକୁ ବିଶେଷ କିଛି ଅସୁବିଧା ହେବନାହିଁ। କିନ୍ତୁ ଉତ୍ତରଭାଦ୍ରବ ନକ୍ଷତ୍ରର ବିଭିନ୍ନ ସମସ୍ୟାରେ ମନ ପୂରାପୂରି ଭାରାକ୍ରାନ୍ତ ରହିବ। ଶିଳ୍ପ, ବ୍ୟବସାୟ , ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।


# classifieds Everyday
0674-2580101, 2549302

**real estate**

**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ 1700/- per sqft., 1200/- per sqft. ଓ ଦାଶପୁରରେ 800/- per sqft. Contact: 9348549059, 06747964979. D-71997

Bhubaneswar Retanga Station ପାଖରେ 30ft. ରୋଡ୍ ଥାଇ 5000sqft. plot- 35,00,000/-ରେ ବିକ୍ରିହେବ। (registration/ boundary free). 9938016295. D-73252

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-525

3BHK duplex corehouse 20,00,000/- Hanspal (Bainchua) finance available- 8093465134, 9668194157. D-73321

Freehold land 1st corner plot 19906, 2nd plot 6534sqft. with boundary, landmark Malatipatapur Waterpark ମୌଜା- କଞ୍ଚିଶାସନ, RI- ମୋରଡ଼ପଡ଼ା, Tahasil-Puri. Contact: 9437184488. D-73806

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73804

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-524

Plot for sale near to Gopinathpur, Puri. 1. ଜଗନ୍ନାଥ ମନ୍ଦିର ଠାରୁ 4 କିଲୋମିଟର ଦୂରରେ 2. ଏୟାରପୋର୍ଟ ଠାରୁ 7 କିଲୋମିଟର ଦୂରରେ 3. ସମୁଦ୍ର ଠାରୁ 4 କିଲୋମିଟର ଦୂରରେ 4. ମେଡିକାଲ ଛକ ଠାରୁ 3 କିଲୋମିଟର ଦୂରରେ 5. ସେତୁ ରୋଡ୍ ଠାରୁ 200 ମିଟର ଦୂରରେ 6. ନୂଆ ବସ୍‌ଷ୍ଟାଣ୍ଡ ଠାରୁ 200 ମିଟର ଦୂରରେ 7. ରେଳୱେ ଷ୍ଟେସନ ଠାରୁ 4 କିଲୋମିଟର ଦୂରରେ 8. ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ 4 କିଲୋମିଟର ଦୂରରେ ରହିଛି। ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନ ନମ୍ବରରେ ଯୋଗାଯୋଗ କରିପାରିବେ। Phone No.- 7991057729, 7873757833. D-585

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834.** D-73241

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

**construction**

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

**to-let**

2BHK for rent 118-Ratnakarbag-1 Tankapani road, BBSR, Mob: 8130423291. D-577

**healthcare**

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801

Mesmerizing, energetic body, mind qualitative relaxing massage experienced therapists. 9668374480. D-73609

Refreshing your mind and body with the best therapy, 7873794731. D-317

**Relax, Refresh your body, mind at Saikrupa Spa with best therapies. 8984068077.** D-488

**business**

**Institute of Astroguide**ରେ ନିଜସ୍ୱ ପ୍ରସ୍ତୁତ ଜାତକଗଣନା ଓ ପ୍ରତିକାର ବ୍ୟବହାର କରି ଘରେ ବସି ମାସକୁ **30,000** ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ସଂସ୍ଥା ଦ୍ୱାରା ସମସ୍ତ ପ୍ରଚାର ପ୍ରସାର ପରିଚାଳନା କରାଯିବ। ଜ୍ୟୋତିଷ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଯୋଗାଯୋଗ- ମହାମାହୋପାଧ୍ୟାୟ ପଣ୍ଡିତ ଗଣେଶ ଶାସ୍ତ୍ରୀ, ବରମୁଣ୍ଡା, ଭୁବନେଶ୍ୱର। **7008510005, 9437932751.** D-73805

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ନଦୀକୁ ଖସିଲା ...



ଲଦାଖର ଟୁର୍କୁଟୁକ୍ ସେକ୍ଟର ଦେଇ ପ୍ରବାହିତ ଶ୍ୟୋକ ନଦୀକୁ ଶୁକ୍ରବାର ଖସିପଡ଼ିଥିବା ସେନା ଗାଡ଼ି ।

ଆହତ ୧୯ ଜଣଙ୍କୁ ପ୍ରଥମେ ସ୍ଥାନୀୟ ପରତାପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବାୟୁସେନା ହେଲିକପ୍ଟରରେ ହରିୟାଣାର ପଞ୍ଚକୁଲା ଜିଲାରେ ଥିବା କମାଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଯବାନଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଯଥାସମ୍ଭବ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମୃତ ଯବାନଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ହାଇ ସିକ୍ୟୁରିଟି ନମ୍ବର ...

ପରେ ଭେଣ୍ଡରମାନେ ପରିବହନ ଲେଜର କୋଡ୍ ପରିବହନ ବିଭାଗ ୱେବ୍‌ସାଇଟ 'ବାହାନ' ପୋର୍ଟାଲ ସହିତ ଅପ୍‌ଡେଟ୍ ହୋଇଛି କି ନାହିଁ ତାହା ନିଶ୍ଚିତ କରିବେ। ନମ୍ବର ପ୍ଲେଟ୍ ପାଇଁ ବୁକ୍ କରିଥିବା ଗାଡ଼ି ମାଲିକଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ସମସ୍ତ ସୂଚନା ପ୍ରଦାନ କରିବେ। ଯଦି କୌଣସି ଯାନର ବୈଧ ପଞ୍ଜୀକରଣ ସାର୍ଟିଫିକେଟ ନ ଥିବ କିମ୍ବା ଟିକସ ବାକି ରହିଥିବ ତେବେ ସେମାନଙ୍କୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାକୁ ଅନୁମତି ମିଳିବ ନାହିଁ। ସେହିପରି ଯାନ ନିର୍ମାତାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଂସ୍ଥା ବ୍ୟତୀତ ଅନ୍ୟ କୌଣସି ଡିଲର କିମ୍ବା ବ୍ୟକ୍ତି ଯଦି ଏଚ୍‌ଏସ୍‌ଆରପି ଯୋଗାଣ କରିବା ଜଣାପଡ଼ିବ ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରିବହନ କମିଶନର ଅରୁଣ ବୋଥ୍ରା କହିଛନ୍ତି। ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ପଦକ୍ଷେପ ନେବାକୁ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଆର୍‌ଟିଓମାନେ ସେମାନଙ୍କ ଅଞ୍ଚଳରେ ଥିବା ଡିଲରମାନଙ୍କ ସହ ବୈଠକ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ମୋଡାଲିଟି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଦେଶରେ ବଢୁଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଯାନବାହନଗୁଡ଼ିକରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ନମ୍ବର ପ୍ଲେଟ୍ ନୂଆ ଗାଡ଼ି କିଣିବା ସମୟରେ ଲାଗିକରି ଆସିବ। ବିନା ନମ୍ବରରେ କୌଣସି ନୂତନ ଯାନ ରାସ୍ତାରେ ଚାଲିପାରିବ ନାହିଁ। ଏଥିପାଇଁ ମାଲିକଙ୍କୁ ଜରିମାନା ଦେବାକୁ ପଡ଼ିବ। ତେବେ ଏହି ଉଚ୍ଚ ସୁରକ୍ଷା ସମ୍ପନ୍ନ ନମ୍ବର ପ୍ଲେଟ୍‌କୁ କୌଣସି ପରିସ୍ଥିତିରେ ଖୋଲାଯାଇ ପାରିବ ନାହିଁ। ଖୋଲିବା ମାତ୍ରେ ତାହା ନଷ୍ଟ ହୋଇଯିବ। ଏହାଛଡ଼ା ଏହି ନମ୍ବର ପ୍ଲେଟ୍‌ରେ ଥିବା ବାରକୋଡ୍ ପରିବହନ କାର୍ଯ୍ୟାଳୟର 'ବାହାନ' ସଫ୍ଟୱେର ସହ ଯୋଡ଼ିହୋଇ ରହିବ। ନମ୍ବର ପ୍ଲେଟ୍ ପରିବର୍ତ୍ତନ କଲେ ନିକଟସ୍ଥ ପରିବହନ କାର୍ଯ୍ୟାଳୟକୁ ମାଲିକଙ୍କ ବିଷୟରେ ସମସ୍ତ ସୂଚନା ମିଳିପାରିବ। ଦେଶର ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ର ସରକାର ସମଗ୍ର ଦେଶରେ ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଓଡ଼ିଶାରେ ୨୦୧୯ ଏପ୍ରିଲ ପହିଲାରୁ ନୂତନ ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗିବା ଆରମ୍ଭ ହୋଇଛି। ଏବେ ପୁରୁଣା ଗାଡ଼ିରେ ଉକ୍ତ ନମ୍ବର ପ୍ଲେଟ୍ ଲାଗିବ।

### 'ଟମ୍ବ ଅଫ୍ ସ୍ୟାଣ୍ଡ୍'...

ମହିଳାଙ୍କ ସ୍ୱାମୀ ଚାଲିଯିବା ପରେ ସେ ଗଭୀର ଅବସାଦଗ୍ରସ୍ତ ହୋଇପଡ଼ିଛନ୍ତି ଏବଂ ପରବର୍ତ୍ତୀ ସମୟରେ ନୂଆ ଜୀବନ ଆରମ୍ଭ କରିଛନ୍ତି। ବୃଦ୍ଧାଙ୍କ ଜୀବନ ଓ ବିସ୍ମୟକର ଅତୀତକୁ ନେଇ ଏହି ପ୍ରେରଣାଦାୟକ ଉପନ୍ୟାସ ଗତିଶୀଳ ହୋଇଛି। ଗୀତାଞ୍ଜଳୀ ଶ୍ରୀ ଏବଂ ଡେଜି ରକ୍‌ୱେଲ ମିଳିତ ଭାବେ ୨୦୨୨ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍ ଲାଭ କରିଛନ୍ତି। ପୁରସ୍କାର ରାଶି ବାବଦକୁ ୫୦,୦୦୦ ପାଉଣ୍ଡ (ପ୍ରାୟ ୪୮,୯୫,୮୫୭ ଟଙ୍କା) ଦିଆଯାଇଛି, ଯାହାକୁ ଉଭୟ ଲେଖିକା ଓ ଅନୁବାଦିକା ଦୁଇଭାଗ କରିବେ। ପୁରସ୍କାର ଗ୍ରହଣ ଅବସରରେ ଗୀତାଞ୍ଜଳି ଶ୍ରୀ କହିଛନ୍ତି, ବୁକର୍ ପୁରସ୍କାର ପାଇବେ ବୋଲି ସେ କେବେ ସ୍ୱପ୍ନରେ ବି କଳ୍ପନା କରି ନ ଥିଲେ। ଏତେ ବଡ଼ ସ୍ୱୀକୃତି ପାଇ ସେ ଉଲ୍ଲସିତ ଓ ସମ୍ମାନିତ। ଏହା ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଏହି ଅବସରରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବୁକର୍ ପୁରସ୍କାର ଦୌଡ଼ରେ ଆଉ ୫ଟି ଉପନ୍ୟାସ ଥିଲା। ସେଗୁଡ଼ିକ ହେଲା ବୋରା ଚୁଙ୍ଗଙ୍କ କ୍ରୁସେଡ୍ ବୁନି, ଜନ୍ ଫୋସେଙ୍କ ଏ ନ୍ୟୁ ନେମ୍: ସେପ୍ଟୋଲୋଜି ୬ଷ୍ଠ-୭ମ, ମିଏକୋ କାୱାକାମିଙ୍କ ହେଭେନ୍, କ୍ଲାଉଡିଆ ପିନେରିଓଙ୍କ ଏଲେନା ନୋଜ୍ ଏବଂ ଓଲ୍‌ଗା ଟୋକାର୍ଜୁକ୍‌ଙ୍କ ପୁସ୍ତକ ଦି ବୁକ୍ ଅଫ୍ ଜାକୋବ୍।

### ଅଧ୍ୟାପକ ନିଯୁକ୍ତି ...

ପ୍ରକାଶ କରିବା ପରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ପ୍ରକାଶ କରିବା ସହିତ ଉଚ୍ଚଶିକ୍ଷା ବିଭାଗ ଏବଂ ଓପିଏସ୍‌ସି ସଚିବଙ୍କୁ ଚିଠି ଲେଖି ଏଥିରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୦ ତାରିଖରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧିନିୟମ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଲଗାଇଥିଲେ। ମାମଲା ବିଚାରାଧୀନ ଥିବାବେଳେ ନିଯୁକ୍ତି ପ୍ରକ୍ରିୟା ପାଇଁ ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ୟୁଜିସି କହିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ସହ ନିଯୁକ୍ତି ପ୍ରକ୍ରିୟାରୁ ଦୂରେଇ ରହିବାକୁ ୟୁଜିସି ଚିଠିରେ ଉଲ୍ଲେଖ କରିଥିଲା। ଅବମାନନା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ୟୁଜିସି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଥିଲା। ସେପଟେ ଶୁକ୍ରବାର ଏହି ମାମଲାରେ ଚୂଡ଼ାନ୍ତ ରାୟ ନ ଆସିବା ପର୍ଯ୍ୟନ୍ତ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ(ୟୁୟୁଟିଏ) ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଦାବି ଜଣାଇଥିଲେ।

### ଆର୍ଯ୍ୟନଙ୍କୁ ଏନ୍‌ସିବି ...

କହିଥିଲେ, କେତେଜଣଙ୍କୁ ପଚରାଉଚରା କରାଯାଇଥିଲା। କିନ୍ତୁ ସେମାନଙ୍କ ନାମ ସେ ଉଲ୍ଲେଖ କରି ନ ଥିଲେ। ଆର୍ଯ୍ୟନଙ୍କ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗି କହିଛନ୍ତି, ସତ୍ୟ ସାମ୍ନାକୁ ଆସିଛି। ମୁଁ ଆଶ୍ୱସ୍ତ, ମୋ ମହକିଲ ଏବଂ ତାଙ୍କ ବାପା ଶାହରୁଖ୍ ମଧ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ଆର୍ଯ୍ୟନଙ୍କ ବିରୋଧରେ କିଛି ପ୍ରମାଣ ନ ଥିଲା। ତାଙ୍କୁ ବିନା କୌଣସି ଆଧାରରେ ଗିରଫ କରାଯାଇଥିଲା। ଏନ୍‌ସିବି ନିଜ ଭୁଲ୍ ସ୍ୱୀକାର କରିଛି। ପ୍ରକାଶ ଯେ, ଏହି ମାମଲାରେ ଏନ୍‌ସିବିର ତତ୍କାଳୀନ ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖେଡେଙ୍କ ଭୂମିକା ମୂଳରୁ ସନ୍ଦେହ ଘେରରେ ରହିଥିଲା। ସେ ଶାହରୁଖ୍‌ଙ୍କୁ ଫସାଇବା ପାଇଁ ଆର୍ଯ୍ୟନଙ୍କୁ ଗିରଫ କରିଥିବା ସେତେବେଳେ ଅଭିଯୋଗ ହୋଇଥିଲା। ମାମଲା ରଫାଦଫା କରି ଆର୍ଯ୍ୟନଙ୍କୁ ଛାଡ଼ିବା ପାଇଁ ୱାଙ୍ଖେଡେ ୨୫ କୋଟି ଟଙ୍କା ଦାବି କରିଥିବା ସାମ୍ନାକୁ ଆସିଥିଲା। ତେଣୁ ଏହା ଗିରଫଦାରି ନୁହେଁ, ବରଂ ସମ୍ପୂର୍ଣ୍ଣ ଭାବେ ରାନ୍‌ସମ୍ ଫର୍ କିଡ୍‌ନାପ୍ (ମୁକ୍ତିଅର୍ଥ ପାଇଁ ଅପହରଣ) ଉଦ୍ୟମ ଥିଲା ବୋଲି ନଭେମ୍ବର ୭ରେ ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ନୱାବ ମଲିକ୍ ଅଭିଯୋଗ ଆଣିଥିଲେ। ମଲିକଙ୍କ ମତରେ ୱାଙ୍ଖେଡେ ଉକ୍ତ ଅପହରଣ ଚକ୍ରାନ୍ତରେ ସାମିଲ ଥିଲେ। ଭାଜପା ନେତା ମୋହିତ କାମ୍ବୋଜ ଏହି ଷଡ଼ଯନ୍ତ୍ର ଚରିଥିଲେ। ଏବେ ଏନ୍‌ସିବି ଆର୍ଯ୍ୟନଙ୍କୁ କ୍ଲିନ୍‌ଚିଟ୍ ଦେବା ପରେ ନୱାବ୍ ମଲିକ୍ ସତ କହିଥିଲେ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଭୁଲ୍ କାମ କରି ଏନ୍‌ସିବିକୁ ନିନ୍ଦିତ କରିଥିବା ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ୱାଙ୍ଖେଡେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅର୍ଥ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ତାଙ୍କ ବିରୋଧରେ ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି କରିବା ଅଭିଯୋଗ ମଧ୍ୟ ରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୦୫,୦୮,୦୮୨ | ୬୩,୦୮,୩୧୦ | ୫୦,୧୧,୧୨,୦୩୧ |
| ଭାରତ | ୪,୩୧,୪୭,୫୩୦ | ୫,୨୪,୫୩୯ | ୪,୨୬,୦୭,୧୭୭ |
| ଓଡ଼ିଶା | ୧୨,୮୮,୪୧୦ | ୯୧୨୬(+୫୩) | ୧୨,୭୯,୧୫୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# 'ହେନ୍ତାଳବଣ ଅସ୍ତରଙ୍ଗବାସୀଙ୍କ ସୁରକ୍ଷାକବଚ'



ସଚେତନତା ପଦଯାତ୍ରାକୁ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଶୁକ୍ରବାର ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



ବୃକ୍ଷ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ଥାନୀୟ ଗ୍ରାମବାସୀ, ପରିବେଶବିତ୍ ଓ ଅତିଥି।

**କୋଣାର୍କ,୨୭।୫(ଡି.ଏନ୍.ଏ.)**

ଅସ୍ତରଙ୍ଗର ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଓ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରୀ ଜିଲା ଅସ୍ତରଙ୍ଗରେ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୋଗଦେବା ସହ ପତାକା ଦେଖାଇ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ଅସ୍ତରଙ୍ଗ ପ୍ରକୃତିର ଏକ ଅନବଦ୍ୟ ଅବଦାନ। ଏହା ଏକ ଛୋଟ ଭିତରକନିକାର ଭ୍ରମ ସୃଷ୍ଟି କରେ। ଏଠାରେ ବସବାସ କରୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ ଓ ଉପକୂଳବାସୀଙ୍କ ହେନ୍ତାଳ ବନ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବା ପାଇଁ ଏହା ହେଉଛି ଏକ ସଚେତନତା ବାର୍ତ୍ତା (ପୁଣି ହସିବ ହେନ୍ତାଳ ବଣ)। ଏପରିକି ଅସ୍ତରଙ୍ଗର ଲୁଣା ଜଙ୍ଗଲ, ହେନ୍ତାଳ ବଣ ଅଞ୍ଚଳବାସୀଙ୍କ ସୁରକ୍ଷା କବଚ ବୋଲି ସେ ମତ ପ୍ରକାଶ କରିଥିଲେ। ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇଥିଲେ। ସେ କହିଥିଲେ, ଅସ୍ତରଙ୍ଗ ହେନ୍ତାଳ ବଣର ଡାଳ ଓ ଚେର ଅଧିକ ମଜଭୁତ, ଯାହା ମାଟିକୁ ଦୀର୍ଘ ବର୍ଷ ଯାଏଁ ଜାବୁଡ଼ି ଧରିଛି। ତେଣୁ ଏହାର ସୁରକ୍ଷା ନିହାତି ଆବଶ୍ୟକ। ମହିଳାମାନେ ଏହାର ସୁରକ୍ଷା କରୁଥିବାରୁ ବେଶ ଖୁସି ଲାଗୁଛି। ଏଥିସହ ଅସ୍ତରଙ୍ଗର ବନ ସୁରକ୍ଷା କମିଟି ଓ ଏସ୍‌ଏଚ୍‌ଜିର ମିଳିତ ସହଭାଗିତାରେ ୧୯୯୩ ମସିହାରୁ ଜାରି ରହିଥିବା ମହିଳା ସଚେତନା କାର୍ଯ୍ୟକ୍ରମକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସାମାଜିକ କର୍ମୀ ବଦ୍ରିକାନାଥ ମହାପାତ୍ର, ବ୍ରହ୍ମାକୁମାର ଦୁଷ୍ମନ୍ତ ପରିଡ଼ା, ଗଛ ସାର୍ ଭାବେ ଜଣାଶୁଣା ଅନ୍ତର୍ଯ୍ୟାମୀ ସାହୁ, ପରିବେଶବିତ ଆକାଶ ରଞ୍ଜନ ରଥ, 'ଓପେସା'ର ନିର୍ଦ୍ଦେଶକ ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ପଦଯାତ୍ରା ଉପକୂଳବର୍ତ୍ତୀ ୧୫ଟି ଗ୍ରାମରେ ୪ଦିନ ବ୍ୟାପୀ ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ସହନ, ଗୁଣ୍ଡଲବା ଓ ଆଖପାଖ ଗ୍ରାମର ଶତାଧିକ ମହିଳା, ବିଭିନ୍ନ ସଂଗଠନର ଯୁବ ପ୍ରତିନିଧି, ବନ ସୁରକ୍ଷା କମିଟିର ସଦସ୍ୟ, ବନ ବିଭାଗ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂଗଠନ ପକ୍ଷରୁ ଅତିଥିମାନଙ୍କୁ ମାନପତ୍ର ଓ ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

## ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ କାଲକାଟା ହାଇକୋର୍ଟକୁ ବଦଳି ପାଇଁ ସୁପାରିସ



**ନୂଆଦିଲ୍ଲୀ, ୨୭।୫**

ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ କାଲକାଟା ହାଇକୋର୍ଟକୁ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ କଲେଜିୟମ ତ୍ରିପୁରା ହାଇକୋର୍ଟର ଜଷ୍ଟିସ୍ ଶୁଭାଶିଷ ତଳପାତ୍ରଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରିବା ଲାଗି ସୁପାରିସ କରିଥିବା ଜଣାପଡ଼ିଛି। ଏବେ ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ମୋଟ ୨୧ ବିଚାରପତି ଅଛନ୍ତି।

## ଜଷ୍ଟିସ୍ ପି.କେ. ମହାନ୍ତିଙ୍କୁ ଲୋକପାଳ ଅଧ୍ୟକ୍ଷ ଦାୟିତ୍ୱ



**ନୂଆଦିଲ୍ଲୀ,୨୭।୫:** ଅବସରପ୍ରାପ୍ତ ଓଡ଼ିଆ ବିଚାରପତି ଜଷ୍ଟିସ୍ ପ୍ରଦୀପ କୁମାର ମହାନ୍ତିଙ୍କୁ ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ କାମଚଳା ଲୋକପାଳ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ଲୋକପାଳ ଅଧ୍ୟକ୍ଷ ଜଷ୍ଟିସ୍ ପିନାକୀ ଚନ୍ଦ୍ର ଘୋଷଙ୍କ ଅବସର ପରେ ତାଙ୍କ ସ୍ଥାନରେ ଦୁର୍ନୀତି ନିରୋଧୀ ସଂସ୍ଥାର ଜୁଡିସିଆଲ ମେମ୍ବର ଜଷ୍ଟିସ୍ ମହାନ୍ତିଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଶନିବାରଠାରୁ ନୂଆ ଅଧ୍ୟକ୍ଷଙ୍କ ନିଯୁକ୍ତି ପର୍ଯ୍ୟନ୍ତ ଏହି ପଦ ସମ୍ଭାଳିବେ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି।

୧୯୫୫ ଜୁନ୍ ୧୦ରେ କଟକରେ ଜନ୍ମିତ ଜଷ୍ଟିସ୍ ପି.କେ. ମହାନ୍ତି ମଧୁସୂଦନ ଲ' କଲେଜରେ ଏଲ୍‌ଏଲ୍‌ବି ଅଧ୍ୟୟନ କରିଥିଲେ। ୨୦୧୯ ମାର୍ଚ୍ଚ ୨୭ରେ ଲୋକପାଳର ନ୍ୟାୟିକ ସଦସ୍ୟ ନିଯୁକ୍ତ ହେବା ପୂର୍ବରୁ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଏବଂ ରାଞ୍ଚିରେ ଥିବା ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଷ୍ଟଡି ଆଣ୍ଡ ରିସର୍ଚ୍ଚ ଇନ୍ ଲ' କୁଳାଧିପତି ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହା ପୂର୍ବରୁ ଜଷ୍ଟିସ୍ ମହାନ୍ତି ଓଡ଼ିଶା ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତି ଦାୟିତ୍ୱ ମଧ୍ୟ ସମ୍ଭାଳିଥିଲେ। ୨୦୧୨ ଡିସେମ୍ବରରୁ ୨୦୧୬ ପର୍ଯ୍ୟନ୍ତ ସେ ଓଡ଼ିଶା ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଥିଲେ। ୨୦୧୭ ମାର୍ଚ୍ଚ ୨୪ରେ ଜଷ୍ଟିସ୍ ମହାନ୍ତିଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଥିଲା। ତାଙ୍କ ବାପା ସ୍ୱର୍ଗତ ଯୁଗଳ କିଶୋର ମହାନ୍ତି ମଧ୍ୟ ପୂର୍ବରୁ ଓଡ଼ିଶା ହାଇକୋର୍ଟ ବିଚାରପତି ଥିଲେ।




## ଆଣ୍ଟିଜେନ୍ ଟେଷ୍ଟ କିଟ୍ ଉତ୍ପାଦନ ଆରମ୍ଭ

### ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଇନ୍‌ଫୋସିଟିଠାରେ କୋଭିଡ୍-୧୯ ପରୀକ୍ଷା ଲାଗି ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କିଟ୍ ଉତ୍ପାଦନର ଶୁଭାରମ୍ଭ କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଯେକୌଣସି ଅଞ୍ଚଳରେ ଏହି କିଟ୍ ପହଞ୍ଚି ପାରିବ। ରାଜ୍ୟର ଜରୁରୀ ଆବଶ୍ୟକତାକୁ ଏହା ପୂରଣ କରିପାରିବ। ଓଡ଼ିଶାସ୍ଥିତ ବାୟୋଟେକ୍ କମ୍ପାନୀ 'ଇମେଜେନେକ୍ସ ଇଣ୍ଡିଆ' ଏହି ରାପିଡ୍ ଆଣ୍ଟିଜେନ୍ କିଟ୍ ପ୍ରସ୍ତୁତ କରିବ। ପୂର୍ବ ଭାରତରେ ଏହା ପ୍ରଥମ ସ୍ୱଦେଶୀ କିଟ୍। ଏଥିପାଇଁ ଜୁନ୍ ୨୦୨୧ରେ ଏହାର ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଆରଏମଆରସି ପକ୍ଷରୁ ଏଥିପାଇଁ ବୈଷୟିକ ସହାୟତା ଯୋଗାଇଦିଆଯିବା ସହ କିଟ୍ ଟେଷ୍ଟିଂ କରାଯାଇଥିଲା। ଏହି କିଟ୍‌କୁ ଆଇସିଏମ୍‌ଆର୍ ଅନୁମୋଦନ କରିଛି। ଗୋଟିଏ କିଟ୍‌ର ମୂଲ୍ୟ ୫୦ ଟଙ୍କା ରହିବ। ବଜାରରେ ମିଳୁଥିବା ଅନ୍ୟ ଟେଷ୍ଟ କିଟ୍‌ଠାରୁ ଏହା ଶସ୍ତା। ଏଥିସହ ୧୫ ମିନିଟ୍‌ରେ ଟେଷ୍ଟିଂ ଫଳାଫଳ ଆସିଯିବ। ଗୋଟିଏ ବାକ୍ସରେ ୨୫ଟି କିଟ୍ ରହୁଛି। ଓଡ଼ିଶା ବାହାରକୁ ମଧ୍ୟ ଏହାଠୁ ପଠାଇବାକୁ ଲକ୍ଷ୍ୟ ରଖିଛି ଇମେଜେନେକ୍ସ ଇଣ୍ଡିଆ। ୨୦୦୪ରେ ଭୁବନେଶ୍ୱରରେ ଇମେଜେନେକ୍ସ ପ୍ରତିଷ୍ଠା ହୋଇଥିଲା। ଏହାର ଅଧ୍ୟକ୍ଷ ସୁଜୟ ସିଂ ପ୍ରକଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।






❝ ବାହ୍ୟ ଘଟଣାଗୁଡିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ–ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କ'ଣ ପ୍ରଥମ ସର୍ତ୍ତ ନୁହେଁ? ଘଟଣାଗୁଡିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। –ଶ୍ରୀମା



# କେହି ମୁହଁ ଖୋଲୁନାହାନ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆମଲାତନ୍ତ୍ରରେ ସବୁବେଳେ ସର୍ଭିସଗୁଡ଼ିକ ମଧ୍ୟରେ ଟେନ୍‌ସନ ଲାଗିରହିଛି, କିନ୍ତୁ ଏହାର ମହତ୍ତ୍ୱ କମ୍ ରହିଆସିଛି। ନିକଟରେ ୧୯୯୬ ବ୍ୟାଚ୍‌ର ୨୫ ଜଣ ଆଇଏଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦେବା ଓ ନିଯୁକ୍ତିସୂଚୀରେ ସମ୍ମିଳିତ କରିବା ଏବଂ ୧୯୯୪ ବ୍ୟାଚ୍‌ର ଦୁଇ ଆଇପିଏସ୍ ଅଧିକାରୀଙ୍କ ଅତିରିକ୍ତ ସଚିବ ର୍‍ୟାଙ୍କକୁ ପଦୋନ୍ନତି ,୧୯୯୦ ବ୍ୟାଚର ଜଣେ ଆଇପିଏସ୍ ଅଧିକାରୀଙ୍କ ସେହି ସମାନ ପଦରେ ନିଯୁକ୍ତିକୁ ନେଇ ଅଣ ଆଇଏଏସ୍ ସର୍ଭିସ ଅଧିକାରୀମାନଙ୍କ ପ୍ରତିକ୍ରିୟାକୁ ଦେଖିଲେ ଜଣାପଡୁଛି ଯେ, ବିବାଦ ଏକ ଭିନ୍ନ ସ୍ତରକୁ ବୃଦ୍ଧିପାଇଛି। ସୂତ୍ରରୁ ପ୍ରକାଶ ଯେ, ଏହି ପଦକ୍ଷେପ ଆଇଏଏସ୍ ଏବଂ ଆଇପିଏସ୍‌ର ସମାନ୍ତରାଳ ର୍‍ୟାଙ୍କ୍‌ଗୁଡ଼ିକ ମଧ୍ୟରେ ୬ ବର୍ଷର ଏକ ଅନ୍ତର ସୃଷ୍ଟି କରିଛି। ଅପ୍ରତ୍ୟାଶିତ ଆଦେଶକୁ କେନ୍ଦ୍ର କରି ଆଇପିଏସ୍ ଅଧିକାରୀମାନେ ମଧ୍ୟ ଚିନ୍ତିତ ହୋଇପଡ଼ିଛନ୍ତି। ନିଯୁକ୍ତି ଆଦେଶ ନିଯୁକ୍ତିପ୍ରଦାନକାରୀ କମିଟିର ବିଚିତ୍ର ନିଷ୍ପତ୍ତିକୁ ସୂଚିତ କରିଛି। ଦୁଇ ଆଇପିଏସ୍ ଅଧିକାରୀ ଶ୍ୟାମ ଭଗତ ନେଗି(ହିମାଚଳପ୍ରଦେଶ କ୍ୟାଡର)ଙ୍କୁ କ୍ୟାବିନେଟ ସେକ୍ରେଟାରିଏଟରେ ଅତିରିକ୍ତ ସଚିବ ଏବଂ ଉତ୍ତରପ୍ରଦେଶ କ୍ୟାଡରର ବିଜୟ ଭାଟିଆଙ୍କୁ କାର୍ମିକ ଯୁଗ୍ମ ସଚିବ ଭାବେ ବହିର୍ବ୍ୟାପାର ମନ୍ତ୍ରଣାଳୟରେ ନିଯୁକ୍ତ କରାଯାଇଛି। ୧୯୯୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ ହୋଇଥିବା ସତ୍ତ୍ୱେ ନେଗିଙ୍କୁ ସେହି ସମାନ ପଦବୀରେ ନିଯୁକ୍ତି ଦିଆଯାଇଛି ଯେଉଁଥିରେ ୨୫ ଜଣ ଆଇଏଏସ୍ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଛି। ଏହି ସମୟରେ ନେଗିଙ୍କଠାରୁ ଗୋଟିଏ ବ୍ୟାଚ ସିନିୟର ଭାଟିଆଙ୍କୁ ଜୁନିୟର ର୍‍ୟାଙ୍କରେ ନିଯୁକ୍ତି ମିଳିଛି। କେବଳ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ର୍‍ୟାଙ୍କର ଜଣେ ମାତ୍ର ୧୯୮୯ ବ୍ୟାଚ୍ ଆଇପିଏସ୍ ଅଧିକାରୀଙ୍କୁ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। ସମସ୍ୟା ହେଉଛି, ସରକାର ୧୯୯୬ ବ୍ୟାଚ୍ ଆଇଏଏସ୍ ଅଧିକାରୀମାନଙ୍କୁ ଅତିରିକ୍ତ ସଚିବ ଭାବେ ପଦୋନ୍ନତି ଦେଇଥିବାବେଳେ ଆଇପିଏସ୍ କ୍ୟାଡରରେ ୧୯୯୦–୯୧ ବ୍ୟାଚ୍ ଅଧିକାରୀମାନଙ୍କୁ ସମାନ ପଦବୀକୁ ପଦୋନ୍ନତି ଦେଇଛନ୍ତି। ତେବେ ସରକାରଙ୍କ ଦୃଷ୍ଟିରେ ବରିଷ୍ଠତାର ମୂଲ୍ୟ କମ୍ ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି। ତଥାପି କେହି ଆଗକୁ ଆସି ଏହି ସମସ୍ୟା ବିରୋଧରେ ସାଧାରଣରେ ମୁହଁ ଖୋଲୁନାହାନ୍ତି। ଏପରିକି ଆଇଏଏସ୍ ଏବଂ ଆଇପିଏସ୍ ସଂଘ ବି ଚୁପ୍ ରହିଛନ୍ତି। ହେଲେ ଏହି ଆନ୍ତଃ ସର୍ଭିସ ଟେନ୍‌ସନ ଯଥାଶୀଘ୍ର ସମାଧାନ କରାଯିବା ଆବଶ୍ୟକ।

### ବେକାର ଉଦ୍ଦେଶ୍ୟ

ଆମ୍ ଆଦ୍‌ମୀ ପାର୍ଟି(ଏଏପି) ନେତୃତ୍ୱାଧୀନ ଦିଲ୍ଲୀ ସରକାର ଏବଂ ଭାଜପା ଶାସିତ କେନ୍ଦ୍ର ସରକାରଙ୍କ ମଧ୍ୟରେ ରାଜନୈତିକ ଶତ୍ରୁତାର ପରିଣାମକୁ ଉଭୟ ସରକାରରେ ଥିବା ବାବୁମାନେ ଅନୁଭବ କରୁଛନ୍ତି। ବହୁ ସମୟରେ ସେମାନଙ୍କୁ ମୂଲ୍ୟ ଦେବାକୁ ବି ପଡୁଛି। ଦିଲ୍ଲୀ ସରକାରରେ କାମ କରୁଥିବା ୬ଜଣ ଡିଏଏନ୍‌ଆଇସିଏସ୍ (ଦିଲ୍ଲୀ, ଆଣ୍ଡାମାନ୍ ଆଣ୍ଡ ନିକୋବର, ଲକ୍ଷାଦ୍ୱୀପ, ଡାମନ ଆଣ୍ଡ ଡିଉ, ଦାଦ୍ରାନଗର ଆଣ୍ଡ ହାଭେଳି ସିଭିଲ୍ ସର୍ଭିସେସ୍) କ୍ୟାଡର ଅଧିକାରୀ ବଦଳି ଆଦେଶକୁ ଗ୍ରହଣ ନ କରିବା ଏବଂ କାର୍ଯ୍ୟରେ ଯୋଗ ନ ଦେବା ଯୋଗୁ ଏବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ସାମ୍ନା କରିଛନ୍ତି। ଗତବର୍ଷ ନଭେମ୍ବରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଡିଏଏନ୍‌ଆଇସିଏସ୍ ଅଧିକାରୀ ସନ୍ଦୀପ କୁମାର ମିଶ୍ର, ଶ୍ରବଣ ବାଗରିଆ, ଶୈଳେନ୍ଦ୍ର ସିଂ ପରିହାର, ସିଙ୍ଗାରେ ରାମଚନ୍ଦ୍ର ମହାଦେବ, ନୀତିନ କୁମାର ଜିନ୍ଦଲ ଏବଂ ରକେଶ କୁମାରଙ୍କୁ ଲାକ୍ଷାଦ୍ୱୀପକୁ ବଦଳି ଆଦେଶ ଜାରି କରିଥିଲେ। କିନ୍ତୁ ବାବୁମାନେ ବଦଳିକୁ ବିରୋଧ କରି ସେଣ୍ଟ୍ରାଲ ଆଡ୍‌ମିନଷ୍ଟ୍ରେଟିଭ ଟ୍ରିବ୍ୟୁନାଲ(ସିଏଟି)ରେ ଆବେଦନ କରିଥିଲେ। ହେଲେ ସିଏଟି ବେଞ୍ଚ ଏହାକୁ ରଦ୍ଦ କରିଦେଲେ। ତେବେ ଚଳିତ ଫେବୃୟାରୀ ପ୍ରାରମ୍ଭରେ ସେମାନଙ୍କୁ ଏକ ରିମାଇଣ୍ଡର ପ୍ରଦାନ କରାଯାଇଥିଲେ ମଧ୍ୟ ସେମାନେ ଏହାକୁ ଅଣଦେଖା କରିଥିଲେ। ଏଣୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ସିଏଟି କହିଛନ୍ତି ଯେ, ବଳଦିକୁ ଚ୍ୟାଲେଞ୍ଜ କରି ସେମାନେ କରିଥିବା ଆବେଦନର କୌଣସି ମେରିଟ୍ ନ ଥିଲା। କେବଳ ଏତିକି ନୁହେଁ ବାବୁମାନଙ୍କୁ ତୁରନ୍ତ ଲାକ୍ଷାଦୀପରେ ରିପୋର୍ଟ କରିବାକୁ ସିଏଟି ନିର୍ଦ୍ଦେଶ ଦେଇଛି। ଯଦି ସେମାନେ ଯୋଗ ନ ଦିଅନ୍ତି, ତେବେ ବିନା କୌଣସି ସୂଚନାରେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ କୁହାଯାଇଛି। ବଦଳି କରାଯାଇଥିବା ସ୍ଥାନରେ ଯୋଗ ନ ଦେବା ଏବଂ ଆଇନର ଆଶ୍ରୟ ନେଇ ବିବାଦ ସୃଷ୍ଟି କରିବା ଭଳି ବାବୁମାନଙ୍କ ବେକାର ଉଦ୍ଦେଶ୍ୟକୁ ସୁପ୍ରିମକୋର୍ଟ ବି ଗମ୍ଭୀରତାର ସହ ନେଇଛନ୍ତି। ସେଥିପାଇଁ, ସିଏଟିଙ୍କ ନିର୍ଦ୍ଦେଶରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ବାବୁମାନେ ସିଏଟି ନିର୍ଦ୍ଦେଶକୁ ମାନିବେ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଗ୍ରହଣ କରିବେ ତାହା ସେମାନଙ୍କୁ ସ୍ଥିର କରିବାକୁ ପଡ଼ିବ।

### ପିଏମ୍‌ଓରେ ପରିବର୍ତ୍ତନ

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଟିମ୍‌କୁ ପୁନର୍ଗଠନ କରିବାରେ ଲାଗିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ପୂର୍ବତନ ପେଟ୍ରୋଲିୟମ ସଚିବ ତରୁଣ କୁମାର ଏବଂ ଦୁଇ ଅତିରିକ୍ତ ସଚିବ ଅତିଶ ଚନ୍ଦ୍ରା ଏବଂ ହରିରାମ ରାଓଙ୍କ ନିଯୁକ୍ତି ପରେ ୨୦୦୪ ବ୍ୟାଚ୍ ଆଇଏଫ୍‌ଏସ୍ ଅଧିକାରୀ ବିବେକ କୁମାରଙ୍କୁ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ କରାଯାଇଛି। ସୂତ୍ରରୁ ଜଣାପଡ଼ିଛି ଯେ, ପୂର୍ବରୁ ବିବେକ କୁମାର ପିଏମ୍‌ଓରେ ନିର୍ଦ୍ଦେଶକ ଥିଲେ ଏବଂ ଏବେ ତାଙ୍କୁ ଯୁଗ୍ମ ସଚିବ ସ୍ତରରେ ଅବସ୍ଥାପିତକରାଯାଇଛି। ପିଏମ୍‌ଓରେ ୪ ଜଣ ଯୁଗ୍ମସଚିବ ଓ ୫ ଜଣ ଅତିରିକ୍ତ ସଚିବ ରହିଥିବାରୁ ଏହି ଅସନ୍ତୁଳନ ଦୂର କରିବା ଲାଗି ଏଭଳି କରାଯାଇଥିବା ଅନୁମାନ କରାଯାଉଛି। ଯୁଗ୍ମ ସଚିବ ପଦବୀକୁ କୁମାରଙ୍କ ପଦୋନ୍ନତି ଦ୍ୱାରା ସମନ୍ୱୟ ଅଣାଯାଇଛି। ଏବେ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ହାର୍ଦ୍ଦିକ ସତୀଶଚନ୍ଦ୍ର ଶାହାଙ୍କ ସହ କୁମାର ଯୋଗଦେବେ।

Email: dilipcherian@gmail.com

# ଯେତିକି ବୃଦ୍ଧି କରିଥିଲ ସେତିକି ହ୍ରାସ କର



ଡ. ସନ୍ତୋଷ କୁମାର ମହାପାତ୍ର

ପ୍ରଥମେ ଜନ ବିରୋଧୀ ନୀତି ପ୍ରଣୟନ କର, ଇନ୍ଧନ ଟିକସ ବୃଦ୍ଧି କରି ଲୋକଙ୍କ ଜୀବନକୁ ଦୁର୍ବିଷହ କର। ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରି ଲୋକଙ୍କ ଜୀବନକୁ କଷ୍ଟସାଧ୍ୟ, ଦୁଃଖଦାୟକ ଏବଂ ଭୟଙ୍କର କର। ଯେତେବେଳେ ଲୋକମାନେ ଅତିଷ୍ଠ ହୋଇ ତ୍ରାହି ତ୍ରାହି ବା ପ୍ରତିବାଦ କରିବେ, ଯେତିକି ବୃଦ୍ଧି କରିଥିଲ, ତାହାଠାରୁ କମ ହ୍ରାସକରି ନିଜକୁ ଗରିବ ସପକ୍ଷବାଦୀ ଭାବେ ପ୍ରତିପାଦନ କରି ରାଜନୈତିକ ଫାଇଦା, ଜନପ୍ରିୟତା ହାସଲ କର। ଏହା ହେଉଛି ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ନୀତି। ଏକଥା ଉଲ୍ଲେଖ କରିବାର କାରଣ ହେଲା ଦୀର୍ଘଦିନ ଧରି ଇନ୍ଧନ ଟିକସ ବୃଦ୍ଧି କରି ଅଧିକ ରାଜସ୍ୱ ଆଦାୟ କରିବା ଯୋଗୁ ମୁଦ୍ରାସ୍ଫୀତି ଦରଦାମ ବୃଦ୍ଧି ଅତ୍ୟନ୍ତ ଅସହ୍ୟ ହେବା ସହିତ ଲୋକଙ୍କ କ୍ରୟଶକ୍ତି ହ୍ରାସ ପାଇ ଜୀବନର ମାନଦଣ୍ଡ ନିମ୍ନମୁଖୀ ହୋଇଥିଲା। ଏଣୁ ଗତ ମେ'୨୧ରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଏକ୍ସାଇଜ ଡ୍ୟୁଟି (ଉତ୍ପାଦ ଶୁଳ୍କ) ଯଥାକ୍ରମେ ୮ଟଙ୍କା ଏବଂ ୬ଟଙ୍କା ହ୍ରାସ କରିଛନ୍ତି।

ନିଶ୍ଚିତ ଭାବରେ, ଟିକସ ହ୍ରାସ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯଦିଓ ପର୍ଯ୍ୟାପ୍ତ ନୁହେଁ। କିନ୍ତୁ ସରକାର ନିଜକୁ ଗରିବଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ବୋଲି ଯାହା ପ୍ରଚାର କରୁଛନ୍ତି, ତାହାକୁ ଆମେ ବିରୋଧ କରୁଛୁ। ଅର୍ଥମନ୍ତ୍ରୀ ଏହି ପଦକ୍ଷେପକୁ ଗରିବ–ସମର୍ଥକ ଏବଂ ସମ୍ବେଦନଶୀଳତାର କାର୍ଯ୍ୟ ବୋଲି ବର୍ଣ୍ଣନା କରୁଛନ୍ତି ଓ ଏହା ଜୀବନର ସହଜତାକୁ ଆହୁରି ଆଗକୁ ନେବ ବୋଲି କହିଛନ୍ତି। ଯଦି ଏହା ଠିକ, ତେବେ ପେଟ୍ରୋଲିୟମ ଉତ୍ପାଦ ଉପରେ ଟିକସ ବୃଦ୍ଧି ପାଇଁ ଗରିବ–ବିରୋଧୀ, ସମ୍ବେଦନହୀନ ନିଷ୍ପତ୍ତି ଏହି ସରକାର କାହିଁକି ନେଇଥିଲେ? ଯେତେବେଳେ ପ୍ରଗତିଶୀଳ ବୁଦ୍ଧିଜୀବୀମାନେ ଟିକସ ହ୍ରାସ ପାଇଁ ଦାବି କରୁଥିଲେ ସରକାର ଏହା ସପକ୍ଷରେ କାହିଁକି ଅନେକ ଯୁକ୍ତି କରୁଥିଲେ? ପୁନଶ୍ଚ କରୋନା ମହାମାରୀ ଯୋଗୁ କୋଟି କୋଟି ଲୋକ ଜୀବିକା ହରାଇଲା ବେଳେ ଇନ୍ଧନ ଟିକସ ମଧ୍ୟ ଏହି ସରକାର ବୃଦ୍ଧି କରିଥିଲେ। ସରକାର ଯୁକ୍ତି କରୁଥିଲେ ଯେ ତେଲ ଉପରେ ଟିକସ ଦ୍ୱାରା ଯେଉଁ ଅର୍ଥ ଆସିବ, ସେସବୁ ଦେଶର ବିକାଶ ଓ ଗରିବଙ୍କ ପାଇଁ କୋଭିଡ ରିଲିଫ ପଦକ୍ଷେପ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ, କୋଭିଡ୍ ଟିକା ପାଇଁ ଖର୍ଚ୍ଚ ହେବ। ଯଦି ଏତେ ଭଲ କାର୍ଯ୍ୟ ହେଉଥିଲା ତେବେ ବର୍ତ୍ତମାନ ସରକାର କାହିଁକି ହ୍ରାସ କଲେ। ସରକାର କ'ଣ ଜାଣିନାହାନ୍ତି ଯେ ଗରିବ କଲ୍ୟାଣ ପାଇଁ ଯେଉଁ ବ୍ୟୟ କରାଯାଏ ତାହା ଗରିବ ନୁହେଁ ଧନିକ ଶ୍ରେଣୀଙ୍କଠାରୁ ଆଦାୟ କରାଯାଏ।



କେନ୍ଦ୍ର ସରକାର କହୁଛନ୍ତି, ଏହି ହ୍ରାସ ଦ୍ୱାରା ୧ ଲକ୍ଷ କୋଟି ଟଙ୍କା ରାଜସ୍ୱ ହରାଇବେ। କିନ୍ତୁ ଗତ ୮ ବର୍ଷରେ କେନ୍ଦ୍ର ସରକାର ଇନ୍ଧନ ଟ୍ୟାକ୍ସ ଭାବରେ ୨୬,୫୧,୯୧୯ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ଅନୁଯାୟୀ ଭାରତରେ ପ୍ରାୟ ୨୬ କୋଟି ପରିବାର ଅଛନ୍ତି। ଏହାର ଅର୍ଥ ହେଉଛି ପ୍ରତ୍ୟେକ ପରିବାରରୁ କେନ୍ଦ୍ର ସରକାର ହାରାହାରି ଇନ୍ଧନ ଟ୍ୟାକ୍ସ ଭାବରେ ଗତ ୮ ବର୍ଷରେ ୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ପୁନଶ୍ଚ ୨୦୧୪ମାର୍ଚ୍ଚ ୧ରେ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ୪୧୦.୫୦ ଟଙ୍କା ଥିଲାବେଳେ ତାହା ଏବେ ୧୦୦୩ ଟଙ୍କାକୁ ବୃଦ୍ଧିପାଇଛି। ଏହା ଦର୍ଶାଏ ଯେ କିପରି ସରକାର ଜନତା ବିଶେଷକରି ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ କ୍ରୟ କ୍ଷମତାକୁ କ୍ଷୟ କରିଦେଇଛନ୍ତି। ଅଧିକନ୍ତୁ, ଏହି ଟ୍ୟାକ୍ସ ବୃଦ୍ଧି ମୁଦ୍ରାସ୍ଫୀତିକୁ ଏତେ ବଢ଼ାଇଦେଇଛି ଯେ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ସଂଘର୍ଷ କରୁଛନ୍ତି।

୨୦୧୪–୧୫ରେ, ପେଟ୍ରୋଲିୟମ ଉତ୍ପାଦ ଉପରେ ଏକ୍ସାଇଜ ଡ୍ୟୁଟି ମାଧ୍ୟମରେ କେନ୍ଦ୍ର ୯୯,୦୬୮ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଥିବାବେଳେ ସମସ୍ତ ରାଜ୍ୟ ମିଳିତ ଭାବେ ବିକ୍ରୟ କର / ଭ୍ୟାଟ ମାଧ୍ୟମରେ ୧୩୭,୧୫୭ କୋଟି ଟଙ୍କା ସଂଗ୍ରହ କରିଥିଲେ। ଉଭୟ ଏକାଠି ୨,୩୬,୨୨୫ କୋଟି ଟଙ୍କା ସଂଗ୍ରହ କରିଥିଲେ। କିନ୍ତୁ ୨୦୨୦–୨୧ରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଟ୍ୟାକ୍ସ ଏବଂ ସେସ୍ ହିସାବରେ ସମୁଦାୟ କେନ୍ଦ୍ର ୪,୫୫,୦୬୯ କୋଟି ଟଙ୍କା ସଂଗ୍ରହ କରିଲା ବେଳେ, ରାଜ୍ୟ ସରକାର ୨,୦୨,୯୩୭ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଏହାର ଅର୍ଥ ହେଉଛି, ଏହି ଅବଧିରେ ଇନ୍ଧନ ଟିକସ ବାବଦରେ କେନ୍ଦ୍ର ୩୫୯% ଅଧିକ ପାଇଲାବେଳେ ରାଜ୍ୟଗୁଡ଼ିକ କେବଳ ୫୨% ଅଧିକ ପାଇଛନ୍ତି।

ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ୨୦୧୪ରେ ପେଟ୍ରୋଲ ଉପରେ ଲିଟର ପିଛା ଅବକାରୀ ଶୁଳ୍କ ୯.୪୮ ଟଙ୍କା ଥିବାବେଳେ, ଡିଜେଲ ଲିଟର ପିଛା ୩.୫୬ ଟଙ୍କା ରହିଥିଲା। ପରେ ତାଙ୍କ ସରକାର ଏହି ଶୁଳ୍କ ବିଭିନ୍ନ ସମୟରେ ବୃଦ୍ଧି କରିଥିଲେ, ବିଶେଷ କରି କରୋନା ମହାମାରୀ ଯୋଗୁ ଯେତେବେଳେ ଅନ୍ତର୍ଜାତୀୟ ଅଶୋଧିତ ତୈଳମୂଲ୍ୟ ବ୍ୟାରେଲ ପିଛା ୨୦ ଡଲାରରୁ କମ୍ ହୋଇଗଲା, (ମାର୍ଚ୍ଚ ୨୦୨୦ରୁ ମେ ୨୦୨୦ ମଧ୍ୟରେ) କେନ୍ଦ୍ର ସରକାର ଅବକାରୀ ଶୁଳ୍କ ବୃଦ୍ଧି କରିଲା ବେଳେ ରାଜ୍ୟମାନେ ଭ୍ୟାଟ୍ ବୃଦ୍ଧି କରିଥିଲେ। କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ କେନ୍ଦ୍ରୀୟ ଅବକାରୀ ଶୁଳ୍କକୁ ଲିଟର ପିଛା ଯଥାକ୍ରମେ ୨୩.୮୭ ଟଙ୍କା ଏବଂ ୨୮.୩୭ ଟଙ୍କା ବୃଦ୍ଧି କରିଥିଲେ। କେନ୍ଦ୍ର ଅବକାରୀ ଶୁଳ୍କ ପେଟ୍ରୋଲ ଲିଟର ପିଛା ୩୨ ଟଙ୍କା ୯୮ ପଇସା ଓ ଡିଜେଲ ଲିଟର ପିଛା ଟିକସ ୩୧ଟଙ୍କା ୮୩ ପଇସାରେ ପହଞ୍ଚିଥିଲା। ନଭେମ୍ବର ୨୦୨୧ ଏବଂ ମେ ୨୧ ହ୍ରାସ ସତ୍ତ୍ୱେ ୨୦୧୪ ତୁଳନାରେ କେନ୍ଦ୍ର ସରକାର ପେଟ୍ରୋଲ ପାଇଁ ଲିଟର ପିଛା ୧୦.୫୦ ଟଙ୍କା ଏବଂ ଡିଜେଲ ଲିଟର ପିଛା ୧୨.୨୪ ଟଙ୍କା ଅଧିକ ଟିକସ ଆଦାୟ କରୁଛନ୍ତି। ଏହାର ଅର୍ଥ କେନ୍ଦ୍ର ଅଧିକ ବୃଦ୍ଧି କରିବା ପରେ କମ୍ ହ୍ରାସ କରି ବାହାବା ନେଉଛନ୍ତି। ଏଣୁ ୨୦୧୪ ତୁଳନାରେ କେନ୍ଦ୍ର ଯେତିକି ଅଧିକ ନେଉଛି ତାହା ହ୍ରାସ କରୁ। କେନ୍ଦ୍ର ସରକାରଙ୍କ ହ୍ରାସ ପରେ ଏବେ ରାଜ୍ୟ ସରକାରଗୁଡ଼ିକ ଭ୍ୟାଟ୍ ହ୍ରାସ କରିବା ନେଇ ଚାପ ପଡୁଛି। ଅଣଭାଜପା ଶାସିତ ରାଜ୍ୟ ରାଜସ୍ଥାନ(ପେଟ୍ରୋଲ ୨.୪୧, ଡିଜେଲ ୧.୩୬ ଟଙ୍କା), ମହାରାଷ୍ଟ୍ର (ପେଟ୍ରୋଲ ୨.୦୮, ଡିଜେଲ ୧.୪୪ଟଙ୍କା) ଓ କେରଳ (ପେଟ୍ରୋଲ ୨.୪୮, ଡିଜେଲ ୧.୧୬ଟଙ୍କା) ଭ୍ୟାଟ୍ ହ୍ରାସ କରିଥିବାବେଳେ ତାମିଲନାଡୁ ଓ ବିହାର ଭଳି ରାଜ୍ୟ ଭ୍ୟାଟ୍ ହ୍ରାସ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଓଡ଼ିଶା ସରକାର ଭ୍ୟାଟ୍ ହ୍ରାସ ସଂକ୍ରାନ୍ତରେ ଅନୁଧ୍ୟାନ କରୁଛନ୍ତି। ଯଦିଓ କେନ୍ଦ୍ର ପରି ରାଜ୍ୟର ଟିକସ ଆଦାୟ କରିବାର କ୍ଷମତା ସୀମିତ, ତଥାପି ରାଜ୍ୟମାନେ ମଧ୍ୟ ୨୦୧୪ ପରେ ଯେତିକି ପ୍ରତିଶତ ଭ୍ୟାଟ୍ ବୃଦ୍ଧି କରିଛନ୍ତି ତାହା ହ୍ରାସ କରନ୍ତୁ।

skmohapatra67@gmail.com
ମୋ: ୯୪୩୭୨୦୮୭୬୨

# ବିଦ୍ୟୁତ୍ ରାଜନୀତି



ଅଧ୍ୟାପକ ଗୋପବନ୍ଧୁ

ଆମ୍ ଆଦ୍‌ମୀ ପାର୍ଟି (ଆପ୍), ଓଡ଼ିଶା ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟ ଛାଡ଼ ପାଇଁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ପ୍ରତି ଜିଲାରେ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ ଚାଲିଛି। ପାର୍ଟି ଲକ୍ଷ୍ୟ ରଖିଛି ଯେ, ଆଗାମୀ ଜୁନ୍ ୧୦ ସୁଦ୍ଧା ୨୫ ଲକ୍ଷ ଦସ୍ତଖତ ସଂଗ୍ରହ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ ଏବଂ ଦାବି ସପକ୍ଷରେ ଥିବା ଜନମତକୁ ଉପସ୍ଥାପନ କରିବ। ରାଜ୍ୟ ସରକାର ଏ ଦାବିକୁ ମାନିବେ କି ନାହିଁ ତାହା ସମୟ କହିବ। ତେବେ ଏହାକୁ ନେଇ ଉଭୟ ସପକ୍ଷ ଓ ବିପକ୍ଷ ଆଲୋଚନା ଏବଂ ସମାଲୋଚନା ଆରମ୍ଭ ହୋଇଯାଇଛି। କେତେକେ ଫ୍ରି ବା ଦେୟମୁକ୍ତ ରାଜନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହାର ଯୁକ୍ତିଯୁକ୍ତତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଉତ୍ତରରେ ଆପ୍ କର୍ମୀମାନେ କହୁଛନ୍ତି, ଦେଶରେ ଫ୍ରି ରାଜନୀତି କେବଳ ଆପ୍ କରିଛି ଓ ଆଗରୁ ଏହା ନ ଥିଲା, ଏପରି କହିବା ଠିକ୍ ନୁହେଁ। ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଭୋଟରମାନଙ୍କୁ ନିଜ ପକ୍ଷକୁ ଆଣିବା ରାଜନୈତିକ ଦଳମାନଙ୍କର ପୁରୁଣା ଚାଲ୍। ଟଙ୍କିକିଆ ଚାଉଳ, ରିହାତି ମୂଲ୍ୟରେ ସାମଗ୍ରୀ ଯୋଗାଣ, ଫ୍ରିରେ ଛତା–ଯୋତା, ଫ୍ରିରେ ସ୍କୁଟି–ଲାପ୍‌ଟପ୍, ଫ୍ରିରେ ମଙ୍ଗଳସୂତ୍ର, ଫ୍ରିରେ ବହି–ୟୁନିଫର୍ମ, ବିଭିନ୍ନ ଯୋଜନାରେ ଫ୍ରି ଟଙ୍କା, କୃଷକଙ୍କୁ ଋଣ ଛାଡ଼, ପୁଞ୍ଜିପତିଙ୍କୁ ଆହୁରି ଛାଡ଼ ଏପରି ଅନେକ ଛାଡ଼ ଓ ଫ୍ରି ଯୋଜନା ଆଗରୁ କାର୍ଯ୍ୟକାରୀ ହୋଇଆସୁଛି। କାହିଁ ଏଗୁଡ଼ିକ ଉପରେ ତ ପ୍ରଶ୍ନ ଉତ୍ଥାପନ କରାଯାଉନାହିଁ। ପୂର୍ବରୁ ଏ ସମସ୍ତ ଯୋଜନା ଯଦି ଜନକଲ୍ୟାଣକାରୀ ତେବେ ବିଦ୍ୟୁତ୍ ଦେୟ ଛାଡ଼ କାହିଁକି ନୁହେଁ? ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ଯେଉଁ ନୀତିରେ ଲୋକମାନଙ୍କୁ ଜନକଲ୍ୟାଣକାରୀ ଯୋଜନା ଦେଇଛନ୍ତି, ଯେଉଁ ନୂଆ ଦଳ ଆସିବ ସେମାନେ ମଧ୍ୟ ଏହିପ୍ରକାର ଯୋଜନା ଦେବାକୁ ବାଧ୍ୟ। ଅନ୍ୟଥା ପ୍ରତିଯୋଗିତାରେ ରହିପାରିବେ ନାହିଁ। ତେଣୁ ଫ୍ରି ଯୋଜନାରେ କାହାକୁ ଦୋଷ ଦିଆଯାଇପାରିବ ନାହିଁ।

ଅନ୍ୟ ଏକ ଅଭିଯୋଗ ଆସୁଛି ଯେ, ଏହି ଫ୍ରି ଯୋଜନା ଦେଶକୁ ଶ୍ରୀଲଙ୍କା ସ୍ତରକୁ ନେଇଯିବ। ଶ୍ରୀଲଙ୍କା ଆର୍ଥିକ ଭାବେ ଦେବାଳିଆ ହୋଇଯାଇଛି। ଆକାଶଛୁଆଁ ଦରଦାମ୍ ସହିତ ଅତ୍ୟାବଶ୍ୟକ ସାମଗ୍ରୀର ଘୋର୍ ଅଭାବ ଦେଖାଦେଇଛି। ସେଠାରେ ଗୃହ ଯୁଦ୍ଧ ପରି ପରିସ୍ଥିତି ତିଆରି ହୋଇଛି। ପ୍ରକୃତପକ୍ଷେ ଶ୍ରୀଲଙ୍କାର ବର୍ତ୍ତମାନ ସ୍ଥିତି ଫ୍ରି ଯୋଜନା ସହିତ ଆଦୌ ସମ୍ପୃକ୍ତ ନୁହେଁ। ସେଠାକାର ଅବସ୍ଥା ପାଇଁ ସାମ୍ପ୍ରଦାୟିକ ରାଜନୀତି, ଅତ୍ୟଧିକ ଋଣଭାର, ଦୂରଦୃଷ୍ଟିର ଅଭାବ, ରାଜନେତାଙ୍କ ସ୍ୱେଚ୍ଛାଚାରିତା ଓ ବିଳାସପୂର୍ଣ୍ଣ ଜୀବନ ଦାୟୀ। ଫ୍ରି ଯୋଜନା ଯୋଗୁ ଆର୍ଥିକ ସଙ୍କଟର ଆଭାସ ପାଇଥିଲେ ସେମାନେ ସଙ୍ଗେସଙ୍ଗେ



ଏପରି ଯୋଜନାକୁ ପ୍ରତ୍ୟାହାର କରିନେଇଥାନ୍ତେ। ଅସଲ କଥା ହେଉଛି, ଫ୍ରି ଯୋଜନା ବିରୋଧରେ ଅପପ୍ରଚାର କରାଯାଉଛି ବୋଲି କର୍ମକର୍ତ୍ତାଙ୍କ ମତ।

ଅଭିଯୋଗ ଆସୁଛି, ଏପରି ଫ୍ରି ଯୋଜନା ଦ୍ୱାରା ଗୋଟିଏ ରାଜ୍ୟର ଅର୍ଥନୀତି ଦେବାଳିଆ ହୋଇଯିବ। ଫଳରେ ଅନ୍ୟାନ୍ୟ ବିକାଶ କାର୍ଯ୍ୟ ହୋଇପାରିବ ନାହିଁ। ଏହା ମଧ୍ୟ ସତ୍ୟ ନୁହେଁ ବୋଲି କୁହାଯାଉଛି। ଦିଲ୍ଲୀ ସରକାରଙ୍କୁ ବିଚାରକୁ ନେଲେ ଏ କଥା ସ୍ପଷ୍ଟ ହୋଇଯିବ। ସେଠାରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ମୁକ୍ତ, ମାସକୁ ୨୦ ହଜାର ଲିଟର ପାଣି ମୁକ୍ତ, ଶିକ୍ଷା ମୁକ୍ତ, ସ୍ୱାସ୍ଥ୍ୟସେବା ମୁକ୍ତ, ବସ୍‌ରେ ମହିଳାଙ୍କ ଯାତ୍ରା ମୁକ୍ତ। ଏ ସମସ୍ତ ଫ୍ରି ସତ୍ତ୍ୱେ ସରକାରଙ୍କ ଆର୍ଥିକ ସ୍ଥିତି ମଜଭୁତ ଅଛି। ବିକାଶ କାର୍ଯ୍ୟ ଠିକ୍ ଚାଲିଛି। ବିଗତ ସାତବର୍ଷ ଧରି ଆପ୍ ସରକାର ଆସିବା ପରେ କୌଣସି ଟ୍ୟାକ୍ସ ବଢ଼ାଯାଇନାହିଁ। ନୂତନ ଋଣ ମଧ୍ୟ ନାହିଁ। ତଥାପି ଦିଲ୍ଲୀ ବଜେଟ ସନ୍ତୁଳିତ ବୋଲି କୁହାଯାଉଛି। ଏହା କେବଳ ସମ୍ଭବପର ହୋଇଛି ଭ୍ରଷ୍ଟାଚାର ଉପରେ ଲଗାମ ଲାଗିବା ଯୋଗୁ। ବାଟମାରଣା ଅର୍ଥକୁ ଏହି ସମସ୍ତ ଯୋଜନାରେ ଲଗାଯାଉଛି।

ଏହି ଦେୟମୁକ୍ତ ଯୋଜନା ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଯୁକ୍ତି କରାଯାଉଛି। ପ୍ରଥମେ ରାଜ୍ୟରେ ବିଦ୍ୟୁତ୍ ଉପଯୋଗ କମିବ। ସମସ୍ତେ ଚାହିଁବେ ଏହାକୁ ୨୦୦ ୟୁନିଟ୍ ମଧ୍ୟରେ ସୀମିତ ରଖିବା ପାଇଁ। କାରଣ ଉପଯୋଗ ଏହାଠାରୁ ଅଧିକ ହେଲେ ପୂର୍ଣ୍ଣ ଦେୟ ଦେବାକୁ ହେବ। ବଳକା ବିଦ୍ୟୁତ୍ ଅନ୍ୟ ରାଜ୍ୟଗୁଡ଼ିକୁ ବିକି ଓଡ଼ିଶା ଲାଭବାନ୍ ହେବ। ଦ୍ୱିତୀୟରେ ଗରିବପରିବାର ଲୋକଙ୍କ ଆର୍ଥିକ ବିକାଶ ହେବ। ୨୦୦ ୟୁନିଟ୍ ମଧ୍ୟରେ ବିଦ୍ୟୁତ୍ ଉପଯୋଗକାରୀ ପରିବାର ନିଶ୍ଚିତ ରୂପେ ଦରିଦ୍ର ଓ ନିମ୍ନ ମଧ୍ୟବିତ୍ତ ବର୍ଗର। ଏମାନେ ମାସକୁ ୮୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ତୃତୀୟରେ ବାଣିଜ୍ୟ ବ୍ୟବସାୟ ବଢ଼ିବ। ବିଦ୍ୟୁତ୍ ଦେୟ ବାବଦ ସଞ୍ଚିତ ଅର୍ଥକୁ ଲୋକମାନେ ବିଭିନ୍ନ ସାମଗ୍ରୀ କିଣିବାରେ ବ୍ୟୟ କରିବେ। ଫଳରେ ବିକ୍ରି ବଢ଼ିବ। ବିକ୍ରି ବଢ଼ିଲେ ବିଭିନ୍ନ ଦ୍ରବ୍ୟର ଉତ୍ପାଦନ ବଢ଼ିବ। ଉତ୍ପାଦନ ବୃଦ୍ଧି ପାଇଁ କର୍ମନିଯୁକ୍ତି ସୃଷ୍ଟି ହେବ। ରାଜ୍ୟର ଅର୍ଥନୀତି ଗତିଶୀଳ ହେବ।

ଦସ୍ତଖତ ସଂଗ୍ରହ ଅଭିଯାନ ଜରିଆରେ ଆପ୍ ଯେଉଁ ଦାବି କରୁଛି ତାକୁ ସରକାର କେତେ ଗୁରୁତ୍ୱ ଦେବେ ତାହା ଭିନ୍ନ କଥା। ତେବେ ଏହା ଦ୍ୱାରା ଆପ୍ ରାଜ୍ୟରେ ଏକ ବ୍ୟାପକ ଜନସମ୍ପର୍କ ପ୍ରତିଷ୍ଠା କରିବାକୁ ଚାହୁଁଥିବା ପ୍ରୟାସ ସ୍ପଷ୍ଟ। ଆପ୍ କର୍ମୀମାନେ ଗାଁରୁ ଗାଁ, ବସ୍ତିକୁ ବସ୍ତି, ଘରକୁ ଘର ବୁଲି ଦିଲ୍ଲୀ ମଡେଲ ସରକାରର ବ୍ୟାପକ ପ୍ରଚାର କରୁଛନ୍ତି। ରାଜନୀତି ନୁହେଁ, କ୍ରାନ୍ତି ଆଣିବା ଏହାର ଲକ୍ଷ୍ୟ କହି ଲୋକଙ୍କୁ ଆକୃଷ୍ଟ କରୁଛି। ବିଶେଷଭାବେ ଛାତ୍ର ଓ ଯୁବ ସମାଜ ଉପରେ ଅଧିକ ଧ୍ୟାନ ଦେଉଛି। ଲକ୍ଷ୍ୟ ୨୦୨୪ ନିର୍ବାଚନ, ଯେଉଁଥିରେ ଆପ୍ ଏକ ଲମ୍ଫଡିଆଁ ମାରିବା ଚେଷ୍ଟାରେ ଅଛି। ତେବେ କେତେଦୂର ଡେଇଁବ ତାହା ସେତେବେଳେ ହିଁ ଜଣାପଡ଼ିବ।

ବାରିପଦା–୨, ମୟୂରଭଞ୍ଜ,
ମୋ.୯୪୩୮୨୪୮୮୫୪

### ଏଇ ଭାରତରେ

ନୂତନତ୍ୱ ବହୁ ସମୟରେ ଅନେକଙ୍କୁ ଭିନ୍ନ ପରିଚୟ ଦେଇଥାଏ, ଯାହା ଘଟିଛି ପଶ୍ଚିମବଙ୍ଗର ଦୀପ୍ତେନ୍ଦୁ ରୟଙ୍କ ଜୀବନରେ। ଦୀପ୍ତେନ୍ଦୁ ଯାତ୍ରୀଙ୍କ ସୁବିଧା ଲାଗି ରାଜପଥ କଡ଼ରେ ପୁରୁଣା ବସ୍‌ରେ ବିଶ୍ରାମ ଗୃହ ନିର୍ମାଣ କରିଛନ୍ତି। ବିଶେଷକରି ମହିଳା ଯାତ୍ରୀମାନଙ୍କ ପାଇଁ ଏହା କରାଯାଇଛି। ଦୀପ୍ତେନ୍ଦୁ ସାମ୍ବାଦିକତା ଛାଡ଼ି ୨୦୧୮ରେ 'ୟେଲୋ' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ଏହି କାର୍ଯ୍ୟ କରୁଛନ୍ତି। ଭୋଲପୁର ମହିଳା ମହାସଂଘ ଏବଂ 'ୟେଲୋ' ସହଯୋଗରେ ଏଭଳି ବିଶ୍ରାମଗୃହ ନିର୍ମାଣ କରାଯାଇଛି। ମହିଳାମାନେ ରାଜପଥରେ ଦୀର୍ଘଯାତ୍ରା କରୁଥିବା ସମୟରେ ବହୁ ସମୟରେ ଜରୁରୀ ପରିସ୍ଥିତିର ସାମ୍ନା କରିଥାନ୍ତି ଏବଂ ଏକ ରେଷ୍ଟ ରୁମ୍ ଆବଶ୍ୟକ କରୁଥିବା ସମୟରେ ତାହା ଉପଲବ୍ଧ ହୋଇପାରି ନ ଥାଏ। ଏହି ସମସ୍ୟା ଦେଖିବାକୁ ପାଇଥିଲେ ଦୀପ୍ତେନ୍ଦୁ। ଏହାର ସମାଧାନ ଲାଗି ସେ ପୁରୁଣା ବସ୍‌ରେ ରେଷ୍ଟରୁମ୍ ନିର୍ମାଣ ଲାଗି ନିଷ୍ପତ୍ତି ନେଇ ଚାକିରି ଛାଡ଼ିଥିଲେ। ବସ୍‌ରେ ନିର୍ମିତ ରେଷ୍ଟରୁମ୍‌ର ପ୍ରଥମ ପ୍ରୋଟୋଟାଇପ୍ ଶାନ୍ତିନିକେତନରେ ଆରମ୍ଭ କରାଯାଇଛି। ଏଥିରେ ୩ଟି ୱାଶ୍‌ରୁମ୍, ଗୋଟିଏ ବାଥ୍‌ରୁମ୍ ଏବଂ ଚେଞ୍ଜିଂରୁମ୍ ରହିଛି। ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଲାଗି ମଧ୍ୟ ସ୍ୱତନ୍ତ୍ର ରୁମ୍‌ର ବ୍ୟବସ୍ଥା କରାଯାଇଛି। ଭୋଲପୁର ମହିଳା ମହାସଂଘ ଏହାର ଦେଖାରଖା କରୁଛି। ଏଥିପାଇଁ ଜିଲା ପ୍ରଶାସନ ମଧ୍ୟ ସହଯୋଗ କରୁଛି। ଆଗକୁ ଏଭଳି ଅଧିକ ରେଷ୍ଟରୁମ୍ କରାଯାଇ ରାଜପଥ କଡ଼ରେ ରଖାଯିବ ବୋଲି କହିଛନ୍ତି ଦୀପ୍ତେନ୍ଦୁ।

### ୨୫ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୯୭

- ରାଜନୈତିକ ଏବଂ ସାମରିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନ ଏବଂ ନାଟୋର ନେତୃବୃନ୍ଦ ପ୍ୟାରିସଠାରେ ଏକ ବୈଠକରେ ମିଳିତ ହୋଇ ଐତିହାସିକ ରାଜିନାମା ସ୍ୱାକ୍ଷର କରିଛନ୍ତି।
- ବିହାର ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ କେନ୍ଦ୍ର ଗ୍ରାମାଞ୍ଚଳ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ସିପି ବର୍ମାଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ ପାଇଁ ସିବିଆଇ ଲୋଡ଼ିଥିବା ଅନୁମତିକୁ ରାଷ୍ଟ୍ରପତି ଡଃ ଶଙ୍କର ଦୟାଲ ଶର୍ମାଙ୍କ ପ୍ରତ୍ୟାଖ୍ୟାନ।
- ଢେଙ୍କାନାଳ ପ୍ରଜାମଣ୍ଡଳର ପ୍ରତିଷ୍ଠାତା ପ୍ରଥମ ସଭାପତି ସର୍ବୋଦୟ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ହରମୋହନ ପଟ୍ଟନାୟକଙ୍କ ୮୪ ବର୍ଷ ବୟସରେ ପରଲୋକ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | |
| | | 6 | | | | 2 | 9 | |
| | 7 | 4 | | | 8 | | | |
| 4 | | | | | | | 6 | |
| 6 | | | 4 | 9 | | 3 | 1 | |
| | | 3 | | | | 5 | | |
| 9 | 1 | | | 8 | 2 | | | |
| | | | | | | 1 | | |
| | | | | 1 | 3 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 7 | 4 | 9 | 3 | 8 | 1 | 5 |
| 4 | 8 | 1 | 6 | 7 | 5 | 3 | 2 | 9 |
| 3 | 9 | 5 | 2 | 1 | 8 | 6 | 7 | 4 |
| 2 | 6 | 9 | 8 | 4 | 7 | 5 | 3 | 1 |
| 7 | 4 | 3 | 5 | 2 | 1 | 9 | 6 | 8 |
| 5 | 1 | 8 | 9 | 3 | 6 | 2 | 4 | 7 |
| 9 | 5 | 2 | 1 | 6 | 4 | 7 | 8 | 3 |
| 8 | 3 | 4 | 7 | 5 | 2 | 1 | 9 | 6 |
| 1 | 7 | 6 | 3 | 8 | 9 | 4 | 5 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ କାଟ, ଲୋକେ ଅତିଷ୍ଠ

ମହାଶୟ,

କରିତ୍‌କର୍ମା ଟାଟା କମ୍ପାନୀ ହାତକୁ ବିଦ୍ୟୁତ୍ ବିଭାଗ ଗଲା ପରେ ଆଶା କରାଯାଉଥିଲା ବିଦ୍ୟୁତ୍ ଗ୍ରାହକମାନଙ୍କୁ ନୀରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଯୋଗାଇବ। କିନ୍ତୁ ଫଳ ଓଲଟା, ପ୍ରବଳ ଗରମ ଫଳରେ ଘନ ଘନ ବିଦ୍ୟୁତ୍ କାଟ ଦ୍ୱାରା ଲୋକମାନେ ଅତିଷ୍ଠ ହୋଇଗଲେଣି। ବିଦ୍ୟୁତ୍ ଯୋଗାଣର ନିର୍ଦ୍ଦିଷ୍ଟ ସମୟ ରହୁନି। ମନ ଇଚ୍ଛା ବିଦ୍ୟୁତ୍ କାଟ ହେଉଛି। ଯାହା ବି ଦିଆଯାଉଛି ଲୋ– ଭୋଲଟେଜ ଦ୍ୱାରା ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ କାଟ୍ ସମଗ୍ର ଓଡ଼ିଶାରେ ହେଉଛି। ଏ ବିଷୟରେ ଖବରକାଗଜରେ ବାରମ୍ବାର ପ୍ରତିବାଦ ବାହାରି ଥିଲେ ମଧ୍ୟ ପରିସ୍ଥିତିରେ ଉନ୍ନତି ଘଟିନି। ବିଦ୍ୟୁତ୍ ଅଭାବ ଯୋଗୁ ଯଦି ବିଦ୍ୟୁତ୍ କାଟ୍ ହେଉଛି, ଅନ୍ୟ ରାଜ୍ୟକୁ ବିଦ୍ୟୁତ୍ ବିକ୍ରି କିପରି ହେଉଛି। ଏ ବିଷୟରେ ଟାଟା କମ୍ପାନୀ କର୍ତ୍ତୃପକ୍ଷ, ସରକାରୀ କର୍ତ୍ତୃପକ୍ଷ କିଛି ସ୍ପଷ୍ଟୀକରଣ ଦେଉ ନାହାନ୍ତି। କାହିଁକି ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ବେଳକୁ ବେଳ ପ୍ରବଳ ଗରମ ହେବା ଦ୍ୱାରା ବିଦ୍ୟୁତ୍ କାଟ ସମ୍ଭାଳିବା କଷ୍ଟକର ହେଉଛି। ଯଦି ବିଦ୍ୟୁତ୍ କାଟ ବନ୍ଦ ନ ହେବ ତେବେ ଜନସାଧାରଣ ଆନ୍ଦୋଳନ କରିବାକୁ ରାସ୍ତାକୁ ଓହ୍ଲାଇବେ।

–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ମୋବାଇଲ ଅପବ୍ୟବହାର

ଦା, କଟୁରି, ପନିକି ଏସବୁ ଘରୋଇ ଉପକରଣ। ଏଗୁଡ଼ିକ ଯଦି କିଛି ଲୋକ ଅସଦ୍ ବ୍ୟବହାର କରିବେ ତେବେ ସେମାନେ ନିଜେ କ୍ଷତିଗ୍ରସ୍ତ ହେବା ସହିତ ଆଇନ ଅନୁଯାୟୀ ଦଣ୍ଡିତ ହୁଅନ୍ତି। ସେହିଭଳି ମୋବାଇଲ ଯୁଗରେ ଯେଉଁ ପିଲାମାନେ ଏହାର ସଦ୍ ବ୍ୟବହାର କରୁଛନ୍ତି ସେମାନେ ଉନ୍ନତି କରୁଛନ୍ତି ଓ ଯେଉଁମାନେ ଏହାର ଦୁରୁପଯୋଗ କରୁଛନ୍ତି ସେମାନେ ଅବାଟକୁ ଚାଲିଯାଉଛନ୍ତି। ସେମାନଙ୍କ ଅବନତି ହେଉଛି। ତେଣୁ ପ୍ରତ୍ୟେକ ମା'ମାନଙ୍କୁ ଅନୁରୋଧ ସେମାନେ ଏ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ଓ ପ୍ରାଥମିକ ଭୁଲ୍ ସ୍ତରରେ ବୁଝାଇ ଶୁଝାଇ ପିଲାମାନଙ୍କୁ ଭଲବାଟକୁ ଆଣିବାକୁ ଚେଷ୍ଟା କରନ୍ତୁ।

ଚକ୍ରଧର ରାଉତ, ପଞ୍ଚୁଆଁପଦା, ବାଲେଶ୍ୱର

### ଚିରନ୍ତନୀ

କ୍ଷୁଦ୍ର ଆଖି ଦୁଇଟିର ମୂର୍ଖ ମୂକ ଭାଷା
ଜଗାଇଛି ଜଳେ ସ୍ଥଳେ
ଅନନ୍ତ ପିପାସା
ସୃଷ୍ଟିର ସହସ୍ର ଆୟୋଜନ
ନିତି ନବ ଉଦ୍ଭାବନ
ଶତ ଶତ କଳା କଉଶଳ
ସର୍ବ ନିମ୍ନେ ସେ ଚାହାଣି
ଦିଶେ ଦିଶେ ମତାଏ ସକଳ। –(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




୨୭।୦୫।୨୦୨୨

| | |
|---|---|
| ୫,୬୫, ୨୭୮ ଟଙ୍କା | |
| ସୁନା | ୩.୭୮୦ ଗ୍ରାମ୍ |
| ରୁପା | ୪୫ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ସାହିତ୍ୟ ଏକାଡେମୀ, ମଧୁସୂଦନ ଦାସ ରିସର୍ଚ୍ଚ ଚେୟାର ଓ କିସ୍ ମାନିତ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଶାରେ ନାରୀଶିକ୍ଷା କାର୍ଯ୍ୟକ୍ରମ, ସମ୍ମିଳନୀ କକ୍ଷ, ଦ୍ୱିତୀୟ ମହଲା, କିସ୍ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ସଂଯୁକ୍ତ ରୋଜଗାର ଆନ୍ଦୋଳନ ସମିତି ପକ୍ଷରୁ ରୋଜଗାର ସଂସଦ, ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ୟୁନିଟ-୪, ପୂର୍ବାହ୍ନ ୧୧ଟା।
- କମ୍ୟୁନିଷ୍ଟ ସାଥୀ ଶିବରାମଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଲୋଚନା ସଭା, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା।
- ପୂର୍ବତଟ ରେଳପଥର ଜାତୀୟ ରେଲଓ୍ୱେ ଆୱାର୍ଡ ଉତ୍ସବ, ରେଲଓ୍ୱ ଅଡିଟୋରିୟମ, ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାହିତ୍ୟ ମାସିକା କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା।
- କାଲ୍ଲୋଲା ଆୱାର୍ଡ ଏବଂ ଗ୍ଲୋବାଲ ମ୍ୟାନଷ୍ଟ୍ରୁଆଲ ହାଇଜିନ ଡେ, ହୋଟେଲ ସ୍ୱସ୍ତି ପ୍ରିମିୟନ, ସନ୍ଧ୍ୟା ୬ଟାରୁ ଆରମ୍ଭ।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

କଟକ

- କଳା ବିକାଶ କେନ୍ଦ୍ର ପକ୍ଷରୁ ବାବୁଲାଲ ଦୋଷୀଙ୍କ ୧୦୫ତମ ଜୟନ୍ତୀ ଅବସରରେ ସାଂସ୍କୃତିକ ସମାରୋହର ଉଦ୍‌ଘାଟନ, କେନ୍ଦ୍ର ପରିସର, କେଭିକେ ମାର୍ଗ, ପୂର୍ବାହ୍ନ ୧୦ଟା।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାର ପୁରସ୍କାର ବିତରଣ ସମାରୋହ, ଗାନ୍ଧୀଭବନ, ପୂର୍ବାହ୍ନ ୧୧ଟା ।
- ଜାତୀୟ ଆଦିବାସୀ ମେଳାର ନବମ ଦିବସ, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୪ଟା।

# କଟକରେ ତିଆରି ହେଉଥିଲା ନକଲି ମୃଦୁପାନୀୟ

- କାରଖାନାରେ ଚଢ଼ାଉ, ମାଲିକ ଗିରଫ
- ୪ଲକ୍ଷ ଟଙ୍କାର ସାମଗ୍ରୀ ଜବତ

କଟକ ଅଫିସ/ମଙ୍ଗୁଳି(ଡି.ଏନ୍.ଏ),୨୭।୫






ବୋତଲ ଉପରୁ ନାମୀଦାମୀ କମ୍ପାନୀର କୋଲ୍ଡ ଡ୍ରିଙ୍କ୍ ଭଳି ଦେଖାଯାଉଛି। ଡିଜାଇନ ମଧ୍ୟ ଅବିକଳ କରାଯାଇଛି। ହେଲେ ବୋତଲ ଭିତରେ ଥିବା ମୃଦୁପାନୀୟ ନକଲି। ଶୁକ୍ରବାର କଟକ ଜିଲା ଜଗତ୍‌ପୁର ଥାନା ଅଧୀନ ତରୋଳ ନିକଟ ଏକ ହୋଟେଲରେ ବିନୋରୀ ଇଣ୍ଡଷ୍ଟ୍ରିଜ୍ ନାଁରେ ଚାଲୁଥିବା ନକଲି ମୃଦୁପାନୀୟ କାରଖାନା ଠାବହେବାପରେ ଘଟଣା ସମ୍ପର୍କରେ ଜଣାପଡିଛି। ସ୍ଥାନୀୟ ପୋଲିସ ଓ କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ କାରଖାନାରେ ଚଢ଼ାଉ କରାଯାଇ ପ୍ରାୟ ୪ ଲକ୍ଷ ଟଙ୍କାର ଥଣ୍ଡା ପାନୀୟ, ଖାଲି ବୋତଲ, ଯନ୍ତ୍ରାଂଶ ଓ ପାନୀୟରେ ମିଶାଯାଉଥିବା କେମିକାଲ ଜବତ କରାଯାଇଛି। ଏଥିସହ କାରଖାନାକୁ ସିଲ୍ କରାଯାଇଛି। ଏହି ଘଟଣାରେ କାରଖାନା ମାଲିକ ଜିତେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୧୯/୨୨) ରୁଜୁ ହୋଇଛି ବୋଲି ଥାନାଧିକାରୀ ରବୀନ୍ଦ୍ରନାଥ ମେହେର ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୧ ମାସ ହେବ ଏହି କାରଖାନା ସିଏମ୍‌ସିର ବିନା ଅନୁମତିରେ ଚାଲୁଥିଲା। ଚିନିପାଣିରେ ବିଭିନ୍ନ ପ୍ରକାର ନିମ୍ନମାନର କେମିକାଲ, କଲର ଓ ଏସେନ୍ସ ମିଶାଇ ମୃଦୁ ପାନୀୟ ତିଆରି ହେଉଥିଲା। ସ୍ପ୍ରିଙ୍ଗ ଅପ୍, କିଡସ୍ ଲିଚି, ଅରେଞ୍ଜ ଆଦି ନାଁରେ ବୋତଲରେ ଏହାକୁ ଭର୍ତ୍ତି କରି ବିକ୍ରି ପାଇଁ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ ସମେତ ଆଖପାଖ ଜିଲାର ଦୋକାନକୁ ପଠାଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାଶ ମହାପାତ୍ର, ଜୋନ୍-୧ ଏସିପି ଏସ୍.ଏନ୍ ମୁଦୁଲି ଏବଂ ଜଗତ୍‌ପୁର ପୋଲିସ ଉକ୍ତ କାରଖାନାରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ବିନା ଟ୍ରେଡ୍ ଲାଇସେନ୍ସ ଓ ଫୁଡ୍ ଲାଇସେନ୍ସରେ ଅସ୍ୱାସ୍ଥ୍ୟକର ପରିବେଶରେ ଏହି କାରଖାନା ଚାଲୁଥିବା ଜଣାପଡିଥିଲା। ଏ ସମ୍ପର୍କରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ବେଆଇନ ଭାବେ ଥଣ୍ଡାପାନୀୟ ପ୍ରସ୍ତୁତ ହେଉଥିବା ଖବର ମିଳିବା ପରେ ଚଢ଼ାଉ କରାଯାଇଥିଲା। ଜବତ ଥଣ୍ଡାପାନୀୟର ନମୁନା ପରୀକ୍ଷା ପାଇଁ ଶନିବାର ଲାବରେଟୋରିକୁ ପଠାଯିବ।

ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ କଟକ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ନକଲି ସିମେଣ୍ଟ, ଜର୍ଦ୍ଦା, ଅପମିଶ୍ରିତ ସସ୍, ମସଲା, ଘିଅ ଓ ତେଲ କାରଖାନା ଠାବ କରାଯାଇଛି। ସେଠାରୁ ବିପୁଳ ପରିମାଣର ନକଲି ଓ ଅପମିଶ୍ରିତ ସାମଗ୍ରୀ ମଧ୍ୟ ଜବତ ହୋଇଛି।



ଶ୍ରେୟା ଲେଙ୍କା

# କେ-ପପ୍ ଗ୍ରୁପ୍‌ରେ ଓଡ଼ିଆ ଝିଅ ଶ୍ରେୟା

## ଦେଶରୁ ପ୍ରଥମ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

କେ-ପପ୍ ବା କୋରିଆନ ପପ୍ ସଙ୍ଗୀତକୁ ନେଇ ବିଶ୍ୱ ଯୁବପିଢିଙ୍କ ମଧ୍ୟରେ ଭିନ୍ନ କ୍ରେଜ୍ ରହିଛି। ସାରା ବିଶ୍ୱରେ ପପ୍ ସଙ୍ଗୀତପ୍ରେମୀଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏଥିସହ ଯୋଡି ହୋଇଯାଇଛି ଓଡ଼ିଶା। କାରଣ ଓଡ଼ିଶାର ଝିଅ ଶ୍ରେୟା ଲେଙ୍କା ଏବେ କେ-ପପ୍‌ର ନୂଆ ଗ୍ରୁପ୍ ବ୍ଲାକ୍ ସ୍ୱାନ୍‌ରେ ସାମିଲ ହେବାକୁ ଯାଉଛନ୍ତି। ବିଶ୍ୱ ସ୍ତରୀୟ ଅଡିଶନରେ ସେ ମନୋନୀତ ହୋଇଛନ୍ତି। ଏହି ଗ୍ରୁପ୍‌ରେ ସାମିଲ ହେବାରେ ଶ୍ରେୟା ହେଉଛନ୍ତି ପ୍ରଥମ ଭାରତୀୟ। ତାଙ୍କ ସହ ବ୍ରାଜିଲର ଝିଅ ଗାବ୍ରିଏଲା ଡାଲ୍‌ସିନ୍ ରହିଛନ୍ତି। ବ୍ଲାକ୍ ସ୍ୱାନ୍‌ର ସବୁଠୁ ପୁରୁଣା ସଦସ୍ୟ ହେମେ କୌଣସି କାରଣରୁ ଗତ ୨୦୨୦ ନଭେମ୍ବରରେ ଗ୍ରୁପ୍ ଛାଡିଥିଲେ। ଏହାପରେ ଗ୍ରୁପ୍ ପ୍ରମୋଟର ଡିଆର୍ ମ୍ୟୁଜିକ୍ ଗତବର୍ଷ ମେ'ରେ ଉକ୍ତ ପଦ ପାଇଁ ବିଶ୍ୱସ୍ତରୀୟ ଅଡିଶନ୍ ଘୋଷଣା କରିଥିଲା। ଏଥିରେ ୯୦୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶେଷ ୧୯ ଜଣଙ୍କ ମଧ୍ୟରୁ ଶ୍ରେୟା ଓ ଗାବ୍ରିଏଲାଙ୍କୁ ଚୟନ କରାଯାଇଛି। ୟୁଟ୍ୟୁବ୍ ମାଧ୍ୟମରେ ଏହି ଅଡିଶନ ହୋଇଥିଲା। ତେବେ ଉକ୍ତ ମ୍ୟୁଜିକ୍ ଗ୍ରୁପ୍ ଏହି ୨ଜଣଙ୍କ ନାମକୁ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଘୋଷଣା କରିଛି। ୧୮ ବର୍ଷୀୟା ଓଡ଼ିଆ ଝିଅ ଶ୍ରେୟା ଓ ୧୯ ବର୍ଷୀୟା ବ୍ରାଜିଲ ଝିଅ ଗାବ୍ରିଏଲା ବର୍ତ୍ତମାନ ସିଓଲିରେ କିଛିମାସ ଅଭ୍ୟାସ କରିବେ। ସେମାନଙ୍କୁ ଭୋକାଲ୍, ରାପ୍, ନୃତ୍ୟ, ଭାଷା ଏବଂ ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟ ଆଦି ଶିକ୍ଷା ଦିଆଯାଉଛି। ଶ୍ରେୟା ପିଲାଦିନରୁ କଳା, ଯୋଗ ପ୍ରତି ଉତ୍ସାହ ରଖିଥିଲେ। ସେ ପ୍ରଥମେ ଓଡ଼ିଶୀରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଆର୍ଥିକ ସମସ୍ୟା ଯୋଗୁ ତାଙ୍କୁ ନୃତ୍ୟ ଶିକ୍ଷା ଛାଡ଼ିବାକୁ ପଡ଼ିଥିଲା। ତେବେ ୫ବର୍ଷ ପୂର୍ବେ ଏକ ଲୋକପ୍ରିୟ ଡ୍ୟାନ୍ସ ରିଆଲିଟି ଶୋ' ବିଗି ୱଗି ହିପ୍ ହପ୍ ୨୦୦୯ର ବିଜେତା ମଦନ ମୋହନ ପୁର୍ତ୍ତିଙ୍କ ନିର୍ଦ୍ଦେଶନାରେ ନୃତ୍ୟ ତାଲିମ ପାଇଁ ନାମ ଲେଖାଇଥିଲେ। ଶ୍ରେୟାଙ୍କ ଆର୍ଥିକ ଅବସ୍ଥା ଜାଣିବା ପରେ ପୂର୍ତ୍ତି ତାଙ୍କୁ ମାଗଣା ନୃତ୍ୟ ଶିକ୍ଷା ଦେଇଥିଲେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବର୍ଷା



@ ବବୁଲ



@ ରୁବି



@ ପୁଷ୍ପମ



@ ଶୁଚିସ୍ମିତା



@ ଶକ୍ତି



@ ସନ୍ତୋଷ

# ଚିତା, ମୁରୁଜରୁ ଚିତ୍ର ଆଙ୍କିବା ଶିଖିଥିଲି

ଧରିତ୍ରୀ ଆଳାପ — ଲଲାଟ ମୋହନ ପଟ୍ଟନାୟକ



ତାଙ୍କ ଚିତ୍ରରେ ଥାଏ ଓଡ଼ିଶାର କଳା, ପରମ୍ପରା ଓ ସଂସ୍କୃତିର ଝଲକ। ବୟନ ସାମଗ୍ରୀ ଉପରେ ତାଙ୍କର ରଙ୍ଗ ଓ ତୂଳୀ ସୃଷ୍ଟି କରେ ନିଆରା ଆକର୍ଷଣ। ଯେଉଁଥିପାଇଁ ତ ଓଡ଼ିଶାର ବୟନ ସାମଗ୍ରୀ ଆଜି ଦେଶ, ବିଦେଶରେ ବେଶ୍ ଆଦୃତ। ସେ ହେଉଛନ୍ତି ବରିଷ୍ଠ ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ। ଚିତ୍ରକଳାରେ ତାଙ୍କର ବଳିଷ୍ଠ ଅବଦାନ ଲାଗି ଚିତ୍ର ଓ ସ୍ଥାପତ୍ୟ କଳାକ୍ଷେତ୍ରରେ ରହିଥିବା ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ପାଇବାକୁ ସେ ମନୋନୀତ ହୋଇଛନ୍ତି। ଚିତା, ମୁରୁଜରୁ ଚିତ୍ର ଆଙ୍କିବାଠାରୁ ଧର୍ମପଦ ଯାଏ ଲାଲାଟେନ୍ଦୁଙ୍କ ଯାତ୍ରାକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଆଳାପ।

**➡ଧର୍ମପଦ ପୁରସ୍କାର ପାଇବେ ଜାଣିବା ପରେ କିପରି ଲାଗୁଛି?**

ଭଲ ଲାଗୁଛି ନିଶ୍ଚୟ। ପୁରସ୍କାର ପାଇବି ବୋଲି ଆଶା ଥିଲା କି ନାହିଁ ମୁଁ ନିଜେ ବି ଜାଣିନି। କାମ କରି ଚାଲିଛି। ସେମାନେ ମୋ କାମ ଦେଖି ସମ୍ମାନ ଦେବାକୁ ମନୋନୀତ କରିଛନ୍ତି।

**➡ଚିତ୍ରକୁ ବୟନଶିଳ୍ପରେ ଉତାରିବା ଭାବନା କିପରି ଆସିଥିଲା?**

ଆର୍ଟ କଲେଜରୁ ପାସ୍ କଲାପରେ ସରକାରୀ ଚାକିରି ପାଇଲି। ହ୍ୟାଣ୍ଡ୍‌ଲୁମ୍ ଟେକ୍ନୋଲୋଜି ସମ୍ପର୍କିତ ମୋର କାମ ଥିଲା। କଲେଜରେ ପଢିବାବେଳେ ଏ ସବୁ ଜାଣି ନ ଥିଲି। ବୁଣାକାରମାନଙ୍କ ପାଖରେ ବସି, ସେମାନଙ୍କ ସହ ମିଶିବା ପରେ ଏହା ଶିଖିଥିଲି। ଧୀରେ ଧୀରେ ମୋ ଚିତ୍ରକୁ ସେମାନେ ବୁଣିଲେ ଏବଂ ଏହା ଖୁବ୍ ଆଦୃତ ହେଲା।

**➡ଚିତ୍ର ପାଇଁ କାହାଠାରୁ ପ୍ରେରଣା ପାଇଥିଲେ?**

ଆମ ପରିବାରରେ କେହି ଚିତ୍ରକର ନ ଥିଲେ। ବିଭିନ୍ନ ପର୍ବପର୍ବାଣିରେ ମୋ ମା' ଓ ବଡ ମା' ଚିତା, ମୁରୁଜ ପକାନ୍ତି। ତାକୁ ଦେଖି ମୁଁ ଚିତ୍ର କରିବା ଆରମ୍ଭ କରିଥିଲି।

**➡ଆପଣଙ୍କ ଚିତ୍ରରେ କ'ଣ ବିଶେଷତ୍ୱ ରହିଛି?**

ଛାତ୍ର ଜୀବନରୁ ଓଡ଼ିଶାର ପାରମ୍ପରିକ କଳାକୁ ନେଇ ଚିତ୍ର ଆଙ୍କିଛି। ବିଶେଷକରି ତାଳପତ୍ର ପୋଥି, ପଟ୍ଟଚିତ୍ର, ମନ୍ଦିର ଗାତ୍ର ଚିତ୍ରକୁ ଆଧାର କରି ଛବି କରୁଛି। ମୋ ଚିତ୍ରରେ ଓଡ଼ିଶାର ପରମ୍ପରା, ସଂସ୍କୃତିର ବିଶେଷ ପ୍ରଭାବ ପଡିଛି।

**➡ଆପଣଙ୍କର ଶ୍ରେଷ୍ଠ ଛବି?**

ସବୁ ଛବି ମୋର ପ୍ରିୟ। କିନ୍ତୁ ୱାଟର କଲରରେ 'ମଦର' ବୋଲି ଏକ ଛବି ଅଛି। ମା'ର ମମତା କେବଳ ମଣିଷ ପାଖରେ ନାହିଁ, ବରଂ ପଶୁପକ୍ଷୀଙ୍କଠାରୁ ଆରମ୍ଭ କରି ସମସ୍ତ ମା'ଙ୍କ ମମତାକୁ ସେଥିରେ ଦର୍ଶାଯାଇଛି। ଏହା ମୋର ବହୁତ ପ୍ରିୟ।

**➡ବର୍ତ୍ତମାନ ବୟନଶିଳ୍ପର ମାର୍କେଟ କେମିତି ଅଛି?**

ଆଗରୁ ମାର୍କେଟ ଭଲ ନ ଥିଲା। ମାତ୍ର ଏବେ ବହୁତ ଚାହିଦା ରହୁଛି। କାରଣ ପୂର୍ବରୁ ବୁଣାକାରମାନେ ଏକ ନିର୍ଦ୍ଦିଷ୍ଟ ପରମ୍ପରାରେ ଲୁଗା ବୁଣି ଆସୁଥିଲେ। ମାତ୍ର ଏବେ ଆର୍ଟ କଲେଜର ପିଲାମାନେ ଏ କ୍ଷେତ୍ରକୁ ଆସିବା ପରେ ଆମ ଦୃଷ୍ଟିଭଙ୍ଗୀରେ ବୁଣା ଯାଉଛି, ଯାହା ଖୁବ୍ ଆଦୃତ ହେଉଛି।

**➡ଆଗକୁ କ'ଣ ଯୋଜନା ରହିଛି?**

ବୟସ ହୋଇଗଲାଣି। ଶରୀର କାମ କରୁନାହିଁ। ଦୃଷ୍ଟିଶକ୍ତି ବି କମିଗଲାଣି। କିନ୍ତୁ ମନରେ ବହୁତ କଥା ଅଛି। ଯେ ପର୍ଯ୍ୟନ୍ତ ପାରୁଥିବି, ଏମିତି କାମ କରୁଥିବି। ମୋର କଳା ଶିକ୍ଷା ଅନ୍ୟମାନଙ୍କ କାମରେ ଲାଗୁଛି, ସେମାନଙ୍କୁ ରୋଜଗାର ଦେଉଛି, ଏହା ମୋ ପାଇଁ ଗର୍ବର ବିଷୟ।

-ସାକ୍ଷାତ୍ : ବନ୍ଦନା ସେଠୀ, ଭୁବନେଶ୍ୱର

# ଚିଲିକାରେ ଚାଲିବ ହାଉସ ବୋଟ୍ 'ଗରୁଡ଼'

ବାଲୁଗାଁ,୨୭।୫(ଡି.ଏନ୍.ଏ.)




ଚିଲିକାରେ ପର୍ଯ୍ୟଟକଙ୍କ ପାଇଁ ଜୁନ୍ ପହିଲାରୁ ଚାଲିବ ଅତ୍ୟାଧୁନିକ ପ୍ରଣାଳୀରେ ନିର୍ମିତ ହାଉସ୍ ବୋଟ୍ 'ଗରୁଡ଼'। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟଟନ ବିଭାଗର ଅନୁମୋଦନ ପରେ ବିକାଶ ଇକୋ ରିସୋର୍ସ ପକ୍ଷରୁ ଏହି ବୋଟ୍ ନିର୍ମାଣ କରାଯାଇଛି। ଏଥିରେ ପର୍ଯ୍ୟଟକଙ୍କ ରହିବା ପାଇଁ ୬ଟି ରୁମ୍, ବାର୍ ଏବଂ ରେଷ୍ଟୁରାଣ୍ଟର ବ୍ୟବସ୍ଥା ରହିଛି। ପର୍ଯ୍ୟଟକଙ୍କ ଲାଗି ଏଥିରେ ଗମନାଗମନ ନିମନ୍ତେ ସହାୟକ ହେବ। ବଡ଼କୁଳ ପାନ୍ଥନିବାସ ଜେଟି ନିକଟରେ ଏହି ବୋଟ୍‌କୁ ବର୍ତ୍ତମାନ ରଖାଯାଇଛି। ପାଣିର ଗଭୀରତା ଦେଖି ଚିଲିକାରେ କାଳିଜାଇ, ନଳବଣ ଓ ସାତପଡ଼ା ଆଦି ଅଞ୍ଚଳକୁ ଗସ୍ତ କରିବ ବୋଲି ବିକାଶ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଗୌତମ ଅଗ୍ରୱାଲ ସୂଚନା ଦେଇଛନ୍ତି ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଚାଲିଥିବା ନାଦ ଓ ନୃତ୍ୟ ଉତ୍ସବର ଦ୍ୱିତୀୟ ଦିନରେ ପରିବେଷିତ ନୃତ୍ୟ।



ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୫୮ତମ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।




ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ସେଲ୍ଫ ଫାଇନାନ୍ସିଂ କୋର୍ସରେ ଅଙ୍କୁଶ ଓ ସିଟ୍ ସଂଖ୍ୟା ୨୦ ପ୍ରତିଶତ ହ୍ରାସକୁ ବିରୋଧ କରି ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର କଂଗ୍ରେସ ପକ୍ଷରୁ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ନିଆଁ ଜାଳି ବିକ୍ଷୋଭ।

**ସଂକ୍ଷେପରେ**

## ୧୮ ନକଲି ହେଡ୍‌ଫୋନ ଜବତ, ଜଣେ ଗିରଫ

**ଭୁବନେଶ୍ୱର,୨୭।୫(ବ୍ୟୁରୋ):** ନକଲି ହେଡଫୋନକୁ କମ୍ ଦାମରେ କିଣିଲେ। କିନ୍ତୁ ଏହାକୁ ଏପଲ କମ୍ପାନୀର ଷ୍ଟିକର ଲଗାଇ ଅଧିକ ଦାମରେ ବିକିବା ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ରହୁଥିବା ଉତ୍ତରପ୍ରଦେଶର ଅମିର ଅନଶାରୀ (୨୪)। ତାଙ୍କଠାରୁ ୧୮ଟି ନକଲି ହେଡ ଫୋନ ଓ ୨ଟି ଘଣ୍ଟା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ ୧୩୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ଜବତ ହୋଇଥିବା ପ୍ରତ୍ୟେକ ସାମଗ୍ରୀର କିଣା ଦାମ ୨୪,୯୦୦ ଏବଂ ୫୩ ହଜାର ଟଙ୍କା ଲେଖାଥିବା ଦେଖିବାକୁ ମିଳିଛି । ଅମିର ଏସବୁକୁ ମୁମ୍ବାଇର ଚୋର ବଜାରରୁ ଆଣି ଓଡ଼ିଶାରେ ଅଧିକ ଦାମରେ ବିକ୍ରି କରୁଥିଲେ।

## ଛତୁକୁ କୃଷିର ମାନ୍ୟତା ଦିଆଯାଉ

**ଭୁବନେଶ୍ୱର,୨୭।୫(ବ୍ୟୁରୋ):** ଓଡ଼ିଶା ଛତୁ ଉତ୍ପାଦନ କ୍ଷେତ୍ରରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଦ୍ୱିତୀୟରେ ମହାରାଷ୍ଟ୍ର, ତୃତୀୟରେ ବିହାର ଓ ଚତୁର୍ଥରେ ହରିୟାଣା ରହିଛି। ଦେଶରେ ପାଳ ଛତୁ କିପରି ଉପଲବ୍ଧ କରାଯାଇପାରିବ ସେନେଇ ଛତୁ ଚାଷୀଙ୍କୁ ଉନ୍ନତ ଜ୍ଞାନକୌଶଳ ତାଲିମ ଦିଆଯାଉ ବୋଲି ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘର ଅଧକ୍ଷ ପ୍ରଫେସର ଅଦ୍ୱୈତ୍ୟ କୁମାର ପାତ୍ର ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଫୁଲ, ମସଲା ଓ ଛତୁ ସମ୍ବନ୍ଧୀୟ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ କହିଛନ୍ତି। ସେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଉନ୍ନତ କୌଶଳ ବା ଜ୍ଞାନ ଆହୋରଣ ପାଇଁ ଚାଇନା ବା ଥାଇଲାଣ୍ଡ ପ୍ରେରଣ, ଛତୁର ବ୍ୟାପକ ତଥା ଉନ୍ନତମାନର ବିକ୍ରୟ ବ୍ୟବସ୍ଥା ପାଇଁ ରାଜ୍ୟରେ ଓମଫେଡ, କୁସୁମ, ଆପୋଲୋଫେଡ ଭଳି ଛତୁ ପାଲୋର ସ୍ଥାପନ, ରିହାତି ଦରରେ ନଡ଼ା ଓ ସେମି କମ୍ପୋଷ୍ଟ ଯୋଗାଇବା, ଛତୁକୁ କୃଷିର ମାନ୍ୟତା ଦେବାକୁ ପ୍ରସ୍ତାବ ଦେଇଥିଲେ।

## ସମାଜରେ ଜାଗରଣ ଆଣିପାରେ ସାହିତ୍ୟ

**ଭୁବନେଶ୍ୱର,୨୭।୫(ବ୍ୟୁରୋ):** ସାହିତ୍ୟ ପ୍ରତ୍ୟେକ କ୍ଷେତ୍ରରେ ସଚେତନତା ସୃଷ୍ଟି କରେ, ସମାଜରେ ଜାଗରଣ ଆଣେ ବୋଲି ଗୁରୁବାର ସୂଚନାଭବନରେ ଆୟୋଜିତ ତ୍ରୈମାସିକ ପତ୍ରିକା 'କାହାଣୀ'ର ୨୦ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ସମ୍ମାନିତ ଅତିଥି ଭାବେ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, କଥାଶିଳ୍ପୀ ଡ. ରାମଚନ୍ଦ୍ର ବେହେରା, ସଭା ମୁଖ୍ୟ ରବିନାରାୟଣ ସେନାପତି, ପତ୍ରିକାର ସମ୍ପାଦକ ବିଜୟ ନାୟକ ଉପସ୍ଥିତ ଥିଲେ। କାହାଣୀ ବର୍ଷା ସଂଖ୍ୟା ଏବଂ ଅଭୟ ନାୟକଙ୍କ 'ଆସ କଥା ହେବା' ପୁସ୍ତକ ଲୋକାର୍ପିତ ହୋଇଥିଲା। ଗାଳ୍ପିକ କ୍ଷୀରୋଦ ଦାସ ଓ କାଦମ୍ବିନୀ ସମ୍ପାଦିକା ଇତି ସାମନ୍ତଙ୍କୁ କାହାଣୀ ଗଳ୍ପ ପୁରସ୍କାର, କବି ଶ୍ରୀଦେବଙ୍କୁ କାହାଣୀ କବିତା ପୁରସ୍କାର, ଗାଳ୍ପିକ ତଥା ଚିତ୍ରଶିଳ୍ପୀ ଅତୁଲ ବଳଙ୍କୁ କାହାଣୀ ପ୍ରଚ୍ଛଦ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅଧାପକ ବିଶ୍ୱରଞ୍ଜନ ଦାସ, ଶିଶୁ ସାହିତ୍ୟିକ ଦାଶ ବେନହୁର, କଥାକାର ଗୌରହରି ଦାସ, ଗାଳ୍ପିକ ରଜନୀକାନ୍ତ ମହାନ୍ତି, ପ୍ରଫେସର ପ୍ରଭାକର ସ୍ୱାଇଁ, ଚିତ୍ରକର ବଳଦେବ ମହାରଥାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ସକ୍ରିୟ, ସଜାଗ ରହିବାକୁ ଡିଜିପିଙ୍କ ନିର୍ଦ୍ଦେଶ

**ପୋଲିସର ରଥଯାତ୍ରା ପ୍ରସ୍ତୁତି ବୈଠକ**

- ସମୁଦ୍ର କୂଳରେ ପାଟ୍ରୋଲିଂ କଡ଼ାକଡ଼ି ହେବ
- ଅସ୍ଥାୟୀ ପୋଲିସ ଆଉଟ୍‌ପୋଷ୍ଟ ଖୋଲାଯିବ

**କଟକ ଅଫିସ, ୨୭।୫**


ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଡିଜିପି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଜୁଲାଇ ୧ ତାରିଖରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ। ଗୁରୁତ୍ୱପୂର୍ଣ୍ଣ ରୀତିନୀତି ମଧ୍ୟରେ ଜୁନ୍ ୨୯ ତାରିଖରେ ନବଯୌବନ ଦର୍ଶନ, ଜୁଲାଇ ୧ ତାରିଖରେ ରଥଯାତ୍ରା, ୯ରେ ବାହୁଡ଼ା ଯାତ୍ରା, ୧୦ରେ ସୁନାବେଶ ଓ ୧୨ ତାରିଖରେ ନୀଳାଦ୍ରିବିଜେ ଉପଲକ୍ଷେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ସୁନୀଲ ବଂଶଲ ଅଧ୍ୟକ୍ଷତା କରି ରଥଯାତ୍ରା ପାଇଁ ସକ୍ରିୟ ଓ ଅଧିକ ସଜାଗ ରହିବାକୁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ରଥଯାତ୍ରା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ସହ ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ନିୟୋଜିତ ହେବେ। ସେହିପରି ଆବଶ୍ୟକତା ଅନୁଯାୟୀ ବମ୍ ନିଷ୍କ୍ରିୟକାରୀ ଦଳ, ଏଚ୍ଏଚ୍ଏମ୍‌ଡି, ଡିଏମ୍ଏଫ୍‌ଡି, ମେଟାଲ ଡିଟେକ୍ଟର ଓ କାଉଣ୍ଟର ଗୋଇନ୍ଦା ସ୍କ୍ୱାଡ୍‌ଙ୍କୁ ନିୟୋଜିତ କରାଯିବ। ଭିଭିଆଇପିମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସିସିଟିଭି, ଏକ୍ସ-ରେ ବ୍ୟାଗେଜ୍ ସ୍କାନର ସ୍ଥାପନ ହେବ। ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ରୋଡ୍ ଡିଭାଇଡର, ଡିଲିନେଟର ଓ ଟ୍ରାଫିକ୍ କୋନ୍ସ ବ୍ୟବସ୍ଥା କରାଯିବ। ସେହିପରି ସମୁଦ୍ର କୂଳରେ ପାଟ୍ରୋଲିଂ କଡ଼ାକଡି କରିବାକୁ ଦୃଷ୍ଟି ଦିଆଯିବ ଓ ଅସ୍ଥାୟୀ ପୋଲିସ ଆଉଟ୍‌ପୋଷ୍ଟ ଖୋଲାଯିବ। ଏହି ବୈଠକରେ ସ୍ୱତନ୍ତ୍ର ଡିଜିପି (ଯୋଗାଯୋଗ) ଅରୁଣ କୁମାର ରାୟ, ଏଡିଜିପି (ରେଳବାଇ ଓ ଉପକୂଳ ସୁରକ୍ଷା) ଡ. ସୁଧାଂଶୁ ଷଡ଼ଙ୍ଗୀ, ଏଡିଜିପି ଆର୍. ପି. କୋଚେ, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା, ଏଡିଜିପି ସଞ୍ଜୟ କୁମାର, ଆଇଜିପି ଅମିତାଭ ଠାକୁର, ଆଇଜିପି ଏସ୍. ଦେବଦତ୍ତ ସିଂ, ଆଇଜିପି ଏସ୍. ପ୍ରବୀଣ କୁମାର, ଆଇଜିପି ନରସିଂହ ଭୋଳ, ଆଇଜିପି ଅମିତେନ୍ଦ୍ର ନାଥ ସିହ୍ନା, ଡିଆଇଜି ଜୟନାରାୟଣ ପଙ୍କଜ, ଡିଆଇଜିପି ଅନିରୁଦ୍ଧ କୁମାର ସିଂ, ଡିଆଇଜିପି ଅନୁପ କୁମାର ସାହୁ ଓ ପୁରୀ ଏସ୍‌ପି କନଓ୍ୱର ବିଶାଲ ସିଂ ଉପସ୍ଥିତ ଥିଲେ।

# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ହେବ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର

**ଭୁବନେଶ୍ୱର, ୨୭।୫ (ବ୍ୟୁରୋ)**

**'୫-ଟି' ସ୍କୁଲର ଗଣିତ ଶିକ୍ଷକ ପାଇବେ ଉଚ୍ଚତର ତାଲିମ**

ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥ୍‌ମେଟିକ୍ସ ଆଣ୍ଡ୍ ଆପ୍ଲିକେଶନ)କୁ ଏକ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଭାବରେ ଗଢ଼ିତୋଳିବାକୁ ଉଦ୍ୟମ ହେବ ବୋଲି ସରକାରୀ ଉଦ୍ୟୋଗ, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ଶୁକ୍ରବାର ପ୍ରତିଷ୍ଠାନର ତ୍ରୟୋବିଂଶତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିବା ସହ ଗଣିତ ଶିକ୍ଷାର ପ୍ରସାର, ଗବେଷଣା ଓ ଉଚ୍ଚତର ତାଲିମ ପାଇଁ ପ୍ରତିଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଭାବରେ ପ୍ରତିଷ୍ଠିତ ହୋଇପାରିଲେ ରାଜ୍ୟରେ ଗଣିତ, ପରିସଂଖ୍ୟାନ ଓ ଅର୍ଥନୀତି ବିଷୟରେ ଅଧିକ ଅଧ୍ୟୟନ ଓ ଗବେଷଣା ହୋଇପାରିବ। ରାଜ୍ୟରେ ୫-'ଟି' ରୂପାନ୍ତରଣରେ ସାମିଲ ସ୍କୁଲଗୁଡ଼ିକର ଗଣିତ ଶିକ୍ଷକମାନେ ଏହି ପ୍ରତିଷ୍ଠାନରେ ତାଲିମ ଗ୍ରହଣ କରିବେ। ଏଥିସହିତ 'ଇସ୍ରୋ'ର 'ସ୍ପେସ୍ ଅନ୍ ହୁଇଲ୍' କାର୍ଯ୍ୟକ୍ରମ ଏଠାରେ ଆୟୋଜନ କରାଯିବ ବୋଲି ସେ କହିଛନ୍ତି। ଅତିଥି ଭାବେ ପ୍ରଫେସର ଗୋକୁଳାନନ୍ଦ ଦାସ, ପ୍ରଫେସର ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ଓ ପ୍ରଫେସର ସୁଦର୍ଶନ ବାରିକ ଯୋଗଦେଇ ଗଣିତ ଶିକ୍ଷାର ତାତ୍ପର୍ଯ୍ୟ, ଭାରତୀୟ ବିଦ୍ୟାରେ ଗଣିତର ଭୂମିକା ଏବଂ ଆମ ଜୀବନଧାରାରେ ଗଣିତର ଉପଯୋଗ ସମ୍ପର୍କରେ କହିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ଗଣିତ ଅଧ୍ୟୟନରେ ଅଧିକ ଦକ୍ଷ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ଓ କାରିଗରି ବିଭାଗ ଅଧୀନରେ ରହିଥିବା ଏହି ପ୍ରତିଷ୍ଠାନରେ ବର୍ତ୍ତମାନ ଛାତ୍ରୀଛାତ୍ରମାନେ ସ୍ନାତକ ଶିକ୍ଷା ଓ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ ସହ ଗବେଷଣା କରୁଥିବା ଦର୍ଶାଇ ଏହାକୁ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଉପରେ ନିର୍ଦ୍ଦେଶକ ପ୍ରସ୍ତାବ ରଖିଥିଲେ। ଏଥିସହ ସେ ପ୍ରତିଷ୍ଠାନରେ କମ୍ପ୍ୟୁଟର ଓ ଅନ୍ୟାନ୍ୟ ବିଜ୍ଞାନଭିତ୍ତିକ ପାଠ୍ୟକ୍ରମ ପ୍ରଚଳନ ଉପରେ ମତ ରଖିଥିଲେ।

# ଇନ୍ଦ୍ରାଣୀ ମିଶ୍ରଙ୍କୁ ପ୍ରଣବ ପ୍ରଣାମ ସମ୍ମାନ



ଅତିଥିମାନେ ସଙ୍ଗୀତ ଶିଳ୍ପୀ ଇନ୍ଦ୍ରାଣୀ ମିଶ୍ରଙ୍କୁ ଚତୁର୍ଦ୍ଦଶ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ସଂଭାବନା ପକ୍ଷରୁ 'ପ୍ରଣବ ପ୍ରଣାମ' ଶୁକ୍ରବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ଉପସ୍ଥାପନା କରିଥିଲେ। ଗାୟିକା ଇପ୍ସିତା ମହାନ୍ତିଙ୍କ ସ୍ୱରରେ ସୁନା ସଂସାର ଚଳଚ୍ଚିତ୍ରର ସଙ୍ଗୀତ, ହେ ଦୁଃଖହାରୀରୁ ଆରମ୍ଭ ହୋଇଥିଲା ସଙ୍ଗୀତ ସନ୍ଧ୍ୟା। ପରେ କଣ୍ଠଶିଳ୍ପୀ ସିଦ୍ଧାନ୍ତଙ୍କ ସ୍ୱରରେ ଉର୍ମି ଅଧିରା, ପୁଣ୍ୟତାଙ୍କ କଣ୍ଠରେ ମୁଁ ଯେ ଅମୃତ ସାଗର ବିନ୍ଦୁ ପରିବେଷିତ ହୋଇଥିଲା। ସେହିଭଳି କଣ୍ଠଶିଳ୍ପୀ ସୁଶାନ୍ତ ପଣ୍ଡା ଜୀବନ ଏକ ନାଟକ ଓ ଉଆଁସ ରାତି ପାହିଲା ମାଝି ଭଳି ଜନପ୍ରିୟ ଗୀତ ଗାଇଥିଲେ। ପୁଣି ଛନ୍ଦା ମିଶ୍ରଙ୍କ ଗାୟନରେ ଇନ୍ଦ୍ରଧନୁର ସପ୍ତରଙ୍ଗ ଓ ଏମିତି ରାତି ବେଶ୍ ଆବେଗିତ କରିଥିଲା। ଏହିପରି କଣ୍ଠଶିଳ୍ପୀଙ୍କ କଣ୍ଠରୁ ବିଭିନ୍ନ ସଙ୍ଗୀତ ଶୁଣିବାକୁ ମିଳିଥିଲା। ଚଳିତ ପ୍ରଣବ ପ୍ରଣାମ ସଂସ୍କରଣଟି ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ନିକଟରେ ସମର୍ପିତ ହୋଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ଓଡ଼ିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ, ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ, ୨୦୨୨ର ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର ଏହାର ଅଧ୍ୟକ୍ଷତା ଓ ସମ୍ପାଦକ ଦେବ ପ୍ରସାଦ ପରିଜା ଉତ୍ସବର ପୃଷ୍ଠଭୂମି ସମ୍ପର୍କରେ କହିଥିଲେ। ସଙ୍ଗୀତ ଗାୟନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ପ୍ରଣବ ପଟ୍ଟନାୟକ ସଙ୍ଗୀତ ଶିଳ୍ପୀ ଇନ୍ଦ୍ରାଣୀ ମିଶ୍ରଙ୍କୁ ଚତୁର୍ଦ୍ଦଶ 'ପ୍ରଣବ ପରମ୍ପରା ସମ୍ମାନ'ରେ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟର ସଦସ୍ୟା ରାଜଶ୍ରୀ ଶତପଥୀ, ସତ୍ୟବ୍ରତ ମହାପାତ୍ର, ଗୁରୁପ୍ରସାଦ ଦାସ, ପ୍ରଫୁଲ୍ଲ ଦେ ପ୍ରମୁଖ ଯୋଗଦେଇଥିଲେ।

## ବିଜ୍ଞାନ ଲେଖକ ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ବିଜ୍ଞାନ ଲେଖକ ଡ.ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ କିଟ୍ କ୍ୟାମ୍ପସରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କିସ୍‌ର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ ଏହାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ଓଁକାରନାଥ ମହାନ୍ତି, ମୁଖ୍ୟବକ୍ତା ଡ. ଅଶୋକ ମହାପାତ୍ର ଉପସ୍ଥିତ ଥିଲେ। ପ୍ରଫେସର ମହାପାତ୍ରଙ୍କ କାଳଜୟୀ ସାଧନା ଯୁଗଯୁଗ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୭ଜଣ ଲୋକପ୍ରିୟ ବିଜ୍ଞାନ ଲେଖକଙ୍କୁ 'ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଜନ୍ମ ଶତବାର୍ଷିକୀ ସମ୍ମାନ' ପ୍ରଦାନ କରାଯାଇଥିଲା। ତାଙ୍କ ବିଷୟରେ ବିଭିନ୍ନ ଲେଖକଙ୍କ ଦ୍ୱାରା ରଚିତ 'ସ୍ମୃତିର ସିନ୍ଦୁକ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅଧାପକ ମୃତ୍ୟୁଞ୍ଜୟ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଡ. ମହାପାତ୍ରଙ୍କ ସନ୍ତାନ ଡ. ଜ୍ୟୋତ୍ସ୍ନା ମହାପାତ୍ର, ରଶ୍ମି ମହାନ୍ତି ଓ ଡ. ନନ୍ଦନନ୍ଦନ ମହାପାତ୍ର ସମ୍ମାନୀୟ ଅତିଥିଙ୍କୁ ଉପଢ଼ୌକନ ଏବଂ ସ୍ମାରକୀ ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ।

## ପୁରୀରେ ଗୁପ୍ତା ଫର୍ନିଚରର ଏକ୍ସକ୍ଲୁସିଭ ଶୋ'ରୁମ୍


ଗୁପ୍ତା ଫର୍ନିଚର ଉଦ୍‌ଘାଟନ ଅବସରରେ ଉପସ୍ଥିତ କର୍ତ୍ତୃପକ୍ଷ ଓ ଅତିଥିଗଣ।

**ଭୁବନେଶ୍ୱର,୨୭।୫**

ଗୁପ୍ତା ଫର୍ନିଚରର ନୂତନ ଏକ୍ସକ୍ଲୁସିଭ ଶୋ'ରୁମ୍ ନିକଟରେ ଶ୍ରୀକ୍ଷେତ୍ର ପୁରୀଠାରେ ଶୁଭାରମ୍ଭ ହୋଇଯାଇଛି। ପୁରୀର ବଡ଼ଶଙ୍ଖ ନିକଟସ୍ଥ ଗ୍ରାଣ୍ଡ କନ୍‌ଭେନସନ୍ ପରିସରରେ ପ୍ରାୟ ୧୦,୦୦୦ ବର୍ଗଫୁଟର ବିଶାଳ ମେଗା ଶୋ'ରୁମ୍‌ରେ ରହିଛି ଆକର୍ଷଣୀୟ ଏବଂ ଅତ୍ୟାଧୁନିକ ହୋମ୍ ଫର୍ଣ୍ଣିସିଂ ପ୍ରଡକ୍ଟର ବିଶାଳ ଡିସ୍‌ପ୍ଲେ ଓ ସମାହାର ବର୍ତ୍ତମାନର ଆଧୁନିକ ସଭ୍ୟତା ସହିତ ସ୍ମାର୍ଟ ସହରର ପରିଯୋଜନା, ଗୃହର ସାଜସଜ୍ଜା ଏବଂ ପରିପାଟୀକୁ ଅତ୍ୟାଧୁନିକ ଏବଂ ପରିବର୍ତ୍ତନ କରିଛି। ପୂର୍ବ ଅପେକ୍ଷା ବର୍ତ୍ତମାନ ଯେଉଁ ଡିଜାଇନ୍ ଓ କ୍ୱାଲିଟିର ହୋମ୍ ଫର୍ଣ୍ଣିସିଂ ପ୍ରଡକ୍ଟର ପ୍ରଚାର ଚାଲିଛି, ଏଗୁଡ଼ିକୁ ଦେଖିଲା ପରେ କିଛି ନ ହେଲେ ବି ଘରର ଯେକୌଣସି ବି ହୋମ୍ ଫର୍ଣ୍ଣିସିଂ ପ୍ରଡକ୍ଟକୁ ଘର ପାଇଁ ଚିନ୍ତା କରିବେ। ଏଠାରେ ଆକର୍ଷଣୀୟ ହୋମ୍ ଫର୍ଣ୍ଣିସିଂ ପ୍ରଡକ୍ଟ ଉପରେ ୪୦% ରିହାତି ମିଳୁଥିବା ବେଳେ ଗ୍ରାହକ ନିଜ ପସନ୍ଦର ପ୍ରଡକ୍ଟକୁ ସହଜ ଫାଇନାନ୍ସରେ ମଧ୍ୟ ନେଇପାରିବେ ବୋଲି ଶୋ'ରୁମ୍ ପକ୍ଷରୁ କୁହାଯାଇଛି। ସେହିପରି ଏଠାରେ ସମସ୍ତ ପ୍ରକାର ଗୃହୋପଯୋଗୀ ସାମଗ୍ରୀ ଉପଲବ୍ଧ ରହିଛି। ଅପରପକ୍ଷରେ ବିକ୍ରି ପର ସେବା କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଉଛି ବୋଲି ଶୋ'ରୁମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ଜାଣିଲେ ଦୃଷ୍ଟିହୀନ ଛାତ୍ରୀ

**କଟକ ଅଫିସ, ୨୭।୫**

ଭୁବନେଶ୍ୱରସ୍ଥିତ ଓଡ଼ିଶା ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡର ଦୃଷ୍ଟିହୀନ ଛାତ୍ରୀମାନେ ସେମାନଙ୍କ ଶିକ୍ଷକଙ୍କ ସହ ଶୁକ୍ରବାର ହାଇକୋର୍ଟ ପରିଦର୍ଶନ କରିଥିଲେ। ଏହି ସମୟରେ ବିଦ୍ୟାଳୟର ଶିକ୍ଷକ ଓ ହାଇକୋର୍ଟ ଅଧିକାରୀମାନେ ଛାତ୍ରୀଙ୍କୁ ନ୍ୟାୟିକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ବିଷୟରେ କହିଥିଲେ। ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ପିଲାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ନ୍ୟାୟିକ କାର୍ଯ୍ୟକ୍ରମ, ଓକିଲ ଏବଂ ବିଚାରପତିଙ୍କ ଜୀବନଶୈଳୀ ବିଷୟରେ କହିଥିଲେ। ଏହାପରେ ହେରିଟେଜ୍ ବିଲ୍ଡିଂରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ, ଚାମ୍ବର ଏବଂ କୋର୍ଟର ନୂତନ କୋଠା, ପୂର୍ବତନ ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କ ବିଷୟରେ ଜାଣି ଛାତ୍ରୀମାନେ ଉତ୍ସାହିତ ହୋଇଥିଲେ। ଏହାପରେ ଛାତ୍ରୀମାନେ ଆଇନସେବା ଭବନ ପରିଦର୍ଶନ କରିଥିଲେ। ଏଥିସହ ସେମାନେ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ କଥୋପକଥନ କରିଥିଲେ।

## ଏଏସ୍‌ଆଇ ଅଣସ୍ୱୀକୃତି ନିର୍ମାଣ ତାଲିକାରେ ପରିକ୍ରମା ପ୍ରକଳ୍ପ

**ପୁରୀ ଅଫିସ,୨୭।୫**

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ)ର ଅଣସ୍ୱୀକୃତିପ୍ରାପ୍ତ ନିର୍ମାଣ ତାଲିକାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସାମିଲ ହୋଇଛି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଏଏସ୍‌ଆଇ ଅନୁମତି ଦେଇ ନ ଥିବା ହାଇକୋର୍ଟ ସତ୍ୟପାଠରେ କହିସାରିଥିବା ବେଳେ ସଂପ୍ରତି ଏହାକୁ ଅଣସ୍ୱୀକୃତିପ୍ରାପ୍ତ ନିର୍ମାଣ ତାଲିକାରେ ସାମିଲ କରିଛି। ଭୁବନେଶ୍ୱର ସର୍କଲ ଏଏସ୍‌ଆଇ କାର୍ଯ୍ୟାଳୟ ପକ୍ଷରୁ ଏହି ତାଲିକା ପ୍ରସ୍ତୁତ କରାଯାଇଛି। କେନ୍ଦ୍ରୀୟ ସଂରକ୍ଷିତ ସ୍ମାରକ (ଏନ୍‌ଏମ୍ଏ)ର ଶହେ ମିଟର ପରିଧିରେ ନିର୍ମାଣ କାର୍ଯ୍ୟ ବେଆଇନ ହୋଇଥିବାରୁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ନାହିଁ। ସେହିପରି ମେଘନାଦ ପାଚେରିକୁ ଲାଗି ପ୍ରାଚୀର ନିର୍ମାଣ ଓ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ନ ଥିବା ତାଲିକାରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୨୦୧୯ରେ ଏଏସ୍‌ଆଇ ନିର୍ଦ୍ଦେଶକୁ ଅବମାନନା କରି ପ୍ରଶାସନ ପକ୍ଷରୁ ଏକ ଛୋଟ ପାଚେରି ନିର୍ମାଣ କରାଯାଇଥିଲା। ସେତେବେଳେ ପାଚେରିର କିଛି ଅଂଶ ଇଟାରେ ତିଆରି ହୋଇଥିଲା। ସମ୍ପୃକ୍ତ କାର୍ଯ୍ୟକୁ ଅଣସ୍ୱୀକୃତି ନିର୍ମାଣ ତାଲିକାରେ ସାମିଲ କରାଯାଇଥିଲା ବୋଲି ଏଏସ୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି।

## ଶିଶୁ ଅନନ୍ତ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ



ପ୍ରତିମୂର୍ତ୍ତି ଅନାବରଣ ଅବସରରେ ଅତିଥିମାନେ।

**ବାଲିପାଟଣା,୨୭।୫(ଡି.ଏନ୍.ଏ.)**

ଭୁବନେଶ୍ୱର ଉପକଣ୍ଠ ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ଶୁକ୍ରବାର ମହାପୁରୁଷ ଶିଶୁ ଅନନ୍ତ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଭାଇସ ଚାନ୍‌ସେଲର ଡ.ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଅନୁଷ୍ଠାନରେ ପଢୁଥିବା ପିଲାଙ୍କୁ ଶିକ୍ଷକ ସନ୍ତାନ ଭାବି ଦାୟିତ୍ୱ ନେଲେ ଅନେକ ପିଲା ଜାତୀୟ ସମ୍ପତ୍ତି ହୋଇ ସ୍ୱତନ୍ତ୍ର ଭାବେ ପରିଚୟ ସୃଷ୍ଟି କରିପାରିବେ।

ଅତିଥି ଭାବେ ଯୋଗଦେଇ ଶିଶୁ ଅନନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ବୈକୁଣ୍ଠ ନାରାୟଣ ଦାଶ କହିଥିଲେ, ଶିଶୁ ଅନନ୍ତ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଆଗାମୀ ପିଢି ପାଇଁ ଏକ ସନ୍ତକସ୍ୱରୂପ। ଛାତ୍ରୀ ଶୁଭଶ୍ରୀ ସ୍ୱାଇଁ ସ୍ୱାଗତ ଭାଷଣ ଓ ପ୍ରାଧ୍ୟାପକ ହେମନ୍ତ କୁମାର ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଅନ୍ନପୂର୍ଣ୍ଣା ମହାପାତ୍ର ଓ ହେମନ୍ତ ଭୋଇ ନୃତ୍ୟ ପରିବେଷଣ କରିଥିବାବେଳେ ଅଧ୍ୟାପକ ସତ୍ୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା କାମ ନାଁରେ ଅର୍ଥ ବରବାଦ ମସୁଧା

**ଭୁବନେଶ୍ୱର, ୨୭।୫ (ବ୍ୟୁରୋ)**



- ଭଲ ରାସ୍ତା ଉପରେ ଫେବର ବ୍ଲକ୍ ପାଇଁ ୧୩ ଲକ୍ଷ ଅଟକଳ
- ଶିଳାନ୍ୟାସ କରିଥିଲା ବିଏମ୍‌ସି, କାମ ବନ୍ଦକଲେ ଜନ ପ୍ରତିନିଧି

ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ବିଏମ୍‌ସି, ବିଏସ୍‌ସିଏଲ୍, ପୂର୍ତ୍ତ ବିଭାଗ, ଇଡ୍‌କୋ ପକ୍ଷରୁ ଉନ୍ନୟନ କାମ କରାଯାଉଛି। ମାତ୍ର ସମନ୍ୱୟ ଅଭାବରୁ ଯୋଜନା ଓ ଲକ୍ଷ୍ୟ ବିପଥଗାମୀ ହେଉଛି। ବିକାଶ ନାଁରେ ବିଭାଗୀୟ ଅଧିକାରୀ ଲୁଟିବାରେ ଲାଗିଛନ୍ତି। ସହରରେ ଅନେକ ରାସ୍ତା ଅବସ୍ଥା ଶୋଚନୀୟ ରହିଥିବାବେଳେ ଭଲ ରାସ୍ତା ଉପରେ ବାରମ୍ବାର କାମ କରି ଅର୍ଥ ବରବାଦ କରାଯାଉଛି। ୱାର୍ଡ ନଂ.୩୭ ଅନ୍ତର୍ଗତ ମଧୁସୂଦନ ନଗରରେ ଏପରି ଘଟଣାକୁ ନେଇ ବିବାଦ ଦେଖାଯାଇଛି। ଉକ୍ତ ୱାର୍ଡର ପ୍ରମୁଖ ରାସ୍ତାରୁ ୟୁନିଟ-୪ ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ବିଏମ୍‌ସି ପକ୍ଷରୁ ଫେବର ବ୍ଲକ୍ କାମର ଭିତ୍ତିପ୍ରସ୍ତର ସ୍ଥାପନ ଗତ ବୁଧବାର କରାଯାଇଛି। ଏଥିପାଇଁ ୧୩ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ କାମ ଆରମ୍ଭ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ୬ ମାସ ତଳେ ପୂର୍ତ୍ତ ବିଭାଗ ଉକ୍ତ ରାସ୍ତାକୁ କଂକ୍ରିଟ କରିଥିବାବେଳେ ଏବେ ତାହାର ଅବସ୍ଥା ଭଲ ରହିଛି। କିନ୍ତୁ ସମାନ ରାସ୍ତାର କାମ ୨ଥର କରାଯିବାକୁ ନେଇ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯେଉଁଠି କାମ ହୋଇଛି ସେଠାରେ ଆଉଥରେ କାମ କାହିଁକି କରାଯିବ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।

ଘଟଣା ସମ୍ପର୍କରେ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ରୋଡ) ମନୁ ମିଶ୍ର କହିଛନ୍ତି, ବିଏମ୍‌ସି ବଳପୂର୍ବକ ଆମ କାମ ଓ ପରିସୀମାରେ ପ୍ରବେଶ କରି ବାରମ୍ବାର କାମ କରୁଛି। ଏନେଇ ଆମେ ସଚିବଙ୍କୁ ଅବଗତ କରାଇବା ସହ ନଗର ଉନ୍ନୟନ ପ୍ରମୁଖ ସଚିବଙ୍କ ଦୃଷ୍ଟିଗୋଚରକୁ ଆଣିବୁ ବୋଲି ସେ କହିଛନ୍ତି। ଅପରପକ୍ଷେ ବିଏମ୍‌ସି ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ କହିଛନ୍ତି, ଏଭଳି କିଛି ଅଭିଯୋଗ ମୋ ନଜରକୁ ଆସିନାହିଁ। ସମ୍ପୃକ୍ତ ଅଞ୍ଚଳର ଜେଇଇଙ୍କଠାରୁ ଘଟଣା ବାବଦରେ ଅବଗତ ହେଲା ପରେ ପଦକ୍ଷେପ ଗ୍ରହଣ କରାଯିବ। ଜେଇଇ ପ୍ରକାଶ ପ୍ରଧାନ କହିଛନ୍ତି, ପୂର୍ତ୍ତ ବିଭାଗଠାରୁ ମଞ୍ଜୁର ମିଳିଲା ପରେ ଉକ୍ତ ରାସ୍ତାରେ ଫେବର ବ୍ଲକ କାର୍ଯ୍ୟ ହେବ, ନଚେତ ରାସ୍ତା କାମ ବନ୍ଦ ରହିବ। ସେହିଭଳି ବିଏମ୍‌ସି ପବ୍ଲିକ୍ ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ଅମରେଶ ଜେନା କହିଛନ୍ତି, ଅଭିଯୋଗ ପାଇବା ପରେ କାମ ବନ୍ଦ କରାଯାଇଛି। ଆମକୁ ଅନ୍ଧାରରେ ରଖି କାମ କରାଯାଉଥିଲା। ସମ୍ପୃକ୍ତ କମିଟିର ଚେୟାରମ୍ୟାନ ହୋଇ ମଧ୍ୟ ମୋତେ ସେଠାକୁ ଡକାଯାଇ ନ ଥିଲା। ଘଟଣା ସମ୍ପର୍କରେ ଅବଗତ ହେବା ପରେ କାମ ବନ୍ଦ କରାଯାଇଛି। ସେଠାରେ ଆଉ କାମ ହେବନାହିଁ।

### ମୁଖ୍ୟମନ୍ତ୍ରୀଙ୍କ ଫଳକକୁ ଘୋଡାଇ ଦେଲେ

ଏହି ରାସ୍ତା ପ୍ରକଳ୍ପକୁ ନେଇ ଆଉଏକ ବିବାଦ ମୁଣ୍ଡ ଟେକିଛି। ଫେବର ବ୍ଲକ୍ ରାସ୍ତା ନିର୍ମାଣ ପାଇଁ ବୁଧବାର ଶିଳାନ୍ୟାସ କରାଯାଇଥିଲା। ଫଳକର ଠିକ୍ ପାର୍ଶ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏକ ଫଳକ ରହିଛି। ତେବେ ଶିଳାନ୍ୟାସ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଫଳକକୁ ଧଳା କାଗଜରେ ଘୋଡ଼ାଇ ଦିଆଯାଇଥିଲା। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳନ ତଥା ସ୍ୱତନ୍ତ୍ର ଓଡ଼ିଶା ଗଠନର ୮୦ ବର୍ଷ ପୂର୍ତ୍ତି ଅବସରରେ ୨୦୧୬ ଜୁଲାଇ ୫ରେ ଏହି ଫଳକ ଉନ୍ମୋଚନ କରାଯାଇଥିଲା। ତେବେ ବିଏମ୍‌ସିର ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଫଳକ ଘୋଡ଼ାଇ ଦେବାକୁନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହିଘଟଣାକୁ ୱାର୍ଡ ନଂ.୪୫ର କର୍ପୋରେଟର ତଥା ପବ୍ଲିକ୍ ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ଅମରେଶ ଉଦ୍‌ବେଗ ପ୍ରକାଶ କରିବା ସହ ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଫଳକକୁ ଘୋଡାଇବାକୁ ବିଏମ୍‌ସି ଓ ବିଧାୟକ କିପରି ସାହସ କଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ନେଇ ବିଏମ୍‌ସିକୁ ଅବଗତ କରାଇବା ପରେ ଫଳକ ଉପରୁ କାଗଜକୁ ଚିରାଯାଇଥିବା ସେ କହିଛନ୍ତି।



**୪୦ ଡିଗ୍ରୀ ଉପରେ ୧୨ ସହରର ତାପମାତ୍ରା**

ଭୁବନେଶ୍ୱର,(ବ୍ୟୁରୋ): ସାରା ରାଜ୍ୟରେ ଅସହ୍ୟ ତାତି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ସକାଳ ୮ଟାରୁ ଟାଇଁ ଟାଇଁ ଖରା ଆରମ୍ଭ ହେଉଥିବାବେଳେ ମଧ୍ୟାହ୍ନରୁ ପାରଦ ୪୦ ଟପୁଛି। ଶୁକ୍ରବାର ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ରହିଥିବାବେଳେ ୧୨ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନାନୁସାରେ, ଝାରସୁଗୁଡ଼ା ୪୦.୮, ସମ୍ବଲପୁର ୪୧.୨, ସୁନ୍ଦରଗଡ଼ ୪୦, ହୀରାକୁଦ ୪୦.୫, ବଲାଙ୍ଗୀର ୪୧.୭, ଟିଟିଲାଗଡ଼ ୪୧, ମାଲକାନଗିରି ୪୦.୫, ସୋନପୁର ୪୨.୬, ପାରଳାଖେମୁଣ୍ଡି ୪୦.୮, ନୂଆପଡ଼ା ୪୦ ଓ ବରଗଡ଼ରେ ୪୧ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୪ ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ଖରା ଜାରି ରହିବ ଓ ଦିନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

**ସଂକ୍ଷେପରେ**

## ପରିତ୍ୟକ୍ତ କୂଅରୁ ହାତୀ ଛୁଆ ଉଦ୍ଧାର



ରାଇକିଆ,୨୭।୫(ଡି.ଏନ.ଏ): କନ୍ଧମାଳ ଜିଲା ରାଇକିଆ ବ୍ଲକ ବାରବା ରେଞ୍ଜ ପଳାଶପଲ୍ଲୀ ଗ୍ରାମର ଏକ ପରିତ୍ୟକ୍ତ କୂଅରେ ଗୁରୁବାର ରାତିରେ ଏକ ୪/୫ ବର୍ଷର ହାତୀ ଛୁଆ ଖସି ପଡ଼ିଥିଲା। ବନ ବିଭାଗ ଓ ଗ୍ରାମବାସୀଙ୍କ ଉଦ୍ୟମ ପରେ ଶୁକ୍ରବାର ହାତୀଛୁଆକୁ ଉଦ୍ଧାର କରାଯାଇଛି। ଏହି ଅଞ୍ଚଳରେ ହାତୀପଲଙ୍କ ନିୟମିତ ଚଳପ୍ରଚଳ ରହିଛି। ଗୁରୁବାର ସନ୍ଧ୍ୟାରୁ ହାତୀପଲ ଘୂରି ବୁଲୁଥିଲେ। ରାତିରେ କୌଣସି କାରଣରୁ ହାତୀଛୁଆଟି କୂଅରେ ଖସିପଡ଼ିଥିଲା। ସକାଳୁ ବନ ବିଭାଗ ହାତୀ ଉଦ୍ଧାର ପାଇଁ ସ୍ୱତନ୍ତ୍ର ଅପରେଶନ ଆରମ୍ଭ କରିଥିଲା।

## ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ବିଜୟ, ମୃଣାଳିନୀ

ପୁରୀ ଅଫିସ, ୨୭।୫: ଭାଜପା ନେତା ବିଜୟ ମହାପାତ୍ର ଶୁକ୍ରବାର ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବେଆଇନ କାର୍ଯ୍ୟ ପାଇଁ ଏଏସ୍ଆଇ ସହ ରାଜ୍ୟ ସରକାର ଦାୟୀ ବୋଲି ସେ କହିଛନ୍ତି। ବିଜୟ ଆହୁରି କହିଛନ୍ତି, ଏଏସ୍ଆଇର ଆଭିମୁଖ୍ୟ ଠିକ ନୁହେଁ। ଆମେ ପ୍ରକଳ୍ପକୁ ବିରୋଧ କରୁନାହୁଁ, କିନ୍ତୁ ଆଇନ ଅନୁଯାୟୀ କାର୍ଯ୍ୟ କରାଯାଉ। ଶଙ୍କରାଚାର୍ଯ୍ୟ ମଧ୍ୟ ଏଭଳି ବେଆଇନ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ମତକୁ ସେ ବ୍ୟକ୍ତିଗତ ଭାବେ ସମର୍ଥନ କରୁଛନ୍ତି। ସେହିପରି ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ମାମଲା ଦାଏର କରିଥିବା ମୃଣାଳିନୀ ପାଢ଼ୀ ମଧ୍ୟ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ ମୁତାବକ ଶ୍ରୀମନ୍ଦିରର ବ୍ୟାପକ ସଂସ୍କାର ହୋଇଥିବା ସେ କହିଛନ୍ତି। ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଭକ୍ତଙ୍କ ସର୍ବନିମ୍ନ ମୌଳିକ ସୁବିଧା ପାଇଁ ନିର୍ମାଣ ଉପରେ କଟକଣା ନ ଥିବା ସେ କହିଛନ୍ତି। କୋର୍ଟରେ ମାମଲା ଚାଲିଥିବାରୁ ଘଟଣା ଉପରେ ମନ୍ତବ୍ୟ ଦେବାକୁ ମନା କରିଛନ୍ତି।

# ୨୦୩୦ ସୁଦ୍ଧା ୧୦୦ ନିୟୁତ ଟନ୍ କୋଇଲା ବାଷ୍ପୀକରଣ ଲକ୍ଷ୍ୟ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

■ ଜାତୀୟ ଖଣିଜ କଂଗ୍ରେସରେ ଖଣି ମନ୍ତ୍ରଣାଳୟ ଅତିରିକ୍ତ ସଚିବଙ୍କ ମତ

■ କୋଇଲା, ଖଣି ଖନନରେ ପ୍ରଯୁକ୍ତିର ସର୍ବାଧିକ ଉପଯୋଗ ସୁନିଶ୍ଚିତ କର

ଭାରତରେ ୨୦୩୦ ସୁଦ୍ଧା ୧୦୦ ନିୟୁତ ଟନ୍ କୋଇଲା ବାଷ୍ପୀକରଣ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ମିଶନ ଦସ୍ତାବିଜ୍ ପ୍ରସ୍ତୁତ କରାଯାଇଛି। ଭବିଷ୍ୟତରେ କୋଇଲା ବାଷ୍ପୀକରଣ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି। କୋଇଲା ଜଳାଇବା ତୁଳନାରେ ଏହାକୁ ସ୍ୱଚ୍ଛ ଇନ୍ଧନ ବିକଳ୍ପ ଭାବେ ବିବେଚନା କରାଯାଉଛି। ଏଥିରେ ଥିବା ରାସାୟନିକ ଉପାଦାନକୁ ବାଷ୍ପୀକରଣ ପ୍ରକ୍ରିୟାରେ ଉପଯୋଗ କରାଯାଇଥାଏ। ଏହା ଅପେକ୍ଷାକୃତ ବେଶି ପରିବେଶ ଅନୁକୂଳ ବୋଲି କହିଛନ୍ତି ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭି. କେ. ତିୱାରୀ। ଶକ୍ତି, ଇସ୍ପାତ, ଖଣି ମନ୍ତ୍ରଣାଳୟ ଏବଂ କୋଇଲା ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଭୁବନେଶ୍ୱରଠାରେ ଆୟୋଜିତ ଜାତୀୟ ଖଣିଜ କଂଗ୍ରେସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହି ସୂଚନା ଦେଇଛନ୍ତି।

ଆଲୋଚନାରେ ଅଂଶଗ୍ରହଣ କରି ତିୱାରୀ କହିଲେ, ଅତ୍ୟାଧୁନିକ ଜ୍ଞାନକୌଶଳର ବିକାଶ ଫଳରେ ଅଧିକ କୋଇଲା ଉତ୍ତୋଳନ ହୋଇପାରୁଛି। ଖଣି ଖନନ କାର୍ଯ୍ୟରେ କମ୍ପାନୀମାନେ ନୂତନ ଜ୍ଞାନକୌଶଳ ଆପଣାଇବା ଉଚିତ। ଏଥିସହ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିବାର ଆବଶ୍ୟକତା ରହିଛି। ଏହି କ୍ଷେତ୍ରରେ ପ୍ରଯୁକ୍ତିର ସର୍ବାଧିକ ଉପଯୋଗ ସୁନିଶ୍ଚିତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ଭାରତ ନିକଟରେ ୩,୮୯୬ ନିୟୁତ ଟନ୍ ବକ୍ସାଇଟ୍ ଉତ୍ସ ରହିଛି। ତେବେ ଭାରତୀୟ ଖଣିଜ ଭଣ୍ଡାରରେ ଏହା ମାତ୍ର ୧୭ ପ୍ରତିଶତ। ଅର୍ଥାତ୍ ୬୫୬ ନିୟୁତ ଟନ୍ ବକ୍ସାଇଟ୍ ମହଜୁଦ୍ ଅଛି। ବର୍ତ୍ତମାନ ଭାରତର ହାଇଡ୍ରୋଜେନ୍ ଆବଶ୍ୟକତା ବାର୍ଷିକ ୬.୭ ନିୟୁତ ଟନ୍ ଥିବା ବେଳେ ୨୦୩୦ ବେଳକୁ ଏହା ୧୧.୭ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ବିଶୋଧନାଗାର ଏବଂ ସାର କାରଖାନାଗୁଡ଼ିକ ହାଇଡ୍ରୋଜେନର ସବୁଠୁ ବଡ଼ ଉପଭୋକ୍ତା ପାଲଟିଛନ୍ତି। ଏବେ ଏହା ପ୍ରାକୃତିକ ବାଷ୍ପରୁ ଉତ୍ପାଦନ ହେଉଛି। କୋଇଲା ବାଷ୍ପୀକରଣ ପ୍ରକ୍ରିୟା ଦ୍ୱାରା ଏହାକୁ ଆହୁରି ସୁବିଧାରେ ଉତ୍ପାଦନ କରାଯାଇପାରିବ ବୋଲି ତିୱାରୀ ସୂଚନା ଦେଇଛନ୍ତି।

ପ୍ରାରମ୍ଭରେ ଖଣି ମନ୍ତ୍ରଣାଳୟ ସଚିବ ଅନୀଲ କୁମାର ଜୈନ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସବୁ ଅଂଶୀଦାରଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଜାତୀୟ ଖଣିଜ କଂଗ୍ରେସରୁ ଫଳପ୍ରଦ ପରିଣାମ ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବିଶ୍ୱ ଖଣିଜ କଂଗ୍ରେସର ଭାରତୀୟ ଜାତୀୟ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦ଟି ପ୍ରମୁଖ କମ୍ପାନୀର ଶିଳ୍ପ ବିଶେଷଜ୍ଞ ଅଂଶଗ୍ରହଣ କରିଛନ୍ତି। ଶନିବାର ପ୍ରତିନିଧିମାନେ ଅନୁଗୋଳସ୍ଥିତ ଜେଏସ୍‌ପିଏଲ୍‌ର କୋଇଲା ବାଷ୍ପୀକରଣ ପ୍ଲାଣ୍ଟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# ସମୟ ଅନୁସାରେ ବଦଳିଛି ଲୋକ ସମ୍ପର୍କର ପରିଭାଷା: ମନ୍ତ୍ରୀ



ସମ୍ମିଳନୀରେ ଉପସ୍ଥିତ ବିଭାଗୀୟ ମନ୍ତ୍ରୀ, ସଚିବ ଓ ଅନ୍ୟ ଅତିଥିବୃନ୍ଦ।

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନଙ୍କ ସମ୍ମିଳନୀ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନେ ହେଉଛନ୍ତି ଜିଲାସ୍ତରରେ ରାଜ୍ୟ ସରକାରଙ୍କର ମୁଖପାତ୍ର ସଦୃଶ। ସମୟ ଅନୁସାରେ ଲୋକ ସମ୍ପର୍କର ପରିଭାଷା ବଦଳିଛି। ରାଜ୍ୟ ସରକାର ୫-ଟି ଆଧାରରେ ନାଗରିକ କୈନ୍ଦ୍ରିକ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଛନ୍ତି। ସାମାଜିକ ଗଣମାଧ୍ୟମର ବ୍ୟବହାର କରି ଜନ ସଚେତନତା ଓ ସୂଚନା ବ୍ୟବସ୍ଥାକୁ ବ୍ୟାପକ କରିବାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ଅଧିକ କ୍ରିୟାଶୀଳ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନେ ମୁଖ୍ୟତଃ ସରକାରଙ୍କ ଭାବମୂର୍ତ୍ତି ଗଠନର ଦାୟିତ୍ୱ ନିର୍ବାହ କରିଥାନ୍ତି। ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କହିଥିଲେ, ସୂଚନା ପ୍ରଦାନ କ୍ଷେତ୍ରରେ ସର୍ବଦା ଆଗୁଆ ରହିବା ସାଙ୍ଗକୁ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିବାର ଆବଶ୍ୟକତା ରହିଛି। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେନିନ୍ ମହାନ୍ତି କହିଥିଲେ, ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ନିଷ୍ପତ୍ତିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ ଲୋକ ସମ୍ପର୍କ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାସହ ଜିଲାସ୍ତରର ବିଭିନ୍ନ ସମସ୍ୟା ସମ୍ପର୍କରେ ସମ୍ମିଳନୀରେ ଆଲୋଚନା ହୋଇଥିଲା।

# ଚଳନ୍ତା ଅଟୋ ଉପରେ ଗଛ ପଡ଼ି ୨ ମହିଳା ମୃତ

ଖମାର,୨୭।୫(ଡି.ଏନ.ଏ.)

■ ମୃତାଙ୍କ ମଧ୍ୟରେ ଜଣେ ୭ ମାସର ଗର୍ଭବତୀ

■ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ, ଉତ୍ତେଜନା

ଅନୁଗୋଳ ଜିଲା ପାଲଲହଡ଼ା ମେଡିକାଲରୁ ରୋଗୀ ନେଇ ଖମାର ଫେରୁଥିବା ଏକ ଅଟୋ ରିକ୍ସା ଉପରେ ଶୁକ୍ରବାର ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଗଛ ଭାଙ୍ଗି ପଡ଼ିବାରୁ ଜଣେ ୭ ମାସର ଗର୍ଭବତୀଙ୍କ ସମେତ ୨ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଗୋଟିଏ ପରିବାରର ହୋଇଥିବାବେଳେ ଗର୍ଭବତୀଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ଅଟୋ ରିକ୍ସା ଚାଳକ ମଧ୍ୟ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିବାରୁ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଖମାର ଥାନା ତିଲେଇପଶି ଗ୍ରାମର ଜେମା ପରିଡା (୫୦), ଗର୍ଭବତୀ ଥିବା ପୁତୁରା ବୋହୂ ଅନିମା ସାହୁ (୨୧) ଓ ଅନିମାଙ୍କ ସ୍ୱାମୀ କୁନା ପରିଡା (୩୦) ସକାଳେ ପାଲଲହଡ଼ା ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ସତ୍ୟାନନ୍ଦ ବିଶ୍ୱାଳଙ୍କ ଅଟୋରେ ଯାଇଥିଲେ। ସେଠାରୁ ୧୪୯ନଂ. ଜାତୀୟ ରାଜପଥ ଦେଇ ଘରକୁ ଫେରୁଥିବା ବେଳେ ଖମାର ଥାନା ବାଲିପଶି ଗ୍ରାମ ନିକଟରେ ଅପରାହ୍ନ ପ୍ରାୟ ୧ଟାରେ ରାସ୍ତା ପାର୍ଶ୍ୱରେ ଥିବା ଏକ ବଡ଼ ଶୁଖିଲା ଗଛ ହଠାତ୍ ଭାଙ୍ଗି ଅଟୋ ଉପରେ ପଡ଼ିଥିଲା। ଫଳରେ ଅଟୋରେ ବସିଥିବା ଜେମାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଓ ପୋଲିସ ଗୁରୁତର ଗର୍ଭବତୀ ଅନିମା ଏବଂ ତାଙ୍କ ସ୍ୱାମୀ କୁନାଙ୍କୁ ତୁରନ୍ତ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ଅନିମାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ରେଫର କରିଥିଲେ। ହେଲେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏପରି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ, ଖମାର ପୋଲିସ, ତହସିଲଦାର ଲମ୍ବୋଦର ମାରାଣ୍ଡି, ରେଞ୍ଜର ଚନ୍ଦ୍ରଶେଖର ଗଡ଼ନାୟକ ପହଞ୍ଚି ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ଉପଜିଲାପାଳଙ୍କ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବା ସହ ପରିବାରର ଜଣଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିବା ତହସିଲଦାର ପ୍ରକାଶ କରିଛନ୍ତି। ଖମାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ମେଡିକାଲକୁ ପଠାଇଦେବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।



ଦୁର୍ଘଟଣାଗ୍ରସ୍ତ ଅଟୋ ଓ ନିକଟରେ ପଡ଼ିଥିବା ଶୁଖିଲା ଗଛ।

## ଯୁବକଙ୍କୁ ପିଟି ହତ୍ୟା ଅଭିଯୋଗ: ଜଣେ ଅଟକ

ନିଶ୍ଚିନ୍ତକୋଇଲି, ୨୭।୫(ସ୍ୱ.ପ୍ର.): କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଜିଜ୍ଜିପୁର ପଞ୍ଚାୟତର ମହାଜନପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଦଳିତ ଯୁବକଙ୍କୁ ପିଟି କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ହୃଷୀକେଶ ମଳିକ(୨୭)। ସୂଚନା ଅନୁଯାୟୀ, ମହାଜନପୁର ଗ୍ରାମରେ ଥିବା ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ହୃଷୀକେଶଙ୍କ ସହ ଅନ୍ୟ କେତେଜଣ ମଦ ପିଉଥିଲେ। ଏହି ସମୟରେ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ହୋଇଥିଲା ଓ ଏହା ଉଗ୍ରରୂପ ଧାରଣ କରିଥିଲା। ଅଭିଯୁକ୍ତମାନେ ହୃଷିକେଶଙ୍କୁ ଅମାନୁଷିକ ଭାବେ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହୃଷୀକେଶଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୮୨/୨୨) ରୁଜୁ କରିଛି। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜଣଙ୍କୁ ଅଟକ ରଖି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି।

# ୪ ବଳାତ୍କାରୀଙ୍କୁ ୨୦ ବର୍ଷ ଲେଖାଏ ଜେଲ

ବଇଣ୍ଡା/ ଆଠମଲ୍ଲିକ, ୨୭।୫(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ ଆଡିଶନାଲ ଜିଲା ଓ ଦୌରାଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ଶୁକ୍ରବାର ୨୦୧୮ରେ ଘଟିଥିବା ଏକ ଗଣବଳାତ୍କାର ମାମଲାର ବିଚାର କରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏ କାରାଦଣ୍ଡ ଶୁଣାଇଛନ୍ତି। ୪ ବଳାତ୍କାରୀ ହେଲେ, ହଣ୍ଡପା ଥାନା କମରେଇ ଗ୍ରାମର ପିଲୁ ବେହେରା, ଠାକୁରଗଡ଼ ଥାନା କୁସୁମଧରା ଗ୍ରାମର ନିଲମ ସାହୁ, ଛେଣ୍ଡିପଦା ଥାନା ବାରମଞ୍ଚା ଗ୍ରାମର ସୁଜିତ ବେହେରା ଓ ଟାଙ୍ଗିରୀ ଗ୍ରାମର ଦିବ୍ୟରଞ୍ଜନ ବାରିକ। ତେବେ ଘଟଣାର ୫ମ ଅଭିଯୁକ୍ତ ଜରପଡା ଥାନା ମଲାରସାହିର ପ୍ରଦୀପ ପ୍ରଧାନଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୧୮ ମେ ୩ରେ ସମ୍ବଲପୁର ଜିଲାର ଏକ ଦମ୍ପତି କାର୍ ଯୋଗେ କଟକ ଅଭିମୁଖେ ଯାଉଥିଲେ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଟିଠାରେ ସେମାନେ କିଛି ସମୟ ପାଇଁ ଅଟକିଥିଲେ। ଏହି ସମୟରେ କାର୍‌ର ଡୋର ପଡ଼ିଯିବାରୁ ସ୍ତ୍ରୀ କାର୍‌ରେ ବସି ସାରିଥିବା ଭାବି ସ୍ୱାମୀ ଭୁଲବଶତଃ ଗାଡ଼ି ଚଳାଇ ବଇଣ୍ଡା ଯାଏ ଚାଲିଯାଇଥିଲେ। କାର୍ ପଛେ ପଛେ ସ୍ତ୍ରୀ ଦୌଡୁଥିବା ବେଳେ ରାସ୍ତାରେ ମହିଳାଙ୍କୁ ଏକୁଟିଆ ଦେଖି ଅଭିଯୁକ୍ତମାନେ ତାଙ୍କୁ କମରେଇ ନିକଟ ଜଙ୍ଗଲକୁ ନେଇ ଗଣ ବଳାତ୍କାର କରିଥିଲେ।

**ଫୁର୍‌ସତ୍**

# କାନ୍ସ ଫେଷ୍ଟିଭାଲ୍‌ରେ ଭାରତୀୟ ଜୁରି

ମୁମ୍ବାଇ: ଆଜି ଶେଷ ହେବାକୁ ଯାଉଛି ବିଶ୍ୱ ଚଳଚ୍ଚିତ୍ର ଜଗତର ବଡ଼ ଉତ୍ସବ ୭୫ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ। କିଛି ଉତ୍ତମ ବିଷୟବସ୍ତୁ ଉପରେ ଆଧାରିତ ଫିଲ୍ମକୁ ଏହି ସମାରୋହରେ ସ୍କ୍ରିନିଂ ପାଇଁ ବଛା ଯାଇଥାଏ, ଯେଉଁ ଫିଲ୍ମଟି ଜୁରି ମେମ୍ବରମାନଙ୍କୁ ପସନ୍ଦ ଆସିଥାଏ ତାହାକୁ ଗୋଲ୍ଡେନ୍ ପାମ୍ସ ବା ପାମ୍ଲେ ଡି'ଓର୍ ଆୱାର୍ଡ ପ୍ରଦାନ କରାଯାଏ। ତେବେ ଏହି ଫିଲ୍ମ ଫେଷ୍ଟିଭାଲରେ ଦୁଇଟି ମୁଖ୍ୟ ଆକର୍ଷଣ ରହିଥାଏ। ଗୋଟିଏ ହେଲା ଜୁରି ମେମ୍ବର ଆଉ ଅନ୍ୟଟି ରେଡ୍ କାର୍ପେଟ୍। ଦେଶ ବିଦେଶରୁ ବହୁ ଅଭିନେତ୍ରୀ ତଥା ମଡେଲଙ୍କୁ ଏଠାକୁ ନିମନ୍ତ୍ରଣ କରାଯାଇଥିବାବେଳେ ସେମାନେ ବିଭିନ୍ନ ଡିଜାଇନର୍ ଡ୍ରେସ୍ ପିନ୍ଧି ରେଡ୍ କାର୍ପେଟରେ ଚାଲିଥାନ୍ତି। ଚଳିତବର୍ଷ ମେ' ୧୭ରୁ ଫ୍ରାନ୍ସର କାନ୍ସରେ ଅନୁଷ୍ଠିତ ହୋଇଥିବା ଏହି ବିଶାଳ ସମାରୋହରେ ଜୁରି ଆସନ ଅଳଙ୍କୃତ କରିଛନ୍ତି ବ୍ରାଉନ୍ ବ୍ୟୁଟି ଦୀପିକା ପାଦୁକୋନ। ଭାରତ ପକ୍ଷରୁ ଦୀପିକା ପ୍ରଥମ ନୁହନ୍ତି ଯେ, ଏହି ସମ୍ମାନଜନକ ପଦରେ ବସିଛନ୍ତି। ତେବେ ତାଙ୍କ ପୂର୍ବରୁ ଯେଉଁମାନେ ଭାରତ ପକ୍ଷରୁ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରି ହୋଇଛନ୍ତି ସେ ବିଷୟରେ ଜାଣିବା। ଫିଲ୍ମ ନିର୍ମାତା ମୃଣାଳ ସେନ୍ ପ୍ରଥମ ଭାରତୀୟ ଯେ, ୧୯୮୨ରେ ଫ୍ରାନ୍ସର କାନ୍ସରେ ଅନୁଷ୍ଠିତ ସର୍ବବୃହତ୍ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଭାରତ ପକ୍ଷରୁ ଜୁରି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

**ମୀରା ନାୟର:** ହିନ୍ଦୀ ଫିଲ୍ମ ନିର୍ଦ୍ଦେଶିକା ମୀରା ନାୟର, ୧୯୯୦ରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ନିର୍ଦ୍ଦେଶନାରେ ସଲାମ ବମ୍ବେ!, ମନ୍‌ସୁନ୍ ୱେଡିଂ ନିର୍ମାଣ ହୋଇଥିବାବେଳେ ୧୯୯୮ରେ ସଲାମ ବମ୍ବେ ଫିଲ୍ମ କାନ୍ସ ଫେଷ୍ଟିଭାଲରେ କାନ୍ସ- ଅଡିଏନ୍ସ ଆୱାର୍ଡ ଏବଂ ଦ ବେଷ୍ଟ ଫାଷ୍ଟ ଫିଲ୍ମ ଆୱାର୍ଡ କାନ୍ସ ଫେଷ୍ଟିଭାଲରେ ପ ରି ବେ ଷ ଣ କରାଯାଇଥିଲା।




ମିଳିଥିଲା।

**ଅରୁନ୍ଧତୀ ରାୟ:** ଲେଖିକା ଅରୁନ୍ଧତୀ ରାୟ ଚଳଚ୍ଚିତ୍ର ଜଗତର ବିଶାଳ ସମାରୋହ କାନ୍ସର ଜୁରି ରହିସାରିଛନ୍ତି। ୨୦୦୦ ମସିହାରେ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅରୁନ୍ଧତୀଙ୍କ ଦ୍ୱାରା ଲିଖିତ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ'କୁ ବୁକର୍ ସମ୍ମାନରେ ସମ୍ମାନିତ କରାଯାଇଥିଲା।

**ଐଶ୍ୱର୍ଯ୍ୟା ରାୟ ବଚ୍ଚନ:** ୨୦୦୩ ମସିହାରେ ବିଶ୍ୱ ସୁନ୍ଦରୀ ତଥା ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଜୁରି ମେମ୍ବରରେ ସାମିଲ କରାଯାଇଥିଲା। ୨୦୦୨ରେ ତାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଦେବଦାସ୍' କାନ୍ସ ଫେଷ୍ଟିଭାଲରେ ପରିବେଷଣ କରାଯାଇଥିଲା।

**ନନ୍ଦିତା ଦାଶ:** ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ନନ୍ଦିତା ଦାଶ ଦୁଇଥର ଜୁରିମେମ୍ବର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଥମ ଥର ୨୦୦୫ରେ, ପରେ ୨୦୧୩ରେ ତାଙ୍କୁ ପୁଣିଥରେ ସିନେଫାଉଣ୍ଡେସନ୍ ଏବଂ ଶର୍ଟ ଫିଲ୍ମ ଜୁରି ସଦସ୍ୟ ଭାବେ ମନୋନୀତ କରାଯାଇଥିଲା।

**ଶର୍ମିଳା ଟାଗୋର:** ହିନ୍ଦୀ ଚଳଚ୍ଚିତ୍ରର ୮୦ ଦଶକର ସେନ୍‌ସେଶ୍‌ନାଲ ନାୟିକା ଶର୍ମିଳା ଟାଗୋର ଏହି ରେସ୍‌ରୁ ବାଦ୍ ପଡ଼ି ନାହାନ୍ତି। ୧୯୬୨ରେ ତାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଦେବୀ' କୁ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସ୍କ୍ରିନ୍ଡ କରାଯାଇଥିବାବେଳେ ୨୦୦୯ରେ ଜୁରି ଆସନ ଅଳଙ୍କୃତ କରିଥିଲେ।

**ଶେଖର କପୁର:** ଫିଲ୍ମ ନିର୍ମାତା ଶେଖର କପୁର ୨୦୧୦ରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରି ହୋଇଥିଲେ। ତାଙ୍କ ଦ୍ୱାରା ନିର୍ମିତ ଫିଲ୍ମ ମାସୁମ, ମିଷ୍ଟର ଇଣ୍ଡିଆ, ବ୍ରାଣ୍ଡେଡ୍ କୁଇନ୍ ଆଦି ଚଳଚ୍ଚିତ୍ର ଏହି ସମାରୋହରେ ସ୍ଥାନ ପାଇଥିଲା।

**ବିଦ୍ୟା ବାଲାନ:** ଉ ଲା ଲା... ଫେମ୍ ବିଦ୍ୟା ବାଲାନ ୨୦୧୩ରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରି ଆସନରେ ବସିଥିବାବେଳେ ସେହିବର୍ଷ ପ୍ରଥମ ଥର ପାଇଁ ବିଦ୍ୟା କାନ୍ସର ରେଡ୍ କାର୍ପେଟ୍‌ରେ ଚାଲିବାର ସୁଯୋଗ ପାଇଥିଲେ।



ଅରୁନ୍ଧତୀ ରାୟ



ଶେଖର କପୁର



ନନ୍ଦିତା ଦାଶ



ବିଦ୍ୟା ବାଲାନ



ଶର୍ମିଳା ଟାଗୋର

# ବଦଳିଲା ନାଁ



ଅକ୍ଷୟ କୁମାର- ମାନୁଷୀ ଛିଲର

ମୁମ୍ବାଇ: ଖିଲାଡି କୁମାର ଅକ୍ଷୟ କୁମାରଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ପୃଥ୍ୱୀରାଜ'ର ନାମ ପରିବର୍ତ୍ତନ କରାଯାଇ 'ସମ୍ରାଟ ପୃଥ୍ୱୀରାଜ' ରଖାଯାଇଛି। ଫିଲ୍ମର ନାମକୁ ନେଇ ଶ୍ରୀ ରାଜପୁତ କର୍ଣ୍ଣି ସେନା ପକ୍ଷରୁ କୋର୍ଟରେ ଅଭିଯୋଗ (ପିଆଇଏଲ୍) ପତ୍ର ଦାଖଲ ପରେ ଏ ପ୍ରକାର ନିଷ୍ପତ୍ତି ନିଆଯାଇଛି। ଅଭିଯୋଗ ଦାଖଲ ପରେ ଯଶ୍‌ରାଜ ଫିଲ୍ମସ ପ୍ରଯୋଜନା ସଂସ୍ଥାକୁ ନୋଟିସ୍ ଜାରି କରାଯାଇଥିଲା। ଫିଲ୍ମ ନିର୍ମାଣକାରୀ ସଂସ୍ଥା ବହୁ ବିଚାର ବିମର୍ଶ କଲା ପରେ ଫିଲ୍ମର ନାମ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇଥିଲେ। ଫିଲ୍ମର ନାମ 'ପୃଥ୍ୱୀରାଜ' ରଖାଯିବା କାରଣରୁ ରାଜପୁତ ସମାଜ ପ୍ରଭାବିତ ହୋଇଛନ୍ତି। ସେଥିପାଇଁ ଫିଲ୍ମର ନାମ ବଦଳାଯିବା ଆବଶ୍ୟକ ବୋଲି କର୍ଣ୍ଣି ସେନା ପକ୍ଷରୁ ମାମଲା ଲଢୁଥିବା ଓକିଲ ରାଘବେନ୍ଦ୍ର ମେହରୋତ୍ରା କହିଥିଲେ। ଅକ୍ଷୟକୁମାର ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ମାନୁଷୀ ଛିଲର ତାଙ୍କ ଅପୋଜିଟ୍‌ରେ ଅଭିନୟ କରିଛନ୍ତି। ମାନୁଷୀଙ୍କ ଏହା ବଲିଉଡ୍ ଡେବ୍ୟୁ ଫିଲ୍ମ ହୋଇଥିବାବେଳେ ଆସନ୍ତା ଜୁନ୍ ୩ ତାରିଖରେ ଫିଲ୍ମଟି ମୁକ୍ତିଲାଭ କରିବ।

# ଖାଦ୍ୟ ଦେବାରେ ବିଳମ୍ବ: ସ୍ତ୍ରୀଙ୍କୁ କୂଅରେ ଫିଙ୍ଗିଲେ ସ୍ୱାମୀ

ଭୋପାଳ



ଖାଦ୍ୟ ଦେବାରେ ବିଳମ୍ବ ପାଇଁ ସ୍ୱାମୀ ନିଜ ଉପରୁ ଆୟତ୍ତ ହରାଇ ସ୍ତ୍ରୀଙ୍କୁ କୂଅକୁ ଫିଙ୍ଗି ଦେଇଛନ୍ତି। ଏଭଳି ଅଭାବନୀୟ ଘଟଣା ମଧ୍ୟପ୍ରଦେଶର ହାତପିପ୍‌ଲିୟା ଅଞ୍ଚଳର ଦେୱାସରେ ଘଟିଛି। ମଙ୍ଗଳବାର ଦିନ ଦିନେଶ ମାଳୀ ଅପରାହ୍ନରେ ଘରକୁ ଖାଇବାକୁ ଆସିଥିଲେ। ଖାଦ୍ୟ ପ୍ରସ୍ତୁତ ହୋଇ ଥିଲେ ହେଁ ସ୍ତ୍ରୀ ଯଶୋଦା ଅନ୍ୟ କାମରେ ବ୍ୟସ୍ତ ଥିବାବେଳେ ଟିକେ ଅପେକ୍ଷା କରିବାକୁ ତାଙ୍କୁ କହିଥିଲେ। ମାତ୍ର ଏତିକି କଥାରେ ରାଗି ଯାଇଥିଲେ ସ୍ୱାମୀ ଦିନେଶ। ଏହାପରେ ଲଣ୍ଡ୍ରି ବ୍ୟାଟ୍ (ଲୁଗା ସଫାରେ ବ୍ୟବହୃତ ବ୍ୟାଟ୍)ରେ ସ୍ତ୍ରୀଙ୍କୁ ପିଟିଥିଲେ। ସେଥିରେ ତାଙ୍କ ମନ ଭରି ନ ଥିଲା ଯେ, ମାଡ଼ ଖାଇ ଆହତ ଅବସ୍ଥାରେ ଥିବା ସ୍ତ୍ରୀଙ୍କୁ କୂଅରେ ନେଇ ପକାଇ ଦେଇଥିଲେ। ଘରେ ଥିବା ତାଙ୍କ ଝିଅ ନିକିତା ଏହାର ପ୍ରତିବାଦ କରିଥିଲେ ହେଁ ଦିନେଶ କାହାରି କଥା ଶୁଣି ନ ଥିଲେ। ଘଟଣା ପରେ ଝିଅ ନିକିତା ଏ କଥା ତାଙ୍କ ସମ୍ପର୍କୀୟଙ୍କୁ କହିଥିଲେ। ପୋଲିସ ଘଟଣା ସମ୍ପର୍କରେ ଜାଣିବା ପରେ ସେଠାରେ ପହଞ୍ଚି କୂଅରୁ ଯଶୋଦାଙ୍କ ମୃତ ଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଦିନେଶଙ୍କ ବିରୋଧରେ ଆଇପିସି ଧାରା ୩୦୨, ୨୯୪,୩୨୩ ଏବଂ ୨୦୧ ଅନ୍ତର୍ଗତ ମାମଲା ରୁଜୁ ପରେ ତାଙ୍କୁ ଗିରଫ କରାଯାଇଛି।

**ଓବିସି କମିଶନଙ୍କୁ ଭେଟିଲା ଭାଜପା**

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟର ଓବିସି ବର୍ଗଙ୍କ ସର୍ଭେ କରିବାକୁ ବିଧାନସଭାରେ ସଂକଳ୍ପ ପାରିତ ହେବାପରେ ମଧ ସରକାର ଅହେତୁକ ନୀରବତାର ଦେଖାଉଛନ୍ତି। ଜନଗଣନା ଓ ସର୍ଭେ ପାଇଁ ଓବିସି କମିଶନ ବାରମ୍ବାର କହିବା ସତ୍ତ୍ୱେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଭାଜପା ପ୍ରଶ୍ନ ଉଠାଉଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ନ ଦେଇ ନ୍ୟାୟାଳୟ ନାମରେ ଖସିଯିବାକୁ ଉଦ୍ୟମ କରିବା ସହ ଗଣମାଧ୍ୟମରେ କେନ୍ଦ୍ର ଜନଗଣନା କରୁ ବୋଲି ସରକାର ଦାବିକରି ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି। ଏନେଇ ଭାଜପା ଓବିସି ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ରାଜ୍ୟ ଓବିସି କମିଶନଙ୍କୁ ଶୁକ୍ରବାର ଭେଟି ଦାବିପତ୍ର ଦେଇଛନ୍ତି।

# ତାଲିକାରେ ରହିଲେ, ଆସିବେନି ବହୁ ନେତା

ଭୁବନେଶ୍ୱର,୨୭।୫(ବ୍ୟୁରୋ)



- ମୁଖ୍ୟମନ୍ତ୍ରୀ ପ୍ରଚାରକୁ ଯିବେନି
- କାର୍ଯ୍ୟକ୍ରମ ଲାଗି ଓଡ଼ିଶା ଆସୁଛନ୍ତି, ହେଲେ ଯିବେନି ରେଳମନ୍ତ୍ରୀ
- ଭାଜପା ତାଲିକାରେ ଥିଲା ଗୋୟଲ, ପ୍ରହ୍ଲାଦ ଜୋଷୀ, ରମଣ ସିଂଙ୍କ ନାଁ
- କଂଗ୍ରେସ ତାଲିକାରେ ଥିଲେ ଭୁପେଶ ବାଘେଲ, ଟି.ଏସ୍. ସିଂ ଦେଓ, କହ୍ନେୟା କୁମାର

ବ୍ରଜରାଜନଗର ଉପନିର୍ବାଚନ ପାଇଁ ଆସନ୍ତା ୩୧ରେ ଭୋଟ ଗ୍ରହଣ ହେବ। ତେବେ ଉପନିର୍ବାଚନରେ ଭଲ ପ୍ରଦର୍ଶନ କରି ବିଜୟ ମୁକୁଟ ପିନ୍ଧିବା ସକାଶେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ଜୋର୍‌ଦାର ପରିଶ୍ରମ କରୁଛନ୍ତି। ତେବେ ରାଜ୍ୟରେ ଯେଉଁସବୁ ସ୍ଥାନରେ ଉପନିର୍ବାଚନ ହୁଏ ତାହା ସବୁବେଳେ ବିଜେଡି ସପକ୍ଷରେ ଯିବାର ଏକାଧିକ ଉଦାହରଣ ସୃଷ୍ଟି ହୋଇସାରିଲାଣି। ୨୦୧୪ରେ ବ୍ରଜରାଜନଗର ଆସନରୁ ଭାଜପା ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ରାଧାରାଣୀ ପଣ୍ଡା ୨୦୧୯ରେ କିନ୍ତୁ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତିଙ୍କଠାରୁ ପରାଜିତ ହୋଇଥିଲେ। କିଶୋରଙ୍କ ମୃତ୍ୟୁ ହେବା ଏବଂ ଏହି ଆସନରେ ପୁଣି ଥରେ ୫ ବର୍ଷ ଭିତରେ ଉପନିର୍ବାଚନ ହେବା ରାଧାରାଣୀଙ୍କ ପାଇଁ ଏକ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ। ହେଲେ ଭାଜପା ଏହି ଆସନରେ ବିଜୟୀ ହେବା ଲାଗି ବାସ୍ତବରେ କେତେ ଆଗ୍ରହୀ ତାକୁ ନେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ଜୋର୍ ଧରିଛି। ଏହାର ମୁଖ୍ୟ କାରଣ ଭାଜପାର ଷ୍ଟାର କ୍ୟାମ୍ପେନର ତାଲିକା। ଭାଜପା ଭଳି କଂଗ୍ରେସର ମଧ ସମଦଶା।

ତେବେ ଭାଜପା ଜାରି କରିଥିବା ଷ୍ଟାର କ୍ୟାମ୍ପେନର ତାଲିକାରେ ବହୁ କେନ୍ଦ୍ର ନେତାଙ୍କୁ ସାମିଲ କରିଥିଲା। ଫଳରେ ତାଲିକାରେ ସୁଯୋଗ ପାଇ ନ ଥିବା ବହୁ ରାଜ୍ୟ ନେତୃବୃନ୍ଦ ମୁହଁ ଖୋଲି ନ ଥିଲେ ମଧ ଭିତରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏବେ ଯେତେବେଳେ ଷ୍ଟାର୍ କ୍ୟାମ୍ପେନର ତାଲିକାରେ ସାମିଲ ଥିବା କେନ୍ଦ୍ର ନେତାଙ୍କ ଦେଖାମିଳୁନି ଧୀରେ ଧୀରେ ଅସନ୍ତୋଷ କୁହୁଳିବା ଆରମ୍ଭ ହୋଇଯାଇଛି। ତାଲିକାରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, ପ୍ରହ୍ଲାଦ ଜୋଷୀ, ଅଶ୍ୱିନୀ ବୈଷ୍ଣବ, ପୂର୍ବତନ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଐର ଖାରବେଳ ସ୍ୱାଇଁ, ପୂର୍ବତନ ଛତିଶଗଡ଼ ମନ୍ତ୍ରୀ ବ୍ରିଜମୋହନ ଅଗ୍ରୱାଲ, ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଏପର୍ଯ୍ୟନ୍ତ ପ୍ରଚାର ମଇଦାନରେ ଦେଖା ମିଳୁନାହାନ୍ତି। ଆସନ୍ତା ୨୯ ତାରିଖ ସନ୍ଧ୍ୟା ୫ଟାରେ ପ୍ରଚାର ସମୟ ଶେଷ ହେବ। ତେଣୁ ପ୍ରଚାରର ଶେଷଦିନ ଏହିସବୁ ନେତାଙ୍କ ମଧ୍ୟରୁ କେଉଁମାନେ ଆସୁଛନ୍ତି ତାହା ଦେଖିବାକୁ ବାକି ରହିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୋଟିଏ ଦିନ ପ୍ରଚାର କରି ଫେରିଯାଇଛନ୍ତି। ଏହାପରେ କିମ୍ବା ପୂର୍ବରୁ ଧର୍ମେନ୍ଦ୍ର ପ୍ରଚାର ମଇଦାନକୁ ଆସିନାହାନ୍ତି। ଅନ୍ୟପକ୍ଷରେ ଗତ ପିପିଲି ଉପନିର୍ବାଚନ ସମୟରେ ମଧ ଭାଜପା ଷ୍ଟାର କ୍ୟାମ୍ପେନର ତାଲିକାରେ ସ୍ଥାନ ପାଇଥିବା ନେତାଙ୍କ ମଧ୍ୟରୁ ଅନେକଙ୍କୁ ଦେଖିବାକୁ ମିଳି ନ ଥିଲା। ଓଡ଼ିଶାରୁ ରାଜ୍ୟ ସଭା ଯାଇ କେନ୍ଦ୍ରମନ୍ତ୍ରୀ ହୋଇଥିବା ଅଶ୍ୱିନୀ ବୈଷ୍ଣବ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶନିବାର ଓଡ଼ିଶା ଆସୁଥିଲେ ସୁଦ୍ଧା ବ୍ରଜରାଜନଗରରେ ପ୍ରଚାର କରିବାକୁ ଯିବା ନେଇ ତାଙ୍କର କୌଣସି ଯୋଜନା ନ ଥିବା ଜଣାପଡିଛି। ଏନେଇ ଏମ୍‌ପି ସୁରେଶ ପୂଜାରୀଙ୍କୁ ପଚାରିବାକୁ ସେ କହିଛନ୍ତି, ଏ ବିଷୟରେ ଦଳର ସଭାପତି ଏବଂ ସଙ୍ଗଠନ ସମ୍ପାଦକଙ୍କୁ ପଚାର। ଦଳର ସଭାପତି ସମୀର ମହାନ୍ତିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସେ ଟେଲିଫୋନ ଉଠାଇନାହାନ୍ତି। ଅନ୍ୟପଟେ ଦଳର ସଙ୍ଗଠନ ସମ୍ପାଦକଙ୍କ ସହ ଯୋଗାଯୋଗ କରିବା ଲାଗି ଚେଷ୍ଟା କରିଥିଲେ ମଧ ତାଙ୍କ ନମ୍ବର ଦେବା ଲାଗି ବାରଣ ଥିବା ଦଳର କେତେଜଣ କାର୍ଯ୍ୟକର୍ତ୍ତା କହିଛନ୍ତି।

ପଞ୍ଚାୟତ ଓ ପୌର ଭୋଟରେ କଂଗ୍ରେସ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିବା ପରେ ବ୍ରଜରାଜନଗର ଉପନିର୍ବାଚନ ଏକତ୍ରିତ ହୋଇ ସମସ୍ତେ ଲଢ଼ିବେ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ସେହି ଅନୁସାରେ ଦେଖିଲେ ରାଜ୍ୟର ଏକାଧିକ ଟାଣୁଆ ନେତା ଅନେକ ବିଧାୟକ ବ୍ରଜରାଜନଗର ପ୍ରଚାର ମଇଦାନରେ ଅଛନ୍ତି। ହେଲେ ଷ୍ଟାର କ୍ୟାମ୍ପେନର ତାଲିକାରେ ସ୍ଥାନ ପାଇଥିବା କେନ୍ଦ୍ର ନେତାଙ୍କ ଦେଖା ମିଳୁନାହିଁ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ସ୍ୱାସ୍ଥ୍ୟମନ୍ତ୍ରୀ ଟି. ଏସ୍. ସିଂଦେଓ, କହ୍ନେୟା କୁମାର, ଅମରଜିତ ଭଗତ, ଜିଗ୍ନେଶ ମଭାନିଙ୍କ ସମେତ ରାଜ୍ୟ ନେତା ଭକ୍ତ ଦାସ ଓ ଆହୁରି ଅନେକ ନେତା ଯେଉଁମାନେ ତାଲିକାରେ ଅଛନ୍ତି ଏ ପର୍ଯ୍ୟନ୍ତ ପ୍ରଚାର ମଇଦାନରେ ସେମାନଙ୍କ ଦେଖା ମିଳିଲା ନାହିଁ। ବ୍ରଜରାଜନଗର ସୀମାକୁ ଲାଗିଥିବା ଛତିଶଗଡ଼ରେ କଂଗ୍ରେସ ସରକାର ଥିବା ସତ୍ତ୍ୱେ ଉପନିର୍ବାଚନରେ ମନ୍ତ୍ରିମଣ୍ଡଳର କୌଣସି ନେତା ନ ଆସିବା ଦଳର ଉପନିର୍ବାଚନ ଲଢ଼ିବା ଆଗ୍ରହ ସ୍ପଷ୍ଟ କରୁଛି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତେବେ ଏନେଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ବହୁ ଜଣଙ୍କୁ ଡକାଯାଇଥିଲା ସେମାନେ ଯଦି ଆସିବେ ଆସନ୍ତୁ, ନ ହେଲେ ନାହିଁ। ଯେଉଁମାନେ ଆସି ନାହାନ୍ତି ସେମାନଙ୍କ କିଛି କାମ ଯୋଗୁ ଆସି ନ ଥାଇପାରନ୍ତି। ଏହି ତାଲିକା ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ ପ୍ରକାଶ କରାଯାଏ ବୋଲି ସେ କହିଛନ୍ତି।

ସେହିପରି ବିଜେଡି ମୁଖ୍ୟ ଷ୍ଟାର ପ୍ରଚାରକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ପର୍ଯ୍ୟନ୍ତ ପ୍ରଚାର ମଇଦାନକୁ ଯାଇ ନ ଥିବାବେଳେ ତାଙ୍କ ଯିବାର କୌଣସି କାର୍ଯ୍ୟକ୍ରମ ନ ଥିବା ଶୁଣିବାକୁ ମିଳୁଛି। ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ି ଦଳରୁ ଦାୟିତ୍ୱ ମିଳିଥିବା ବହୁ ନେତା ସେଠାରେ ନିଜର କାର୍ଯ୍ୟକ୍ରମ ଚଳାଇଛନ୍ତି।

# ସାମ୍ପ୍ରଦାୟିକ ରାଜନୀତି ଦେଶ ପାଇଁ ବଡ଼ ବିପଦ

**ପ୍ରଧାନମନ୍ତ୍ରୀଙ୍କୁ କୁମାରସ୍ୱାମୀଙ୍କ ସମାଲୋଚନା**

ବେଙ୍ଗାଲୁରୁ,୨୭।୫

ବଂଶବାଦ ରାଜନୀତି ଅପେକ୍ଷା ସାମ୍ପ୍ରଦାୟିକ ରାଜନୀତି ଭାରତର ଭବିଷ୍ୟତ ଲାଗି ସବୁଠୁ ବଡ଼ ବିପଦ ବୋଲି କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚ୍.ଡି. କୁମାରସ୍ୱାମୀ ଶୁକ୍ରବାର କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ହାଇଦ୍ରାବାଦରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ଦଳରେ ବଂଶବାଦ ଜାତୀୟ ସ୍ୱାର୍ଥ ବିରୋଧୀ ବୋଲି ସତର୍କ କରାଇଥିଲେ। ଏହାର ଜବାବରେ କୁମାରସ୍ୱାମୀ ଉପରୋକ୍ତ ମତ ରଖିଛନ୍ତି। କଂଗ୍ରେସ ଦୁର୍ବଳ ହେବା ପରେ ଏବେ ଆଞ୍ଚଳିକ ଦଳଗୁଡ଼ିକ ଭାଜପାର ସାମ୍ପ୍ରଦାୟିକ ରାଜନୀତିର ପ୍ରତିରୋଧ କରିବାରେ ମୁଖ୍ୟ ଭୂମିକା ନେବାକୁ ଯାଉଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ବଂଶବାଦ ରାଜନୀତି ଉପରେ ଆକ୍ରମଣ କରି ପରୋକ୍ଷରେ ଦେଶର ଆଞ୍ଚଳିକ ଦଳଗୁଡ଼ିକୁ ଦୁର୍ବଳ କରିବା ଲାଗି ଉଦ୍ୟମ କରୁଥିବା କୁମାରସ୍ୱାମୀ ସୋସିଆଲ ମିଡିଆ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।



ଏଚ୍.ଡି. କୁମାରସ୍ୱାମୀ

କ୍ଷମତା ଦଖଲ କରିବା ଲାଗି ରାଜନୈତିକ ଦଳଗୁଡ଼ିକ ଭାବାତ୍ମକ ପ୍ରସଙ୍ଗ ଉଠାଉଛନ୍ତି, ଯାହା ବାସ୍ତବରେ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ବିପଦ ବୋଲି କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ତେଲଙ୍ଗାନା ଗସ୍ତରେ ଯାଇ ସେଠାର ଶାସକ ଦଳ ଟିଆର୍‌ଏସ୍ ଏବଂ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ଟାର୍ଗେଟ କରିଥିଲେ। ଯେଉଁଠି ବଂଶବାଦ ରାଜନୀତି ବନ୍ଦ ହୋଇଛି, ସେଠାରେ ବିକାଶ ଓ ଅଭିବୃଦ୍ଧି ହୋଇଛି। ପରିବାର ରାଜନୀତି ଗଣତନ୍ତ୍ର ପାଇଁ ବିପଦ। ପରିବାରୀ ଦଳ କ୍ଷମତାକୁ ଆସିବା ପରେ କ୍ଷମତାରେ ଲିପ୍ତ ହୋଇଯାଆନ୍ତି। ଦୀର୍ଘଦିନ ପର୍ଯ୍ୟନ୍ତ କ୍ଷମତା ଜାବୁଡ଼ି ଧରିବାକୁ ସେମାନେ ଚାହାନ୍ତି ବୋଲି ମୋଦି କହିଥିଲେ।

# ଆସନ୍ତା ସପ୍ତାହରେ ଭାଜପାରେ ଯୋଗଦେବେ ହାର୍ଦ୍ଦିକ

ଅହମଦାବାଦ,୨୭।୫(ଆଇଏଏନ୍‌ଏସ୍)

କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ହାର୍ଦ୍ଦିକ ପଟେଲ ମେ' ୩୦ କିମ୍ବା ୩୧ରେ ଭାଜପାରେ ଯୋଗଦେବେ। ଏନେଇ ସେ ଶୁକ୍ରବାର ଅହମଦାବାଦରେ ସୂଚନା ଦେଇଛନ୍ତି। ଏପରିକି ସେ ଆଗାମୀ ବିଧାନସଭା ନିର୍ବାଚନ ଭାଜପା ଟିକେଟରେ ଲଢ଼ିବେ ବୋଲି ମଧ କହିଛନ୍ତି। ଗୈରିକ ଦଳ ତାଙ୍କୁ କେଉଁ ଆସନରୁ ପ୍ରାର୍ଥୀ କରିବ ସ୍ଥିର କରିସାରିଲାଣି ବୋଲି ସେ ଏକ ଟିଭି ଚ୍ୟାନେଲ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ସୋମନାଥ ମନ୍ଦିରରୁ ଷ୍ଟାଚ୍ୟୁ ଅଫ୍ ୟୁନିଟି ପର୍ଯ୍ୟନ୍ତ ଏକତା ଯାତ୍ରାର ନେତୃତ୍ୱ ହାର୍ଦ୍ଦିକ ନେବେ। ଭାଜପାରେ ଯୋଗଦେବାରେ ଏହା ଏକ ବିଶାଳ ଶୋ' ହେବ ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି। ଭାଜପାରେ ଯୋଗଦେବା ଲାଗି ତାଙ୍କୁ ୨ଟି ବିକଳ୍ପ ପ୍ରସ୍ତାବ ଦିଆଯାଇଥିଲା। ନୂଆଦିଲ୍ଲୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଉପସ୍ଥିତିରେ ଯୋଗଦେବେ ନା ଗାନ୍ଧୀନଗରରେ ଗୁଜରାଟ ଭାଜପା ପ୍ରଭାରୀ ଭୂପେନ୍ଦ୍ର ଯାଦବ କିମ୍ବା ବି.ଏଲ୍. ସନ୍ତୋଷଙ୍କ ଉପସ୍ଥିତିରେ ଯୋଗଦେବେ ବୋଲି ପ୍ରଶ୍ନ କରାଯାଇଥିଲା। ହାର୍ଦ୍ଦିକ ଦ୍ୱିତୀୟ ବିକଳ୍ପ ବାଛିଥିଲେ।



ହାର୍ଦ୍ଦିକ ପଟେଲ୍

ସୂଚନାଯୋଗ୍ୟ, ଦୀର୍ଘଦିନ ହେଲା ଅସନ୍ତୁଷ୍ଟ ଥିବା ହାର୍ଦ୍ଦିକ ମେ' ୧୮ରେ କାର୍ଯ୍ୟକାରୀ ସଭାପତି ପଦ ଏବଂ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ସେ ଭାଜପାରେ ଯୋଗଦେବା ନେଇ ସେତେବେଳେ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ସେ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଶୁକ୍ରବାର ଘୋଷଣା କରିବେ ବୋଲି ଗଣମାଧ୍ୟମକୁ କହିଥିଲେ।


**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER , GANJAM, BERHAMPUR**

No.7413/M/2022 Dated Berhampur the 24.05.2022

**NOTICE**

**No.E-173:** It is to inform to all concened that the Original Marks sheet & other required documents of the candidates for the post of attendant under the control of CDM&PHO, Ganjam in response to the advertisement published in The Sambad & The Dharitri on dt.15. 12.2016 & 16.12.2016 is hoisted in the District Website i.e. https://ganjam.nic.in. All concerned are advised to visit the said website and verify the entries against their names and follow up as per the instruction therein.

**Sd./-Chief District Medical and Public Health Officer,Ganjam, Berhampur**

**OIPR-10041/11/0002/2223**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.4968/P.S.C., Dt.27.05.22**

**(1R-42-21-22 (DR-V)**

**No.D-57:** It is for information of all concerned that, the programme of document verification for the post of Assistant Professor Commerce scheduled to commence from 06.06.2022 as notified earlier vide notice No.4862/PSC, dt.24.05.2022 is now kept in abeyance until further orders. The candidates are requested to visit the website of the Commission from time to time for further update.

**Sd./- Secretary**

**OIPR-12002/11/0066/2223**


# ବିଧାୟକ ମନୋହର ରନ୍ଧାରୀ ନିର୍ଦ୍ଦୋଷ

ନବରଙ୍ଗପୁର/ଜୟପୁର,୨୭।୫(ବି.ପ୍ର./ନି.ପ୍ର.)

**କିରାଣି ଥିବାବେଳେ ଅର୍ଥ ହଡ଼ପ କରିଥିବା ଅଭିଯୋଗ ଥିଲା**

ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ନାମରେ ଥିବା ଅର୍ଥ ତୋସରପାତ ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ରାଜେଶ ଏକ୍କା ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ବିଧାୟକ ରନ୍ଧାରୀ ନନ୍ଦାହାଣ୍ଡି ବ୍ଲକ କିରାଣି ଥିବା ସମୟରେ ଲୁହାଛଡ଼, ସିମେଣ୍ଟ ଓ ଚାଉଳ ଦୁର୍ନୀତି କରି ଅର୍ଥ ହଡ଼ପ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ଥିଲା। ଏନେଇ ଲୋକାଲ ଅଡିଟ ହୋଇଥିଲା। ୫,୬୬,୬୦୬ ଟଙ୍କା ଅନିୟମିତତା ହୋଇଥିବା ଜଣାପଡ଼ିବା ପରେ ରନ୍ଧାରୀ ଉକ୍ତ ଟଙ୍କା ବ୍ଲକରେ ଜମା କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ବିଧାୟକ ସଦନ ନାୟକ ରନ୍ଧାରୀ ସରକାରୀ ଅର୍ଥ ତୋସରପାତ କରିଥିବା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ସଦନ ନାୟକ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ୨୦୧୩ରେ ଅଭିଯୋଗ କରିଥିଲେ।

# ସମ୍ମିଳନୀରେ କର୍ମୀଙ୍କୁ ଗୁରୁମନ୍ତ୍ର




କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

ଝାରସୁଗୁଡ଼ା ଅଫିସ,୨୭।୫

ବ୍ରଜରାଜନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ଲଖନପୁର ବ୍ଲକ୍ ଦଳଗାଁ ପଞ୍ଚାୟତ ସେନାମାଲ ଛକ ନିକଟରେ ଶୁକ୍ରବାର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଟିକେଶ୍ୱର ସେନାପତି ପରିଚାଳନା କରିଥିଲେ। ଏଥିରେ ଷ୍ଟାର ପ୍ରଚାରକ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଜିଲା ପର୍ଯ୍ୟବେକ୍ଷକ ତଥା କଟକ ମେୟର ସୁବାସ ସିଂ, ସହପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ବିଜେଡି ରାଜ୍ୟ ସମ୍ପାଦକ ସୌଭାଗ୍ୟ ନାୟକ, ବୌଦ୍ଧ ଜିଲା କାର୍ଯ୍ୟକାରୀ ସଭାପତି ସୁବୋଧ ପ୍ରଧାନ, ପୂର୍ବତନ ବିଧାୟକ ଭଗବାନ କାହ୍ନାର, ଜିଲା ପରିଷଦ ସଦସ୍ୟା ପୁଷ୍ପଲତା ସେଠ୍, ସରପଞ୍ଚ ସନ୍ତୋଷ ରୋହିଦାସ, ସମିତିସଭ୍ୟ ରୋହିତ ଓର୍ମା ପ୍ରମୁଖ ଯୋଗଦେଇଥିଲେ। ଦଳୀୟ ପ୍ରାର୍ଥିନୀ ଅଲକା ମହାନ୍ତି ଯେଭଳି ସର୍ବାଧିକ ଭୋଟରେ ବିଜୟୀ ହେବେ ଏ ଦିଗରେ ରଣନୀତି ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବା ପାଇଁ କର୍ମୀଙ୍କୁ ନେତୃବୃନ୍ଦ ଗୁରୁମନ୍ତ୍ର ଦେଇଥିଲେ।

# ଭାଜପା ପ୍ରାର୍ଥିନୀଙ୍କ ପ୍ରଚାରରେ ଭୋଜପୁରୀ ଅଭିନେତା

ଝାରସୁଗୁଡ଼ା ଅଫିସ,୨୭।୫

ବ୍ରଜରାଜନଗର ଉପନିର୍ବାଚନ ପ୍ରଚାରରେ ଭୋଜପୁରୀ ଅଭିନେତା ତଥା ଉତ୍ତରପ୍ରଦେଶ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିନେଶ ଲାଲ୍ ଯାଦବ ଶୁକ୍ରବାର ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡାଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଦଳ ତରଫରୁ ବ୍ରଜରାଜନଗର ମଣ୍ଡଳିଆ ଛକରେ ଅଭିନେତା ଯାଦବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଏକ ଖୋଲା ଭ୍ୟାନରେ ପ୍ରାର୍ଥିନୀ ପଣ୍ଡା, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ସହ ଅଭିନେତା ଯାଦବ ରୋଡ୍ ଶୋ'ରେ ବାହାରିଥିଲେ। ଏହା ମଣ୍ଡଳିଆ ଛକରୁ ବାହାରି କାଳୀନଗର, ବୁଡ଼ିଯାମ ଓ ଲମଟିବାହାଲ ଦେଇ ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା। ଏହି ସମୟରେ ଭୋଜପୁରୀ ଅଭିନେତାଙ୍କୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଲୋକଙ୍କ ସମାଗମ ହୋଇଥିଲା। ରୋଡ୍ ଶୋ ସମୟରେ ଅଣଓଡିଆ ଭୋଟରଙ୍କୁ ଅଭିନେତା ଭୋଜପୁରୀ ଭାଷାରେ ଭାଷଣ ଦେବାବେଳେ ଲୋକେ ରାଧାରାଣୀ ପଣ୍ଡା ଜିନ୍ଦାବାଦ ବୋଲି ସ୍ଲୋଗାନ ଦେଇଥିଲେ। ଅଭିନେତା ଯାଦବ ତାଙ୍କ ବକ୍ତବ୍ୟରେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ବିକାଶ ପଥରେ ଆଗେଇଚାଲିଛି। ଓଡ଼ିଶାରେ ଭାଜପାକୁ ଅଧିକ ସୁଦୃଢ଼ କରିବା ପାଇଁ ପଦ୍ମଫୁଲ ଚିହ୍ନରେ ଭୋଟ୍‌ଦେଇ ପ୍ରାର୍ଥିନୀ ପଣ୍ଡାଙ୍କୁ ବିଜୟୀ କରିବା ପାଇଁ ସେ ନିବେଦନ କରିଥିଲେ।



ରୋଡ୍ ଶୋରେ ଭୋଜପୁରୀ ଅଭିନେତା ଦୀନେଶ ଲାଲ୍ ଯାଦବ।


**ODISHA PUBLIC SERVICE COMMISSION CUTTACK**

**NOTICE**

**No.4950/P.S.C., Dt.27.05.22**

**PF-IE-11-2021/22 (DR-III)**

**No.D-58:** It is for information of all concerned that, 110 (One hundred ten) candidates bearing following PPSAN Nos. have been called for the physical verification of original certificates/ documents to determine their eligibility and suitability for recruitment to the post of Post Graduate Teacher in HISTORY for 17 nos. of stand-alone Government Higher Secondary Schools, pursuant to Advt. No.24 of 2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below:

**PROGRAMME OF DOCUMENT VERIFICATION**

| DATE | TIME | -PPSAN Nos. of candidates |
|---|---|---|
| 06.06.2022 | 10.30A.M. | 00091502, 00126108, 00116610, 00051326, 00065671, 00116921, 00117465, 00019860, 00131988,00127154, 00016660, 00067505,' 00114222, 00124686 & 00125147= **15 candidates** |
| | 2.30P.M. | 00041447, 00115043, 00132486, 00120156, 00132148, 00052541, 00120502, 00124757,00126540, 00126457; 00120604, 00116199 & 00132415= **13 candidates** |
| 07.06.2022 | 10.30A.M. | 00073389,00117824,00126074,00116649,00132364,00057004,00123787, 00124323, 00121691, 00112140, 00119026, 00123731, 00115456, 00117253 & 00117678 = **15 candidates** |
| | 2.30 P.M. | 00079891, 00115686, 00126563, 00120427, 00114939, 00122154, 00060381, 00125876, 00118057, 00126750, 00040822, 00029380 & 00065586 = **13 candidates** |
| 08.06.2022 | 10.30A.M. | 00121099, 00133046, 00072006, 00122475, 00125781, 00114101, 00120064, 00116096, 00040147, 00051950, 00117424, 00115662, 00121827, 00047808 & 00024099 = **15 candidates** |
| | 2.30 P.M. | 00121836, 00114032, 00031830, 00122009, 00035569, 00049716, 00064967, 00055457, 00067679, 00131853, 00127903 & 00049302 = **12 candidates** |
| 09.06.2022 | 10.30A.M. | 00039313, 00117146, 00126533, 00125401, 00081084, 00020020, 00133500, 00117512, 00130760, 00047987, 00057011, 00042171, 00038249, 00088944 & 00131843 = **1 5 candidates** |
| | 2.30 P.M. | 00121251, 00116392, 00077019, 00114454, 00124170, 00124001, 00115826, 00123085, 00124386, 00114129, 00116586 & 00084732 = **12 candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below :-

1. Hard copy of the online application form;
2. Three recent passport size photographs;
3. Duly filled in and attested "Attestation Form" and duly filled in "Bio-data Form" (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council;
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed, certificate;
7. Mark-sheets in support of all the Examinations (HSC, Intermediated, Graduation/+3, Post Graduation & B.Ed.) including fail marks, if any, issued by the concerned-. Board/Council/University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable;
13. Sports Persons certificate issued by the Director of Sports, Odisha;
14. Any proof of Identity.

**NOTE -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**

**OIPR-12002/11/0067/2223**

**BHUBANESWAR MUNICIPAL CORPORATION**

**E-PROCUREMENT NOTICE**

**No.C-399: E-mail ID:ee2@bmc.gov.in**

1. Bid reference No. : BMC-EED-II-03/2022-23,Dt.27.05.22
2. Tender Call Notice No.: No.26910, Dt.27.05.22
3. No. of Work : 6 Nos.
4. Bid Value : Rs.2,56,072/- to Rs.27,85,832
5. Period of Completion: 30 to 60 Days

**Date and Time Schedule**

| Start | End | Opening |
|---|---|---|
| 11.00 A.M. of 31.5.22 | 5 P.M. of 9.6.22 | 11.00 A.M. 10.6.22 |

6. Tender details: Can be seen for the procurement portal: https://www.tendersodisha.gov.in. BMC website https://www.bmc.gov.in.

**Sd./-Executive Engineer, Div-II, Bhubaneswar Municipal Corporation**

**OIPR-13002/11/0043/2223**

idco ODISHA
Your power to grow NEW OPPORTUNITIES

**OFFICE OF THE CHIEF GENERAL MANAGER (CIVIL) IDCO.IDCO TOWER. BHUBANESWAR**

**Bid Identification No. Civil/EST- 14/2022-23**

**No.CAD-658: 13364, Dt.26.05.2022**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work: Construction of Sports Complex at Kusuma Lake, Jajpur (Phase II)
2. Value of the Work Rs. 1149.45 Lakhs
3. Period of completion: 15 (Fifteen) Calendar Months
4. Availability of tender online for Bidding:
   I. Start Date: 18:00 Hours of dt 03.06 2022.
   II End date: 15:00 Hours of dt.17.06..2022.
   III. Opening date: 16:00 Hours of dt. 17.06.2022.

Tender details can be seen from the e-procurement portal, **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./-Chief General Manager (Civil) IDCO, Bhubaneswar**

**OIPR-14003/11/0050/2223**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MAYURBHANJ MINOR IRRIGATION DIVISION,BARIPADA**
**Tel.No.(06792) 260788, e-Mail ID:mi.mayurbhanj@yahoo.co.in**

**"e" Procurement Notice**

**No.1838, Dated:20.05.2022**
**Identification No. E.E.M.I.D. Bpd.No.05/MID,MBJ/2022-23**
**E-mail id:mi.mayurbhanj@yahoo.co.in**

**No.A-281:** The Executive Engineer, Mayurbhanj M.I. Division, Baripada on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of Works : Civil Construction works as mentioned in the website
2. Total No. of Works : 06 Nos.
3. Estimated Cost : 31.81 Lakh to 45.88 Lakh (Detail list of work Annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & Time of availability of bid document in the portal : 31.05.2022 at 11.00 A.M. to 09.06.2022 upto 5.00 P.M.
7. Last date/time for receipt of Bids in the Portal : 09.06.2022 upto 5.00 P.M.
8. Date/Time of Opening of Bid : 10.06.2022 at 11.00 A.M.
9. Name and Address of the Officer Inviting the Bid : Executive Engineer,Mayurbhanj M.I.Division, Baripada
10. Mode of Payment of Bid Cost : Online
11. Further details can be seen from the "e" Procurement Portal "https://tendersorissa.gov.in."

**Sd./- Executive Engineer, Mayurbhanj M.I.Division, Baripada**

**OIPR-32041/11/0002/2223**

**ସେନ୍‌ସେକ୍ସ ୬୩୨ ପଏଣ୍ଟ ବୃଦ୍ଧି**

**ମୁମ୍ବାଇ:** ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ଭାରତୀୟ ପୁଞ୍ଜିବଜାରରେ ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଛି। ପୂର୍ବଦିନ ଅର୍ଥାତ୍ ଗୁରୁବାରର ବୃଦ୍ଧି ଧାରା ଚାଲୁ ରହିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୬୩୨ (୧.୧୭%) ଏବଂ ନିଫ୍ଟିରେ ୧୮୨ (୧.୧୩%) ଅଙ୍କ ବୃଦ୍ଧି ଘଟିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୮୮୫ ଏବଂ ୧୬,୩୫୨ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟପ୍ ଗେନର୍ସ ତାଲିକାରେ ଏଥାଇଏ ଇଞ୍ଜିନିୟରିଂ, କଣ୍ଟେନର କର୍ପ, ଆଷ୍ଟ୍ରାଜେନିକା ଫାର୍ମା, ଆଷ୍ଟର ଡିଏମ୍ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଡିଭିସ୍ ଲାବ୍, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଓଏନ୍‌ଜିସି, ଟାଟା ଷ୍ଟିଲ୍ ରହିଛନ୍ତି।

# ଭଲ ସ୍ଥିତିରେ ରହିଛି ଅର୍ଥ ବ୍ୟବସ୍ଥା

**ନୂଆଦିଲ୍ଲୀ,୨୭।୫**




**■ଆର୍‌ବିଆଇର ବାର୍ଷିକ ରିପୋର୍ଟ**
**■ବିକାଶ ହାରରେ ସୁଧାର ଆସିବ, ସହଜ ନୁହେଁ ଦରବୃଦ୍ଧି ରୋକିବା**

ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ ଶୁକ୍ରବାର ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ବାର୍ଷିକ ତଥ୍ୟ ଜାରି କରାଯାଇଛି। ମୁଦ୍ରାସ୍ଫୀତି ସହ ଅନ୍ୟାନ୍ୟ ବୈଶ୍ୱିକ ଚ୍ୟାଲେଞ୍ଜ ଭାରତୀୟ ଅର୍ଥନୀତିକୁ ଅନେକ ସମସ୍ୟା ମଧ୍ୟକୁ ଟାଣିଆଣିଛି। ଏହାସତ୍ତ୍ୱେ ଆମର ତୀବ୍ର ସୁଧାର ଗତି ଏବଂ ବିକାଶ ହାର ଆଗରେ ଏହା ବାଧକ ସାଜି ନାହିଁ ବୋଲି ତଥ୍ୟରେ ଉଲ୍ଲେଖ କରାଯାଇଛି। ଗତ ଆର୍ଥିକ ବର୍ଷ ଆରମ୍ଭରେ ଆସିଥିବା କରୋନା ମହାମାରୀ ୨ୟ ଲହର ଏବଂ ବର୍ଷ ଶେଷ ଆଡ଼କୁ ଆସିଥିବା ୩ୟ ଲହର ସତ୍ତ୍ୱେ ଆମର ବିକାଶ ହାର ଭଲ ରହିଛି ଏବଂ ଆଗକୁ ମଧ୍ୟ ଏହି ଗତି ଜାରି ରହିବ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ବିଶ୍ୱର ଅର୍ଥବ୍ୟବସ୍ଥାରେ ଧିମା ଗତି ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ଉତ୍ତମ ସ୍ଥିତିରେ ରହିଛି। ଆର୍‌ବିଆଇର ସୂଚନା ଅନୁସାରେ ଆର୍ଥିକ ବର୍ଷ ୨୦୨୧-୨୨ର ପ୍ରଥମ ୬ ମାସରେ ଚାହିଦା, ବ୍ୟବହାର ଏବଂ ଆର୍ଥିକ ଗତିବିଧି ଉପରେ କୋଭିଡ୍ ମହାମାରୀର ପ୍ରଭାବ ପଡ଼ିଥିଲା। ତେବେ ବର୍ଷର ଦ୍ୱିତୀୟାର୍ଦ୍ଧରେ ଦେଶର ଅର୍ଥବ୍ୟବସ୍ଥା ପୁଣିଥରେ ଟ୍ରାକ୍‌କୁ ଫେରିବାକୁ ସକ୍ଷମ ହୋଇଥିଲା। ଏହି ସମୟରେ ଦରବୃଦ୍ଧି ଦେଖାଯିବା ସହିତ ଏହା ଘରୋଇ ଚାହିଦା ଉପରେ ପ୍ରଭାବ ପକାଇଥିଲା। ଦେଶର ଆର୍ଥିକ ମାନ୍ଦାବସ୍ଥାକୁ ସୁଧାରିବା ଦିଗରେ ସରକାର ଏବଂ ଆର୍‌ବିଆଇ ପ୍ରାଥମିକତା ପ୍ରଦାନ କରିଥିଲେ। ଏହି କାରଣରୁ ଆର୍‌ବିଆଇ ୨ବର୍ଷ ପର୍ଯ୍ୟନ୍ତ ନିଜ ନୀତିକୁ ଦରବୃଦ୍ଧିଠାରୁ ଅଧିକ ବିକାଶ ଦର ଉପରେ କେନ୍ଦ୍ରିତ କରିଥିଲା। ଏପରିକି ଅର୍ଥବ୍ୟବସ୍ଥା ସୁଧାରିବାକୁ ୨୦୨୦ରୁ ଦୁଇବର୍ଷ ପର୍ଯ୍ୟନ୍ତ ରେପୋ ରେଟ୍ ସ୍ଥିର ରଖାଯାଇଥିବା ଆର୍‌ବିଆଇ ତଥ୍ୟରେ କୁହାଯାଇଛି। ଏହାଛଡ଼ା ଦେଶର ଆର୍ଥିକ ବ୍ୟବସ୍ଥା ଧୀରେ ଧୀରେ ସୁଧୁରିବାରେ ଲାଗିଛି। ସରକାରୀ ପୁଞ୍ଜିଗତ ଖର୍ଚ୍ଚ ଏବଂ ଘରୋଇ ନିବେଶରେ ମଧ୍ୟ ବୃଦ୍ଧି ଘଟିଲାଣି। ଏହାଛଡ଼ା ଦରବୃଦ୍ଧି ରୋକିବା ପାଇଁ ବର୍ତ୍ତମାନ ଆର୍‌ବିଆଇ ପକ୍ଷରୁ ଚେଷ୍ଟା ଜାରି ରହିଛି। ଏନେଇ ରେପୋ ରେଟ୍ ଏବଂ ସିଆର୍‌ଆର୍‌ରେ ମଧ୍ୟ ବୃଦ୍ଧି କରାଯାଇଛି। ଏହା ସତ୍ତ୍ୱେ ବୈଶ୍ୱିକ ବଜାରରେ ଅଶୋଧିତ ତୈଳ ଯୋଗାଣ ବାଧିତ ହେବା ଏବଂ ପରିବହନ ମୂଲ୍ୟ ବୃଦ୍ଧି କାରଣରୁ ଦରବୃଦ୍ଧିର ଆଶଙ୍କା ରହିଛି। ଅର୍ଥାତ୍ ବିକାଶ ହାରରେ ସୁଧାର ଅଣାଯାଇପାରିବ, ହେଲେ ଦର ବୃଦ୍ଧି ଚାପକୁ ବର୍ତ୍ତମାନ ସମୟରେ ଶେଷ କରିବା ସହଜ ନୁହେଁ ବୋଲି ଆର୍‌ବିଆଇ ତଥ୍ୟରେ କୁହାଯାଇଛି। ଏହାଛଡ଼ା ତଥ୍ୟ ଅନୁସାରେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆର୍‌ବିଆଇର ବାଲାନ୍ସସିଟ୍‌ରେ ୮.୫% ବୃଦ୍ଧି ଘଟିଛି। ଆର୍‌ବିଆଇ ପକ୍ଷରୁ ୧.୧୫ ଲକ୍ଷ କୋଟି ଟଙ୍କା କଣ୍ଟିଜେନ୍ସି ଫଣ୍ଡକୁ ଟ୍ରାନ୍ସଫର କରାଯାଇଥିବା ସୂଚନା ଦିଆଯାଇଛି।

## କୁ’ ଆପ୍ ଲୋକପ୍ରିୟତା ବଢୁଛି

**ନୂଆଦିଲ୍ଲୀ,୨୯।୩ :**

ଦେଶର ସବୁଠାରୁ ଗତିଶୀଳ ତଥା ବୈଷୟିକ ଜ୍ଞାନକୌଶଳ କୁ’ର ଏକ ନୂତନ ହ୍ୟାଣ୍ଡେଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ କାର୍ଯ୍ୟାଳୟରେ ଆରମ୍ଭ କରିଛନ୍ତି। ମେ ୨୦୨୨ରେ ସିଏମ୍‌ଓ-ଓଡ଼ିଶାର ଅଫିସିଆଲ ହ୍ୟାଣ୍ଡେଲ ଆରମ୍ଭ ହୋଇଛି। ବିଜୁ ଜନତା ଦଳ ମେ ୨୦୨୨ଠାରୁ କୁ’ କୁ ବ୍ୟବହାର କରିବା ଆରମ୍ଭ କରିଛି। ନବୀନଙ୍କ ବ୍ୟକ୍ତିଗତ ପ୍ରୋଫାଇଲ ଫେବୃୟାରୀ ୨୦୨୧ଠାରୁ ରହିଛି। ମୁଖ୍ୟମନ୍ତ୍ରୀ ସର୍ବଦା ଟେକ୍ନୋଲୋଜିକୁ ‘ଗେମ୍ ଚେଞ୍ଜର’ ଭାବରେ ବ୍ୟବହାର କରୁଛନ୍ତି।




ସିଏମ୍‌ଓ ଓଡ଼ିଶାଙ୍କ ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ ଅଫିସ ସମେତ ଅଧିକରୁ ଅଧିକ ରାଜନୈତିକ ଓ ସରକାରୀ ଅଧିକାରୀ, ବହୁ ସେଲିବ୍ରିଟି ତଥା ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ କୁ’ ଜଡ଼ିତ ହୋଇପାରିଛି ବୋଲି ଏହାର ସହ-ପ୍ରତିଷ୍ଠାତା ତଥା ସିଇଓ ଆପ୍ରାମେୟ ରାଧାକୃଷ୍ଣ କହିଛନ୍ତି। ଏହି ସୋସିଆଲ ମିଡିଆ ସ୍ୱଚ୍ଛତା ଏବଂ ବିଶ୍ୱାସକୁ ପ୍ରୋତ୍ସାହିତ କରିବାରେ ଆଗରେ ରହିଛି। ଆମର ଆଲଗୋରିଦମ୍‌ଗୁଡିକ କୌଣସି ବାଧା ଏବଂ ପକ୍ଷପାତ ବିନା କାର୍ଯ୍ୟକାରୀ କରୁଛି। ସେହିଭଳି ଏହାର ସହ-ପ୍ରତିଷ୍ଠାତା ମୟଙ୍କ ବିଡାୱାଟକା କହିଛନ୍ତି, ଆମେ ଆମର ମୂଳ ହିତାଧିକାରୀ ଉପଭୋକ୍ତା ଏବଂ କ୍ରିଏଟରଙ୍କ ଉପରେ ଅତ୍ୟଧିକ ଗୁରୁତ୍ୱ ପ୍ରଦାନ କରୁଛୁ। ଭାରତୀୟମାନଙ୍କୁ ମାତୃଭାଷାରେ ଅନ୍‌ଲାଇନରେ ପ୍ରକାଶ କରିବାକୁ ସାମର୍ଥ୍ୟ କରିବାକୁ କୁ’ ଆପ୍ ମାର୍ଚ୍ଚ ୨୦୨୦ରେ ଏକ ବହୁଭାଷୀ, ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମ ଭାବେ ଶୁଭାରମ୍ଭ କରାଯାଇଥିଲା। ଏହି ଆପ୍ ବର୍ତ୍ତମାନ ୧୦ଟି ଭାଷାରେ ଉପଲବ୍ଧ।

## ତନିସ୍କରେ ସାବିତ୍ରୀର ସ୍ୱତନ୍ତ୍ର ଅଫର




ତନିସ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ତ୍ତୃପକ୍ଷ ଓ ବ୍ରାଣ୍ଡ ଆମ୍ବାସାଡାର।

**ଭୁବନେଶ୍ୱର,୨୭।୫:**

ଟାଟାର ସହଯୋଗୀ ସଂସ୍ଥା ତଥା ଭାରତର ସର୍ବବୃହତ୍ ଗହଣା ରିଟେଲ ବ୍ରାଣ୍ଡ୍ ତନିସ୍କ ପକ୍ଷରୁ ସାବିତ୍ରୀ ବ୍ରତର ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଛି , ଯେଉଁଥିରେ ସୁନା ଅଳଙ୍କାର ଗଢ଼ା ମୂଲ୍ୟରେ ଓ ହୀରା ଗହଣାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ସେହିଭଳି ମେ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ଅଫର୍ ଓଡ଼ିଶାରେ ଥିବା ତନିସ୍କର ସମସ୍ତ ଷ୍ଟୋରରେ ବୈଧ ରହିବ। ଭାରତୀୟ ପରମ୍ପରାରେ ସାବିତ୍ରୀ ବ୍ରତ ହେଉଛି ଅନ୍ୟତମ ପବିତ୍ର ଉତ୍ସବ। ବିବାହିତ ମହିଳାମାନେ ସେମାନଙ୍କ ସ୍ୱାମୀଙ୍କ କଲ୍ୟାଣ ପାଇଁ ଏହାକୁ ପାଳନ କରିଥାନ୍ତି। ଏହି ଉତ୍ସବ ପାଇଁ ତନିସ୍କର ସ୍ୱତନ୍ତ୍ର ଅଫର ସହ ସାବିତ୍ରୀ ବ୍ରତ ଉପଯୁକ୍ତ ପରିଧାନ ପାଇବ ଏବଂ ସମୃଦ୍ଧି ଓ ପବିତ୍ରତା ଆଣିବ ବୋଲି ତନିସ୍କ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ନେକ୍‌ଲେସ୍, ଇୟରରିଂ, ଚୁଡିରୁ ମାଙ୍ଗଟିକା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଆକର୍ଷଣୀୟ ଅଳଙ୍କାର ଆଦିର ଚିତ୍ତାକର୍ଷକ ଡିଜାଇନ ସହିତ ଆକର୍ଷଣୀୟ ଅଫର ଓ ମୂଲ୍ୟରେ ଉପଲବ୍ଧ ହେଉଛି। ଅପରପକ୍ଷରେ ତନିସ୍କ ହେଉଛି ଉତ୍କୃଷ୍ଟ କାରିଗରୀ, ସ୍ୱତନ୍ତ୍ର ଡିଜାଇନ୍, ବିଶୁଦ୍ଧତାର ଗ୍ୟାରେଣ୍ଟି, ସ୍ୱଚ୍ଛତା ଓ ଗୁଣାତ୍ମକ ଉତ୍ପାଦର ଅନ୍ୟନାମ। ଏହାର ସମସ୍ତ ଷ୍ଟୋରରେ ଷ୍ଟେଟ୍ ଅଫ୍ ଆର୍ଟ କ୍ୟାରେଟ୍ ମିଟର, ଯାହା ସମ୍ପୂର୍ଣ୍ଣ ପ୍ରଭାବଶାଳୀ ଢଙ୍ଗରେ ଗ୍ରାହକମାନଙ୍କୁ ସେମାନଙ୍କ ସୁନାର ବିଶୁଦ୍ଧତା ଯାଞ୍ଚ କରିବାରେ ସହାୟକ ହେଉଛି। ତାହା ସହ ବିଶୁଦ୍ଧ ଅଳଙ୍କାର ପ୍ରଦାନ କରିବା ଲାଗି ତନିସ୍କ ବ୍ରାଣ୍ଡ ପ୍ରତିଶ୍ରୁତିବଦ୍ଧ ।

## ରୁଷିଆରେ ଅଟକିଛି ଭାରତୀୟ ଲାଭାଂଶ

**ନୂଆଦିଲ୍ଲୀ,୨୭।୫**

ପୁଟିନ୍ ସରକାରଙ୍କ ଦ୍ୱାରା ଡଲାର ପ୍ରତ୍ୟାବର୍ତ୍ତନରେ ରୋକ୍ ଲଗାଇବା ପରେ ଭାରତୀୟ ତୈଳ କମ୍ପାନୀ ସମ୍ବନ୍ଧିତ ଲାଭାଂଶ ଆୟ ୮ ବିଲିୟନ୍ ରୁବଲ୍ (ପ୍ରାୟ ୧୦୦୦ କୋଟି ଟଙ୍କା) ରୁଷିଆ ନିକଟରେ ଅଟକି ରହିଥିବା ଭାରତ ସରକାରଙ୍କ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଭାରତୀୟ ତୈଳ କମ୍ପାନୀଗୁଡ଼ିକ ରୁଷିଆରେ ୪ ଭିନ୍ନ ଭିନ୍ନ କମ୍ପାନୀରେ ଅଂଶଧନ କିଣିବା ପାଇଁ ୫.୪୬ ବିଲିୟନ୍ ଡଲାର ନିବେଶ କରିଛନ୍ତି। ଅଏଲ୍ ଇଣ୍ଡିଆ ବିତ୍ତୀୟ ନିର୍ଦ୍ଦେଶକ ହରିଶ ମାଧବ ଏନେଇ କହିଛନ୍ତି, ଏହି ନିବେଶଗୁଡ଼ିକରୁ ନିୟମିତ ଭାବରେ ଲାଭାଂଶ ପ୍ରାପ୍ତ ହେଉଥିଲା। ତେବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ବିଦେଶୀ ମୁଦ୍ରା ଦରରେ ହ୍ରାସ ବୃଦ୍ଧି ପରିଲକ୍ଷିତ ହେଲା।

## ରୁଚି ସୋୟାର ୪ର୍ଥ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୨୭।୫**




ଦେଶର ପ୍ରମୁଖ ଖାଇବା ତେଲ କମ୍ପାନୀ ରୁଚି ସୋୟା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଶୁକ୍ରବାର ୨୦୨୧-୨୨ ଆର୍ଥିକ ବର୍ଷର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସ ପାଇଁ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। କମ୍ପାନୀ ତଥ୍ୟ ଅନୁସାରେ ଉକ୍ତ ତ୍ରୈମାସରେ ବାବା ରାମଦେବଙ୍କ ଏହି କମ୍ପାନୀକୁ ୨୩୪.୪୩ କୋଟି ଟଙ୍କାର ଲାଭ ପ୍ରାପ୍ତ ହୋଇଛି। ଫଳସ୍ୱରୂପ କମ୍ପାନୀର ମୋଟ୍ ଆୟରେ ବୃଦ୍ଧି ଘଟି ୬,୬୭୬.୧୯ କୋଟି ଟଙ୍କାରେ ପହଞ୍ଚିଛି। ପୂର୍ବ ବର୍ଷ ଏହି ଅବଧି ମଧ୍ୟରେ କମ୍ପାନୀର ମୋଟ୍ ଆୟ ୪,୮୫୯.୫ କୋଟି ଟଙ୍କା ରହିଥିଲା। ତେବେ କମ୍ପାନୀର ଷ୍ଟାଣ୍ଡଏଲୋନ୍ ନେଟ୍ ପ୍ରଫିଟ୍‌ରେ ୨୫% ହ୍ରାସ ହୋଇଛି। ଟିକସ ଖର୍ଚ୍ଚରେ ବୃଦ୍ଧି କାରଣରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀର ନେଟ୍ ଲାଭ ପୂର୍ବ ବର୍ଷର ୬୮୦.୭୭ କୋଟି ଟଙ୍କାରୁ ବୃଦ୍ଧି ଘଟି ୮୦୬.୩ କୋଟି ଟଙ୍କା ହୋଇଛି। କମ୍ପାନୀ ପକ୍ଷରୁ ୪ର୍ଥ ତ୍ରୈମାସରେ କ୍ୱାର୍ଟର ଆଧାରରେ ୫.୯୫% ଏବଂ ବାର୍ଷିକ ଆଧାରରେ ୩୭.୩୮% ବୃଦ୍ଧି ରିପୋର୍ଟ କରାଯାଇଛି। ଏହାଛଡ଼ା ମୁଦ୍ରାସ୍ଫୀତି ବଢୁଥିବା ଏବଂ ବିଭିନ୍ନ ଚ୍ୟାଲେଞ୍ଜ ସତ୍ତ୍ୱେ କମ୍ପାନୀ ନିଜ ମାର୍ଜିନ୍ ସ୍ଥିର ରଖିପାରିଛି। ଏହି ଅବଧି ମଧ୍ୟରେ ରୁଚି ସୋୟା ଉତ୍ପାଦର ବିକ୍ରି ମୋଟ୍ ବିକ୍ରିରେ ୭୩.୧୨% ଯୋଗଦାନ ରହିଛି। ଏହାଛଡ଼ା ଉକ୍ତ ତ୍ରୈମାସରେ କମ୍ପାନୀ ପକ୍ଷରୁ ୭୪.୬୫ କୋଟି ଟଙ୍କାର ରପ୍ତାନି ବିକ୍ରି ହାସଲ କରାଯାଇଛି। ଏହାଛଡ଼ା ଉକ୍ତ ଆର୍ଥିକ ବର୍ଷରେ ରିୟଲ୍ଟି ବ୍ୟବସ୍ଥା ଏବଂ ସଂସ୍ଥାଗତ ଖଣ୍ଡ (ବେକରୀ ଏବଂ ବନସ୍ପତି) ଅନୁସାରେ ବିକ୍ରି କରାଯାଇଥିବା ବ୍ରାଣ୍ଡ ସହିତ ରୁଚି ସୋୟାର ବ୍ରାଣ୍ଡେଡ୍ ବ୍ୟବସାୟରେ ୧,୮୬୬,୩୯୪.୧୫ ଲକ୍ଷ ଟଙ୍କାର ବିକ୍ରି ହାସଲ କରାଯାଇଛି।

## ଓଟି-ଏଏସ୍ ସଂଘର ୪ର୍ଥ ସାଧାରଣ ଅଧିବେଶନ




**ଭୁବନେଶ୍ୱର,୨୭।୫:**

ଓଡ଼ିଶା କର ଏବଂ ହିସାବ ସେବା ସଂଘ (ଓଟି ଏବଂ ଏଏସ୍) ର ୪ର୍ଥ ସାଧାରଣ ଅଧିବେଶନ ଶୁକ୍ରବାର ସ୍ଥାନୀୟ ଇଡିକଲ୍ ଅଡିଟୋରିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲା ଏବଂ ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଥିବା ଉକ୍ତ କ୍ୟାଡରର ବହୁ ଅଧିକାରୀ ଯୋଗଦେଇଥିଲେ। ସଂଘର ଉପସଭାପତି ରଘୁନାଥ ସ୍ୱାଇଁଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟ ସମ୍ପାଦନ କରାଯାଇଥିଲା। କ୍ୟାଡର ପୁନର୍ଗଠନ ଏବଂ ପଦୋନ୍ନତି ସହ ଅନ୍ୟାନ୍ୟ ସେବା ସର୍ତ୍ତାବଳୀ ଆଦି ପ୍ରସଙ୍ଗରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଉକ୍ତ ପ୍ରସ୍ତାବ ସମ୍ବନ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କ ସମ୍ପୃକ୍ତ ଉଚ୍ଚ ଅଧିକାରୀମାନଙ୍କ ସହ ଯୋଗାଯୋଗ କରାଯିବା ପାଇଁ ସଂଘର ନବନିର୍ବାଚିତ କାର୍ଯ୍ୟନିର୍ବାହୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ଜ୍ୟୋତିରଞ୍ଜନ ଜେନା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ନବକୁମାର କଟକିଆ ଏବଂ ରଘୁନାଥ ସ୍ୱାଇଁ ଉପସଭାପତି, ଅନୟ କୁମାର ପତି ସାଧାରଣ ସମ୍ପାଦକ, ରଣଜିତ ସ୍ୱାଇଁ ଏବଂ ଅଭିଜିତ ସ୍ୱାଇଁ ଯୁଗ୍ମ ସମ୍ପାଦକ, ପ୍ରଶାନ୍ତ କୁମାର ଦାସ କୋଷାଧ୍ୟକ୍ଷ ଏବଂ ସୁବ୍ରତ କୁମାର ସ୍ୱାଇଁ ହିସାବ ରକ୍ଷକ ଭାବେ ନିର୍ବାଚିତ ହୋଇଥିଲେ।

## ୨୩ ତମ ଏମ୍‌ଇ ଆଣ୍ଡ ଏମ୍‌ସି ସପ୍ତାହ ସମାପନ

**ଭୁବନେଶ୍ୱର,୨୭।୫**




ଶ୍ରୀଧର ପାତ୍ର

୨୩ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ (ଏମ୍‌ଇ ଆଣ୍ଡ ଏମ୍‌ସି) ସପ୍ତାହର ସମାପନ ଉତ୍ସବ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପି.ଏନ୍. ଶର୍ମା, ଚିଫ୍ କଣ୍ଟ୍ରୋଲର ଅଫ୍ ମାଇନ୍ସ (ଭାରପ୍ରାପ୍ତ) ଏମଡିଆର, ଆଇବିଏମ୍, ବି.କେ.ଦାସ, ନିର୍ଦ୍ଦେଶକ (ଉତ୍ପାଦନ), ନାଲ୍‌କୋ, ଡ.ୱାଇ.ଜି.କାଲେ, କଣ୍ଟ୍ରୋଲର ଅଫ୍ ମାଇନ୍ସ (ପୂର୍ବାଞ୍ଚଳ), ଆଇବିଏମ୍, ବି.ଏଲ୍. ଗୁର୍ଜର, ଆର୍‌ସିଓଏମ୍, ଆଇବିଏମ୍, ଭୁବନେଶ୍ୱର ଅଞ୍ଚଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଦ୍ୱାରା ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉଭୟ କର୍ମଚାରୀ ଓ ଅନ୍ୟାନ୍ୟ ହିତାଧିକାରୀଙ୍କ ମଧ୍ୟରେ ଏମ୍‌ଇ ଆଣ୍ଡ ଏମ୍‌ସି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଖଣି ଯାଞ୍ଚ ଏବଂ ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଥିଲା। ବିଶେଷ କରି ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଖଣିର ବ୍ୟକ୍ତିଗତ କର୍ମଚାରୀଙ୍କୁ ପର୍ଯ୍ୟାବରଣ ବନ୍ଧୁ ପୁରସ୍କାର ଏବଂ ଖଣିଜ ସଂରକ୍ଷଣ ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପୋଷ୍ଟର ଏବଂ ସ୍ଲୋଗାନ ପାଇଁ ସ୍କୁଲ ପିଲାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅପରପକ୍ଷରେ ସଭା ପ୍ରାରମ୍ଭରେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଉତ୍ପାଦନ) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଅମିୟ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଆଞ୍ଚଳିକ ଖଣି ନିୟନ୍ତ୍ରକ ତଥା ସଂଯୋଜକ ବି.ଏଲ୍. ଗୁର୍ଜର ୨୩ ତମ ଏମ୍‌ଇ ଆଣ୍ଡ ଏମ୍‌ସି ସପ୍ତାହର ରିପୋର୍ଟ ଉପସ୍ଥାପନ କରିଥିଲେ।

## ବଢ଼ିଛି ବ୍ୟାଙ୍କିଙ୍ଗ୍ ଠକେଇ, କମିଛି ଅର୍ଥ ପରିମାଣ

**ନୂଆଦିଲ୍ଲୀ,୨୭।୫:**

ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ ଶୁକ୍ରବାର ପ୍ରକାଶିତ ବାର୍ଷିକ ତଥ୍ୟ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନ ସମ୍ପର୍କିତ ଠକେଇ ବୃଦ୍ଧିପାଇଛି। ତେବେ ଗତ ଆର୍ଥିକ ବର୍ଷରେ ୬୦,୪୧୪ କୋଟି ଟଙ୍କାର ଠକେଇ ରିପୋର୍ଟ କରାଯାଇଛି। ଏହି ପରିମାଣ ୨୦୨୦-୨୧ ଆର୍ଥିକ ବର୍ଷରେ ୧.୩୮ ଟ୍ରିଲିୟନ ଟଙ୍କା ତୁଳନାରେ ୫୬.୨୮% କମିଛି। ଠକେଇ ସଂଖ୍ୟା ଦୃଷ୍ଟିରୁ ଏହି ସଂସ୍ଥାଗୁଡ଼ିକ ୨୦୨୧-୨୨ରେ ୯୧୦୩ ସଂଖ୍ୟକ ଠକେଇ ମାମଲା ରିପୋର୍ଟ କରିଛନ୍ତି। ଏହା ୨୦୨୦-୨୧ର ୭,୩୫୯ ସଂଖ୍ୟକ ମାମଲାର ୨୩.୬୯% ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଆର୍‌ବିଆଇ କେବଳ ୧ଲକ୍ଷରୁ ଅଧିକ ଟଙ୍କାର ଠକେଇ ହୋଇଥିବା ମାମଲାଗୁଡ଼ିକୁ ନିଜ ଅନ୍ତର୍ଭୁକ୍ତ କରିଥାଏ।

## ଆୟକର କର୍ମଚାରୀ ସଂଘର ଦ୍ୱିବାର୍ଷିକ ମହାଧିବେଶନ




**ଭୁବନେଶ୍ୱର,୨୭।୫:**

ଓଡ଼ିଶା ଆୟକର କର୍ମଚାରୀ ସଂଘର ୨୬ତମ ଦ୍ୱିବାର୍ଷିକ ମହାଧିବେଶନ ଶୁକ୍ରବାର ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ବିଭାଗର ପ୍ରଧାନ ଆୟକର ଆୟୁକ୍ତ ସସ୍ମିତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟକର ଆୟୁକ୍ତ (ପ୍ରଶାସନ ଓ କରଦାତା ସେବା) ଫଗୁ ଓରାମ, ଆୟକର ଆୟୁକ୍ତ (ଅପିଲ୍) ସରୋଜ କୁମାର ମହାପାତ୍ର ଏବଂ ଓଡ଼ିଶା ଆୟକର ଗେଜେଟେଡ୍ ଅଧିକାରୀ ସଂଘ ସଭାପତି ଚନ୍ଦନ କୁମାର ଘଡ଼େଇଙ୍କ ସମେତ ଆୟକର ଗେଜେଟେଡ୍ ଅଧିକାରୀ ମହାସଂଘର ମହାସଚିବ ଭାସ୍କର ଭଟ୍ଟାଚାର୍ଯ୍ୟ, ଆୟକର କର୍ମଚାରୀ ମହାସଂଘର ଅଖିଳ ଭାରତୀୟ କାର୍ଯ୍ୟକାରୀ ସଭାପତି ଅଜୟ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଥିବା ପ୍ରତିନିଧିମାନଙ୍କ ଅଧିବେଶନରେ କର୍ମଚାରୀମାନଙ୍କର ବିଭିନ୍ନ ଅଭାବ ଏବଂ ଅଭିଯୋଗ ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହାଛଡ଼ା ଆଗାମୀ ୨ବର୍ଷ ପାଇଁ ଓଡ଼ିଶା ଆୟକର କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ ମଧ୍ୟ ହୋଇଥିଲା। ୨ୟ ଦିନରେ କେନ୍ଦ୍ର ସରକାର କର୍ମଚାରୀଙ୍କ ପାଇଁ ୨୦୦୪ରୁ ଲାଗୁ ହୋଇଥିବା ନୂତନ ପେନ୍‌ସନ ଯୋଜନାର ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତା ଭାବେ ଆୟକର ଗେଜେଟେଡ୍ ଅଧିକାରୀ ସଂଘର ସର୍ବଭାରତୀୟ ମହାସଚିବ ଭାସ୍କର ଭଟ୍ଟାଚାର୍ଯ୍ୟ, ଯୁଗ୍ମ ସଚିବ ଜେ.ପି. ସିଂହ ଏବଂ ସର୍ବଭାରତୀୟ ସଭାପତି ଅରବିନ୍ଦ ତ୍ରିବେଦୀଙ୍କ ସମେତ ଆୟକର କର୍ମଚାରୀ ସଂଘର ସର୍ବଭାରତୀୟ ମହାସଚିବ ରୂପକ ସରକାର ମଧ୍ୟ ଯୋଗଦେଇଥିଲେ।

# ୬୭ତମ ଜାତୀୟ ରେଳ ସପ୍ତାହ

**ଭୁବନେଶ୍ୱର,୨୭।୫:**



ଭାରତୀୟ ରେଳପଥ ଦେଶର ଜୀବନରେଖା ଏବଂ ଭାରତର ଅର୍ଥନୀତିର ମେରୁଦଣ୍ଡ। ଦେଶର ପ୍ରଗତି ଓ ବିକାଶରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ୧୮୫୩ ରେ ସାଧାରଣ ଭାବେ ଯାତ୍ରା ଆରମ୍ଭ କରିଥିବା ଭାରତୀୟ ରେଳ ଆଜି ଦେଶର ସାମାଜିକ ତଥା ଅର୍ଥନୈତିକ ବିକାଶରେ ପ୍ରମୁଖ କାରକ ଭାବେ ଉଭା ହୋଇଛି। ଗତବର୍ଷ ଭାରତୀୟ ରେଳପଥ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିବା ସହ ଅନେକ ସଫଳତା ହାସଲ କରିଛି। ଏହି ସଫଳତା ମଧ୍ୟରେ ମାଲ ପରିବହନ, ବିଦ୍ୟୁତୀକରଣ, ନୂତନ ଲାଇନ, ଦୋହରୀକରଣ, ଗେଜ୍ ପରିବର୍ତ୍ତନ, ଇଞ୍ଜିନ୍ ନିର୍ମାଣ ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ବୈଷୟିକ ଏକୀକରଣ ଆଦି ଅନ୍ତର୍ଭୁକ୍ତ। ଦେଶର ପ୍ରତିଷ୍ଠିତ ପରିବହନ ସଂସ୍ଥା ଭାରତୀୟ ରେଳପଥ, ଏସିଆର ସବୁଠାରୁ ଦୀର୍ଘ ରେଳ ନେଟ୍‌ୱର୍କ ତଥା ଗୋଟିଏ ପରିଚାଳନା ପଦ୍ଧତି ଅଧୀନରେ କାର୍ଯ୍ୟରତ ବିଶ୍ୱର ଦ୍ୱିତୀୟ ବୃହତ୍ ଅନୁଷ୍ଠାନ। ଏହାଦ୍ୱାରା ପ୍ରତିଦିନ ଉଭୟ ଦୀର୍ଘ ଦୂରତା ବିଶିଷ୍ଟ ଓ ସବ୍‌ଅର୍ବାନ୍ ରେଳପଥରେ ୭,୩୪୯ ଷ୍ଟେଶନ ମଧ୍ୟ ଦେଇ ୧୩,୪୫୨ ଯାତ୍ରୀବାହୀ ଟ୍ରେନ୍ ପରିଚାଳିତ ହୋଇଥାଏ। ବାର୍ଷିକ ୮,୦୮୬ ବିଲିୟନ୍ ଯାତ୍ରୀ ଏବଂ ୧୪୧୮.୧୦ ନିୟୁତ ମାଲ ପରିବହନ କରୁଥିବା ଏହା ବିଶ୍ୱର ବୃହତମ ନେଟ୍‌ୱର୍କ । ଆର୍ଥିକ ବର୍ଷ ୨୦୨୧-୨୨ରେ ଭାରତୀୟ ରେଳପଥ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିବା ସହ ଅନେକ ସଫଳତା ହାସଲ କରିଛି। ବ୍ୟବହାର ଉପଯୋଗୀ ମାଲ ଓ ଯାତ୍ରୀ ବ୍ୟବସାୟ ସମ୍ପର୍କିତ ୱେବ୍‌ସାଇଟ୍ ଆରମ୍ଭ କରାଯାଇଛି। ଅନ୍‌ଲାଇନ ତଥା ଏକୀକୃତ ବିକ୍ରେତା ଅନୁମୋଦନ ବ୍ୟବସ୍ଥା ମଧ୍ୟ ଆରମ୍ଭ ହୋଇଛି। ଭାରତୀୟ ରେଳପଥ ଦ୍ୱାରା ୧୫ଟି ରାଜ୍ୟକୁ ୮୯୯ ଅକ୍ସିଜେନ୍ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରାଯାଇଥିଲା ଏବଂ ୩୬,୮୪୦ ଟନ୍ ଲିକ୍ୱିଡ୍ ଅକ୍ସିଜେନ୍ ପରିବହନ କରାଯାଇଥିଲା। ଅକ୍ସିଜେନ୍ ଏକ୍ସପ୍ରେସ୍ ଟ୍ରେନ୍ ବାଂଲାଦେଶକୁ ମଧ୍ୟ ଅମ୍ଳଜାନ ପରିବହନ କରିଥିଲା। ବର୍ତ୍ତମାନ ନୂଆଦିଲ୍ଲୀ-ହାଓଡା ଓ ନୂଆଦିଲ୍ଲୀ-ମୁମ୍ବାଇ ଶାଖା ମଧ୍ୟରେ କବଚ ବ୍ୟବସ୍ଥାକୁ ୨୦୨୪ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ କରିବା ଯୋଜନା ରହିଛି।

### ଆଜି ଜାତୀୟ ରେଳପଥ ପୁରସ୍କାର ମହୋତ୍ସବ

**ଭୁବନେଶ୍ୱର,୨୭।୫:**

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଭାରତୀୟ ରେଳ ପକ୍ଷରୁ ଜାତୀୟ ରେଳପଥ ପୁରସ୍କାର ମହୋତ୍ସବ-୨୨ର ଆୟୋଜନ ଭୁବନେଶ୍ୱର (ପୂର୍ବତଟ ରେଳପଥ)ରେ କରାଯାଇଛି। ରେଳପଥର ୬୭ତମ ଜାତୀୟ ରେଳ ପୁରସ୍କାର ମହୋତ୍ସବ ଶନିବାର ସ୍ଥାନୀୟ ପୂର୍ବତଟ ରେଳପଥର ରେଳ ଅଡିଟୋରିୟମ ପରିସରରେ ହେବାକୁ ଯାଉଛି। ଚଳିତ ବର୍ଷ ଉକ୍ତ କାର୍ଯ୍ୟକ୍ରମର ଆୟୋଜକ ଭାବେ ପୂର୍ବତଟ ରେଳପଥ ସମ୍ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛି। ଏହି ପରିପ୍ରେକ୍ଷୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ କୋଇଲା ଏବଂ ଖଣି କେନ୍ଦ୍ର ରାଜ୍ୟ ମନ୍ତ୍ରୀ ରାଓସାହେବ ପାଟିଲ ଡାନ୍‌ଭେ, ରେଳପଥ ଏବଂ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଶ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିଭଳି ରେଳପଥ ବୋର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ବୋର୍ଡର ସମସ୍ତ ସଦସ୍ୟ, ସମସ୍ତ ଜୋନାଲ ରେଳପଥର ମହାପ୍ରବନ୍ଧକ, ରେଳପଥର ଉତ୍ପାଦନ ୟୁନିଟ୍‌ଗଡ଼ିକର ମହାପ୍ରବନ୍ଧକ ଏବଂ ରେଳପଥ ପିଏସ୍‌ୟୁଗୁଡିକର ମୁଖ୍ୟ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଜଣାପଡିଛି। ସେହିପରି ରେଳପଥରେ ଉଲ୍ଲେଖନୀୟ ସେବା ପାଇଁ ମୋଟାମୋଟି ଭାବେ ବିଭିନ୍ନ ଜୋନାଲ ରେଳପଥ, ଉତ୍ପାଦନ ୟୁନିଟ୍ ଏବଂ ରେଳପଥ ପିଏସ୍‌ୟୁଗୁଡିକର ୧୫୫ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯିବାକୁ ଥିବାବେଳେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ପାଇଁ ଜୋନାଲ ରେଳପଥ, ଉତ୍ପାଦନ ୟୁନିଟ୍ ଏବଂ ରେଳପଥ ପିଏସ୍‌ୟୁଗୁଡିକୁ ସର୍ବମୋଟ ୨୧ଟି ସିଲ୍ଡ ପୁରସ୍କୃତ ଆକାରରେ ପ୍ରଦାନ କରାଯିବ।

ଭାରତୀୟ ରେଳର ଏହା ହେଉଛି ଏକ ପ୍ରମୁଖ କାର୍ଯ୍ୟ, ଯେଉଁଠାରେ ରେଳ ମନ୍ତ୍ରଣାଳୟର ଏକ ସମ୍ପୂର୍ଣ୍ଣ କାର୍ଯ୍ୟବଳର ମୁଖ୍ୟମାନେ ଉପସ୍ଥିତ ରହିବେ। ଏପରିକି ଭୁବନେଶ୍ୱର (ପୂର୍ବତଟ ରେଳପଥ)ରେ ୨ୟ ଥର ପାଇଁ ଏଭଳି ଏକ ସମାବେଶ ଆୟୋଜନ କରାଯାଇଥିବାରୁ ଗର୍ବିତ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## ବିଓବିର ୫୯ତମ ଶାଖା ଉଦ୍‌ଘାଟିତ



**ଭୁବନେଶ୍ୱର,୨୭।୫**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ରରେ ୫୯ତମ ଶାଖା ଶୁକ୍ରବାର ସ୍ଥାନୀୟ ବରମୁଣ୍ଡାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଇନ୍‌ଷ୍ଟିଚ୍ୟୁଶନାଲ ଫାଇନାନ୍ସର ନିର୍ଦ୍ଦେଶକ ପ୍ରଜ୍ଞାସ୍ମିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଉପ ସଚିବ ତାରାକାନ୍ତ ଭକ୍ତ,ବିଓବିର ଡ. ଆର୍.କେ. ମହାନ୍ତି, ଏନ୍‌ଡିଜିଏମ୍-୧, ପାଟଣା, ଅନ୍ନୟ କୁମାର ମିଶ୍ର, କ୍ଷେତ୍ରୀୟ ପ୍ରବନ୍ଧକ, ଭୁବନେଶ୍ୱର କ୍ଷେତ୍ର-୨, ରାଜୀବ କ୍ରିଷ୍ଣା, କ୍ଷେତ୍ରୀୟ ପ୍ରବନ୍ଧକ, ଭୁବନେଶ୍ୱର କ୍ଷେତ୍ର, ବରମୁଣ୍ଡା ଶାଖାର ଶାଖା ପ୍ରବନ୍ଧକ ଶ୍ୱେତଲିନା ସାହୁଙ୍କ ସମେତ ଉକ୍ତ ଶାଖାର ଅନ୍ୟ ସମସ୍ତ କର୍ମଚାରୀ ତଥା କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ଶାଖାଟି ଖୋର୍ଦ୍ଧା ଜିଲାର ୨୬ତମ ଶାଖା ହୋଇଥିବା ବେଳେ ଭୁବନେଶ୍ୱର ଅଞ୍ଚଳର ୫୯ତମ ଶାଖା ଏବଂ ରାଜ୍ୟରେ ବିଓବିର ୧୬୫ତମ ଶାଖା ବୋଲି ରାଜୀବ କ୍ରିଷ୍ଣା ମତବ୍ୟକ୍ତ କରିଛନ୍ତି। ଉକ୍ତ ଶାଖାର ଶାଖା ପରିଚାଳକ ଶ୍ୱେତଲିନା ସାହୁ ବିଓବିର ସମସ୍ତ କର୍ମଚାରୀ ଏବଂ ଗ୍ରାହକମାନଙ୍କୁ ଧନ୍ୟବାଦ ଜଣାଇବା ସହ ଗ୍ରାହକମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

**ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ**

**ଗୋପ,୨୭।୫(ଡି.ଏନ୍.ଏ.):** ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ଗୁରୁବାର ପୁରୀ ସାଇବର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଗୋପ ଥାନା ଅଞ୍ଚଳ ନୟାହାଟ ନିକଟସ୍ଥ ରଙ୍ଗତୋଟା ଗ୍ରାମର ଅମନ ରାସୁଲ (୨୩)। ଏ ନେଇ ପୋଲିସ ଏକ ମାମଲା (ନଂ. ୯/୨୨) ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ ଅମନ ନୟାହାଟ ଫାଣ୍ଡି ଅଞ୍ଚଳରେ ଜଣେ ଯୁବତୀଙ୍କୁ ୨ବର୍ଷ ଧରି ଭଲ ପାଉଥିଲେ। ପରେ ସେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କର ଅଶ୍ଳୀଳ ଫଟୋ ସହ ଭିଡିଓ କରିନେଇଥିଲେ।

## ବେଆଇନ ଭ୍ରୂଣ ନିରୂପଣ କେନ୍ଦ୍ର ସିଲ୍

### ମାଲିକ, ଆଶାକର୍ମୀଙ୍କ ସମେତ ୧୩ ଗିରଫ

**ବ୍ରହ୍ମପୁର ଅଫିସ,୨୭।୫:** ଗଞ୍ଜାମ ଜିଲା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲିରେ ଏକ ଘରେ ଦୀର୍ଘବର୍ଷ ଧରି ବେଆଇନ ଭାବେ ଗର୍ଭସ୍ଥ ଶିଶୁଙ୍କ ଲିଙ୍ଗ ନିରୂପଣ କରାଯାଉଥିଲା। ଏହି ସୂଚନା ମିଳିବା ପରେ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ଗୁରୁବାର ସନ୍ଧ୍ୟାରେ ସେଠାରେ ଚଢ଼ାଉ କରାଯାଇଥିଲା। ଶୁକ୍ରବାର ଉକ୍ତ ବେଆଇନ କେନ୍ଦ୍ରକୁ ପୋଲିସ ସିଲ୍ କରିଛି। ସେଠାରୁ ୨ଟି ଅଲଟ୍ରାସାଉଣ୍ଡ ମେଶିନ, ଅଲଟ୍ରାସାଉଣ୍ଡ ବେଳେ ବ୍ୟବହୃତ ଜେଲ୍, ୧୮,୨୦୦ ଟଙ୍କା ଓ ଅନ୍ୟ ଜରୁରୀ କାଗଜାତ ଜବତ ହୋଇଛି। ଭ୍ରୂଣ ନିରୂପଣ କେନ୍ଦ୍ରର ମୁଖ୍ୟ ତଥା ଆଙ୍କୁଲି ଆନନ୍ଦନଗରର ଦୁର୍ଗାପ୍ରସାଦ ନାୟକ, ଖଲ୍ଲିକୋଟ ଅଞ୍ଚଳର ଜଣେ ଆଶାକର୍ମୀ, ଦୁଇ ଦଲାଲ ଓ ନିଗମ ନଗରର ଅକ୍ଷୟ ଦଳାଇ ଓ କୁକୁଡ଼ାଖଣ୍ଡିର ହରିମୋହନ ଦଳାଇଙ୍କ ସମେତ ୧୩ ଜଣଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଶ୍ରବଣା ବିବେକ ଏମ. ଏହି ସୂଚନା ଦେଇଛନ୍ତି। ମାଷ୍ଟରମାଇଣ୍ଡ ଦୁର୍ଗାପ୍ରସାଦ ଜଣେ ଲାବ ଟେକ୍ନିସିଆନ। ସେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରନ୍ତି। ଏପରିକି ମହିଳାଙ୍କ ଗର୍ଭପାତ ମଧ କରିଥାନ୍ତି। ଭ୍ରୂଣ ନିରୂପଣ ପାଇଁ ଜଣପିଛା ୧୫ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ନିଆଯାଉଥିଲା। ବିଭିନ୍ନ ଲାବ, ଘରୋଇ କ୍ଲିନିକ ଓ ଗ୍ରାମାଞ୍ଚଳରୁ ଗର୍ଭବତୀଙ୍କୁ ଏହି କେନ୍ଦ୍ରକୁ ଆଣିବାରେ ଅକ୍ଷୟ ଓ ହରିମୋହନ ସହଯୋଗ କରୁଥିଲେ। ଗୁରୁବାର ସନ୍ଧ୍ୟାରେ ଚଢ଼ାଉ ବେଳେ ୧୧ ଜଣ ମହିଳା ରହିଥିଲେ। ସେମାନଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆଶାକର୍ମୀ ରୀନା ପ୍ରଧାନ ୨ଜଣ ମହିଳାଙ୍କୁ ସେମାନଙ୍କ ଶିଶୁର ଲିଙ୍ଗ ନିରୂପଣ ପାଇଁ ଆଣିଥିଲେ ବୋଲି ସେ କହିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି। ଯେଉଁମାନେ ଏହାର ତଦନ୍ତ ପରିସରଭୁକ୍ତ ହେବେ ସେମାନଙ୍କୁ ମଧ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଗିରଫ ୧୨ ଜଣିଆ ଗ୍ୟାଙ୍ଗରେ ସହରର କେତେକ କ୍ଲିନିକର ଟେକ୍ନିସିଆନ ଥିବା ସେ କହିଛନ୍ତି। ବୈଦ୍ୟନାଥପୁର ପୋଲିସ ମାମଲା ନଂ.୧୬୪/୨୨ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ୮ ବର୍ଷ ହେଲା ପଢ଼ାଉଥିଲେ ନକଲି ଶିକ୍ଷୟିତ୍ରୀ

**ଛାତ୍ରୀଙ୍କୁ ମାଡ଼ ମାରିବା ପରେ ଜଣାପଡ଼ିଲା ସତ**

- ଏନ୍‌ଜିଓ ଦ୍ୱାରା ନିଯୁକ୍ତ ହୋଇଥିଲେ ଦୁଇ ଯୁବତୀ
- ଶିକ୍ଷା ବିଭାଗ ଅଜ୍ଞାତରେ ଚାଲିଥିଲା ପାଠପଢ଼ା

**ବଲାଙ୍ଗୀର ଅଫିସ,୨୭।୫**

ଜଣେ ଛାତ୍ରୀଙ୍କୁ ମାଡ଼ ମାରିବା ପରେ ଜଣାପଡ଼ିଛି ସତ। ୮ ବର୍ଷ ହେଲା ଏକ ସ୍କୁଲରେ ଦୁଇଜଣ ନକଲି ଶିକ୍ଷୟିତ୍ରୀ ପାଠ ପଢ଼ାଉଥିବା ଘଟଣା ନଜରକୁ ଆସିଛି। ଏହି ଶିକ୍ଷୟିତ୍ରୀଦ୍ୱୟ ଏନ୍‌ଜିଓ ଦ୍ୱାରା ନିଯୁକ୍ତ ହୋଇଥିବା ବେଳେ ଶିକ୍ଷା ବିଭାଗ ପାଖରେ ଖବର ନାହିଁ। ବଲାଙ୍ଗୀର ସହର ଇଚ୍ଛାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଥିବା ଜାଣିବାକୁ ମିଳିଛି। ଏହି ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି।

ପ୍ରକାଶ ଯେ, ଚତୁର୍ଥ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ାଉଥିବା ଜଣେ ଶିକ୍ଷୟିତ୍ରୀ ଗତ ସୋମବାର ନିଷ୍ଠୁକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଦଣ୍ଡମୁକ୍ତ ଅଞ୍ଚଳ ଭାବେ ପରିଗଣିତ ସ୍କୁଲରେ ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ଜଣକ ମାଡ଼ ମାରିଥିବା ଜଣାପଡ଼ିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ପୂର୍ବାହ୍ନରେ କେତେଜଣ ଅଭିଭାବକ ସ୍କୁଲକୁ ଯାଇ କେଉଁ ଶିକ୍ଷୟିତ୍ରୀ ଛାତ୍ରୀଙ୍କୁ ମାଡ଼ ମାରିଲେ ସେନେଇ ତନାଘନା କରିଥିଲେ। ଏହାକୁ ନେଇ ସେଠାରେ ତର୍କବିତର୍କ ଚାଲିଥିବା ବେଳେ ମାଡ଼ ମାରିଥିବା ଶିକ୍ଷୟିତ୍ରୀଙ୍କ ପରିଚୟ ମିଳିଥିଲା। ତେବେ ସେହି ଶିକ୍ଷୟିତ୍ରୀ ଜଣକ ସରକାରୀ ନିଯୁକ୍ତିପ୍ରାପ୍ତ ନୁହେଁ ବରଂ ଏକ ଏନ୍‌ଜିଓ ଦ୍ୱାରା ନିଯୁକ୍ତ ବୋଲି ଜଣାପଡ଼ିଥିଲା। ଏହାକୁ ନେଇ ସେଠାରେ ଅଭିଭାବକମାନେ ହୋହଲ୍ଲା କରିଥିଲେ। ଖବର ପାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ) ଅଧିକାରୀ ଏବଂ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି) ଟିମ୍ ସ୍କୁଲରେ ପହଞ୍ଚି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ।

ଗତ ୨୦୧୪ରେ ପେଲେସ ଲାଇନ୍‌ସ୍ଥିତ ଏକ ଏନ୍‌ଜିଓ ଜନସେବା ସଂସ୍ଥା ସମ୍ପୃକ୍ତ ଦୁଇ ଯୁବତୀଙ୍କୁ ଉକ୍ତ ସ୍କୁଲରେ ନିଯୁକ୍ତି ଦେବାକୁ ତତ୍କାଳୀନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କୁଆଡ଼େ କହିଥିଲେ। ସେମାନେ ସ୍କୁଲ ପଢ଼ାରେ ପଛେଇ ଯାଉଥିବା ଦୁର୍ବଳ ଛାତ୍ରୀଛାତ୍ରଙ୍କୁ ପଢ଼ାଇବେ ବୋଲି କହିଥିଲେ। ସେହିଦିନଠାରୁ ସେମାନେ ସେ ସ୍କୁଲରେ ପାଠ ପଢ଼ାଇ ଆସୁଥିବା ଜଣାପଡ଼ିଛି। ଏହି ସ୍କୁଲରେ ଏବେ ୭୪ ଛାତ୍ରୀଛାତ୍ର ପଢୁଛନ୍ତି। ୪ ଜଣ ଶିକ୍ଷୟିତ୍ରୀ ମଧ ରହିଛନ୍ତି। ଏଠାରେ ଛାତ୍ର ଶିକ୍ଷକ ଅନୁପାତରୁ ଅଧିକ ଶିକ୍ଷୟିତ୍ରୀ ଥିବା ସତ୍ତ୍ୱେ ପୁଣି ଦୁଇଜଣ ଏନ୍‌ଜିଓ ପ୍ରକଳ୍ପ ଶିକ୍ଷୟିତ୍ରୀ କାମ କରୁଛନ୍ତି। ଏଠାରେ ସରକାରୀ ଶିକ୍ଷୟିତ୍ରୀମାନେ ନିଜେ ପାଠ ନ ପଢ଼ାଇ ନକଲି ଶିକ୍ଷୟିତ୍ରୀଙ୍କ ଜରିଆରେ ପଢ଼ାଉଥିବା ଆଲୋଚନାର ବିଷୟ ହୋଇଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ରାଘବ ପାଣିଗ୍ରାହୀଙ୍କୁ ପଚରାଯିବାରେ ଘଟଣା ସମ୍ପର୍କରେ ତଦନ୍ତ କରାଯିବ ଏବଂ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ପାଇଁ ଡିଇଓଙ୍କୁ ସେ ଲିଖିତ ଜଣାଇବେ ବୋଲି କହିଥିଲେ। ଏହି ଘଟଣାକୁ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏତଲା ଦିଆଯିବ ବୋଲି ସିଡବ୍ଲୁସି ପକ୍ଷରୁ କୁହାଯାଇଛି।

## ଗୁରୁ ଘନଶ୍ୟାମ ପଣ୍ଡା ପାଇବେ 'ବାଳକୃଷ୍ଣ ଦାଶ ସମ୍ମାନ'

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**


ଘନଶ୍ୟାମ ପଣ୍ଡା

ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଚଳିତ ବର୍ଷ ଗୁରୁ ଘନଶ୍ୟାମ ପଣ୍ଡାଙ୍କୁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ-୨୦୨୨' ମିଳିବ। ଆସନ୍ତା ୩୦ ତାରିଖରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୩୦ତମ ବାର୍ଷିକୋତ୍ସବ ଓ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ୯୯ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଏହି ପୁରସ୍କାର ଦିଆଯିବ। ସମ୍ମାନ ସ୍ୱରୂପ ତାଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବ। ଏଥିସହିତ କଣ୍ଠଶିଳ୍ପୀ ଶାନ୍ତିଲତା ଛୋଟରାୟଙ୍କୁ 'ସଙ୍ଗୀତ ସରସ୍ୱତୀ', ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ 'ବାଦ୍ୟ ସରସ୍ୱତୀ' ଓ ପଣ୍ଡିତ ଆର୍ତ୍ତତ୍ରାଣ ଶତପଥୀଙ୍କୁ 'ଗୀତି ସରସ୍ୱତୀ' ସମ୍ମାନରେ ବିଭୂଷିତ କରାଯିବ। ସେମାନଙ୍କୁ ୧୦ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବ। ସେହିଭଳି ଯୁବ ପ୍ରତିଭା ମନୋଜ କୁମାର ମାଟିଙ୍କୁ 'ସଙ୍ଗୀତ ସୁଧାକର ସ୍ମୃତିବୃତ୍ତି' ସହ ୧ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦିଆଯିବ। ସଙ୍ଗୀତ ଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ବିଶେଷ ସମ୍ମାନରେ ସମ୍ମାନିତ କରାଯିବ। ଖବରଦାତା କେଶବ ପାଣି ଓ ସୁକେଶ ବେହେରାଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ଡ. ସଚ୍ଚିକାନ୍ତ ନାୟକଙ୍କ ପୁସ୍ତକ 'ଛାନ୍ଦ ସମୀକ୍ଷା' ଲୋକାର୍ପିତ ହେବ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବେ ବୋଲି ଫାଉଣ୍ଡେଶନର ଆବାହକ ଅରକ୍ଷିତ ଦାଶ ସୂଚନା ଦେଇଛନ୍ତି।

## ପେଡ୍ ପିରିୟଡ ଲିଭ୍ ଦାବି କଲେ ସମ୍ବଲପୁର ଝିଅ

### କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ଅନ୍‌ଲାଇନ୍‌ରେ ଅନୁରୋଧ

**ସମ୍ବଲପୁର,୨୭।୫(ବ୍ୟୁରୋ)**



ରଞ୍ଜିତା ପ୍ରିୟଦର୍ଶିନୀ

ଋତୁସ୍ରାବ ସମୟରେ କର୍ମଜୀବୀ ମହିଳା ଅସ୍ୱସ୍ତି ଅନୁଭବ କରିଥାନ୍ତି। ଏଥିରୁ ଆଶ୍ୱସ୍ତି ପାଇବା ପାଇଁ ସମ୍ବଲପୁର ଏନ୍‌ଗୁହା ଲାଇନର ଝିଅ ରଞ୍ଜିତା ପ୍ରିୟଦର୍ଶିନୀ ଆଗେଇ ଆସିଛନ୍ତି। ସେ ପେଡ୍ ପିରିୟଡ ଲିଭ୍ ପାଇଁ କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦର ଯାଦବଙ୍କୁ ଅନ୍‌ଲାଇନ୍‌ରେ ଅନୁରୋଧ କରିଛନ୍ତି। ସମସ୍ତ ସରକାରୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟରତ ମହିଳାଙ୍କୁ ଋତୁସ୍ରାବ ସମୟରେ ଛୁଟି ପ୍ରଦାନ କରିବାକୁ ଏଥିରେ ଉଲ୍ଲେଖ କରିଛନ୍ତି। ଏହାସହ ସେ ଏକ ହସ୍ତାକ୍ଷର ଅଭିଯାନ ମଧ ଆରମ୍ଭ କରିଛନ୍ତି।

ପ୍ରିୟଦର୍ଶିନୀଙ୍କ ଦାବି ଅନୁସାରେ ବିଭିନ୍ନ କ୍ଷେତ୍ରରେ ଏବେ ଦେଶରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟକୁ ମଧ ଗୁରୁତ୍ୱ ଦିଆଯାଉଛି। ଋତୁସ୍ରାବ ସମୟରେ ମହିଳାମାନେ କିଭଳି ସମୟ କାଟିବେ ସେ ସମ୍ପର୍କରେ ସଚେତନ କରାଯାଉଛି। ଏହା ସତ୍ତ୍ୱେ କର୍ମଜୀବୀ ମହିଳା, ମହିଳା ଶ୍ରମିକ ଏହି ସମୟରେ ହଇରାଣ ହେଉଛନ୍ତି। ସରକାରୀ ହେଉ କି ଘରୋଇ ଅନୁଷ୍ଠାନ, ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନାହିଁ। ମହିଳାଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଆଇନ ରହିଛି। ତେଣୁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରି ମହିଳାଙ୍କ ସୁବିଧା ଓ ସୁରକ୍ଷା ପାଇଁ ପେଡ୍ ପରିୟଡ ଲିଭ୍ ଲାଗୁ କରିବା ଆବଶ୍ୟକ। ପ୍ରିୟଦର୍ଶିନୀ କହିଛନ୍ତି, ଅନ୍ୟ କେତେକ ଦେଶର ମହିଳାଙ୍କୁ ଏହି ସମୟରେ ଛୁଟି ଦିଆଯାଇଥାଏ। ତେଣୁ ଆମ ଦେଶରେ ଏହି ସୁବିଧା ଦିଆଯିବା ଆବଶ୍ୟକ ଭାବି ମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ସେ କହିଛନ୍ତି।

## ମାଲକାନଗିରିର ଦିବ୍ୟାଙ୍ଗଙ୍କୁ ମିଳିଲା କୃତ୍ରିମ ଅଙ୍ଗ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁକ୍ରବାର ମାଲକାନଗିରି ଜିଲାର ୧୭ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରିଛନ୍ତି। କ୍ୟାପିଟାଲ ହସ୍ପିଟାଲ ପରିସରସ୍ଥିତ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଲେ, ରାଜ୍ୟରେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରାୟ ୬ ହଜାର ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ରୋବୋଟିକ୍ ଥେରାପି ସହାୟତା କ୍ରମେ ପ୍ରସ୍ତୁତ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ କରାଯାଇଛି । ରାଉରକେଲା ଓ ବ୍ରହ୍ମପୁରଠାରେ ମଧ ଆଧୁନିକ ପୁନର୍ବାସ କେନ୍ଦ୍ର ଖୁବ୍‌ଶୀଘ୍ର ପ୍ରତିଷ୍ଠା କରାଯିବ ଏବଂ ଏହି ସୁବିଧା ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ହିତାଧିକାରୀଙ୍କ ସହିତ ମନ୍ତ୍ରୀ ମତ ବିନିମୟ କରିଥିଲେ।

## ଚିଲିକା ମଝିରେ ଅଟକିଲା ଡଙ୍ଗା

**କୃଷ୍ଣପ୍ରସାଦ,୨୭।୫(ଡି.ଏନ୍.ଏ.)**


ଚିଲିକା ମଝିରେ ଅଟକି ରହିଥିବା ଡଙ୍ଗା।

ଚିଲିକା ମଝିରେ ଅଟକିଲା ଯାତ୍ରୀବାହୀ ଡଙ୍ଗା। ଶୁକ୍ରବାର ସକାଳେ ଦୁଇଚକିଆ ଯାନ ସହ ୪୦ଜଣ ଯାତ୍ରୀଙ୍କୁ ନେଇ ଏକ ଡଙ୍ଗା ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଜହ୍ନିକୁଦାରୁ ସାତପଡ଼ା ଅଭିମୁଖେ ଯାଉଥିଲା। ପ୍ରାୟ ଦେଢ଼ କିଲୋମିଟର ଯିବା ପରେ ଡଙ୍ଗା ମେଶିନର ଫ୍ୟାନ ରଡ୍ ଭାଙ୍ଗିଯାଇଥିଲା। ଫଳରେ ଚିଲିକା ମଝିରେ ୧ଘଣ୍ଟା ଧରି ଯାତ୍ରୀମାନେ ଫସି ରହିବା ସହ ଭୟଭୀତ ହୋଇପଡ଼ିଥିଲେ। ପରେ ଜହ୍ନିକୁଦା ଘାଟରୁ ଅନ୍ୟ ଏକ ଡଙ୍ଗା ଆସି ସେମାନଙ୍କୁ ଉଦ୍ଧାର କରିଥିଲା। ପରେ ମରାମତି ହୋଇ ଗନ୍ତବ୍ୟସ୍ଥଳକୁ ଫେରିଥିଲା। ସୂଚନାଥାଉ କି, ମେ' ୫ରେ ମା'କାଳିଜାଇ ପୀଠରୁ ଦର୍ଶନ ସାରି ବାଲୁଗାଁ କୂଳକୁ ଫେରୁଥିବା ଏକ ଯାତ୍ରୀବାହୀ ଡଙ୍ଗା କାଳବୈଶାଖୀ ଯୋଗୁ ଚିଲିକାରେ ବୁଡ଼ି ଯାଇଥିଲା। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ଜଣଙ୍କୁ ଉଦ୍ଧାର କରାଯାଇଥିଲା। ପୂର୍ବରୁ ଅଧିକାଂଶ ସମୟରେ ବିଭିନ୍ନ କାରଣ ଯୋଗୁ ଭେସେଲ(ଭସାପୋଲ) ଓ ଡଙ୍ଗା ମଝି ଚିଲିକାରେ ଅଟକି ଯିବାର ମଧ ନଜିର ରହିଛି। ତେଣୁ ଚିଲିକାରେ ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଏକ ସ୍ଥାୟୀ ବ୍ରିଜ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

**ଖେଳ ଖବର**

## ଚତୁର୍ଥ ରାଉଣ୍ଡରେ ଗଫ୍, ମେର୍ଟେନ୍ସ

**ପ୍ୟାରିସ, ୨୭।୫**


ରିଟର୍ନ ଶଟ୍ ଖେଳିବା ଅବସରରେ କୋକୋ ଗଫ।

**ଫ୍ରେଞ୍ଚ୍ ଓପନ ଟେନିସ**

ରୋଲାଣ୍ଡ ଗାରୋସର ଲାଲ୍ ମାଟିରେ ଚାଲିଥିବା ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ କୋକୋ ଗଫ ଓ ଇଲିସେ ମେର୍ଟେନ୍ସ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚରେ ଗଫ୍ ୬-୩, ୬-୪ ସେଟ୍‌ରେ କାଇଆ କାନେପିଙ୍କୁ ହରାଇ ଦେଇଛନ୍ତି। ସେହିପରି ଅନ୍ୟଏକ ମ୍ୟାଚରେ ଇଲିସେ ମେର୍ଟେନ୍ସ ୬-୨, ୬-୩ ସେଟ୍‌ରେ ବାର୍ବରା ଗ୍ରେଚେଭାଙ୍କୁ ହରାଇ ଦେଇଛନ୍ତି। ଆଲେକଜାଣ୍ଡ୍ରା ସାସ୍‌ନୋଭିଚ୍ ୬-୪, ୭-୬ (୭/୫) ସେଟ୍‌ରେ ଆଞ୍ଜେଲିକ୍ କର୍ବରଙ୍କୁ ହରାଇ ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ମାର୍ଟିନା ଟ୍ରେଭିସାନ ୬-୩, ୬-୪ରେ ଡାରିଆ ସାଭିଲେଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ମ୍ୟାଚରେ ଲୈଲା ଆନି ଫର୍ନାଣ୍ଡେଜ ୭-୫, ୩-୬, ୭-୫ ସେଟ୍‌ରେ ବେଲିଣ୍ଡା ବେଙ୍କିକ୍‌ଙ୍କୁ ଏବଂ ମାର୍ଟିନା ଟ୍ରେଭିସାନ ଡାରିଆ ସାଭିଲେଙ୍କୁ ୬-୩, ୬-୪ ସେଟ୍‌ରେ ହରାଇଛନ୍ତି।

**ଜୋକୋଭିଚ, ନାଡାଲ ବିଜୟୀ**

ପୁରୁଷ ବିଭାଗ ତୃତୀୟ ରାଉଣ୍ଡ ମ୍ୟାଚରେ ଡିଏଗୋ ସ୍ୱାର୍ଜମ୍ୟାନ ୬-୩, ୬-୧, ୬-୨ ସେଟ୍‌ରେ ଗ୍ରିଗୋର ଡ୍ରିମିଟୋଭଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ନୋଭାକ ଜୋକୋଭିଚ୍ ୬-୩, ୬-୩, ୬-୨ ସେଟ୍‌ରେ ଅଲଜାଜ ବେଡେନେଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ସେହିପରି କ୍ଲେ କୋର୍ଟର ରାଜାଭାବେ ପରିଚିତ ରାଫାଲ ନାଡାଲ ୬-୩, ୬-୨, ୬-୪ ସେଟ୍‌ରେ ବୋଟିକ୍ ଭାନ୍ ଡି ଜାଣ୍ଡସ୍କୁଲ୍ପଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।

## ଫାଇନାଲରେ ହାରିଗଲେ ପ୍ରଜ୍ଞାନନ୍ଦ

**ଚେନ୍ନାଇ, ୨୭।୫ (ପି.ଟି.):** ମେଲ୍ଟୱାଟର ଚାମ୍ପିୟନ୍ସ ଚେସ୍ ଟୁର୍ ଚେସେବଲ ମାଷ୍ଟର୍ସ-୨୦୨୨ ଅନ୍‌ଲାଇନ୍ ଟୁର୍ନାମେଣ୍ଟ ଫାଇନାଲରେ ଯୁବ ଭାରତୀୟ ଗ୍ରାଣ୍ଡ ମାଷ୍ଟର ଆର. ପ୍ରଜ୍ଞାନନ୍ଦ ବିଶ୍ୱର ୨ ନମ୍ବର ଖେଳାଳି ଡିଙ୍ଗ୍ ଲିରେନ୍‌ଙ୍କଠାରୁ ଟାଇବ୍ରେକରରେ ହାରିଯାଇଛନ୍ତି। ଚେନ୍ନାଇର ଏହି ୧୬ ବର୍ଷୀୟ ଖେଳାଳି ଓପନର ହାରିଯିବା ପରେ ଦ୍ୱିତୀୟ ସେଟ୍‌ରେ ଲଢୁଆ ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ସେ ପରେ ଦୁଇ ଗେମ୍‌ବିଶିଷ୍ଟ ବ୍ଲିଜ୍ ଟାଇବ୍ରେକରରେ ହାରିଯାଇଥିଲେ। ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଥମ ସେଟ୍ ୧.୫-୨.୫ରେ ହାରିଯାଇଥିଲେ। ଦ୍ୱିତୀୟ ସେଟ୍ ସେ ୨.୫-୧.୫ରେ ଜିତି ନେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ନିର୍ଣ୍ଣାୟକ ବ୍ଲିଜ୍ ଟାଇ-ବ୍ରେକ୍ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ପ୍ରଜ୍ଞାନନ୍ଦ ସେମିଫାଇନାଲରେ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଆନିଶ ଗିରିଙ୍କୁ ହରାଇ ପ୍ରଥମ ଭାରତୀୟ ଖେଳାଳି ଭାବେ ଏମ୍ ମେଲ୍ଟୱାଟର ଚାମ୍ପିୟନ୍ସ ଚେସ୍ ଟୁର୍ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ।

## ମାରାଡୋନାଙ୍କ ସମ୍ମାନାର୍ଥେ ଉଡ଼ନ୍ତା ସଂଗ୍ରହାଳୟ

**ବୁଏନ୍ସଏୟାର୍ସ, ୨୭।୫(ଏପି)**



ଫୁଟ୍‌ବଲ ବିଶ୍ୱକପ୍ ପୂର୍ବରୁ ମହାନ୍ ଫୁଟ୍‌ବଲ ଖେଳାଳି ଡିଏଗୋ ମାରାଡୋନାଙ୍କ ଏକ ଉଡ଼ନ୍ତା ସଂଗ୍ରହାଳୟ (ଫ୍ଲାଇଂ ମ୍ୟୁଜିୟମ) ବିମାନରେ ବିଭିନ୍ନ ସ୍ଥାନ ପରିକ୍ରମା କରିବ। ବୁଧବାର ରାତିରୁ 'ଟାଙ୍ଗୋ ଡି୧୦ଏସ୍' ନାମକ ବିମାନଟି ମାରାଡୋନାଙ୍କ ସମର୍ଥକଙ୍କ ଲାଗି ଆର୍ଜେଣ୍ଟିନାର ବିଭିନ୍ନ ସ୍ଥାନ ପରିକ୍ରମା ଆରମ୍ଭ କରିଛି। ବିମାନଟିର ବାହ୍ୟଭାଗ ମାରାଡୋନାଙ୍କ ଚିତ୍ରରେ ସୁସଜ୍ଜିତ ହୋଇଛି। ତନ୍ମଧ୍ୟରେ ଆର୍ଜେଣ୍ଟିନା ଜର୍ସିରେ ସେ ୧୯୮୬ ବିଶ୍ୱକପ୍ ଟ୍ରଫିକୁ ଚୁମ୍ବନ କରୁଥିବା ଦୃଶ୍ୟର ଏକ ଚିତ୍ର ରହିଛି। ୨୦୨୦ରେ ମସ୍ତିଷ୍କରେ ଅସ୍ତ୍ରୋପଚାର ପରେ ଏହି ମହାନ୍ ଫୁଟ୍‌ବଲ ଖେଳାଳିଙ୍କର ହୃଦ୍‌ଘାତରେ ଦେହାନ୍ତ ହୋଇଥିଲା। ବିମାନଟି ବାର୍ସିଲୋନା ଓ ନାପଲ୍ସ ମଧ ପରିକ୍ରମା କରିବ। ମାରାଡୋନାଙ୍କ ନେତୃତ୍ୱରେ ନାପୋଲି ୧୯୮୭ ଓ ୧୯୯୦ରେ ଦୁଇଥର ଇଟାଲିଆନ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ କାତାରରେ ଫିଫା ଫୁଟ୍‌ବଲ ବିଶ୍ୱକପ୍ ହେବ, ଯେଉଁଠାରେ କି ବିମାନଟିର ଶେଷ ରହଣି ହେବ। ଏକ ଫିନ୍‌ଟେକ୍ କମ୍ପାନୀର ମାଲିକାନାରେ ଥିବା ଏହି ବିମାନଟି ବୁଏନ୍ସଏୟାର୍ସ ବାହାରେ ଏଲ୍ ପାଲୋମାର ବିମାନବନ୍ଦର ବାହାରେ ପ୍ରଦର୍ଶିତ ହୋଇଥିଲା। ବିମାନ ଭିତରେ ମାରାଡୋନାଙ୍କର କିଛି ସ୍ମରଣୀୟ ଜିନିଷ ରହିଛି। ଏହି ଅବସରରେ ଆୟୋଜିତ ଏକ ଉତ୍ସବରେ ମାରାଡୋନାଙ୍କ ପରିବାର ଏବଂ ଆର୍ଜେଣ୍ଟିନା ଫୁଟ୍‌ବଲ ଟିମ୍‌ର କେତେଜଣ ସଦସ୍ୟ ଉପସ୍ଥିତ ଥିଲେ। ୧୯୮୬ରେ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ମାରାଡୋନା ୨ଟି ଗୋଲ ସ୍କୋର କରିଥିଲେ। ଏଥିରେ ତାଙ୍କର ବିବାଦୀୟ 'ହ୍ୟାଣ୍ଡ ଅଫ୍ ଗଡ୍' ଗୋଲ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଏହାକୁ ନେଇ ଇଂଲଣ୍ଡ ସମର୍ଥକମାନେ ଖପ୍ପା ହୋଇଥିଲେ।

## ପାରାମାଉଣ୍ଟ- ଗ୍ରୀନ୍ସ ଏକାଡେମୀ ଫାଇନାଲ

**ଭୁବନେଶ୍ୱର, ୨୭।୫ (କ୍ରୀଡ଼ା ପ୍ରତିନିଧି)**

**ପ୍ରଶାନ୍ତ ମେମୋରିଆଲ ଆନ୍ତଃ କ୍ଲବ୍ ଜୁନିୟର କ୍ରିକେଟ**



ଆୟୁଷ ଚାନ୍ଦ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ପ୍ରଶାନ୍ତ ମହାପାତ୍ର ମେମୋରିଆଲ (୧୬ ବର୍ଷରୁ କମ୍) ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ପାରାମାଉଣ୍ଟ ସ୍ପୋର୍ଟିଂ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମଧ୍ୟରେ ଆସନ୍ତା ରବିବାର ଅନୁଷ୍ଠିତ ହେବ। ପୂର୍ବରୁ ପାରାମାଉଣ୍ଟ ଫାଇନାଲରେ ପ୍ରବେଶ କରିସାରିଥିବାବେଳେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଚମତ୍କାର ବୋଲିଂକୁ ଆଧାର କରି ପ୍ରଗତି ସ୍ପୋର୍ଟିଂ ବିପକ୍ଷରେ ବିଜୟ ହାସଲ କରିଛି ଗ୍ରୀନ୍ସ। ଟସ୍ ଜିତି ବ୍ୟାଟିଂ କରିଥିବା ଗ୍ରୀନ୍ସ ଦଳ ନିର୍ଦ୍ଧାରିତ ୩୫ ଓଭରରେ ୯ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଦଳ ପକ୍ଷରୁ ଆୟୁଷ ମହାନ୍ତି ସର୍ବାଧିକ ୩୪ ରନ୍ କରିଥିଲେ। ପ୍ରଗତି ପକ୍ଷରୁ ଅସୀମ ବରାଦ, ନିଖିଲ ମହାନ୍ତି, ଇଶାନ ପାତ୍ର ଏବଂ ଆଦିତ୍ୟ ଷଡ଼ଙ୍ଗୀ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୩୫ ରନ୍‌ର ବିଜୟ ଲକ୍ଷରେ ପ୍ରଗତି ନିୟମିତ ବ୍ୟବଧାନରେ ଉଇକେଟ ହରାଇ ମାତ୍ର ୭୬ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଫଳରେ ଗ୍ରୀନ୍ସ ଏକାଡେମୀ ୫୯ ରନ୍‌ରେ ସହଜ ବିଜୟ ହାସଲ କରିଥିଲା। ଆୟୁଷ ଚାନ୍ଦ ଏବଂ ସୁମିତ ମିଶ୍ର ଘାତକ ବୋଲିଂ ପ୍ରଦର୍ଶନ କରି ଯଥାକ୍ରମେ ୩ଟି ଏବଂ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶା ରଣଜୀ ଦଳର ପ୍ରମୁଖ ବ୍ୟାଟର ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆୟୁଷ ଚାନ୍ଦଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**୰ପ୍ରଶାନ୍ତ କୁମାର ମଲିଆ (ପପୁ)**
କପିଳେଶ୍ୱର ଦାଣ୍ଡସାହି, ଲିଙ୍ଗରାଜ, ଭୁବନେଶ୍ୱର-୦୨
ଆବିର୍ଭାବ: ୧୯।୦୪।୧୯୬୫
ତିରୋଧାନ: ୧୯।୦୫।୨୦୨୦
ଦେଖୁ ଦେଖୁ ଦୁଇବର୍ଷ ବିତିଗଲା, ଏବେବି ବିଶ୍ୱାସ ହେଉନାହିଁ ତୁମେ ଆମମାନଙ୍କ ଭିତରେ ନାହଁ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ଝିଅ, ପୁଅ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୫୭୯

ବାପା ଦେଖୁଁ ଦେଖୁଁ ବର୍ଷେ ବିତିଗଲା
ବିଗତ ଦିନ ଭଳି ଏ ଦିନ ଭଳି ଏ ଦିନ ମଧ ବିତିଯିବ,
ହେଲେ ଆପଣଙ୍କ ବିୟୋଗ ଆମ ପରିବାର ପାଇଁ ଏକ ଅତୁଳା ସ୍ମୃତି ହୋଇ ରହିଯିବ...



**୰ ପ୍ରଦିପ୍ତ କିଶୋର ମହାନ୍ତିଙ୍କ**
ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ଆର୍ବିଭାବ : ୦୧.୦୮.୧୯୫୮, ତିରୋଧାନ : ୦୭.୦୬.୨୦୨୧
ତା.୨୮.୦୫.୨୦୨୨ରିଖ ଶନିବାର,
ସ୍ଥାନ : ବାଲିସାହି ହନୁମାନ ମନ୍ଦିର, ସାଲେପୁର, କଟକ
ଧ-୫୮୦

**ଏକାଦଶାହ ଉପଲକ୍ଷେ**



**୰ଇଂ ରବିନାରାୟଣ ପ୍ରଧାନ**
ଗ୍ରାମ: ବାଲୁଙ୍ଗା, ତାଳଚେର
ଆବିର୍ଭାବ: ୧୮।୧୨।୧୯୩୯
ତିରୋଧାନ: ୧୮।୦୫।୨୦୨୨
ଆପଣଙ୍କ ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ନମ୍ରତା, ବିଚାରର ବଳିଦାନ ଆମମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ପ୍ରଧାନ ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୫୭୫

**Obituary and Condo-lence Message**



In homage to our late Father Promothanath Ghosh on his departure to heaven on 28th May 2004, i.e. Eighteenth Death Anniversary, we pray that your soul have found ever lasting peace in the realm where no mortal being can go and we pray that you bless us from your heavenly abode and yourself be in a tranquil and peaceful state. Praying for your soul, we are the Wife and Son and Daughter and 4Grand Sons and One Grand Daughter and the staff of Seaview Hotel at Marine Parade Road, Puri Odisha, Pin- 752001.
D-69065

# କବି ବ୍ରଜନାଥ-ଏକ ପୁନର୍ମୂଲ୍ୟାୟନ

ଅବଲୋକନ

**ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର**

ଓଡ଼ିଆ ସାହିତ୍ୟରେ କବି ବ୍ରଜନାଥ ବଡ଼ଜେନା ଜଣେ ଅବିସ୍ମରଣୀୟ ପ୍ରବାଦପୁରୁଷ। ସେ ଏକାଧାରରେ କବି, ଲେଖକ, କଳାକାର, ପଣ୍ଡିତ, ଭକ୍ତ, ସମାଜ ସଂସ୍କାରକ, ସମାଲୋଚକ ତଥା ବହୁ ଭାଷାବିତ୍ ସାରସ୍ୱତ ପୁରୁଷ ଥିଲେ। ଅଷ୍ଟାଦଶ ଶତାବ୍ଦୀରେ ଯେଉଁ କେତେଜଣ ସାରସ୍ୱତ ସ୍ରଷ୍ଟା ଓଡ଼ିଆ ସାହିତ୍ୟର ଅଙ୍ଗ ଓ ଆତ୍ମାରେ ଉଲ୍ଲେଖନୀୟ ପରିବର୍ତ୍ତନର ସୂତ୍ରପାତ ଘଟାଇଥିଲେ, ସେମାନଙ୍କ ମଧ୍ୟରେ କବି ବ୍ରଜନାଥ ଥିଲେ ଅଗ୍ରଗଣ୍ୟ। ଏହି କ୍ରାନ୍ତିକାରୀ ସ୍ରଷ୍ଟା ଗତାନୁଗତିକ ଚିନ୍ତାଧାରା ବ୍ୟତୀତ ନୂତନ ସ୍ୱାଦଯୁକ୍ତ ରସମୟ, ଭାବମୟ ତଥା ପ୍ରେମମୟ କାବ୍ୟବିଭବ ଦ୍ୱାରା ଓଡ଼ିଆ ବାଣୀ ଭଣ୍ଡାରକୁ ଅପରୂପ ସୌନ୍ଦର୍ଯ୍ୟରେ ବିଭୂଷିତ କରିଯାଇଛନ୍ତି। ଓଡ଼ିଆ ଭିନ୍ନ ସଂସ୍କୃତ, ହିନ୍ଦୀ, ପ୍ରାକୃତ, ବଙ୍ଗଳା ଓ ତେଲୁଗୁ ଭାଷାରେ କାବ୍ୟକବିତା ରଚନା କରି ସେ ଷଡ଼ଭାଷା ବାର ବିଳାସିନୀ ଭୁଜଙ୍ଗ ନାମରେ ମର୍ଯ୍ୟାଦାବନ୍ତ।

ଏହି ପ୍ରଥିତଯଶା ସ୍ରଷ୍ଟା ୧୭୩୦ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳ ସହରର ମୁକ୍ତାଦେଇପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ରଘୁ ଅରକ୍ଷିତଙ୍କ ବଂଶଧର ବାଲୁଙ୍କେଶ୍ୱର ପଟ୍ଟନାୟକ ତାଙ୍କର ପିତା ଥିଲେ। ସେ ତାଙ୍କ ଅନ୍ୟ ତିନିଭାଇଙ୍କ ସହିତ ରାଜପଣ୍ଡିତ ଗୋବିନ୍ଦ ଦୀକ୍ଷିତଙ୍କ ନିକଟରେ ବିଦ୍ୟାଶିକ୍ଷା କରିଥିଲେ। ପୋଥି ଲେଖିବା ତାଙ୍କର ମୌଳିକ ବୃତ୍ତି ଥିଲା। ବ୍ରଜନାଥ ଜଣେ ଉଚ୍ଚକୋଟୀର ପୋଥିଲେଖକ ଥିଲେ। ପୋଥି ଲେଖିବା ସହିତ ସେ ପୋଥିରେ ବଉଳମଣି ଓ କାଇଁଚରେ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କି ପାରୁଥିଲେ। ପୋଥି ଲେଖୁ ଲେଖୁ ବାଗ୍‌ଦେବୀଙ୍କ କରୁଣାରୁ ତାଙ୍କ ଲେଖନୀରେ କବିତା ନିଃସୃତ ହୋଇଥିଲା। ମାତ୍ର ପଚିଶବର୍ଷ ବୟସରେ ୧୭୫୫ରେ ତାଙ୍କ ଲେଖନୀରୁ ନିଃସୃତ ହୋଇଥିଲା ଅସଂପୂର୍ଣ୍ଣ କାଳ୍ପନିକ କାବ୍ୟ 'ବିଚକ୍ଷଣା'। ଏହି କାବ୍ୟରେ ବ୍ରଜନାଥ ଦୀନକୃଷ୍ଣ ଓ ଉପେନ୍ଦ୍ର ଭଞ୍ଜଙ୍କ ପଦାଙ୍କ ଅନୁସରଣ କରିଥିଲେ ମଧ ବ, ବା, ବି, ବୃ, ବେ, ବୈ, ବୋ, ବୌ କ୍ରମରେ ଛାନ୍ଦ ରଚନା କରି ଓଡ଼ିଆ ସାହିତ୍ୟକୁ ଗୌରବମଣ୍ଡିତ କରିଛନ୍ତି। ଓଡ଼ିଆ ସାହିତ୍ୟରେ ଯୁଗାନ୍ତକାରୀ ପରିବର୍ତ୍ତନ ଲକ୍ଷ୍ୟରେ ବ୍ରଜନାଥ ୧୭୬୦ରେ ଏକ ପୂର୍ଣ୍ଣାଙ୍ଗ ଗଦ୍ୟ ଗ୍ରନ୍ଥ ରଚନା କରିଥିଲେ। ସେ ଅଠରଗୋଟି ଗଳ୍ପର ସାହାରାରେ ହାସ୍ୟ, ରସ, ନୀତି ଓ ପ୍ରୀତି ଏହି ଚାରିଗୋଟି ବିନୋଦ ଅବଲମ୍ବନରେ ମନୋରମ ଶିକ୍ଷଣୀୟ ଉପାଖ୍ୟାନ ସଂଯୋଜନାପୂର୍ବକ ଏହାର ନାମ ରଖିଥିଲେ "ଚତୁର ବିନୋଦ"। ୧୭୬୫ରେ ସେ ରଚନା କରିଥିଲେ କାଳ୍ପନିକ କାବ୍ୟ "ବିଦେଶାନୁଚିନ୍ତା"। କାବ୍ୟଟିକୁ ଗୋପୀଭାଷା ବୃତ୍ତରେ ରଚନା କରି ସେ ପାଠକପ୍ରିୟ କରି ପାରିଥିଲେ। ୧୭୬୮ରେ ପ୍ରେମ, ପ୍ରଣୟ ଓ ବିବାହ କଥାବସ୍ତୁକୁ ନେଇ ରଚନା କରିଥିଲେ କାଳ୍ପନିକ କାବ୍ୟ "କେଳିକଳାନିଧି"।

୧୭୭୦ରୁ ୧୭୮୦ ମଧ୍ୟରେ ବ୍ରଜନାଥ ବହୁ ବୈଷ୍ଣବ ସାହିତ୍ୟ ସୃଷ୍ଟି କରିଥିଲେ। "ଦଶପୋଇ" ହେଉଛି ତାଙ୍କ ବୈଷ୍ଣବ ସାହିତ୍ୟର ଆଦ୍ୟଉନ୍ମେଷ। ତତ୍‌କୃତ ଦ୍ୱିତୀୟ ବୈଷ୍ଣବ କାବ୍ୟ ହେଉଛି "ଗୋପୀବିଳାପ", "ଶ" ଅନୁପ୍ରାସରେ ରଚିତ "ଶ୍ୟାମ ରାସୋତ୍ସବ" ବଡ଼ଜେନାଙ୍କର ସର୍ବୋତ୍ତମ ବୈଷ୍ଣବ ସାହିତ୍ୟ। "ଦଶପୋଇ" ଶ୍ରୀକୃଷ୍ଣଙ୍କ ବସନ୍ତରାସ, "ଗୋପୀବିଳାପ" ଛଅଜଣ ଗୋପୀଙ୍କର ପ୍ରଣୟାନୁଚିନ୍ତା ଏବଂ "ଶ୍ୟାମରାସୋତ୍ସବ" ହେଉଛି ଶରଦରାସ ବର୍ଣ୍ଣନା। ଏହି ତିନୋଟି ବୈଷ୍ଣବ କାବ୍ୟ ସହିତ ସେ ୧୭୭୦ରୁ ୧୭୮୦ ମଧ୍ୟରେ "ଚଣ୍ଡୀମାଳାଶ୍ରୀ" ନାମକ କ୍ଷୁଦ୍ର ଶାକ୍ତ କାବ୍ୟ ମଧ୍ୟ ରଚନା କରିଥିଲେ। ଏହି ଦଶନ୍ଧିରେ ବ୍ରଜନାଥଙ୍କ ଶ୍ରେଷ୍ଠକୃତି ହେଉଛି ପୌରାଣିକ କାବ୍ୟ "ଅମ୍ବିକା ବିଳାସ"। ଏହି କାବ୍ୟରେ ଶିବପାର୍ବତୀ ଲୀଳାମୃତ "ଅ" ଅନୁପ୍ରାସରେ ଆଳଙ୍କାରିକ ରୀତିରେ ପରିବେଷିତ। ମହାକବି କାଳିଦାସଙ୍କ ପଦାଙ୍କ ଅନୁସରଣ କରି ସେ "ଅମ୍ବିକା ବିଳାସ" ରଚନା କରିଥିଲେ ହେଁ କାବ୍ୟଟିରେ ଓଡ଼ିଶାର ତତ୍‌କାଳୀନ




ସାମାଜିକ ପ୍ରଥା, ପରଂପରା ଓ ଭାବାଦର୍ଶର ମନୋଜ୍ଞ ରୂପାୟନ ଘଟି ଅତ୍ୟନ୍ତ ଭାବଗର୍ଭକ ହୋଇପାରିଛି।

ଓଡ଼ିଆ ବୀରଙ୍କ ସ୍ୱାଭିମାନର ସ୍ୱାକ୍ଷର ବହନ କରି ସର୍ବ ଭାରତୀୟସ୍ତରରେ ଏକ ପ୍ରତ୍ୟକ୍ଷଦର୍ଶୀ ପୂର୍ଣ୍ଣାଙ୍ଗ ସମରକାବ୍ୟ "ସମରତରଙ୍ଗ" ନିଃସୃତ ହୋଇଥିଲା ବ୍ରଜନାଥଙ୍କ ଲେଖନୀରୁ ୧୭୮୧ରୁ ୧୭୮୫ ମଧ୍ୟରେ। ବୀର ଓଡ଼ିଆ ଜାତିର ଏକ ଗୌରବୋଜ୍ଜ୍ୱଳ ଐତିହାସିକ ସମର ବ୍ରଜନାଥଙ୍କ ସାରସ୍ୱତ ସାଗରରେ ତରଙ୍ଗାୟିତ ହୋଇଥିବାରୁ ସେ ଏହାର ନାମ ରଖିଥିଲେ "ସମରତରଙ୍ଗ"। ଗୌରବର ବିଷୟ, ଏହି ସମର କାବ୍ୟର ଇଂରାଜୀ ଅନୁବାଦ "WAR WAVES" ପ୍ରକାଶିତ ହୋଇ ଅନ୍ତର୍ଜାତୀୟ ପ୍ରସିଦ୍ଧି ଲାଭ କଲାଣି। ଯଥାର୍ଥରେ, ସମରତରଙ୍ଗ ଏକ ଜାତୀୟ ଗୌରବଭୂଷିତ କାବ୍ୟ। ଏତଦ୍‌ଭିନ୍ନ ଅନେକ ଜଣାଣ, ସଙ୍ଗୀତ, ସମାଲୋଚନା ଓ ପ୍ରଶସ୍ତିମୂଳକ କବିତାବଳୀରେ ବ୍ରଜନାଥ ଆପଣାର ପରିଚୟ, ବିଚାରଧାରା, ଦୁଃସହ ଦାରିଦ୍ର୍ୟଯନ୍ତ୍ରଣା ତଥା ନିଜସ୍ୱ ରୁଚିରେ ସ୍ୱାକ୍ଷର ଛାଡ଼ିଯାଇଛନ୍ତି। ରାଜନଙ୍କୁ ଛଳଉକ୍ତି ଓ ରାଜସଭା ପ୍ରଭୃତି ରଚନାରୁ ଏହା ସୁସ୍ପଷ୍ଟ। କବିଙ୍କର ଶେଷ ଜୀବନ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇଛି। ଢେଙ୍କାନାଳ ରାଜା ତାଙ୍କ ଦାରିଦ୍ର୍ୟ ପ୍ରତି ସୁଦୃଷ୍ଟି ନ ପକାଇବାରୁ ସେ ରାଜଦତ୍ତ ଗ୍ରାମର ସନନ୍ଦ ରାଜାଙ୍କୁ ପ୍ରତ୍ୟର୍ପଣ କରି ଅନ୍ୟତ୍ର ଚାଲିଯାଇଛନ୍ତି। ଜୀବିକାର୍ଜନ ନିମିତ୍ତ ସେ କେନ୍ଦୁଝର, କାଳିଆହତା, ବଳରାମପୁର, ଦର୍ପଣୀ, କଲିକତା, ଆନ୍ଧ୍ରପ୍ରଦେଶକୁ ନିଜର କର୍ମସ୍ଥଳୀ ରୂପେ ଆଦରି ନେଇଥିଲେ ଏବଂ ଶେଷରେ ପୁରୀରେ ଆସି ନିବାସ କରିଥିଲେ। ଏହି ସମୟରେ ସେ ସଂସ୍କୃତ, ହିନ୍ଦୀ, ପ୍ରାକୃତ, ବଙ୍ଗଳା ଓ ତେଲୁଗୁ ଭାଷାରେ ଅନେକ କାବ୍ୟକବିତା ରଚନା କରିଥିଲେ। "ମନୋଦୂତ" ହେଉଛି ସଂସ୍କୃତ ସାହିତ୍ୟରେ ତାଙ୍କର ଅନବଦ୍ୟ କୃତି। ନିକଟରେ ଆନ୍ଧ୍ର ଭିଲିଙ୍ଗ ଗ୍ରାମର ପରଶୁରାମ ପାତ୍ରଙ୍କ ଘରୁ ତାଙ୍କ ରଚିତ "ଚିତ୍ରୋଦୟ ଭାଗବତ" ମିଳିଛି। ତାଙ୍କର ଅନ୍ୟାନ୍ୟ ବହୁ କୃତି ଏ ପର୍ଯ୍ୟନ୍ତ ମିଳିନାହିଁ।

ବ୍ରଜନାଥ ହେଉଛନ୍ତି ପ୍ରଥମ ଓଡ଼ିଆ କବି, ଯିଏ ହିନ୍ଦୀ ଭାଷାରେ କାବ୍ୟ ରଚନା କରିଥିଲେ। ପୁରୀରେ ନିବାସ କାଳରେ ସେ ରଚନା କରିଥିଲେ ହିନ୍ଦୀ କାବ୍ୟ "ଗୁଣ୍ଡିଚାବିଜେ"। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ସୁବିସ୍ତୃତ ବିବରଣୀ ଦୋହା, ଚୌପାଇ ଓ ଛାନ୍ଦରେ ଏହି କାବ୍ୟରେ ପରିବେଷିତ। ଏଥିରେ ପରିବେଶିତ ହିନ୍ଦୀ କାବ୍ୟଧାରା ଉତ୍ତର ଭାରତୀୟ ରୀତିରେ ବର୍ଣ୍ଣିତ ହୋଇଥିବାରୁ କାବ୍ୟଟି ସର୍ବଭାରତୀୟସ୍ତରରେ ଆଦୃତ। ବିଶେଷତଃ ରଥାଗମନ, ପହଣ୍ଡିବିଜେ, ରାଜବିଜେ ପ୍ରଭୃତିର ବର୍ଣ୍ଣନାତ୍ମକ ଭାଷା ଓ ଛନ୍ଦ ଅତୀବ ହୃଦୟସ୍ପର୍ଶୀ। ବଙ୍ଗଳା, ପ୍ରାକୃତ ଓ ତେଲୁଗୁ ଭାଷାରେ ତାଙ୍କ ରଚିତ କେତେକ କବିତା ଓ ଚୂର୍ଣ୍ଣକ ମିଳିଥିଲେ ହେଁ କାବ୍ୟ ମିଳିନାହିଁ। ସ୍ୱକୀୟ ସୃଷ୍ଟି ଦ୍ୱାରା ସେ ତତ୍‌କାଳୀନ ଗଜପତି ଦିବ୍ୟସିଂହଦେବଙ୍କର ପ୍ରିୟଭାଜନ ହୋଇ ପାରିଥିଲେ ଓ ରାଜା ତାଙ୍କୁ "ବଡ଼ଜେନା" ଉପାଧିରେ ଭୂଷିତ କରିଥିଲେ।

୧୮୦୨ରେ ୭୨ବର୍ଷ ବୟସରେ କବି ବ୍ରଜନାଥ ବଡ଼ଜେନା ନୀଳାଚଳରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ସେ ରୀତିଯୁଗୀୟ ଶିଳ୍ପାଦର୍ଶ ଅନୁକରଣରେ କାବ୍ୟକବିତା ରଚନା କରିଥିଲେ ହେଁ ତାହା ଅନୁକରଣ ସର୍ବସ୍ୱ ନ ଥିଲା। ଏହା ତତ୍‌କାଳୀନ ପରିସ୍ଥିତି ଓ ପରିବେଶର ସରହଦରେ ପ୍ରକଟିତ ହୋଇ ସାମାଜିକ ଚେତନା ସୃଷ୍ଟି କରିଥିଲା। ତତ୍‌କାଳୀନ ବିପର୍ଯ୍ୟସ୍ତ ଓଡ଼ିଶାର ଚିତ୍ର ବ୍ରଜନାଥଙ୍କ ମାନସରେ ଗଭୀର ରେଖାପାତ କରିଥିଲା। ସେ ଲେଖନୀ ମାଧ୍ୟମରେ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀର ପରିପ୍ରକାଶ ଘଟାଇ ପାରିଥିଲେ। ରୀତିଯୁଗୀୟ ସ୍ରଷ୍ଟାଗଣ ସେମାନଙ୍କ ସୃଷ୍ଟିକୁ ବୁଧ ବା ପଣ୍ଡିତଙ୍କ ନିମିତ୍ତ ଉଦ୍ଦିଷ୍ଟ କରିଥିଲେ ହେଁ ବ୍ରଜନାଥ ସମାଜର ପ୍ରତ୍ୟେକସ୍ତରରେ ସାହିତ୍ୟର ନିରଙ୍କୁଶ ପ୍ରବେଶ ଓ ପ୍ରଚଳନ ନିମିତ୍ତ ପ୍ରଯତ୍ନଶୀଳ ଥିଲେ। ସମାଜ ଓ ସଂସ୍କୃତିର କ୍ରାନ୍ତିକାରୀ ରୂପାନ୍ତର ଓ ବୈପ୍ଳବିକ ପରିବର୍ତ୍ତନ ନିମିତ୍ତ ସେ ସାହିତ୍ୟକୁ ଗଣସାହିତ୍ୟର ରୂପଦେଇ ଗଣସଂସ୍କୃତିର ପୃଷ୍ଠଭୂମିରେ ପ୍ରତିଷ୍ଠିତ କରାଇଥିଲେ। ସେ ରୀତିଯୁଗୀୟ ପରିଧିରେ ରହି ମଧ୍ୟ ଓଡ଼ିଆ ସାହିତ୍ୟରେ ନବଜାଗରଣର ଭିତ୍ତିଭୂମି ନିର୍ମାଣ କରିଥିଲେ।

ମୋ: ୮୮୯୫୨୩୦୭୨୨

କ ବି ତା

## ପାଷାଣୀ ପ୍ରତୀକ୍ଷା

**ଡ. ଗୌରୀଶଙ୍କର ସାହୁ**

ଅତଳ ପାତାଳକୁ ରାସ୍ତା,
ବାଘ, ଭାଲୁ, ହେଟା
ଗଛ, ଲତା, ବୁଦା
ଜମା ବାଟବଣା
ହେଲେନି କେହିବି,
ମାର୍କ୍ସ, ମାକ୍ସୱେଲ୍ ଅମଡ଼ା ମାଡ଼ି
ଫିଟାଇଛନ୍ତି ରାସ୍ତା
ବାରିପଟେ ପାଦ ଘଷି।

ସଜ ଆଜି ଡାରୱିନ୍ ଓ ତାଙ୍କ କଥା,
ଦେହରେ ମନରେ କିନ୍ତୁ
ଅଫିମ ନିଶା,
ସୀମାହୀନ ଭୋକ ଆଉ ଶୋଷ
ଶସ୍ୟ–ଶରୀର ସବୁ ଭକ୍ଷ୍ୟ।

ଜାଣୁ
ଆମେ ସବୁ ଅଣନାତି
ଗଛ, ଲତା, ବୁଦାର,
ଅଜା, ଆଈ, ଜେଜେ
ବାଘ, ଭାଲୁ, ବାନର ;
ଏପଟେ ବଡ଼ବଡ଼ୁଆଙ୍କୁ ପିଣ୍ଡଦାନ
ଶ୍ରାଦ୍ଧରେ, ଶ୍ରଦ୍ଧାରେ
ସେପଟେ କେତେବେଳେ
ଲୁହାକଣ୍ଟା କିଳା ତ
କେତେବେଳେ ତାନ୍ତ୍ରିକର ମେଳା
ଗାଁମୁଣ୍ଡ ତେନ୍ତୁଳି ଗଛରେ।

ଏ ରାସ୍ତା ଖାଲି ଯିବାର ରାସ୍ତା ନୁହେଁ
ଆସିଛନ୍ତି କେତେ ଯେ ପଥିକ,
ଲୁହା, ତେଲ, ଟିଣ
ସୁନା, ପ୍ଲାଟିନମ୍
ଧାଡ଼ିରେ ଠିଆ
ହେଇ ଦେଖ।

ଏ ରାସ୍ତା ଫିଟିବା ପରେ
ଦୌଡ଼ୁଛନ୍ତି
ବସ୍, ଟ୍ରକ, ଟ୍ରେନ୍,
ଉଡ଼ୁଛନ୍ତି ହେଇ ଦେଖ
ବ୍ୟୋମଯାନ, ଚନ୍ଦ୍ରଯାନ,
ପ୍ରଦର୍ଶନୀ, ପଢ଼ା ଘରେ
ବାଘ, ବାନରର ଫଟୋଟି ମାନ ;
ପେଟ ଚିରା ପରେ
ଲେଉଟାଣି ପଥରେ ପୃଥିବୀ
ଜୀବନ ସନ୍ଧାନରେ ମଙ୍ଗଳଯାନ।

ପତି ପର କରିଦେବା ପରେ
ପାଷାଣୀ ପ୍ରତୀକ୍ଷା
ବର୍ଷ ବର୍ଷର,
ସତେ କି ଏ ପଥରେ ଆସିବେ
କେହି ଜଣେ ରାମ
ପୁରୁଷୋତ୍ତମ
ପରମେଶ୍ୱର।

ମୋ: ୭୯୭୮୪୨୧୮୩୫

ଗୀତି–କବିତା

## ବସନ୍ତର ଉପହାର

**ସିଦ୍ଧେଶ୍ୱର ତ୍ରିପାଠୀ**

ତୁମେ ଦେଖାହେଲ ଜୀବନ ବାଟରେ
ଚୋରେଇ ନେଲ ଏ ମନ
ପ୍ରେମ ଫଗୁଣରେ ରଙ୍ଗ ବରଷିଲା
ଝୁମି ଉଠେ ରାତି ଦିନ।

ଆଖିରେ ନାଚିଲା ତୁମରି ଚେହେରା
ଓଠ ଗାଏ ତୁମ ଗୀତ
ପାଗଳ ଏମନ ତୁମକୁ ଝୁରିଲା
ମାଗିନେଲା ତୁମ ହାତ।

ସବୁଠୁ ନିଆରା ନାୟିକା ଗୋ ତୁମେ
କଅଁଳିଆ ରୂପା ଜହ୍ନ
ତୁମେ ଦେଖାହେଲ ଜୀବନ ବାଟରେ
ଚୋରେଇ ନେଲ ଏ ମନ।

ଭୁଲି ତ ହେବନି ତୁମେ ଦେଇଥିବା
ସେ ବସନ୍ତ ଉପହାର
ସବୁ ଏକାକାର ସ୍ମୃତି ଅନୁଭୂତି
ଯାହାବି ତୁମର ମୋର।

ଏ ଦେହ ମନରେ ଚମକି ଉଠଇ
ତୁମର ସେ ପ୍ରେମ ଚିହ୍ନ
ତୁମେ ଦେଖାହେଲ ଜୀବନ ବାଟରେ
ଚୋରେଇ ନେଲ ଏ ମନ।

ମୋ: ୭୦୦୮୩୧୫୦୪୦

## ତିନୋଟି ମିନି କବିତା

**ସାଗରିକା ପଟ୍ଟନାୟକ**

**ସ୍ୱପ୍ନ**
ସ୍ୱପ୍ନମାନେ ମରନ୍ତିନି
ମନର ଦରଜ ଭିତରୁ
ଉଙ୍କିମାରେଇ ଉଙ୍କିମାରେଇ ହେଇ
ନିତି ଧିକାରୁଥାନ୍ତି
କହ...
କ'ଣ ପାଇଲୁ ତୁ...

**ପ୍ରେମ**
ପ୍ରେମ ବେଳ ଅବେଳରେ
ମଲମ ଲଗାଏ
ଯେତେ ପୁରୁଣା ହୁଏ
ଗାଢ଼ ହୋଇଯାଏ...

**ଜୀବନ**
ଆଜି, କାଲି ଭିତରେ
ଦିନ ସରିଯାଏ
ଆଉ ଜୀବନ ବି...
ମଣିଷ ଖାଲି ଯା
ବଣମଣିଷ ଭଳି
ଧାଉଁଥାଏ..
ଏ ଡାଳରୁ ସେ ଡାଳ...

ମୋ: ୯୮୫୩୭୬୮୨୫୬

## ପୁସ୍ତକ ପରିଚୟ

**ପାରଳାର ଲଲାମ**




### ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ (୧୭୬୭–୧୮୩୪)

**ଲେଖକ:** ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର
**ପ୍ରକାଶକ:** ସିଦ୍ଧାନ୍ତ(ସାହିତ୍ୟ ଅନୁଷ୍ଠାନ), ପାରଳାଖେମୁଣ୍ଡି, ଗଜପତି
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/–

ଆଲୋଚ୍ୟ ଗ୍ରନ୍ଥଟି ଇତିହାସ ଦୃଷ୍ଟିରୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ, ଯହିଁରେ ଲେଖକ ୧୭୬୭ରେ ପାରଳାଖେମୁଣ୍ଡି (ବର୍ତ୍ତମାନର ଗଜପତି ଜିଲା ଅନ୍ତର୍ଗତ)ରେ ଆରମ୍ଭ ହୋଇଥିବା ଇଂରେଜ ବିରୋଧୀ ଆନ୍ଦୋଳନକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ଯୁକ୍ତି ଉପସ୍ଥାପନା କରିଛନ୍ତି। ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୋର୍ଦ୍ଧା ଅଞ୍ଚଳରେ ଅନୁଷ୍ଠିତ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ଦର୍ଶାଇବାକୁ ଐତିହାସିକ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘବଦ୍ଧ ଉଦ୍ୟମ ହେଉଥିବା ପରିପ୍ରେକ୍ଷୀରେ ଏହି ଗ୍ରନ୍ଥ ଇତିହାସର ଏକ ନୂଆ ଅଧ୍ୟାୟକୁ ନେଇ ନିଜର ମତକୁ ପରଖି ଦେଖାଯିବାର ଏକ ନିବେଦନରେ ଉଭା ହୋଇଛି। ଗ୍ରନ୍ଥର ୧୮ ପୃଷ୍ଠାରେ ଥିବା "ଗଞ୍ଜାମ ସୀମାରେ ପାରଳାଖେମୁଣ୍ଡି ରାଜାଙ୍କ ଦ୍ୱାରା ଇଂରେଜମାନଙ୍କୁ ପ୍ରଥମ ପ୍ରତିରୋଧ" ଶୀର୍ଷକ ଲେଖାରେ ୧୭୬୭ ଜାନୁୟାରୀ ମାସରେ ଇଂରେଜମାନେ ପାରଳାଖେମୁଣ୍ଡିରେ ସର୍ବପ୍ରଥମେ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ ବୋଲି କୁହାଯାଇ ଏହା ହିଁ ଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଯୁକ୍ତି ଉପସ୍ଥାପିତ ହୋଇଛି। ଗ୍ରନ୍ଥରେ ମୋଟ ଛ'ଟି ଅଧ୍ୟାୟ ରହିଛି, ଯହିଁରେ ପାରଳାଖେମୁଣ୍ଡିର ପ୍ରଶାସନିକ ବ୍ୟବସ୍ଥା, ଇଂରେଜମାନଙ୍କୁ ନାନା ସମୟରେ ବିରୋଧ, ବିଶାଖାପାଟଣାରେ ଅନୁଷ୍ଠିତ ସିପାହୀ ବିଦ୍ରୋହ, ନାରାୟଣପୁରରେ ବିକ୍ଷୋଭୀ ମେଳି, ଇଂରେଜଙ୍କ ଦ୍ୱାରା ବିଦ୍ରୋହ ଦମନ ପାଇଁ ପଦକ୍ଷେପ, ଗାଇବା ପିଲା ମେଳି ଓ ଫାଶୀଦଣ୍ଡ ପାଇଥିବା ସଂଗ୍ରାମୀଙ୍କ ସମ୍ପର୍କରେ ତଥ୍ୟପୂର୍ଣ୍ଣ ଆଲୋଚନା କରାଯାଇଛି। ଇତିହାସର ପୁନଃ ବିବେଚନା ପ୍ରସଙ୍ଗରେ ବହିଟିର ଆବଶ୍ୟକତା ରହିଛି।




### ତ୍ୟାଗଭୂମି(୨୦୨୦–୨୧)

**ସମ୍ପାଦନା:** ବିଶ୍ୱରଞ୍ଜନ ଦାସ ଓ ଅଭୟ କୁମାର ଦାସ
**ପ୍ରକାଶକ:** ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ, ଭଦ୍ରକ
**ପ୍ରଥମ ପ୍ରକାଶ:** ୨୦୨୧ **ମୂଲ୍ୟ:** ଟ. ୩୫୦/–

ଭଦ୍ରକର ତ୍ୟାଗଭୂମି ପରିବାର (ଯାହାର ସଭାପତି ଅଛନ୍ତି ସଂସ୍କୃତିପ୍ରେମୀ ଓ ସଂସ୍କୃତି–ସଂଗଠକ ଅଜୟ ନାୟକ) ପକ୍ଷରୁ ପ୍ରକାଶ ପାଇଛି 'ଭଦ୍ରକ ଜିଲା ସାଂସ୍କୃତିକ ସମ୍ମେଳନ'ର ମୁଖପତ୍ର ତ୍ୟାଗଭୂମି(୨୦୨୦–୨୧)। ଏହା ହେଉଛି ତ୍ୟାଗଭୂମିର କବି ଓ କାବ୍ୟଦିଗନ୍ତ ବିଶେଷାଙ୍କ। ଭଦ୍ରକର ସାରସ୍ୱତ–ଇତିହାସକୁ ବିବେଚନା କରିବା ଓ ଏହି ମାଟିର କବି–ଲେଖକମାନଙ୍କ କୃତି ସମ୍ପର୍କରେ ଆକଳନ କରିବା ମୁଖପତ୍ରର ଉଦ୍ଦେଶ୍ୟ ଓ ସଂପାଦକ ଦ୍ୱୟ ଏ ଦିଗରେ ଯତ୍‌ପରୋନାସ୍ତି ଚେଷ୍ଟା କରିଛନ୍ତି। ସଭାପତି ଅଜୟ ନାୟକ ଆରମ୍ଭରେ 'ତ୍ୟାଗଭୂମିର ସ୍ୱପ୍ନ ଓ ସମ୍ଭାବନା' ଶୀର୍ଷକ 'ସଭାପତି–ଲେଖ' ଲେଖି ଭଦ୍ରକର ତ୍ୟାଗପୂତ ଅତୀତ ଓ ବର୍ତ୍ତମାନର ଏକ ଉଜ୍ଜ୍ୱଳ ଛବି ଆଙ୍କିଛନ୍ତି। ଏଥିସହିତ ଭଦ୍ରକ ଜିଲାର ପ୍ରଶାସନିକ ଅତୀତ ଓ ବର୍ତ୍ତମାନର ସବିଶେଷ ଉଲ୍ଲେଖ କରି 'ମୋଗଲ ତାମସା'ର ପ୍ରାତଃ ସ୍ମରଣୀୟ କବି ବଂଶୀବଲ୍ଲଭଙ୍କଠାରୁ ଅଧୁନାତନ ସମୟ ଯାଏ ଏହି ଭୂଖଣ୍ଡର ପ୍ରତିଭାଦୀପ୍ତ କବି ଓ ଲେଖକଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ସଂପାଦକୀୟରେ ବିଶ୍ୱରଂଜନ ଦାସ ଚିନ୍ତାମଣି ମହାନ୍ତିଙ୍କଠାରୁ ସୁବ୍ରତ କୁମାର ଦାସଙ୍କ ଯାଏଁ ବହୁ କବିଙ୍କ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଛନ୍ତି। ତିନୋଟି ପ୍ରସ୍ଥରେ କବି ଚିନ୍ତାମଣି ମହାନ୍ତିଙ୍କଠାରୁ ଏବର କବିମାନଙ୍କ ପର୍ଯ୍ୟନ୍ତ ଯଦିଓ କତିପୟ ଆଲୋଚନା ସ୍ଥାନିତ ହୋଇଛି, ତଥାପି ମୁଖପତ୍ରଟିରେ ଭଦ୍ରକର କବି ଓ ସେମାନଙ୍କ କବିତାକୁ ନିଷ୍ଠାପର ଏବଂ ମନପୂତ ଭାବେ ଯେପରି ଆକଳନ କରାଯିବା କଥା, ତାହା ହୋଇପାରିଥିବା ମନେହୁଏ ନାହିଁ। ତେବେ ଭବିଷ୍ୟତରେ ଭଦ୍ରକର କବି ଓ କବିତାର ଏକ ଗବେଷଣାନିଷ୍ଠ ଇତିହାସ ପ୍ରଣୟନରେ 'ତ୍ୟାଗଭୂମି'ର ଏହି ସଂଖ୍ୟାଟି ଯେ ସହାୟକ ହେବ– ଏଥିରେ ସନ୍ଦେହ ନାହିଁ। 'ତ୍ୟାଗଭୂମି'ର ସଭାପତି ଅଜୟ ନାୟକଙ୍କ ପ୍ରେରଣା ପ୍ରସୂତ ଏହି ମୁଖପତ୍ରଟି ଭଦ୍ରକର ସାରସ୍ୱତ–ଭବିଷ୍ୟ ରଚନା ପାଇଁ ଏକ ମହତ୍ତର ଶିଳାନ୍ୟାସ।

## ଆଖି ନାହିଁ କାନ ନାହିଁ

**ଅଲେଖ ଚନ୍ଦ୍ର ମିଶ୍ର**

ଲଘୁ ଗଳ୍ପ

ସହରର ଏକ ମହାର୍ଘ ପରିବେଶରେ ସେଦିନ ପାଳନ ହେଉଥାଏ ତଥାକଥିତ ବରେଣ୍ୟ ରାଜନେତା, ନିରଳସ ସମାଜସେବୀ ଓ ବର୍ଷୀୟାନ ଜନନାୟକ ଚରଣାରବିନ୍ଦଙ୍କର (ସବୁ ବର୍ଗର ଭୋଟରଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଜର ସଂଜ୍ଞାକୁ ବ୍ୟବହାର କରୁ ନ ଥିଲେ) ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ସମାରୋହ। ବିଭିନ୍ନ ରାଜନୈତିକ ଦଳର ତୁଙ୍ଗନେତା, ଉଚ୍ଚପଦସ୍ଥ ସରକାରୀ ଅଧିକାରୀ, ଖବରଦାତା, ଅଡିଓ ଭିଡିଓ ଗ୍ରାଫର୍ ଓ ଦର୍ଶକମାନଙ୍କର ଗହଳଚହଳରେ ସମଗ୍ର ସଭାମଣ୍ଡପ ଫାଟିପଡୁଥାଏ। ଲୋଭନୀୟ ଖାଦ୍ୟ ଓ ପାନୀୟର ମହକ ସଭାସ୍ଥଳର ଗାମ୍ଭୀର୍ଯ୍ୟକୁ ଆହୁରି ଆକର୍ଷଣୀୟ କରିଦେଇଥାଏ। ମଣ୍ଡପ ସଂଲଗ୍ନ ଏକ କ୍ଷୁଦ୍ର କକ୍ଷରେ ଭିଭିଆଇପି, ସ୍ୱତନ୍ତ୍ର ପତ୍ରକାର ଏବଂ ନିର୍ଦ୍ଦିଷ୍ଟ ଅଡିଓ ଭିଡିଓଗ୍ରାଫର୍‌ଙ୍କ ଗହଣରେ ସୋଫା ଉପରେ ଅର୍ଦ୍ଧଚେତନ ଅବସ୍ଥାରେ ପାନରତ ଥା'ନ୍ତି ଚରଣାରବିନ୍ଦ। କଣ୍ଠରେ ତାଙ୍କର ଅସଂଲଗ୍ନ ବାକ୍ୟାଳାପ। ହଠାତ୍ ଝରକା ବାହାରକୁ ଅଙ୍ଗୁଳି ନିର୍ଦ୍ଦେଶ କରି କେମିତି ଏକ ବେପରୁଆ ହସ ହସିଲେ ସେ, ସେଠି ତନ୍ଦୁର୍ ପାଇଁ ଟଙ୍ଗାହୋଇଥିବା କୁକୁଡ଼ାଙ୍କର ନଗ୍ନ ରୂପକୁ ଆପଣମାନେ ଦେଖୁଛନ୍ତି? ଏମାନଙ୍କୁ ଦେଖି ମୋର ଏହିଭଳି ଗୋଟିଏ ପକ୍ଷୀ କଥା ମନେପଡୁଛି। ସେଦିନ ଶେଷନିଃଶ୍ୱାସ ତ୍ୟାଗ କଲାବେଳେ ଏଇମିତି ଏକ ପକ୍ଷୀକୁ ଦେଖି ବିଳାପ କରୁଥିଲା ଧୂଳେଶ୍ୱର ହୋତା। ହେ ବିହଙ୍ଗ, ପକ୍ଷୀ ହେଲେ ବି ତୁମ ଦେହରେ ଆତ୍ମାଟିଏ ରହିଛି। ମୁଁ ସେହି ଆତ୍ମାରୂପୀ ଈଶ୍ୱରଙ୍କୁ ଆକୁଳ ନିବେଦନ କରୁଛି। ତୁମ ବ୍ୟତୀତ ଏଠାରେ ଆଉ କେହି ନାହାନ୍ତି। ଏ ରାକ୍ଷସ ଚରଣାରବିନ୍ଦ ମୋତେ ଯେମିତି ନୃଶଂସ ଭାବରେ ହତ୍ୟା କରୁଛି ତୁମେ ହିଁ ତା'ର ଏକମାତ୍ର ସାକ୍ଷୀ ରହିଲ। 'x x ହିଁ, ହିଁ, ହିଁ, ହିଁ x x' ନିର୍ଜନ ବନରେ ସେ ନିକାଞ୍ଚନ ସ୍ଥାନରେ ତା'ର ମୁମୂର୍ଷୁ ଅବସ୍ଥା ଦେଖିବାକୁ କି ତା'ର ବିକଳ ପ୍ରାର୍ଥନା ଶୁଣିବାକୁ କେହି କୁଆଡ଼େ ନ ଥିଲେ। ଛାର ଚଢ଼େଇଟା x x ...ହୁଁ, ... ବିଚରା କୁଆଡ଼େ ମରିହଜି ଯିବଣି କିମ୍ବା ଏଇ କୁକୁଡ଼ା ଭଳି କାହାର ଆହାର ହୋଇସାରିବଣି। ଯା'ଭିତରେ ପଚାଶ ବର୍ଷ ବିତିଗଲାଣି। ଲୋକମାନେ ତ କେବେଠୁ ଭୁଲି ଗଲେଣି। ହେଲେ ମୁଁ ଭୁଲିନି। କାରଣ ମୋର ରାଜନୈତିକ ମୂଳଦୁଆ ମଜଭୁତ କରିବା ପାଇଁ ତାକୁ ବଳି ପକାଇବା ନିତାନ୍ତ ଜରୁରୀ ଥିଲା। ତା' ନ ହେଲେ ଆଜି ମୁଁ ଯାହା ହୋଇଛି ତାହା ହୋଇପାରି ନ ଥା'ନ୍ତି। କୁହାଯାଏ, ଅପରାଧୀ ଯେତେ ହୁସିଆର ହେଲେ ବି ନିଜ ଅପରାଧର କିଛି ନା କିଛି ସୁରାକ ଅବଶ୍ୟ ଛାଡ଼ିଯାଇଥାଏ। ହେଲେ ମୋ' ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ମୁଁ ପରା ଚରଣାରବିନ୍ଦ! ମୋ' ଭାଗ୍ୟ ମୋ' ହାତମୁଠାରେ। ହାଃ...ହାଃ...ହାଃ...।

ହଠାତ୍ ଏକ ଗୁରୁଗମ୍ଭୀର ସ୍ୱରରେ ସ୍ତବ୍ଧ ହୋଇଗଲା ସାରା ଆସର। "ଜୀବନରେ ଶେଷଥର ପାଇଁ ହସି ଦେଇଥା ଚରଣାରବିନ୍ଦ। ଏଣିକି କାନ୍ଦିବା ଆରମ୍ଭ କର। ସେ ପକ୍ଷୀଟି ସାକ୍ଷୀ ଦେଇସାରିଛି। ଏଠାରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସବୁ ଶୁଣିଛନ୍ତି। ତୁମର ସ୍ୱୀକାରୋକ୍ତି ଯଥାରୀତି ଭିଡିଓ ରେକର୍ଡ ହୋଇଯାଇଛି। ତମକୁ ଫାଶିଖୁଣ୍ଟରେ ଝୁଲାଇବା ପାଇଁ ଏତିକି ଯଥେଷ୍ଟ। ତୁମେ ବୋଧେ ଜାଣିନ ଧୂଳେଶ୍ୱର ହୋତା ମର୍ଡର କେସ୍ ଫାଇଲ୍ ଏ ପର୍ଯ୍ୟନ୍ତ ବନ୍ଦ ହୋଇନାହିଁ।" ରୁକ୍ଷ କଣ୍ଠରେ ହାତକଡ଼ି ପାଇଁ ନିର୍ଦ୍ଦେଶ ଦେଇ କହୁଥିଲେ ସାମ୍ନାରେ ବସିଥିବା ପୋଲିସ ମୁଖ୍ୟ।

ମୋ: ୯୪୩୮୬୭୩୮୯୮

## କାଳକାଳକୁ



**"ବହୁ ବହି ଅଛି, ଯାହା ଆମ ଅନ୍ତସ୍ଥ ସତ୍ତାରେ ଥିବା ଅଜଣା କୋଠରିଗୁଡ଼ିକର କୁଞ୍ଚିକାଠି ସଦୃଶ।"**

**– ଫ୍ରାନ୍‌ଜ କାଫ୍‌କା**

**ଫ୍ରାନ୍‌ଜ କାଫ୍‌କାଙ୍କ** ଜନ୍ମ ୩ ଜୁଲାଇ ୧୮୮୩ରେ, ଅଷ୍ଟ୍ରିୟାର ବୋହେମିଆ ରାଜ୍ୟରେ ଓ ମୃତ୍ୟୁ ୩ ଜୁନ୍ ୧୯୨୪ରେ ଅଷ୍ଟ୍ରିୟାର କିଏର୍ଲିଂରେ। ଏକାଧାରରେ ଗାଳ୍ପିକ ଓ ଔପନ୍ୟାସିକ ଏହି ଲେଖକ ହେଉଛନ୍ତି ବିଂଶ ଶତକର ସାହିତ୍ୟରେ ଏକ ଉଜ୍ଜ୍ୱଳ ଦୀପସ୍ତମ୍ଭ। ନିଃସଙ୍ଗତା, ସ୍ଥିତିବାଦୀ ଉତ୍କଣ୍ଠା, ସଂଶୟ ଓ ଉଦ୍ଭଟତା ଆଦି ତାଙ୍କ ରଚନାର ପ୍ରମୁଖ ପ୍ରସଙ୍ଗ ହୋଇଥାଏ। ଗଳ୍ପ 'The Metamorphosis' ଓ ଉପନ୍ୟାସ 'The Trial' ଏବଂ 'The Castle' ପାଇଁ ସେ ବିଶ୍ୱବିଦିତ। ବୃତ୍ତିରେ ଜୀବନବୀମା ଅଧିକାରୀ ଏହି ଲେଖକ ଏକଦା କହିଥିଲେ: "ମୋ' ଭିତରେ ଯାହା ସବୁ ଘଟୁଛି, ତାହା ତୁମକୁ ବା ଅନ୍ୟ କାହାରିକୁ ବୁଝାଇବାକୁ ମୁଁ ଅକ୍ଷମ। ଏପରିକି ନିଜକୁ ବି ନୁହେଁ।"

## ଭିନ୍ନ ଜଣେ ସତ୍ୟବାନ

**ଗାୟତ୍ରୀ ସିଂହ**

ଗଳ୍ପ

ସାବିତ୍ରୀ ବ୍ରତ ପାଇଁ ବଜାର ପ୍ରବଳ ଭିଡ଼। ଫଳ ଓ ପୂଜା ସାମଗ୍ରୀ କିଣିବାକୁ ସବୁ ଫଳ ଦୋକାନୀ ଆଗରେ ଅପେକ୍ଷାରେ ଠିଆ ହୋଇଛନ୍ତି ଗ୍ରାହକ। ଗୋଟିଏ ପଟେ ସାବିତ୍ରୀ ବ୍ରତ, ଅନ୍ୟ ପଟେ କରୋନା କଟକଣା। ଗହଳି ନିୟନ୍ତ୍ରଣ କରିବା ପାଇଁ ପୋଲିସ ଥରକୁ ଥର ଆସି ତାଗିଦା କରି ଯାଉଛି। ଭିଡ଼ ଦେଖି ମନେହେଉଛି ସାବିତ୍ରୀ ପାଇଁ ଲୋକେ କରୋନାକୁ ପୂରାପୂରି ଭୁଲି ଯାଇଛନ୍ତି। ସାମାଜିକ ଦୂରତ୍ୱର ପ୍ରଶ୍ନ ହିଁ ନାହିଁ। କିଛି ଲୋକଙ୍କୁ ଛାଡ଼ିଦେଲେ କାହାର ପାଟି ତଳେ ମାସ୍କ ତ କାହା ମୁହଁରେ ମାସ୍କ ନାହିଁ। କିଛି ସଚେତନ ଲୋକ ଦୂରରେ ଠିଆ ହୋଇ ଗହଳି କମିଲେ କିଣାକିଣି କରିବା ପାଇଁ ଅପେକ୍ଷା କରିଛନ୍ତି। ହେଲେ ଗହଳି କମିବ କ'ଣ ବେଳକୁ ବେଳ ବଢ଼ି ଚାଲିଛି। କେତେବେଳେ ଭିଡ଼ ଦେଖି ପୋଲିସ ପହଞ୍ଚି ଦୋକାନ ବନ୍ଦ କରିଦେଉଛି ତ ପୁଣି କେତେବେଳେ ପୋଲିସ ଚାଲିଗଲେ ଦୋକାନ ଖୋଲି ବ୍ୟବସାୟୀମାନେ ବ୍ୟବସାୟ ଆରମ୍ଭ କରିଦେଉଛନ୍ତି। ଏମିତି ଦିନସାରା ପୋଲିସ ବ୍ୟବସାୟୀ ଗ୍ରାହକମାନଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି। ଯା' ଭିତରେ ଦାସବାବୁ ଏ ଦୋକାନ ସେ ଦୋକାନ ହୋଇ ପ୍ରାୟ ଫଳ କିଣି ସାରିଲେଣି। ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୋଲିସ ପୁଣି ଆସି ଦୋକାନ ସବୁ ବନ୍ଦ କରିଦେଲା। ପୋଲିସ ବାବୁମାନଙ୍କର ତାଗିଦା ଶୁଣି ଗ୍ରାହକମାନେ ମଧ୍ୟ ସ୍ଥାନ ଛାଡ଼ିବାକୁ ଲାଗିଲେ। ତରବରରେ ଦାସବାବୁ ମଧ୍ୟ ଫଳ କିଣିବା ସେତିକି ଥାଉ ମନେମନେ ଭାବି ଘରକୁ ବାହାରିଲେ।

ଲୋକମାନେ ଗହଳି ଭାଙ୍ଗି ଚାଲି ଯାଉଥିବା ବେଳେ ବନ୍ଦ ହୋଇ ଯାଇଥିବା ଦୋକାନଗୁଡ଼ିକୁ ଅନେଇ ରହି ଅଳ୍ପ ଦୂରରେ ଜଣେ ସ୍ତ୍ରୀ ଲୋକ କାନ୍ଦ କାନ୍ଦ ମୁହଁରେ ଖାଲି ବ୍ୟାଗ୍‌ଟିଏ ହାତରେ ଧରି ଠିଆ ହୋଇଥିବାର ଦେଖିଲେ ଦାସବାବୁ। ତା' ପାଖକୁ ଯାଇ ଠିଆ ହେଲେ। କିଛି ସମୟ ପରେ ନିଜ ବ୍ୟାଗ୍‌ରୁ ଫଳ ନେଇ ସେହି ସ୍ତ୍ରୀ ଲୋକ ବ୍ୟାଗ୍‌ରେ ପୂରାଇ ଦେଲେ। ଆଜି ଶୁଣିବାକୁ ପଡ଼ିବ ଶ୍ରୀମତୀଙ୍କଠାରୁ ଭାବୁଥିଲେ ଦାସବାବୁ। କୋଉ ନୂଆ କଥା ଯେ ; ସବୁଦିନ ଶୁଣୁଛି ଆଜି ଟିକେ ଅଧିକ ଶୁଣିବି, ମନେମନେ ଉତ୍ତର ଦେଉଥିଲେ। ହେଉ ଯାହା ହେବା କଥା ହେବ, ଯାହା ଶୁଣିବା କଥା ଶୁଣିବି। ଏମିତି



ଭାବନା ମଧ୍ୟରେ କେତେବେଳେ ଘରେ ପହଞ୍ଚି ଯାଇଛନ୍ତି ଦାସବାବୁ। ଫାଟକ ବନ୍ଦ କରି ଘରେ ପଶୁ ପଶୁ ପତ୍ନୀ ଆଗ୍ରହରେ ହାତରୁ ବ୍ୟାଗ୍‌ଟା ନେଇ ଖୋଲି ଦେଖି ମୁହଁକୁ ଆମ୍ବିଳା କରି ବିରକ୍ତି ପ୍ରକାଶ କରି କହିଲେ– ସେତିକିବେଳୁ ବଜାର ଯାଇଥିଲ ବ୍ୟାଗ୍‌ଟା ଖାଲି ହଲେଇ ହଲେଇ ଏତିକି ଫଳ ଆଣିଛ। ଏତେ ସମୟ ବଜାରରେ କରୁଥିଲ କ'ଣ? ଆରେ ମୋ' କଥା ଟିକେ ଶୁଣ, ଦୟାକରି ମୋ' କଥା ଟିକେ ବୁଝିବାକୁ ଚେଷ୍ଟା କର, କହୁଥିଲେ ଦାସବାବୁ। କ'ଣ ବୁଝେଇବ, କ'ଣ ଶୁଣେଇବ କହିଲେ ପତ୍ନୀ। ଦାସବାବୁ କହିଲେ, ବଜାରରେ ପ୍ରବଳ ଭିଡ଼ ଥିଲା। ପୋଲିସ ଆସି ଦୋକାନ ବଜାର ବନ୍ଦ କରିଦେଲା। ଜଣେ ସ୍ତ୍ରୀ ଲୋକ ଫଳ କିଣି ପାରି ନ ଥିଲା। ମନ ଦୁଃଖରେ ଖାଲି ବ୍ୟାଗ୍ ଧରି ଠିଆ ହୋଇଥିଲା। ତା' ପାଖକୁ ଯାଇ ବୁଝିବାରୁ ସେ କହିଲା, ତା' ପୁଅ ଦେହ ଭୀଷଣ ଖରାପ। ଡାକ୍ତରଖାନାରେ ପଡ଼ିଛି। ସେ କିଛି ଖାଉ ନାହିଁ। ତା' ପାଟିକୁ କିଛି ବି ଭଲ ଲାଗୁନି। କିଛି ଫଳ ନେଲେ ଖାଇବ। ହେଲେ ଭିଡ଼ ଭିତରେ ପଶି ସେ କିଣି ପାରି ନ ଥିଲା। ତେଣୁ ତାକୁ ସେଓ ଓ ଅଙ୍ଗୁର ଦେଇଦେଲି। ତମେ ଏଥର ଏତିକି ଫଳରେ ଚଳେଇଦିଅ। ପତ୍ନୀ ମୁହଁ ମୋଡ଼ି କହିଲେ– ହଁ ସେ ତୁମକୁ ଗପ ଶୁଣାଇ ଦେଲା ଆଉ ତମେ ସତ ଭାବି ତାକୁ ଫଳ ସବୁ ଦେଇଦେଲ। ବଢ଼ିଆ ବାହାନା, ବହୁତ ଚାଲାକ ସାବିତ୍ରୀଟିଏ। ସେ ତୁମଠୁ ଫଳ ନେଇ ତା' ସତ୍ୟବାନ ପାଇଁ ସାବିତ୍ରୀ କରି ସତୀ ହେବ। ଆଉ ମୁଁ ଏଠି... ଶ୍ରୀମତୀ ଆଉ ବେଶୀ କିଛି କହିବା ପୂର୍ବରୁ ଦାସବାବୁ କହିଲେ ସେ ବିଧବା ଥିଲା।

ମୋ: ୭୬୦୬୯୫୭୪୪୫

# ରାଜସ୍ଥାନ-ଗୁଜରାଟ ଫାଇନାଲ

**ଅହମଦାବାଦ, ୨୭ା୫**



ଶତକୀୟ ଇନିଂସ ଅବସରରେ ଜୋସ୍ ବଟଲର।

## ଇଣ୍ଡିଆନ ପ୍ରିମିୟର ଲିଗ୍

■ଶତକ ହାସଲକାରୀ ଜୋସ୍ ବଟଲର ମ୍ୟାନ୍ ଅଫ୍ ଦି ମ୍ୟାଚ୍

■ଆରସିବି ଅଭିଯାନ ଶେଷ

ସିନିୟର ଖେଳାଳିଙ୍କ ଦାୟିତ୍ୱହୀନ ପ୍ରଦର୍ଶନ ଯୋଗୁ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଅଭିଯାନ କ୍ୱାଲିଫାୟର-୨ରୁ ଶେଷ ହୋଇଛି। ଅନ୍ୟପକ୍ଷରେ ଶୁକ୍ରବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଜୋସ ବଟଲରଙ୍କ ଅପରାଜିତ ଶତକ ସହାୟତାରେ ରାଜସ୍ଥାନ ୭ ଉଇକେଟରେ ଆର୍‌ସିବିକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରାଜସ୍ଥାନ ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଏଲିମିନେଟର ମ୍ୟାଚରେ ଆକର୍ଷଣୀୟ ବ୍ୟାଟିଂ କରିଥିବା ଆର୍‌ସିବି ଏଠାରେ ଶେଷ ୫ ଓଭରରେ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ୨୦ ଓଭରରେ ୮ ଉଇକେଟ ହରାଇ ୧୫୭ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ରାଜସ୍ଥାନ ୧୮.୧ ଓଭରରେ ୩ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରି ନେଇଥିଲା। କ୍ୱାଲିଫାୟର-୧ରେ ରାଜସ୍ଥାନକୁ ହରାଇ ଗୁଜରାଟ ଫାଇନାଲରେ ପ୍ରବେଶ କରିଥିଲା। ତେଣୁ ମେଗା ଫାଇନାଲ ଏହାର ରିମ୍ୟାଚ ସଦୃଶ ହେବ। ଆଇପିଏଲ୍‌ରେ ଗୁଜରାଟ ନୂଆ ଦଳ ହୋଇଥିବାବେଳେ ରାଜସ୍ଥାନ ପୂର୍ବରୁ ପ୍ରଥମ ସଂସ୍କରଣ ୨୦୦୮ରେ ଚାମ୍ପିୟନ ହୋଇଥିଲା। ତେଣୁ ଲିଗ୍ ଇତିହାସରେ ରାଜସ୍ଥାନ ଦ୍ୱିତୀୟ ଥରପାଇଁ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ୨୦୧୦ ଓ ୨୦୧୫ ପରି ଏଥର ମଧ୍ୟ ଆରସିବି ତୃତୀୟ ଥରପାଇଁ ତୃତୀୟସ୍ଥାନରେ ସନ୍ତୁଷ୍ଟ ରହିଛି। ୨୦୦୯, ୨୦୧୧ ଓ ୨୦୧୬ରେ ଦଳ ଫାଇନାଲରେ ପ୍ରବେଶ କରିଥିଲେ ହେଁ ଏଥର ନେତୃତ୍ୱରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ସେହି ପ୍ରଦର୍ଶନକୁ ଦୋହରାଇ ପାରିନାହିଁ। କ୍ୱାଲିଫାୟର-୨ ପରି ବଡ଼ ମ୍ୟାଚରେ ଶତକ ହାସଲ କରି ଦକ୍ଷତା ଦେଖାଇଥିଲେ ରାଜସ୍ଥାନର ତାରକା ବ୍ୟାଟର ଜୋସ ବଟଲର। ସେ ୬୦ ବଲ୍‌ରୁ ୧୦ ଚୌକା ଓ ୬ ଛକା ସହାୟତାରେ ୧୦୬ ରନକରି ଅପରାଜିତ ରହିଥିଲେ। ଯୁବ ଓପନର ଯଶସ୍ୱି ଜୟସ୍ୱାଲ ୧୩ ବଲ୍‌ରୁ ୨୧ (୧ ଚୌକା, ୨ ଛକା) ଏବଂ ଅଧିନାୟକ ସଞ୍ଜୁ ସାମସନ ୨୧ ବଲ୍‌ରୁ ୨୩ (୧ ଚୌକା, ୨ ଛକା) ରନ କରିଥିଲେ। ଆରସିବି ପକ୍ଷରୁ ଜୋଶ୍ ହାଜେଲଉଡ୍ ୨ଟି ଓ ୱାନିନ୍ଦୁ ହସରଙ୍ଗା ଗୋଟିଏ ଉଇକେଟ ନେଇଥିଲେ। ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଆର୍‌ସିବିର ବ୍ୟାଟିଂ କିମ୍ବା ବୋଲିଂ କିଛି ବି କାମ ଦେଇ ନ ଥିଲା। ଏଲିମିନେଟର ମ୍ୟାଚ୍‌ରେ ଶତକ ହାସଲ କରିଥିବା କେବଳ ରଜତ ପଟିଦାରଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳି ରାଜସ୍ଥାନ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଟସ୍ ହାରି ଦଳ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବାବେଳେ ବଡ଼ ମ୍ୟାଚ୍‌ରେ ନିରାଶ କରିଥିଲେ ବିରାଟ କୋହଲି। ସେ ମାତ୍ର ୭ ରନ୍ କରି ଦଳର ପରାଜୟ ପର୍ବ ଆରମ୍ଭ କରିଥିଲେ। ଅଧିନାୟକ ଫାଫ୍ ଡୁ'ପ୍ଲେସି ୨୭ ବଲ୍‌ରୁ ୨୫ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ରଜତ ଓ ଗ୍ଲେନ୍ ମ୍ୟାକ୍ସୱେଲ କ୍ରିଜ୍‌ରେ ଥିବା ସମୟରେ ଆର୍‌ସିବି ବଡ଼ ସ୍କୋର କରିବା ସମ୍ଭାବନା ସୃଷ୍ଟି ହୋଇଥିଲା। ମାତ୍ର ସଞ୍ଜୁ ସାମ୍‌ସନଙ୍କ ଚତୁର ଅଧିନାୟକତ୍ୱ ଆଗରେ ଆର୍‌ସିବି ହାର ମାନିଥିଲା। ବିପଜ୍ଜନକ ମ୍ୟାକ୍ସୱେଲ କ୍ରିଜ୍‌ରେ ସେଟ୍ ହୋଇ ଆସୁଥିବା ଦେଖି ସେ ୧୪ତମ ଓଭରରେ ଟ୍ରେଣ୍ଟ ବୋଲ୍ଟଙ୍କୁ ବୋଲିଂ ଭାର ଦେଇ ସଫଳ ହୋଇଥିଲେ। ମ୍ୟାକ୍ସୱେଲ ୧୩ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୨୪ ରନ୍ କରି ଆଉଟ ହେବା ଇନିଂସ୍‌ର ଟର୍ନିଂ ପଏଣ୍ଟ ଥିଲା। ପଟିଦାର ୪୨ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୮ ରନ୍ କରିଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ଆଉଟ ହୋଇଯାଇଥିଲେ। ଦୀନେଶ କାର୍ତ୍ତିକଙ୍କ ସମେତ ଟେଲ୍ ଏଣ୍ଡରଙ୍କ ବିପର୍ଯ୍ୟୟ ଆର୍‌ସିବିକୁ ବହୁତ କ୍ଷତି ପହଞ୍ଚାଇଥିଲା। ଶେଷ ୫ ଓଭରରେ ଏହି ଦଳ ମାତ୍ର ୩୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ଏବଂ ୫ ଉଇକେଟ ହରାଇଥିଲା। ମହୀପାଲ ଲୋମରୋର ୮, କାର୍ତ୍ତିକ ୬ ଓ ହର୍ଷଲ ପଟେଲ ୧ ରନ୍ କରିପାରିଥିବାବେଳେ ୱାନିନ୍ଦୁ ହସରଙ୍ଗା ଖାତା ଖୋଲିପାରି ନ ଥିଲେ। ରାଜସ୍ଥାନ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ଓବେଡ ମ୍ୟାକକୟ ୩ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୫୭/୮ (ରଜତ ପଟିଦାର-୫୮, ଫାଫ୍ ଡୁ'ପ୍ଲେସି-୨୫, ଗ୍ଲେନ ମ୍ୟାକ୍ସୱେଲ-୨୪, ପ୍ରସିଦ୍ଧ କ୍ରିଷ୍ଣା-୩/୨୨, ଓବେଡ ମ୍ୟାକ୍‌କୟ-୩/୨୩, ଟ୍ରେଣ୍ଟ ବୋଲ୍ଟ-୧/୨୮, ରବିଚନ୍ଦ୍ରନ ଅଶ୍ୱିନ-୧/୩୧)। ରାଜସ୍ଥାନ ରୟାଲ୍ସ ୧୮.୧ ଓଭରରେ ୧୬୧/୩ (ଜୋସ ବଟଲର-୧୦୬*, ସଞ୍ଜୁ ସାମସନ-୨୩, ଯଶସ୍ୱି ଜୟସ୍ୱାଲ-୨୧, ଜୋଶ୍ ହାଜେଲଉଡ୍-୨/୨୩, ୱାନିନ୍ଦୁ ହସରଙ୍ଗା-୧/୨୬)।

## ଦ୍ୱିତୀୟ ଟେଷ୍ଟ

# ଶ୍ରୀଲଙ୍କା ୧୦ ଉଇକେଟରେ ବିଜୟୀ

**ଢାକା, ୨୭ା୫(ଏପି)**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଶ୍ରୀଲଙ୍କା ୧୦ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ଦଳ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୧-୦ରେ ଜିତିନେଇଛି। ବାଂଲାଦେଶ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୫୬/୫ରୁ ଖେଳ ଆରମ୍ଭ କରି ୧୬୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଶୁକ୍ରବାର ମ୍ୟାଚ୍‌ର ୫ମ ତଥା ଅନ୍ତିମ ଦିବସରେ ଶ୍ରୀଲଙ୍କା ଏହାର ଦ୍ୱିତୀୟ ଇନିଂସରେ ୩ ଓଭରରେ ବିନା କୌଣସି ଉଇକେଟରେ ୨୯ ରନ କରି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଓଶାଡା ଫର୍ନାଣ୍ଡୋ ୯ଟି ବଲ୍‌ରେ ୨୧ ରନ୍ କରିଥିଲେ। ଅଧିନାୟକ ଦିମୁଥ କରୁଣାରତ୍ନେ ୭ରନ୍ କରି ଅପରାଜିତ ଥିଲେ। ଶ୍ରୀଲଙ୍କା ତରଫରୁ ବାଂଲାଦେଶର ସବୁଠାରୁ ବେଶି କ୍ଷତି ଘଟାଇଥିବା ଖେଳାଳି ଜଣକ ହେଲେ ଫାଷ୍ଟ ବୋଲର ଆସିଥା ଫର୍ନାଣ୍ଡୋ। ସେ ମ୍ୟାଚ୍‌ରେ ତାଙ୍କ ପ୍ରଥମ ୧୦ ଉଇକେଟ ସଫଳତା ହାସଲ କରିଥିଲେ। ପ୍ରଥମ ଇନିଂସରେ ସେ ୯୩ ରନ ଦେଇ ୪ ଉଇକେଟ ଏବଂ ଦ୍ୱିତୀୟ ଇନିଂସରେ ୫୧ ରନ୍ ବିନିମୟରେ ୬ ଉଇକେଟ ହାସଲ କରିଥିଲେ। ଆସିଥା ଫର୍ନାଣ୍ଡୋ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଆଞ୍ଜେଲୋ ମାଥ୍ୟୁସ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୬୫, ଶ୍ରୀଲଙ୍କା ପ୍ରଥମ ଇନିଂସ: ୫୦୬, ବାଂଲାଦେଶ ଦ୍ୱିତୀୟ ଇନିଂସ: ୧୬୯ (ଶକିବ ଅଲ୍ ହସନ-୫୮, ଲିଟନ ଦାସ-୫୨; ଆସିଥା ଫର୍ନାଣ୍ଡୋ-୬/୫୧, କାସୁନ ରଜିଥା-୨/୪୦)। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୨୯/୦ (ଓଶାଡ଼ା ଫର୍ନାଣ୍ଡୋ-୨୧*, ଦିମୁଥ କରୁଣାରତ୍ନେ-୭*)।



ପ୍ରସ୍ତୁତି ପଥେ କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟର। ୧୦୦୦ ସିଟ୍‌ବିଶିଷ୍ଟ ଆକ୍ୱାଟିକ୍ କମ୍ପ୍ଲେକ୍ସରେ ୫୦ ମିଟର ଅଲିମ୍ପିକ୍ ସାଇଜ୍‌ର ପୁଲ୍ ଏବଂ ୨୫ ମିଟର ପ୍ରାକ୍ଟିସ ସୁଇମିଂ ପୁଲ୍ ରହିଛି।

# ଆଜିଠାରୁ ରାଜ୍ୟ ଜୁନିୟର ସନ୍ତରଣ

**ଭୁବନେଶ୍ୱର, ୨୭ା୫ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ୬୨ତମ ଅଲ୍ ଓଡ଼ିଶା ରାଜ୍ୟ ଜୁନିୟର ସନ୍ତରଣ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେବ। ଜୁନିୟର ଓ ସବ୍‌ଜୁନିୟର ଉଭୟ ବାଳିକା ଓ ବାଳକ ବର୍ଗରେ ଏହି ପ୍ରତିଯୋଗିତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ୩ ଦିନିଆ ଜୁନିୟର ଓ ସବ୍‌ଜୁନିୟର ସୁଇମିଂ ଚାମ୍ପିୟନଶିପ୍‌ରେ ରାଜ୍ୟର ୨୦ ଜିଲାରୁ ମୋଟ ୨୫୮ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୭୧ ବାଳିକା ଓ ୧୮୧ ବାଳକ ପ୍ରତିଯୋଗୀ ସାମିଲ। ପାଖାପାଖି ୫୦ ଟେକ୍ନିକାଲ ଅଫିସିଆଲ ପ୍ରତିଯୋଗିତା ପରିଚାଳନା ଦାୟିତ୍ୱରେ ରହିବେ। ଇଲେକ୍‌ଟ୍ରୋନିକ୍ ଟଚ୍‌ପ୍ୟାଡ୍ ସହିତ ପ୍ରତିଯୋଗିତାର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଡିଜିଟାଲାଇଜ୍ କରାଯାଇଛି। ଫଳରେ ପ୍ରତିଯୋଗୀ ଫିନିଶିଂ ଲାଇନ୍ ଟଚ୍ କରିବା ମାତ୍ରେ ପର୍‌ଫର୍ମାନ୍ସ ଟାଇମିଂ ଓ ଫଳାଫଳ ଆପେ ଆପେ ପ୍ରତିଫଳିତ ହେବ। ବାହାର ଜିଲାର ପିଲାଙ୍କ ପାଇଁ ମାଗଣାରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଛି। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ପ୍ରତି କାଟେଗୋରିରେ ପ୍ରଦର୍ଶନ ଭିତ୍ତିରେ ଶ୍ରେଷ୍ଠ ସୁଇମର ଚୟନ ହେବେ। ସେମାନେ ଆସନ୍ତା ଜୁନ୍‌ରେ ରାଜକୋଟରେ ହେବାକୁଥିବା ସବ୍‌ଜୁନିୟର ଏବଂ ଜୁଲାଇ ୧୬ରୁ ୨୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁଥିବା ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଯୋଗ୍ୟ ବିବେଚିତ ହେବେ।




କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସ।

# ଦୃଷ୍ଟିହୀନ ମହିଳା କ୍ରିକେଟ୍ ପ୍ରଶିକ୍ଷଣ ଶିବିର ଶେଷ

**ଭୁବନେଶ୍ୱର, ୨୭ା୫ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ (କାଭି ଓଡ଼ିଶା) ପକ୍ଷରୁ ଆୟୋଜିତ ରେଡକ୍ରସ ଦୃଷ୍ଟିହୀନ ବିଦ୍ୟାଳୟରେ ୬ ଦିନ ଧରି ଦୃଷ୍ଟିହୀନ ମହିଳା କ୍ରିକେଟ୍ ପ୍ରଶିକ୍ଷଣ ଓ ଆତ୍ମରକ୍ଷା ଶିବିର ଶେଷ ହୋଇଛି। ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରୁ ଆସି ୩୦ ଜଣ ଦୃଷ୍ଟିବାଧିତ ଛାତ୍ରୀ କ୍ରିକେଟ୍ ଖେଳ ସହିତ ଆତ୍ମରକ୍ଷାର ପ୍ରଶିକ୍ଷଣ ନେଇଥିଲେ। କାଭି ଓଡ଼ିଶାର କ୍ରିକେଟ୍ ପ୍ରଶିକ୍ଷକ ତଥା ଅନ୍ତର୍ଜାତୀୟ କ୍ରିକେଟର୍ ସୁଖରାମ୍ ମାଝୀ ଦୃଷ୍ଟିବାଧିତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟରେ ଲିଙ୍ଗରାଜ ରାଉତରା ଓ ଚିନ୍ମୟ ସାହୁ ସହଯୋଗ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ପକ୍ଷରୁ ମହିଳା ଦୃଷ୍ଟିହୀନ କ୍ରିକେଟର୍‌ମାନଙ୍କୁ ଖେଳ ଜର୍ସି, ଜୋତା ଏବଂ ଟୋପି ପ୍ରଦାନ କରାଯାଇଥିଲା। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ପକ୍ଷରୁ ବିଦ୍ୟାଳୟକୁ ଏକ ସମ୍ପୂର୍ଣ୍ଣ କ୍ରିକେଟ୍ କିଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ କାଭି ଓଡ଼ିଶାର ସଭାପତି ତଥା ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟର୍ ମହମ୍ମଦ ଜାଫର ଇକବାଲ୍ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ବିଦ୍ୟାଳୟରେ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ଖେଳିବା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରାଇବା ପାଇଁ ସଭାରେ ଉପସ୍ଥିତ ଅତିଥିମାନଙ୍କୁ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ଯୁଗ୍ମ ସଂପାଦକ ବିରଞ୍ଚି ନାରାୟଣ ସାହୁ ପରିଚାଳନା କରିଥଲେ। ଗଞ୍ଜାମ ଜିଲା ଯୋଗାଣ ଅଧିକାରୀ ସନ୍ଦୀପ କୁମାର ଦାସ ମୁଖ୍ୟ ଅତିଥି ଏବଂ ହର୍ଷ ପ୍ରସାଦ ଦାସ, ସନ୍ତୋଷ କୁମାର ବେହେରା, ସୁମନ୍ତ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆତ୍ମରକ୍ଷା କୌଶଳ ପ୍ରଶିକ୍ଷକ ତଥା ଜିଲା କରାଟେ ସଂଘ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାନ୍ତି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିମ୍ନାଷ୍ଟ ଅରୁଣାଙ୍କ ଅଭିଯୋଗର ତଦନ୍ତ କରିବ ୩ଜଣିଆ କମିଟି

**ନୂଆଦିଲ୍ଲୀ, ୨୭ା୫ (ପି.ଟି.):** ଜିମ୍ନାଷ୍ଟ ଅରୁଣା ବୁଡ୍ଡା ରେଡ୍ଡୀଙ୍କ ଅଭିଯୋଗର ତଦନ୍ତ ପାଇଁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପକ୍ଷରୁ ଶୁକ୍ରବାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଟିମ୍ସ) ରାଧିକା ଶ୍ରୀମାନ୍‌ଙ୍କ ଅଧ୍ୟକ୍ଷତାରେ ଏକ ୩ଜଣିଆ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଛି। ମାର୍ଚ୍ଚରେ ଫିଜିକାଲ ଫିଟ୍‌ନେସ୍ ଟେଷ୍ଟ ବେଳେ ବିନା ଅନୁମତିରେ ତାହାର ଭିଡିଓଗ୍ରାଫ୍ କରାଯାଇଥିଲା ବୋଲି ଅରୁଣା ଅଭିଯୋଗ କରିଛନ୍ତି। ଶ୍ରୀମାନଙ୍କ ବ୍ୟତୀତ କମିଟିରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ସଦସ୍ୟ ହେଲେ କମଲେଶ ତିୱାରୀ ଓ ଡେପୁଟି ଡାଇରେକ୍ଟର (ଅପରେସନ୍ସ) କୈଳାସ ମୀନା। ଅରୁଣା କୋଚ୍ ରୋହିତ ଜୈସ୍ୱାଲଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ) ତାଙ୍କୁ ପୂର୍ବରୁ କ୍ଲିନ୍‌ଚିଟ୍ ଦେଇସାରିଛି। ଏଥିରେ ଭାରତର ଏହି ଅନ୍ତର୍ଜାତୀୟ ଜିମ୍ନାଷ୍ଟ ଖୁବ୍ ଖପ୍ପା ହୋଇଯାଇଥିଲେ। ସେ ଆଇନର ଆଶ୍ରୟ ନେବେ ବୋଲି ଧମକ ଦେଇଥିଲେ।

# ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ: ପଦକ ନିଶ୍ଚିତ କଲେ ପ୍ରମୋଦ

**ଭୁବନେଶ୍ୱର, ୨୭ା୫ (କ୍ରୀଡ଼ା ପ୍ରତିନିଧି)**

ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରି ସିଙ୍ଗଲ୍ସରୁ ପଦକ ନିଶ୍ଚିତ କରିଛନ୍ତି ପାରାଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଓଡ଼ିଶାର ପ୍ରମୋଦ ଭଗତ। ତେବେ ମିକ୍ସଡ ଡବଲ୍ସର କ୍ୱାର୍ଟର ଫାଇନାଲରୁ ସେ ହାରିଯାଇଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ଦୀପ୍ ରଞ୍ଜନ ବିଷୋୟୀ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ହାରିଯାଇଛନ୍ତି। ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରମୋଦ ନିଜ ଦେଶର ନେହାଲ ଗୁପ୍ତାଙ୍କୁ ୧୮-୨୧, ୨୧-୧୫, ୨୧-୧୧ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ହାରିଯାଇଥିଲେ ହେଁ ପ୍ରମୋଦ ପରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ସେମିଫାଇନାଲରେ ଜାପାନର ଦାଇସୁକେ ଫିଜିହାରାଙ୍କୁ ଭେଟିବେ। ମିକ୍ସଡ ଡବଲ୍ସ କ୍ୱାର୍ଟରରେ ପ୍ରମୋଦ ଓ ମନୀଷା ରାମଦାସଙ୍କ ଏସ୍‌ଏଲ୍-୩ ଏସ୍‌ୟୁ-୫ ଯୋଡ଼ି ନିଜ ଦେଶର ମାନସୀ ଗିରିଶ୍‌ଚନ୍ଦ୍ର ଜୋଶୀ ଓ ରୁଥିକ ରଘୁପତି ଯୋଡ଼ିଙ୍କଠାରୁ ୨୧-୧୨, ୧୬-୨୧, ୧୯-୨୧ରେ ହାରିଯାଇଥିଲେ। ଦୀପ୍ ରଞ୍ଜନ ଇଣ୍ଡୋନେସିଆର ହିକମତ ରାମଦାନିଙ୍କଠାରୁ ୮-୨୧, ୧୨-୨୧ରେ ପରାସ୍ତ ହୋଇ ସିଙ୍ଗଲ୍ସରୁ ବିଦାୟ ନେଇଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୧୮ ନକଲି ହେଡ୍‌ଫୋନ ଜବତ, ଜଣେ ଗିରଫ

**ଭୁବନେଶ୍ୱର,୨୭।୫(ବ୍ୟୁରୋ):** ନକଲି ହେଡଫୋନକୁ କମ୍ ଦାମରେ କିଣିଲେ। କିନ୍ତୁ ଏହାକୁ ବିକ୍ରି କରିବାବେଳକୁ ଏପଲ କମ୍ପାନୀର ଷ୍ଟିକର ଲଗାଇ ଅଧିକ ଦାମରେ ବିକ୍ରି କରୁଥିବା ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ମାଷ୍ଟରକ୍ୟାଣ୍ଟିନ ନିକଟରେ ରହୁଥିବା ଉତ୍ତରପ୍ରଦେଶର ଅମିର ଅନଶାରୀ (୨୪)। ତାଙ୍କଠାରୁ ୧୮ଟି ନକଲି ହେଡ ଫୋନ ଓ ୨ଟି ଘଣ୍ଟା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ ୧୩୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଜବତ ହୋଇଥିବା ପ୍ରତ୍ୟେକ ସାମଗ୍ରୀର କିଣା ଦାମ ୨୪,୯୦୦ ଏବଂ ୫୩ ହଜାର ଟଙ୍କା ଲେଖାଥିବା ଦେଖିବାକୁ ମିଳିଛି । ତଦନ୍ତରୁ ଜଣାପଡିଛି ଅଭିଯୁକ୍ତ ଅମିର ଏସବୁକୁ ମୁମ୍ବାଇର ଚୋର ବଜାରରୁ ଆଣି ଓଡ଼ିଶାରେ ଅଧିକ ଦାମରେ ବିକ୍ରି କରୁଥିଲେ।

### ମୋ ବସ୍ ପାଇଁ ଯାତ୍ରୀ ହନ୍ତସନ୍ତ

**ଯାଁଳା,୨୭।୫(ଡି.ଏନ୍.ଏ.):** ସରକାର ଯାତ୍ରୀମାନଙ୍କ ଗମନାଗମନ ସୁବିଧା ପାଇଁ ମୋ ବସ୍ ସେବା ଯୋଜନା କରିଛନ୍ତି। ଯାତ୍ରୀମାନେ ମଧ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଏହି ବସ୍ ସେବାକୁ ଆପଣାଇଛନ୍ତି। ଏହି ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି ଯାଁଳା ଅଞ୍ଚଳର ପୋଷ୍ଟଅଫିସ ଛକ ନିକଟ ବାସିନ୍ଦା। ଏଠାରେ ଓଭରବ୍ରିଜ୍ ନିର୍ମାଣ ଚାଲିଥିବା ବେଳେ ଏକ ପାର୍ଶ୍ୱ ରାସ୍ତା କାର୍ଯ୍ୟ ଶେଷ ହୋଇଯାଇଥିବାରୁ ଭୁବନେଶ୍ୱରରୁ ଖୋର୍ଦ୍ଧା ଯାଉଥିବା ବସ୍ ଉପରେ ପଳାଉଛି। ଫଳରେ ଯାତ୍ରୀମାନେ ବସ୍‌ରେ ଯିବା ଲାଗି ବିପଦପୂର୍ଣ୍ଣ ଭାବେ ଉପରକୁ ଚଢ଼ି ଯାଉଥିବା ଦେଖିବାକୁ ମିଳୁଛି। ସର୍ଭିସ୍ ରୋଡ୍ ରହିଥିଲେ ମଧ ସେଥିରେ ବସ୍ ଯାଉନାହିଁ। ଏନେଇ ଯାତ୍ରୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଲାଗି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ମୃତକଙ୍କ ପରିବାରକୁ ସମବେଦନା

**ନିରାକାରପୁର,୨୭।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ଉଦୟପୁର ଗ୍ରାମର ପ୍ରଦୀପ ଗୁମାନ୍‌ସିଂହ(୩୭)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଖବରପାଇ ୧୨ ନମ୍ବର ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍‌ଟାସିଂହ, ଟାଙ୍ଗୀ ବ୍ଲକ୍ ଅଧକ୍ଷା ରିସ୍ମା ମାନ୍ଧାତା, ଉପାଧକ୍ଷ ଦୁର୍ଗାପ୍ରସାଦ ନାଥଶର୍ମାଙ୍କ ସମେତ ଅନ୍ୟ ନେତୃବୃନ୍ଦ ମୃତକଙ୍କ ଘରେ ପହଞ୍ଚି ସମବେଦନା ଜଣାଇଥିଲେ। ପ୍ରଦୀପ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଉପରେ ପରିବାର ନିର୍ଭର କରିଥାନ୍ତି।

### ଖବରଦାତାଙ୍କ ବିୟୋଗରେ ସ୍ମୃତିସଭା

**ଖୋର୍ଦ୍ଧା ଅଫିସ,୨୭।୫:** ଖୋର୍ଦ୍ଧାର ବରିଷ୍ଠ ଖବରଦାତା ଅଶୋକ କୁମାର ପଟ୍ଟନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାପା ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧିମାନେ ଯୋଗଦେଇ ତାଙ୍କ ସ୍ମୃତି ଚାରଣ କରିଥିଲେ। ସେ ଜଣେ ମେଳାପି, ପରୋପକାରୀ, ସାମାଜିକ କର୍ମୀ, ନିର୍ଭୀକ ଭାବେ ଖବର ପରିବେଷଣ କରି ସମାଜରେ ନିଜ ପରିଚୟ ସୃଷ୍ଟି କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଖବରଦାତା ଶୁଭ୍ରାଂଶୁ ଶେଖର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଭାତ ମିଶ୍ର, ସୂର୍ଯ୍ୟନାରାୟଣ ମହାନ୍ତି, ବାଲାଜୀ ପାତ୍ର, ପ୍ରକାଶ ଚନ୍ଦ୍ର ହାତୀ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ରାମନାରାୟଣ ଦାଶ, ଗୋପାଳ କୃଷ୍ଣ ଦଳେଇ, ଗୋପାଳ କୃଷ୍ଣ ଦାସ, ପ୍ରଶାନ୍ତ ସାହୁ, ମନୋରଞ୍ଜନ ପ୍ରଧାନ, ପ୍ରମୋଦ ମହାପାତ୍ର, ମହମ୍ମଦ ୟୁସୁବ, ଆବ୍ରାହମ୍ ହକ୍ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଖବରଦାତା ପ୍ରବୀଣ ଭଞ୍ଜଦେଓ ଧନ୍ୟବାଦ ଦେଇଥିଲେ।

### ଇନ୍ଦ୍ରାଣୀ ମିଶ୍ରଙ୍କୁ ପ୍ରଣବ ପ୍ରଣାମ ସମ୍ମାନ

ଭୁବନେଶ୍ୱର,୨୭।୫(ବ୍ୟୁରୋ)- ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ସଂଭାବନା ପକ୍ଷରୁ 'ପ୍ରଣବ ପ୍ରଣାମ' ଶୁକ୍ରବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ଉପସ୍ଥାପନା କରିଥିଲେ। ଚଳିତ ପ୍ରଣବ ପ୍ରଣାମ ସଂସ୍କରଣଟି ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ନିକଟରେ ସମର୍ପିତ ସଙ୍ଗୀତ ଗାୟନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ପ୍ରଣବ ପଟ୍ଟନାୟକ ସଙ୍ଗୀତ ଶିଳ୍ପୀ ଇନ୍ଦ୍ରାଣୀ ମିଶ୍ରଙ୍କୁ ଚତୁର୍ଦ୍ଦଶ 'ପ୍ରଣବ ପରମ୍ପରା ସମ୍ମାନ'ରେ ସମ୍ବର୍ଦ୍ଧିତ କରିଥିଲେ। ରାଜଶ୍ରୀ ଶତପଥୀ, ସତ୍ୟବ୍ରତ ମହାପାତ୍ର, ଗୁରୁପ୍ରସାଦ ଦାସ, ପ୍ରଫୁଲ୍ଲ ଦେ ଯୋଗଦେଇଥିଲେ।

# ପୁରସ୍କାର ପ୍ରଦାନରେ ଚଞ୍ଚକତା ଅଭିଯୋଗ

**ଖୋର୍ଦ୍ଧା ଅଫିସ,୨୭।୫**

- ଶ୍ୱଶୁରଙ୍କୁ ପ୍ରକୃତି ମିତ୍ର, ବୋହୂଙ୍କୁ ପ୍ରକୃତି ବନ୍ଧୁ
- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରତିବର୍ଷ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ଲାଗି ବ୍ଲକସ୍ତରରେ ଜଣଙ୍କୁ ପ୍ରକୃତି ବନ୍ଧୁ ଏବଂ ଗୋଟିଏ ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥାଏ। ତେବେ ଏଥିରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଗୋଟିଏ ପରିବାରର ବାପା, ମା', ପୁଅ କ୍ରମାଗତ ଭାବେ ବ୍ୟକ୍ତିଗତ ଏବଂ ଅନୁଷ୍ଠାନ ନାଁରେ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ପାଇଆସୁଛନ୍ତି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକରୁ ଆସିଛି ଏଭଳି ଅଭିଯୋଗ। ବୋଲଗଡ଼ ବ୍ଲକ ବନ ସୁରକ୍ଷା ସମିତି ମହାସଂଘ ଓ ପରିବେଶପ୍ରେମୀ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ, ପୁରସ୍କାର ପାଇଥିବା ବ୍ୟକ୍ତି କେଉଁଠି, କ'ଣ କାମ କରିଛନ୍ତି ତାହାର ଯାଞ୍ଚ ସହ ଏଥିରେ ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ପ୍ରତିବର୍ଷ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ଲାଗି ଉପଯୁକ୍ତ ବ୍ୟକ୍ତିଙ୍କୁ ମନୋନୀତ ନିମନ୍ତେ ଜିଲାସ୍ତରରେ ଜିଲା ପରିବେଶ ସମିତି ଚୟନ କରିଥାଏ। ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ମନୋନୟନ କରାଯାଇଥାଏ। ଯୋଗ୍ୟ ବ୍ୟକ୍ତି ଏବଂ ଅନୁଷ୍ଠାନ କିମ୍ବା ବିଦ୍ୟାଳୟ ଆଦିଙ୍କ ନାମ ପୁରସ୍କାର ପାଇଁ ସୁପାରିସ କରାଯାଇଥାଏ। ତେବେ ଗୋଟିଏ ଅନୁଷ୍ଠାନ ଓ ଗୋଟିଏ ପରିବାରର ସଦସ୍ୟଙ୍କ ନାମ ଦୀର୍ଘ ୫ ବର୍ଷ ଧରି ପୁରସ୍କାର ପାଇଁ ସୁପାରିସ୍ କରାଯାଉଛି। ବ୍ଲକସ୍ତରରେ ଅନେକ ଯୋଗ୍ୟ ବ୍ୟକ୍ତି, ଅନୁଷ୍ଠାନ ରହିଥିଲେ ମଧ ସେମାନଙ୍କୁ ଅଣଦେଖା କରାଯାଉଛି। ବିଭାଗୀୟ କର୍ମଚାରୀଙ୍କୁ ହାତକରି ଗୋଟିଏ ପରିବାର ଓ ଜଣେ ମୁଖ୍ୟ ଥିବା ଅନୁଷ୍ଠାନକୁ ମନୋନୀତ କରୁଛନ୍ତି। ସୂଚନା ଅଧିକାର ଆଇନ ପ୍ରକାରେ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଏହି ବ୍ଲକ ଚମ୍ପେଇଲୋ ସାନବାଡ଼ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରଥମେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିଲେ। ପରେ ତାଙ୍କ ସହଧର୍ମିଣୀ ଉଲିମଣି ବେହେରା, ପୁଅ ଓମ୍‌ପ୍ରକାଶ ମହାଦେବ ଏବଂ ୨୦୨୨ ମସିହା ପାଇଁ ବୋହୂ ଆରତିଙ୍କ ନାମ ସୁପାରିସ କରାଯାଇଛି। ପୂର୍ଣ୍ଣଚନ୍ଦ୍ରଙ୍କ ମେଘ ମହ୍ଲାର(ସାହିତ୍ୟ ଅନୁଷ୍ଠାନ), ମା'ଶାରଦା ପଲ୍ଲୀ ମଙ୍ଗଳ ଏବଂ ଓଡ଼ିଶା ସିନେ କଳାକାର ଆସୋସିଏଶନକୁ ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ଚଳିତ ବର୍ଷ ୨୦୨୨ ପାଇଁ ଶ୍ୱଶୁର(ପୂର୍ଣ୍ଣଚନ୍ଦ୍ର)ଙ୍କ ପରିଚାଳିତ ସିନେ ଆସୋସିଏଶନକୁ ପ୍ରକୃତି ମିତ୍ର ଏବଂ ବୋହୂ ଆରତିଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ବନ ବିଭାଗ ପକ୍ଷରୁ ସୁପାରିସ କରାଯାଇଛି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ଗୋଟିଏ ଜାଗା ଓ ଘରକୁ ଦେଖାଇ ଦୀର୍ଘବର୍ଷ ଧରି ଏହି ପରିବାର ସଦସ୍ୟ ପ୍ରକୃତି ମିତ୍ର ଏବଂ ପ୍ରକୃତି ବନ୍ଧୁ ପୁରସ୍କାର ହାତେଇବାରେ ଲାଗିଛନ୍ତି। ଏହାକୁ ନେଇ ଜଙ୍ଗଲ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିପରି ଗୋଟିଏ ପରିବାରକୁ ଲଗାତର ଦୁଇ ଦୁଇଟି ପୁରସ୍କାର ପାଇଁ ମନୋନୀତ କରାଯାଉଛି। ଏନେଇ ପରିବେଶପ୍ରେମୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ମହାସଂଘ ଦାବି କରିଛି। ଅନ୍ୟପକ୍ଷେ ଏନେଇ ସମ୍ପୃକ୍ତ ପରିବାର ସଦସ୍ୟଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।


ଖୋର୍ଦ୍ଧା ସିଗମା ପବ୍ଲିକ ସ୍କୁଲ ପକ୍ଷରୁ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିରର ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୨୭।୫**

ପିଲାମାନଙ୍କ ମାନସିକ, ଶାରିରୀକ, ବୌଦ୍ଧିକ ବିକାଶ ନିମନ୍ତେ ଖୋର୍ଦ୍ଧା ସିଗମା ପବ୍ଲିକ ସ୍କୁଲ ପକ୍ଷରୁ ଚାଲିଥିବା ୫ ଦିନିଆ ଗ୍ରୀଷ୍ମ କାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିଶୁମାନଙ୍କ ମଧରେ ଚିତ୍ରାଙ୍କନ, କ୍ରାଫ୍ଟ, ଏକକ ନୃତ୍ୟ, ଅଭିନୟ, ସଙ୍ଗୀତ, ବକ୍ତୃତା, ହସ୍ତାକ୍ଷର, କୁଇଜ୍ ସମ୍ପର୍କିତ ଶିକ୍ଷା ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରକାର ଘରସଜା ଉପକରଣ ପ୍ରସ୍ତୁତି ଶିକ୍ଷା ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହରୁ ପରିବେଶକୁ ରକ୍ଷା କରିବା ନିମନ୍ତେ ଚାରାରୋପଣ, ଜଳ ସଞ୍ଚୟ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଶିବିରରେ ନର୍ସରୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ସ୍କୁଲର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗଦେଇ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ଦିଗ ଦର୍ଶନରେ ଆୟୋଜିତ ଏହି ଶିବିରକୁ ତୁଷାର ରଞ୍ଜନ ମହାନ୍ତି, ବର୍ଣ୍ଣାଳି ମାଝୀ, ସୁନିତା ତ୍ରିପାଠୀ, ମାନସ ମହାପାତ୍ର, ସନ୍ଧ୍ୟାରାଣୀ ବିଶ୍ୱାଳ, ଶୁଭଦର୍ଶୀନି ଦାସ, ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ରେଳ ଡିଭିଜନ ପକ୍ଷରୁ ସଚେତନତା



ଖୋର୍ଦ୍ଧା ରେଳ ଡିଭିଜନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯାଉଛି।

**ନିରାକାରପୁର,୨୭।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ରେଳ ଡିଭିଜନ ପକ୍ଷରୁ ଶୁକ୍ରବାର ନିରାକାରପୁରସ୍ଥିତ ଉତ୍ତର ଓ ଦକ୍ଷିଣ ଜଗୁଆଳି ଫାଟକ ପାର ହେବା ପୂର୍ବରୁ ନେଇ ସଚେତନ କରାଯାଇଥିଲା। ଫାଟକ ବନ୍ଦ ଥିଲେ ସେଠାରେ ରୁହନ୍ତୁ ଏବଂ ଅପେକ୍ଷା କରନ୍ତୁ। ଫାଟକ ବନ୍ଦ ଥିବା ସମୟରେ ଗେଟ୍ ତଳେ କିମ୍ବା ଦୁଇ ପାର୍ଶ୍ୱ ଦେଇ ଯିବା ପାଇଁ ଚେଷ୍ଟା କରନ୍ତୁ ନାହିଁ, ଜଗୁଆଳିଙ୍କୁ ସହଯୋଗ କରନ୍ତୁ, ଗେଟ୍ ଖୋଲିବା ପାଇଁ ବାଧ କରନ୍ତୁ ନାହିଁ। ଫାଟକ ଖୋଲିବା ପରେ ଆପଣ ନିରାପଦରେ ଯାଆନ୍ତୁ । ଏଭଳି ବାର୍ତ୍ତା ବ୍ୟାନରରେ ଲେଖି ଜନସାଧାରଣଙ୍କୁ ରେଳ ବିଭାଗର ସେଫ୍ଟି ଅଧିକାରୀ ସୁକେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୨୦ଜଣ କର୍ମଚାରୀ ସାମିଲ ହୋଇ ସଚେତନ କରାଇଥିଲେ।

## ଶିଶୁ ଅନନ୍ତ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ

**ବାଲିପାଟଣା,୨୭।୫(ଡି.ଏନ୍.ଏ.)**

ଭୁବନେଶ୍ୱର ଉପକଣ୍ଠ ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ଶୁକ୍ରବାର ମହାପୁରୁଷ ଶିଶୁ ଅନନ୍ତ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଭାଇସ ଚାନ୍‌ସେଲର ଡ.ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଅନୁଷ୍ଠାନରେ ପଢୁଥିବା ପିଲାଙ୍କୁ ଶିକ୍ଷକ ସନ୍ତାନ ଭାବି ଦାୟିତ୍ୱ ନେଲେ ଅନେକ ପିଲା ଜାତୀୟ ସମ୍ପତି ହୋଇ ସ୍ୱତନ୍ତ୍ର ଭାବେ ପରିଚୟ ସୃଷ୍ଟି କରିପାରିବେ। ଅତିଥି ଭାବେ ଯୋଗଦେଇ ଶିଶୁ ଅନନ୍ତ ମହାବିଦ୍ୟାଳୟ ଅଧକ୍ଷ ବୈକୁଣ୍ଠ ନାରାୟଣ ଦାଶ କହିଥିଲେ, ଶିଶୁ ଅନନ୍ତ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଆଗାମୀ ପିଢି ପାଇଁ ଏକ ସନ୍ତକସ୍ୱରୂପ। ଛାତ୍ରୀ ଶୁଭଶ୍ରୀ ସ୍ୱାଇଁ ସ୍ୱାଗତ ଭାଷଣ, ପ୍ରାଧାପକ ହେମନ୍ତ କୁମାର ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଅନ୍ନପୂର୍ଣ୍ଣା ମହାପାତ୍ର ଓ ହେମନ୍ତ ଭୋଇ ନୃତ୍ୟ ପରିବେଷଣ କରିଥିଲେ। ଅଧାପକ ସତ୍ୟ ରଥ ଧନ୍ୟବାଦ ଦେଇଥିଲେ।



ମହାପୁରୁଷ ଶିଶୁ ଅନନ୍ତ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଉଛି।

# ବରୁଣେଇ, ଖୋର୍ଦ୍ଧାଗଡ଼କୁ ୫-ଟିରେ ଅନ୍ତର୍ଭୁକ୍ତ ଦାବି

**ଖୋର୍ଦ୍ଧା ଅଫିସ,୨୭।୫**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ରାଜ୍ୟର ବିଭିନ୍ନ ଐତିହ୍ୟ ଏବଂ ପ୍ରାଚୀନ ମନ୍ଦିରର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ୫-ଟି ଅଧୀନରେ ବିଭିନ୍ନ ମନ୍ଦିର ରୂପାନ୍ତରଣ ଚାଲିଛି। ଏହିକ୍ରମରେ ଐତିହ୍ୟ ଖୋର୍ଦ୍ଧାଗଡ଼ ଏବଂ ବରୁଣେଇ ପୀଠକୁ ୫-ଟିରେ ଅନ୍ତର୍ଭୁକ୍ତ ଲାଗି ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦ ଦାବି କରିଛି। ଏନେଇ ପରିଷଦର ସଭାପତି ତଥା ପୂର୍ବତନ ବିଧାୟକ ଡ.ଦିଲ୍ଲୀପ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ଆଇନଜୀବୀ ନରେନ୍ଦ୍ର ପୃଷ୍ଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ଜିଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହେଉଛି ବରୁଣେଇ। ଏଠାରେ ମା'ବରୁଣେଇ ଓ କରୁଣେଇ ବିଜେ କରିଛନ୍ତି। ଏଠାକାର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହି ପୀଠ ଐତିହ୍ୟ କୀର୍ତ୍ତିରାଜି ଏବଂ ପାଇକ ବିଦ୍ରୋହର ସ୍ମୃତି ସହ ଜଡିତ ରହିଛି। ବର୍ଷସାରା ଏଠାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ଆସିଥାନ୍ତି। ସେହିପରି ଖୋର୍ଦ୍ଧାଗଡ଼ ଭାରତୀୟ ମୁକ୍ତି ସଂଗ୍ରାମର ପାଇକ ବିଦ୍ରୋହ ଆନ୍ଦୋଳନର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ହୋଇଛି। ଏହି ଗଡ଼ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗଡ଼ ପରିସରରେ ରାଣୀ ପୋଖରୀ, ବହୁ ଐତିହ୍ୟ କୀର୍ତ୍ତିରାଜୀର ଭଗ୍ନାବଶେଷ ରହିଛି। ଏହି ଗଡ଼ର ପୁନାରୁଦ୍ଧାର କରାଗଲେ, ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିବା ସହ ପାଇକ ବିଦ୍ରୋହର ଗୌରବର ଗାଥା, ଏଜାତିର ଅସ୍ମିତା, ସ୍ୱାଭିମାନ ବିଶ୍ୱ ଦରବାରରେ ପରିଚିତ ହୋଇପାରିବ। ତେବେ ଏହି ଦୁଇ ଐତିହ୍ୟ ସ୍ଥାନର ପୁନରୁଦ୍ଧାର କରାଗଲେ ଇତିହାସର ମାନଚିତ୍ରରେ ଏହାର ଗୌରବ ବୃଦ୍ଧି ପାଇବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

## ଯୁବତୀଙ୍କ ଘରେ ପ୍ରେମିକଙ୍କ ମୃତ୍ୟୁ ଘଟଣା, ୩ ଗିରଫ

**ବ୍ରହ୍ମଗିରି,୨୭।୫(ଡି.ଏନ.ଏ)**

ପୁରୀ ଜିଲା ବ୍ରହ୍ମଗିରି ଥାନା ସାହୁପଡା ଗ୍ରାମର ଜଣେ ଯୁବତୀଙ୍କ ଘରେ ପ୍ରେମିକଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମିତାଲୀ ବେହେରା, ତାଙ୍କ ବାପା ଶଙ୍କର ବେହେରା ଓ ମାଆ ସୁଲୋଚନା ବେହେରା। ତେବେ ଅଟକ ଥିବା ଅନ୍ୟ ୨ଜଣଙ୍କୁ ପୋଲିସ ଅଧିକ ପଚରାଉଚରା ଚଳାଇଛି।

ସୂଚନା ଥାଉକି, ସାହୁପଡା ଗ୍ରାମ ସୂର୍ଯ୍ୟକାନ୍ତ ବିଶ୍ୱାଳ ମିତାଲୀଙ୍କୁ ଭଲ ପାଉଥିଲେ। କିନ୍ତୁ ଝିଅ ଘରେ ଏହାକୁ ଗ୍ରହଣ କରୁ ନ ଥିଲେ। ବୁଧବାର ରାତିରେ ସୂର୍ଯ୍ୟକାନ୍ତଙ୍କୁ ଝିଅର ପରିବାର ଲୋକ ଡାକିଥିବାରୁ ଯାଇଥିଲେ। ଦୀର୍ଘସମୟ ପର୍ଯ୍ୟନ୍ତ ନ ଫେରିବାରୁ ପୁଅଘର ଲୋକ ସନ୍ଦେହରେ ଯିବାବେଳେ ଝିଅ ଘରେ ପୁଅର ଝୁଲନ୍ତା ମୃତଦେହ ପଙ୍ଖାରେ ଝୁଲୁଥିବା ଦେଖିଥିଲେ। ପୁଅକୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ସୂର୍ଯକାନ୍ତଙ୍କ ବାପା ରାଜକିଶୋର ବିଶ୍ୱାଳ ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ହତ୍ୟାକାଣ୍ଡରେ ପ୍ରାୟ ୧୪ଜଣ ସମ୍ପୃକ୍ତି ଥିବା ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୯/୨୨) ରୁଜୁ କରି ଯୁବତୀଙ୍କ ସମେତ ୫ଜଣଙ୍କୁ ଅଟକ ରଖିଥିଲା।

## ଦୁଆରଶୁଣୀ ମନ୍ଦିରର ବାର୍ଷିକୋତ୍ସବ

**କୃଷ୍ଣପ୍ରସାଦ,୨୭।୫(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଗଡ଼ସ୍ଥିତ ପାଇକସାହିଠାରେ ଗ୍ରାମର ଇଷ୍ଟଦେବୀ ମା'ଦୁଆରଶୁଣୀଙ୍କ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ପୂଜକ ପଣ୍ଡିତ ବାବୁଲା ଦେବତାଙ୍କ ନେତୃତ୍ୱରେ ଯଜ୍ଞକାର୍ଯ୍ୟ ଆୟୋଜନ କରାଯାଇଥିଲା। ଗ୍ରାମ୍ୟ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପାଇକସାହି ଗ୍ରାମ୍ୟ କମିଟି ସଭାପତି କବିରାଜ ପାତ୍ର, ସମ୍ପାଦକ ପ୍ରମୋଦ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିବା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି

**ବାଲୁଗାଁ,୨୭।୫(ଡି.ଏନ୍.ଏ.)**

**ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଆକ୍ରମଣ ଘଟଣା**

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଆକ୍ରମଣ ଘଟଣାକୁ ନେଇ ବିଜେଡି ନେତୃବୃନ୍ଦଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଶୁକ୍ରବାର ଚିଲିକା ନିର୍ବାଚନମଣ୍ଡଳୀ ଅଧୀନ ବିଜେଡିର ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ନେତୃବୃନ୍ଦ ବାଲୁଗାଁ ବଜାରସ୍ଥିତ ବିଜେଡି କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ବାଲୁଗାଁ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ସହ ଆଲୋଚନା କରିବା ପରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ଉଲ୍ଲେଖ ରହିଛି ଯେ, ମାର୍ଚ୍ଚ ୧୨ରେ ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ବିରୋଧୀ ଦଳର ଶତାଧିକ କର୍ମୀ ଆକ୍ରୋଶମୂଳକ ଭାବେ ବିଧାୟକ ଜଗଦେବଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଗାଡ଼ି ଭାଙ୍ଗିରୁଜି ଦେଇଥିଲେ। ଏହି ଘଟଣାରେ ବିଧାୟକଙ୍କ ନାମରେ ମାମଲା ଚାଲିଥିବା ବେଳେ ପାଲଟା ଅଭିଯୋଗକ୍ରମେ ପୋଲିସ ବିରୋଧୀ ଦଳର ୯ଜଣଙ୍କୁ ଗିରଫ କରି ଚୁପ୍ ବସିଛି। ତେବେ ଅନ୍ୟ ଅଭିଯୁକ୍ତମାନେ ବୁଲିବା ସହ ବିଜେଡି କର୍ମୀଙ୍କୁ ଧମକ ଦେଉଛନ୍ତି। ଅନ୍ୟ ଅଭିଯୁକ୍ତଙ୍କ ଗିରଫ ସହ ଆକ୍ରମଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ବିଜେଡି ପକ୍ଷରୁ ଦାବି ହୋଇଛି। ଏହି ଦାବିପତ୍ରର ନକଲ ପୋଲିସ୍ ମହାନିର୍ଦ୍ଦେଶକ, ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ପଠାଯାଇଛି । ଏ ସମ୍ପର୍କରେ ଏସ୍‌ଡିପିଓ ବାରିକ କୁହନ୍ତି, ଦାବିପତ୍ର ହସ୍ତଗତ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି ।



ବାଲୁଗାଁ ବଜାରସ୍ଥିତ ବିଜେଡି କାର୍ଯ୍ୟାଳୟରୁ ବାହାରିଥିବା ପଦଯାତ୍ରା।

# ଏସ୍‌ଏଚ୍‌ଜି ଗ୍ରୁପ୍ ବୈଠକ



**ଖୋର୍ଦ୍ଧା ଅଫିସ,୨୭।୫**

ଖୋର୍ଦ୍ଧା କୃଷକ ଉତ୍ପାଦକ ସଙ୍ଗଠନ ଆନୁକୂଲ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଏକ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବ୍ଲକ ନରଣଗଡ଼ ପଞ୍ଚାୟତ ମାନପୁର ଗ୍ରାମରେ ଶତାଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରତିନିଧି ଯୋଗଦେଇଥିଲେ। ଏହି ସଭାରେ ଭାରତୀୟ କିଶାନ ସଂଘର ରାଜ୍ୟ ସମ୍ପାଦକ ଗଗନ ବିହାରୀ ପ୍ରତିହାରୀ, ସୁଦୀପ୍ତ ଶ୍ରୀଚନ୍ଦନ, ଶୁଭାଙ୍ଗୀ ପାଲ୍‌ଟାସିଂ, ବିକ୍ରମ ଚମ୍ପତି, ସୁକାନ୍ତ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ରହି ସ୍ୱୟଂ ସହାୟିକାଙ୍କୁ କୃଷକ ଉତ୍ପାଦକ ସଙ୍ଗଠନ ମାଧମରେ କିପରି ରୋଜଗାର ବୃଦ୍ଧି କରିହେବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ଗାଡ଼ି ମାଲିକାନା ପରିବର୍ତ୍ତନରେ ଚଞ୍ଚକତା

**ଖୋର୍ଦ୍ଧା ଅଫିସ,୨୭।୫**

**ଅଭିଯୋଗ ଆଣିଲେ ମୃତକଙ୍କ ସ୍ତ୍ରୀ**

ରାଜ୍ୟ ସରକାର ନିକଟରେ ପରିବହନ ବିଭାଗକୁ ୫-ଟିରେ ଅନ୍ତର୍ଭୁକ୍ତ କରିଛନ୍ତି। ତେବେ ବିଭାଗର କେତେଜଣ ଅସାଧୁ କର୍ମଚାରୀ ଏବଂ ଦଲାଲଙ୍କ ମଧରେ ମଧୁଚନ୍ଦ୍ରିକା ଯୋଗୁ ଲୋକେ ହଇରାଣ ହେଉଛନ୍ତି। ଖୋର୍ଦ୍ଧା ଆଞ୍ଚଳିକ ପରିବହନ ବିଭାଗରେ ଜଣେ ମୃତ ବ୍ୟକ୍ତିଙ୍କ କାର୍‌କୁ ଚଞ୍ଚକତା କରି ଅନ୍ୟ ଜଣଙ୍କ ନାଁରେ ପରିବର୍ତ୍ତନ କରାଯାଇଛି। ଏ ନେଇ ସମ୍ପୃକ୍ତ ମୃତ ବ୍ୟକ୍ତିଙ୍କ ସହଧର୍ମିଣୀ ରୋଜାଲିନ୍ ଆର୍‌ଟିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସ୍ୱାମୀଙ୍କ ନାଁରେ ରହିଥିବା କାର୍‌ର ନୋମିନି ସେ ରହିଥିବା ବେଳେ ତାଙ୍କ ଅଗୋଚରରେ କିପରି କାର୍ ଅନ୍ୟ ଜଣକ ନାଁରେ ମାଲିକାନା ପରିବର୍ତ୍ତନ କରାଯାଇଛି, ତାହାକୁ ନେଇ ରୋଜାଲିନ ପ୍ରଶ୍ନ ଉଠାଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ କିପରି ଗାଡ଼ିର ମାଲିକାନା ପରିବର୍ତ୍ତନ ବେଳେ ଏହା ଜାଣିପାରିଲେ ନାହିଁ କିମ୍ବା ଉତ୍କୋଚ ନେଇ ଏଭଳି କରିଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ, ଖୋର୍ଦ୍ଧା ଓରମି ହାଟପଦାର ଯତିନ କୁମାର ବାରିକ ଏକ ମାରୁତି ସ୍ୱିଫ୍ଟ ଡିଜାୟାର(ଓଡି-୨୨ଜେଡ-୩୦୪୫) କିଣିଥିଲେ। ଏଥିରେ ରୋଜାଲିନ୍ ନୋମିନି ରହିଥିଲେ। ୨୦୨୧ ଫେବୃୟାରୀରେ ଯତିନ୍‌ଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ରୋଜାଲିନ ଛୋଟପୁଅକୁ ଧରି ବାପଘରେ ରହୁଛନ୍ତି। ତେବେ ଯତିନଙ୍କ ନାଁରେ ରହିଥିବା କାରକୁ ଶ୍ୱଶୁର ଘର ଲୋକେ ଚଞ୍ଚକତାପୂର୍ବକ ଶାଶୁଙ୍କ ନାଁକୁ ମାଲିକାନା ପରିବର୍ତ୍ତନ କରିଦେଇଛନ୍ତି। କାର୍‌ର ସେ ନୋମିନି ରହିଥିବା ବେଳେ କିପରି ତାଙ୍କ ନାଁ ସେଥିରୁ ବାଦ୍ ଦିଆଯାଇ ଶାଶୁଙ୍କ ନାଁକୁ ପରିବର୍ତ୍ତନ କରାଯାଇଛି, ତାହାକୁ ନେଇ ରୋଜାଲିନ ପ୍ରଶ୍ନ କରିଛନ୍ତି। ଶାଶୁଙ୍କ ନାଁରେ ଥିବା ମାଲିକାନା ରଦ୍ଦ କରିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ଏ ନେଇ ଆଞ୍ଚଳିକ ପରିବହନ ବିଭାଗ କର୍ତ୍ତୃପକ୍ଷ କୁହନ୍ତି, ଆର୍‌ଟିଓଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

**ଗ୍ରାମଦେବତୀଙ୍କ ମନ୍ଦିରର ନବୀକରଣ**

ଗୋପ,(ଡି.ଏନ୍.ଏ.): ଗୋପ ବ୍ଲକ ଅନ୍ତର୍ଗତ ମହଲପଡାର ଓରେଇ ଗ୍ରାମର ଆରାଧ୍ୟା ଦେବୀ ମା' ଜାଗେଶ୍ୱରୀଙ୍କ ମନ୍ଦିରର ନବୀକରଣ ହେବା ସହ ମା'ଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଛି। ପ୍ରାତଃରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସୀ ଯାତ୍ରା କରି ଆସିବା ପରେ ମୁଖ୍ୟ ପୂଜକ ଆଚାର୍ଯ୍ୟ ନୃସିଂହ ପ୍ରସାଦ ମିଶ୍ରଙ୍କ ସହିତ ଅନ୍ୟାନ୍ୟ ପୂଜକମାନେ ରୀତି ନୀତି ଅନୁଯାୟୀ ପୂଜା ପାଠ କରିଥିଲେ। ପରେ ମା'ଙ୍କୁ ପ୍ରତିଷ୍ଠା କରିବା ପାଇଁ ଗୋପୂଜା, ସୂର୍ଯ୍ୟ ମହାପ୍ରଭୁଙ୍କ ପୂଜା ସହିତ ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ମା'ଙ୍କ ନିକଟରେ ହୋମଯଜ୍ଞ କରାଯିବା ପରେ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଗାଁର ଶତାଧିକ ଲୋକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମା' ଜାଗେଶ୍ୱରୀଙ୍କୁ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଜଟାଧାରୀ ମାଝୀ, ବିଶେଷ ଚନ୍ଦ୍ର ପାତ୍ର, ଗଣେଶ ଚନ୍ଦ୍ର ସ୍ୱାଇଁଙ୍କ ସହିତ ଗ୍ରାମର ସମସ୍ତ ବ୍ୟକ୍ତି ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବଳାତ୍କାର ଉଦ୍ୟମ

ନିମାପଡ଼ା,୨୭ା୫(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳରେ ଗୁରୁବାର ଜଣେ ମହିଳାଙ୍କୁ ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବା ମହିଳା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ. ୧୭୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ମହିଳା ଜଣକ ଘରେ ଏକୁଟିଆ ଥିବାବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଘରେ ପଶିଯାଇଥିଲେ। ତାଙ୍କୁ ଅସଦାଚରଣ କରିବା ସହ ବଳାତ୍କାର ପାଇଁ ଉଦ୍ୟମ କରିଥିଲେ। ଫଳରେ ମହିଳା ପାଟି କରିବାରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୌଡ଼ି ପଳାଇଥିଲେ। ପରେ ପରିବାର ଲୋକେ ଆସିବାରୁ ଘଟଣା ବିଷୟରେ ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଘଟଣା ପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଫେରାର ହୋଇଯାଇଛନ୍ତି।

### ଛୁରି ଦେଖାଇ ଲୁଟ୍ ଉଦ୍ୟମ, ଜଣେ ଗିରଫ

ସାକ୍ଷୀଗୋପାଳ,୨୭ା୫(ଡି.ଏନ୍.ଏ.): ପୁରୀ-ଭୁବନେଶ୍ୱର ୩୧୬ ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅନ୍ତର୍ଗତ କାଦୁଆ ଛକରେ ବିଳମ୍ବିତ ରାତିରେ ଛୁରି ଦେଖାଇ ପଥଚାରୀଙ୍କୁ ଲୁଟ ଉଦ୍ୟମବେଳେ ସତ୍ୟବାଦୀ ଥାନା ପୋଲିସ ଜଣକୁ ଗିରଫ କରି ଶୁକ୍ରବାର ପୁରୀ କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ସାଣରା ପଞ୍ଚାୟତ ଗୌଡ଼ହାଟର ସତ୍ୟବ୍ରତ ଗିରି। ଏ ନେଇ ପୋଲିସ ଏକ ମାମଲା(ନଂ.୧୬୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ସତ୍ୟବ୍ରତଙ୍କଠାରୁ ଛୁରି ସହିତ ୨୫୦ ଟଙ୍କା ଏବଂ ସେମାନେ ବ୍ୟବହାର କରୁଥିବା ବାଇକ୍‌କୁ ଜବତ କରିଛି। ଗୁରୁବାର ରାତିରେ ଏଏସ୍‌ଆଇ ମଞ୍ଜୁଲତା ଦେଇ ସଦଳବଳେ ରାତି ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଜଣେ ଯୁବକ କାଦୁଆ ଛକରେ ଛୁରି ଦେଖାଇ ପଥଚାରୀଙ୍କୁ ଲୁଟୁଥିବା ଅଭିଯୋଗ ହୋଇଥିଲା। ଫଳରେ ପୋଲିସ ସେଠାରେ ଚଢ଼ାଉ କରି ସତ୍ୟବ୍ରତଙ୍କୁ ଗିରଫ କରିଥିଲେ। ଘଟଣା ସ୍ଥଳରେ ଅନ୍ଧାରର ସୁଯୋଗ ନେଇ ଅନ୍ୟ ଜଣେ ସେଠାରୁ ଖସି ପଳାଇଥିଲା।

### ଆମ ପୋଲିସ ବୈଠକ

ନିମାପଡ଼ା,୨୭ା୫(ଡି.ଏନ୍.ଏ.): ନିମାପଡ଼ା ଥାନା ଆମ ପୋଲିସ ସମିତି ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ଥାନା ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଏସ୍‌ଡିପିଓ ଦେବାଶିଷ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଆଇଆଇସି ଶଙ୍କର୍ଷଣ ଦଳେଇ ସ୍ୱାଗତ ଭାଷଣ ଦେବା ସହ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ରହିଥିବା ଦୂରତ୍ୱ ହ୍ରାସ ହେବା, ପୋଲିସ ଲୋକଙ୍କୁ ବନ୍ଧୁ ଭାବେ ଭାବିବା ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ ଯୋଗେଶଚନ୍ଦ୍ର ମିଶ୍ର, ଆଇନଜୀବୀ ବିଜୟ ପ୍ରଧାନ, ବ୍ୟବସାୟୀ ସଂଘ ସଭାପତି ପଦ୍ମଚରଣ ସାହୁ, ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି, ଆଇନଜୀବୀ ଯୋଗଦେଇଥିଲେ। ନିମାପଡ଼ା ଥାନା ଏସ୍‌ଆଇ ପି.କେ. ଜୁଝାର ସିଂ, ମମତା ବିଶ୍ୱାଳ, ଏଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଗଙ୍ଗାଧର ସାହୁ, ସବିତା ମାର୍ଥା, ଇନ୍ଦୁଲତା ମିଶ୍ରଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

### କୁସୁନ ଖୁଣ୍ଟିଆ ଜାଗାର ନୂତନ ପରିଚାଳନା କମିଟି ଗଠିତ

ପୁରୀ ଅଫିସ, ୨୭ା୫: କୁସୁନ ଖୁଣ୍ଟିଆ ଜାଗାର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଗୁରୁବାର ସାଧାରଣ ପରିଷଦ ବୈଠକ ବସି ନୂତନ ବୋର୍ଡ ଗଠନ ସହ ନୂତନ ପରିଚାଳନା କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ହଜୁରୀ ଜଟାଧାରୀ ଖୁଣ୍ଟିଆ ସଭାରେ ଅଧ୍ୟକ୍ଷତା କରିଥିଲେ। ନୂତନ କମିଟିରେ ହଜୁରୀ ଭୀମସେନ୍ ଖୁଣ୍ଟିଆ ସଭାପତି, ହଜୁରୀ ନୀଳକଣ୍ଠ ଖୁଣ୍ଟିଆ କାର୍ଯ୍ୟକାରୀ ସଭାପତି, ହରିହର ମହାପାତ୍ର ଉପସଭାପତି, ରବୀନ୍ଦ୍ରନାଥ ପଣ୍ଡା ସମ୍ପାଦକ, ଶିବଶଙ୍କର ସୁବୁଦ୍ଧି ସହସମ୍ପାଦକ, ଦୀନେଶ ପଣ୍ଡା କୋଷାଧ୍ୟକ୍ଷ, ସୂର୍ଯ୍ୟ ନାରାୟଣ ପଣ୍ଡା ଯୁଗ୍ମ ସମ୍ପାଦକ, ଆଦିତ୍ୟ ନାରାୟଣ ମହାସୁଆର ସାଂସ୍କୃତିକ ସମ୍ପାଦକ, ନୀଳକଣ୍ଠ ଦାଶ, ଭବାନୀ ଶଙ୍କର ଦାଶ, ହଜୁରୀ ହରିହର ଖୁଣ୍ଟିଆ, ନରସିଂହ ପ୍ରତିହାରୀ, ନୀଳାମ୍ବର ପୁରାଣପଣ୍ଡା, ଦାମୋଦର ପଣ୍ଡା, ଗଣେଶ ମହାସୁଆର ପ୍ରମୁଖ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ହଜୁରୀ ଜଟାଧାରୀ ଖୁଣ୍ଟିଆ, ଶ୍ରୀଧର ମହାପାତ୍ର, ନାରାୟଣ ମହାସୁଆର, ଚକ୍ରଧର ମହାପାତ୍ର, ରାମକୃଷ୍ଣ ହୋତା ଏବଂ ଗଙ୍ଗାଧର ମହାରଣା ପ୍ରମୁଖଙ୍କୁ ଚୟନ କରାଯାଇଛି।

# ସକ୍ରିୟ, ସଜାଗ ରହିବାକୁ ଅଫିସରଙ୍କୁ ନିର୍ଦ୍ଦେଶ

**ପୋଲିସର ରଥଯାତ୍ରା ପ୍ରସ୍ତୁତି ବୈଠକ**

- ସମୁଦ୍ର କୂଳରେ ପାଟ୍ରୋଲିଂ କଡ଼ାକଡ଼ି ହେବ
- ଅସ୍ଥାୟୀ ପୋଲିସ ଆଉଟ୍ ପୋଷ୍ଟ ଖୋଲାଯିବ

**କଟକ ଅଫିସ, ୨୭ା୫**


ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଡିଜିପି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଜୁଲାଇ ୧ ତାରିଖରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ। ଗୁରୁତ୍ୱପୂର୍ଣ୍ଣ ରୀତିନୀତି ମଧ୍ୟରେ ଜୁନ୍ ୨୯ ତାରିଖରେ ନବଯୌବନ ଦର୍ଶନ, ଜୁଲାଇ ୧ ତାରିଖରେ ରଥଯାତ୍ରା, ୯ରେ ବାହୁଡ଼ା ଯାତ୍ରା, ୧୦ରେ ସୁନାବେଶ ଓ ୧୨ ତାରିଖରେ ନୀଳାଦ୍ରିବିଜେ ଉପଲକ୍ଷେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ସୁନୀଲ ବଂଶଲ ଅଧ୍ୟକ୍ଷତା କରି ରଥଯାତ୍ରା ପାଇଁ ସକ୍ରିୟ ଓ ଅଧିକ ସଜାଗ ରହିବାକୁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ରଥଯାତ୍ରା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ସହ ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ନିୟୋଜିତ ହେବେ। ସେହିପରି ଆବଶ୍ୟକତା ଅନୁଯାୟୀ ବମ୍ ନିଷ୍କ୍ରିୟକାରୀ ଦଳ, ଏଚ୍‌ଏଚ୍‌ଏମ୍‌ଡି, ଡିଏମ୍‌ଏଫ୍‌ଡି, ମେଟାଲ ଡିଟେକ୍ଟର ଓ କାଉଣ୍ଟର ଗୋଇନ୍ଦା ସ୍କ୍ୱାଡ୍‌ଙ୍କୁ ନିୟୋଜିତ କରାଯିବ। ଭିଭିଆଇପିମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସିସିଟିଭି, ଏକ୍ସ-ରେ ବ୍ୟାଗେଜ୍ ସ୍କାନର ସ୍ଥାପନ ହେବ। ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ରୋଡ୍ ଡିଭାଇଡର, ଡିଲିନେଟର ଓ ଟ୍ରାଫିକ୍ କୋନ୍ସ ବ୍ୟବସ୍ଥା କରାଯିବ। ସେହିପରି ସମୁଦ୍ର କୂଳରେ ପାଟ୍ରୋଲିଂ କଡାକଡି କରିବାକୁ ଦୃଷ୍ଟି ଦିଆଯିବ ଓ ଅସ୍ଥାୟୀ ପୋଲିସ ଆଉଟ୍‌ପୋଷ୍ଟ ଖୋଲାଯିବ। ଏହି ବୈଠକରେ ସ୍ୱତନ୍ତ୍ର ଡିଜିପି (ଯୋଗାଯୋଗ) ଅରୁଣ କୁମାର ରାୟ, ଏଡିଜିପି (ରେଳବାଇ ଓ ଉପକୂଳ ସୁରକ୍ଷା) ଡ. ସୁଧାଂଶୁ ଷଡ଼ଙ୍ଗୀ, ଏଡିଜିପି ଆର୍. ପି. କୋଚେ, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା, ଏଡିଜିପି ସଞ୍ଜୟ କୁମାର, ଆଇଜିପି ଅମିତାଭ ଠାକୁର, ଆଇଜିପି ଏସ୍. ଦେବଦତ୍ତ ସିଂ, ଆଇଜିପି ଏସ୍. ପ୍ରବୀଣ କୁମାର, ଆଇଜିପି ନରସିଂହ ଭୋଳ, ଆଇଜିପି ଅମିତେନ୍ଦ୍ର ନାଥ ସିହ୍ନା, ଡିଆଇଜି ଜୟନାରାୟଣ ପଙ୍କଜ, ଡିଆଇଜିପି ଅନିରୁଦ୍ଧ କୁମାର ସିଂ, ଡିଆଇଜିପି ଅନୁପ କୁମାର ସାହୁ ଓ ପୁରୀ ଏସ୍‌ପି କନୱର ବିଶାଲ ସିଂ ଉପସ୍ଥିତ ଥିଲେ।



ପୁରୀ ମଧୁବନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଜିଲା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ବୈଠକରେ ଉପସ୍ଥିତ ସଦସ୍ୟ।

## ରଥଖଳାରୁ

### ତାଳଧ୍ୱଜ ରଥ ପୋଲଗୟଳ ଚିରଟ ଆରମ୍ଭ


ରଥର ନିରାଡ଼ି ପ୍ରସ୍ତୁତ କରାଯାଉଛି।

**ପୁରୀ ଅଫିସ, ୨୭ା୫**

ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଜୋରଦାର୍ ଚାଲିଛି। ଶୁକ୍ରବାର ରଥ ନିର୍ମାଣ କାର୍ଯ୍ୟ ୨୪ ଦିନରେ ପହଞ୍ଚିଛି। ତିନିରଥର ମୋଟ ୪୨ଟି ଚକରୁ ୩୭ଟି ଚକ ନିର୍ମାଣ ସରିଛି। ତିନିରଥର ମହାରଣାମାନେ ୫ଟି ଚାରିନାହାକା ଚଉପଟ ସହ ଆଠ କୋଣି ନିର୍ମାଣ ଶେଷ କରିଛନ୍ତି। ତାଳଧ୍ୱଜ ରଥର ପୋଲଗୟଳ ଚିରଟ ଓ ଦଣ୍ଡା ଚଉପଟ କାମ ଆରମ୍ଭ ହୋଇଛି। ୧୪ ଚକ ମଧ୍ୟରୁ ୧୨ଟି ଚକ ନିର୍ମାଣ ସରି ୧୩ତମ ଚକର ପଇ କଳସା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ୧୨ ଓରା ତିଆରି ଚାଲିଛି। ଆଜି ୪ଟି ଚାରି ନାହାକାରୁ ୨ଟିର ଆଠକୋଣି ସାଇଜ କରାଯାଇଛି। ଦେବଦଳନ ରଥର ୧୨ ଚକ ମଧ୍ୟରୁ ୧୦ଟି ଚକ ତିଆରି ଶେଷ ହୋଇ ୧୧ତମ ଚକର ପଇ କଳସା ସରିଛି। ଖମ୍ବୀ, ମୁହାଁଟ, ନିରାଡ଼ି ଏବଂ ଓରା ନିର୍ମାଣ ସରିଛି। ଦୁଇଟି ନାହାକାର ଆଠକୋଣି ନିର୍ମାଣ ଶେଷ ହେବା ସହ ୭ଟି ଦଣ୍ଡାରୁ ୫ଟିର କାମ ଚାଲିଛି। ନନ୍ଦିଘୋଷ ରଥର ମୋଟ ୧୬ ଚକରୁ ୧୫ ଚକ ତିଆରି ସରିଛି। ଭୂଇଁ ନିର୍ମାଣ ପାଇଁ ୧୨ଟି ଚଉତା, ଖମ୍ବୀ, ମୁହାଁଟ, ନିରାଡ଼ି ଏବଂ ଓରା ସମେତ ୨ଟି ନାହାକା ତିଆରି ସରିଛି। ୫ ଦଣ୍ଡାର ଚଉପଟ କାମ ଚାଲିଛି। ତିନିରଥର ସାଲଗୁଜ ଓ ତିଖ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରହିଛି।

### ନିମାପଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

**ନିମାପଡ଼ା,୨୭ା୫(ଡି.ଏନ୍.ଏ.):**

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଏକ ସ୍ୱତନ୍ତ୍ର ଅଧିବେଶନ ବ୍ଲକ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି, ବିଡିଓ ବସନ୍ତ କୁମାର ମଲ୍ଲିକ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡ.ପି.କେ.ସାମନ୍ତରାୟ, ଡ.ସୁବ୍ରତ ମହାପାତ୍ର ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳ, କନିଷ୍ଠ ଯନ୍ତ୍ରୀ ପିଙ୍କି ମହାନ୍ତି, ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ର ସିଂ ପ୍ରମୁଖ ଯୋଗଦେଇଥିଲେ। ଅଧିବେଶନରେ ସ୍ୱଚ୍ଛ ଭାରତ ମିଶନ ବିଭାଗର ବିଭିନ୍ନ ଯୋଜନାର ସଫଳର ରୂପାୟନ, ଜଳ ଓ ପରିମଳ ବ୍ୟବସ୍ଥା, କଠିନ, ତରଳ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ସୁପରିଚାଳନା କରାଯିବ। ଗ୍ରାମକୁ ବାହ୍ୟମଳମୁକ୍ତ କରିବା ସହ ସ୍ୱଚ୍ଛ ସଚେତନାତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ଦିଗରେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ଠିକ୍ ଭାବେ କାର୍ଯ୍ୟକ୍ଷମ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିପିଇଓ, ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

### ଯୁବତୀଙ୍କ ଘରେ ପ୍ରେମିକଙ୍କ ମୃତ୍ୟୁ ଘଟଣା, ୩ ଗିରଫ

**ବ୍ରହ୍ମଗିରି,୨୭ା୫(ଡି.ଏନ.ଏ.):**

ବ୍ରହ୍ମଗିରି ଥାନା ସାହୁପଡା ଗ୍ରାମର ଜଣେ ଯୁବତୀଙ୍କ ଘରେ ପ୍ରେମିକଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମିତାଲୀ ବେହେରା, ତାଙ୍କ ବାପା ଶଙ୍କର ବେହେରା ଓ ମା' ସୁଲୋଚନା ବେହେରା। ତେବେ ଅଟକ ଥିବା ଅନ୍ୟ ୨ଜଣଙ୍କୁ ପୋଲିସ ଅଧିକ ପଚରାଉଚରା ଚଳାଇଛି। ସୂଚନା ଥାଉକି, ସାହୁପଡା ଗ୍ରାମ ସୂର୍ଯ୍ୟକାନ୍ତ ବିଶ୍ୱାଳ ମିତାଲୀଙ୍କୁ ଭଲ ପାଉଥିଲେ। କିନ୍ତୁ ଝିଅଘରେ ଏହାକୁ ଗ୍ରହଣ କରୁ ନ ଥିଲେ। ବୁଧବାର ରାତିରେ ସୂର୍ଯ୍ୟକାନ୍ତଙ୍କୁ ଝିଅର ପରିବାର ଲୋକ ଡାକିଥିବାରୁ ଯାଇଥିଲେ। ଦୀର୍ଘସମୟ ପର୍ଯ୍ୟନ୍ତ ନ ଫେରିବାରୁ ପୁଅଘର ଲୋକ ସନ୍ଦେହରେ ଯିବାବେଳେ ଝିଅ ଘରେ ପୁଅର ଝୁଲନ୍ତା ମୃତଦେହ ପଙ୍ଖାରେ ଝୁଲୁଥିବା ଦେଖିଥିଲେ। ପୁଅକୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ସୂର୍ଯ୍ୟକାନ୍ତଙ୍କ ବାପା ରାଜକିଶୋର ବିଶ୍ୱାଳ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିଥିଲେ। ଏହି ହତ୍ୟାକାଣ୍ଡରେ ପ୍ରାୟ ୧୪ଜଣ ସମ୍ପୃକ୍ତ ଥିବା ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୯/୨୨) ରୁଜୁ କରି ଯୁବତୀଙ୍କ ସମେତ ୫ଜଣଙ୍କୁ ଅଟକ ରଖିଥିଲା।

### ଗୁଣିଗାରେଡ଼ି ସନ୍ଦେହରେ ମହିଳାଙ୍କୁ ଆକ୍ରମଣ

**ବଳଙ୍ଗା,୨୭ା୫(ଡି.ଏନ୍.ଏ.):**

ବଳଙ୍ଗା ଥାନା ଅନ୍ତର୍ଗତ ଗୁଆଳିଗୋରଡା ଗ୍ରାମର ଜଣେ ମହିଳାଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ଗାଳିଗୁଲଜ ସହ ମାଡ଼ ମାରିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ଗୁଆଳିଗୋରଡା ଗ୍ରାମର ଜଳନ୍ଧର ବରାଳଙ୍କ ସ୍ତ୍ରୀ ବାସନ୍ତୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୦ ତାରିଖ ଅପରାହ୍ନରେ ସେହି ଗ୍ରାମର ଜଣେ ଯୁବକ ତାଙ୍କ ପରିବାରକୁ ଗୁଣିଗାରେଡ଼ି କରିଥିବା କହି ବାସନ୍ତୀଙ୍କୁ ଗାଳିଗୁଲଜ କରିଥିଲା। ସେ ଏହାକୁ ପ୍ରତିବାଦ କରିବାରୁ ଯୁବକ ଏକ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ଯୁବକଙ୍କ ବାପା ଆସି ବାସନ୍ତୀଙ୍କ ଦୁଇ ଝିଅଙ୍କୁ ଭିଡିଆଣି ମାଡ଼ ମାରିଥିଲେ। ଆକ୍ରମଣରେ ବଡ଼ ଝିଅ ହାତ ଭାଙ୍ଗି ଯାଇଥିବା ବେଳେ ସ୍ୱାମୀ ରକ୍ଷା କରିବାକୁ ଆସି ଆକ୍ରମଣର ଶିକାର ହୋଇଥିଲେ। ଗ୍ରାମବାସୀ ଆସି ଆହତଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନା ନେଇଥିଲେ। ପରେ ସେମାନଙ୍କୁ ପୁରୀ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

## ତାନ୍‌ସେନ ସିଂଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ

**ପୁରୀ ଅଫିସ, ୨୭ା୫:**

ଭଜନ ସମ୍ରାଟ ଭିକାରୀ ବଳ ଭଜନ ସନ୍ଧ୍ୟା ସାଂସ୍କୃତିକ ପରିଷଦ ପକ୍ଷରୁ ବଡ଼ଦାଣ୍ଡସ୍ଥିତ ବିହାର ଅତିଥି ଭବନରେ ସ୍ୱର୍ଗତ ଭିକାରୀ ବଳଙ୍କ ୯୩ତମ ଜୟନ୍ତୀ ତଥା ଜାତୀୟ ଅନଲାଇନ୍ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା-୨୦୨୦-୨୧ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ମହାପ୍ରଭୁଙ୍କ ପରମ ଭକ୍ତ ଭିକାରୀ ବଳ ହେଉଛନ୍ତି ଓଡ଼ିଆଙ୍କ ଗର୍ବ ଓ ଗୌରବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ, ପୁରୀସ୍ଥିତ ଗୁରୁ ଇଷ୍ଟେଟର ପରିଚାଳନା ନିର୍ଦ୍ଦେଶକ ତଥା ବିଶିଷ୍ଟ ସୀତାର ବାଦକ ରବିନାରାୟଣ ଗୁରୁ, ଗ୍ରନ୍ଥକାର ବଦ୍ରିନାଥ ମିଶ୍ର, ସୁଆର ମହାସୁଆର ନିଯୋଗ ସଦସ୍ୟ ଭଗବାନ ସୁଆର, ପୁରୀ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ଶ୍ରୀକଣ୍ଠ ମିଶ୍ର, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, କବିଶ୍ୟାମପ୍ରକାଶ ସେନାପତି ଏବଂ ଗୋପୀନାଥପୁରର ପୂର୍ବତନ ସରପଞ୍ଚ ରାଜକିଶୋର ରାଉତ ପ୍ରମୁଖ ଯୋଗଦେଇଥିଲେ। ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଗାୟକ ତାନ୍‌ସେନ୍ ସିଂ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ଭଜନ ସମ୍ରାଟ ଭିକାରୀ ବଳ ଭଜନ ସନ୍ଧ୍ୟା ସାଂସ୍କୃତିକ ସଂସଦ ଏବଂ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପକ୍ଷରୁ ତାନ୍‌ସେନ ସିଂଙ୍କୁ ଚଳିତ ବର୍ଷର ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ୭୬ଜଣ କୃତୀ ପ୍ରତିଯୋଗୀଙ୍କୁ ଜାତୀୟ ଅନ୍‌ଲାଇନ ନୃତ୍ୟ ସଙ୍ଗୀତ ଓ ଚିତ୍ରକଳା ପ୍ରତିଯୋଗିତାର ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସଂଯୁକ୍ତା ପ୍ରଧାନ, ମାମୁନି ସାହୁ, ସୁମିତ୍ରା ଜେନା, ଦିପାଲି ସାହୁ, କୃଷ୍ଣଚନ୍ଦ୍ର ପାଣି, ଆରାଧ୍ୟା ପ୍ରିୟଦର୍ଶିନି ସାହୁ ପ୍ରମୁଖ ଭିକାରୀ ବଳଙ୍କ ଭଜନ ପରିବେଷଣ କରିଥିଲେ। ଗଣେଶ ମହାପାତ୍ର ମଞ୍ଚ ଏବଂ ସୁନିତା ନାୟକ ଓ ବାପି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଏସ୍‌ଆଇ ଅଣସ୍ୱୀକୃତି ନିର୍ମାଣ ତାଲିକାରେ ପରିକ୍ରମା ପ୍ରକଳ୍ପ

**ପୁରୀ ଅଫିସ,୨୭ା୫:**

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ)ର ଅଣସ୍ୱୀକୃତିପ୍ରାପ୍ତ ନିର୍ମାଣ ତାଲିକାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସାମିଲ ହୋଇଛି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଏଏସ୍‌ଆଇ ଅନୁମତି ଦେଇ ନ ଥିବା ହାଇକୋର୍ଟ ସତ୍ୟପାଠରେ କହିସାରିଥିବା ବେଳେ ସଂପ୍ରତି ଏହାକୁ ଅଣସ୍ୱୀକୃତିପ୍ରାପ୍ତ ନିର୍ମାଣ ତାଲିକାରେ ସାମିଲ କରିଛି। ଭୁବନେଶ୍ୱର ସର୍କଲ ଏଏସ୍‌ଆଇ କାର୍ଯ୍ୟାଳୟ ପକ୍ଷରୁ ଏହି ତାଲିକା ପ୍ରସ୍ତୁତ କରାଯାଇଛି। କେନ୍ଦ୍ରୀୟ ସଂରକ୍ଷିତ ସ୍ମାରକ (ଏନ୍‌ଏମ୍‌ଏ)ର ଶହେ ମିଟର ପରିଧିରେ ନିର୍ମାଣ କାର୍ଯ୍ୟ ବେଆଇନ ହୋଇଥିବାରୁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ନାହିଁ। ସେହିପରି ମେଘନାଦ ପାଚେରିକୁ ଲାଗି ପ୍ରାଚୀର ନିର୍ମାଣ ଓ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ନ ଥିବା ତାଲିକାରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୨୦୧୯ରେ ମେଘନାଦ ପାଚେରିକୁ ଲାଗି ପ୍ରଶାସନ ପକ୍ଷରୁ ଏକ ଛୋଟ ପାଚେରି ନିର୍ମାଣ କରାଯାଉଥିଲା। ସେତେବେଳେ ଏଏସ୍‌ଆଇ ପୁରୀ ସର୍କଲ ପକ୍ଷରୁ ପ୍ରଶାସନକୁ ରୋକାଯାଇଥିଲା। ଇଟା ପରିବର୍ତ୍ତେ ଖଣ୍ଡେଲାଇଟ୍ ପଥରରେ ପ୍ରାଚୀର ନିର୍ମାଣ ଲାଗି ପରାମର୍ଶ ଦିଆଯାଇଥିଲା। ତେବେ ଏଏସ୍‌ଆଇ ନିର୍ଦ୍ଦେଶକୁ ଅବମାନନା କରି ପାଚେରିର କିଛି ଅଂଶ ଇଟାରେ ତିଆରି ହୋଇଥିଲା। ଏଣୁ ସମ୍ପୃକ୍ତ କାର୍ଯ୍ୟକୁ ଅଣସ୍ୱୀକୃତି ନିର୍ମାଣ ତାଲିକାରେ ସାମିଲ କରାଯାଇଥିଲା ବୋଲି ଏଏସ୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ମଧ୍ୟ ଅନୁମୋଦନ ନ ଥିବା ଏଏସ୍‌ଆଇ ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଏଏସ୍‌ଆଇ ଡିଜିଙ୍କ ବିନା ଅନୁମୋଦନରେ କାର୍ଯ୍ୟ ହେଉଥିବାରୁ ଏହାକୁ ନ୍ୟାୟିକ ଅନୁମତି ମିଳିବା ସମ୍ଭବ ନୁହେଁ। ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ବନ୍ଦ ହେବା ଦରକାର।

## ବାଇକରେ ଭାରତ ବୁଲି ଭାଇଚାରା ବାର୍ତ୍ତା ବାଣ୍ଟିଲେ

**ପୁରୀ ଅଫିସ, ୨୭ା୫:**

ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ସାରା ଦେଶରେ ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ବାଣ୍ଟିଛନ୍ତି ଝାରସୁଗୁଡ଼ା ଜିଲାର ଦୁଇ ବାଇକ ଆରୋହୀ ଦୀପକ ପାଣ୍ଡେ ଏବଂ ଆସିଫ ଖାଁ। ଗତ ଏପ୍ରିଲ ୧୨ରେ ଏହି ଦୁଇ ଓଡ଼ିଆ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ବାଇକ ଯୋଗେ ଭାରତ ଭ୍ରମଣରେ ବାହାରିଥିଲେ। ଦେଶର ୧୨ ଜ୍ୟୋର୍ତିଲିଙ୍ଗ, ଚାରିଧାମ ଭ୍ରମଣ କରି ଦୁହେଁ ଶୁକ୍ରବାର ପୁରୀ ଫେରିଛନ୍ତି। ସେମାନେ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଓଡ଼ଶାବାସୀଙ୍କ ଭଲ ପାଇବା ଯୋଗୁ ଭାରତ ଭ୍ରମଣ ସଫଳ ହୋଇଛି। ୧୨ ଜ୍ୟୋର୍ତିଲିଙ୍ଗ, ଚାରିଧାମ ଏବଂ ଉତ୍ତରାଖଣ୍ଡର ଚାରିଧାମ ଯାତ୍ରା କରିବାକୁ ୩୬ ଦିନ ଲାଗିଥିବାବେଳେ ମୋଟ ୧୪ ହଜାର ୬୦୦ କିଲୋମିଟର ଯିବାକୁ ପଡ଼ିଥିଲା। ନୂଆ ଯାଗା ଦେଖିବା ସହ ନୂଆ ଭାଷା ଓ ସଂସ୍କୃତି ଶିଖିବାକୁ ମିଳିଛି। ଆସିଫ କହିଛନ୍ତି ସେ, ମନ୍ଦିର ବାହାରେ ରହି ମନେ ମନେ ଠାକୁରଙ୍କ ଦର୍ଶନ କରି ବେଶ ଆନନ୍ଦିତ ହୋଇଥିଲେ। ୬୦ଟି ଜାଗା ବୁଲିଛୁ। ଆଜମେର ସରିଫରେ ଇଦ୍ ସମୟରେ ନମାଜ ପଢି ବହୁତ ଭଲ ଲାଗିଲା। ଏହି ଭ୍ରମଣର ଅନୁଭୂତି ସାରା ଜୀବନ ପାଇଁ ମନେ ରହିବ।

## ପୁରୀରେ ଗୁପ୍ତା ଫର୍ନିଚରର ଏକ୍ସକ୍ଲୁସିଭ ଶୋ'ରୁମ୍

**ଭୁବନେଶ୍ୱର,୨୭ା୫:**

ଗୁପ୍ତା ଫର୍ନିଚରର ନୂତନ ଏକ୍ସକ୍ଲୁସିଭ ଶୋ'ରୁମ୍ ନିକଟରେ ଶ୍ରୀକ୍ଷେତ୍ର ପୁରୀଠାରେ ଶୁଭାରମ୍ଭ ହୋଇଯାଇଛି। ପୁରୀର ବଡ଼ଶଙ୍ଖ ନିକଟସ୍ଥ ଗ୍ରାଣ୍ଡ କନ୍‌ଭେନସନ୍ ପରିସରରେ ପ୍ରାୟ ୧୦,୦୦୦ ବର୍ଗଫୁଟର ବିଶାଳ ମେଗା ଶୋ'ରୁମ୍‌ରେ ରହିଛି ଆକର୍ଷଣୀୟ ଏବଂ ଅତ୍ୟାଧୁନିକ ହୋମ୍ ଫର୍ଣ୍ଣିସିଂ ପ୍ରଡକ୍ଟର ବିଶାଳ ଡିସ୍‌ପ୍ଲେ ଓ ସମାହାର ବର୍ତ୍ତମାନର ଆଧୁନିକ ସଭ୍ୟତା ସହିତ ସ୍ମାର୍ଟ ସହରର ପରିଯୋଜନା, ଗୃହର ସାଜସଜ୍ଜା ଏବଂ ପରିପାଟୀକୁ ଅତ୍ୟାଧୁନିକ ଏବଂ ପରିବର୍ତ୍ତନ କରିଛି। ପୂର୍ବ ଅପେକ୍ଷା ବର୍ତ୍ତମାନ ଯେଉଁ ଡିଜାଇନ୍ ଓ କ୍ୱାଲିଟିର ହୋମ୍ ଫର୍ଣ୍ଣିସିଂ ପ୍ରଡକ୍ଟର ପ୍ରଚାର ଚାଲିଛି, ଏଗୁଡ଼ିକୁ ଦେଖିଲା ପରେ କିଛି ନ ହେଲେ ବି ଘରର ଯେକୌଣସି ବି ହୋମ୍ ଫର୍ସିଂ ପ୍ରଡକ୍ଟକୁ ଘର ପାଇଁ ଚିନ୍ତା କରିବେ। ଏଠାରେ ଆକର୍ଷଣୀୟ ହୋମ୍ ଫର୍ଣ୍ଣିସିଂ ପ୍ରଡକ୍ଟ ଉପରେ ୪୦% ରିହାତି ମିଳୁଥିବା ବେଳେ ଗ୍ରାହକ ନିଜ ପସନ୍ଦର ପ୍ରଡକ୍ଟକୁ ସହଜ ଫାଇନାନ୍ସରେ ମଧ୍ୟ ନେଇପାରିବେ ବୋଲି ଶୋ'ରୁମ୍ ପକ୍ଷରୁ କୁହାଯାଇଛି। ସେହିପରି ଏଠାରେ ସମସ୍ତ ପ୍ରକାର ଗୃହୋପଯୋଗୀ ସାମଗ୍ରୀ ଉପଲବ୍ଧ ରହିଛି। ଅପରପକ୍ଷରେ ବିକ୍ରି ପର ସେବା କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଉଛି ବୋଲି ଶୋ'ରୁମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।


ପୁରୀଠାରେ ଗୁପ୍ତା ଫର୍ନିଚର ଶୋ' ରୁମ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ କର୍ତ୍ତୃପକ୍ଷ ଓ ଅନ୍ୟମାନେ।

# ରଥଚକ ଫାଟ ମରାମତି କରାଯିବ

- ବଡ଼ ସମସ୍ୟା ନୁହେଁ, ବିବ୍ରତ ହେବାର କିଛି ନାହିଁ
- ଖରାରେ କଞ୍ଚାକାଠ ରହିଲେ ଫାଟ ସୃଷ୍ଟି ହୋଇଥାଏ

**ପୁରୀ ଅଫିସ,୨୭ା୫:**


ରଥଚକକୁ ରୌଦ୍ରତାପରୁ ରକ୍ଷା କରିବା ପାଇଁ ବରଡ଼ା ଚାଞ୍ଚ ଘୋଡାଇ ଦିଆଯାଇଛି।

ରଥଚକରେ ଫାଟ ହେବା ନେଇ ଚିତ୍ର ସାମ୍ନାକୁ ଆସିବା ପରେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ରଥ ଚକ, ଅଖ ସହ ଅନ୍ୟାନ୍ୟ କାଠରେ ତ୍ରୁଟି ରହିଲେ, ତାହାକୁ ଯାଞ୍ଚ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ରହିଛି। ଏହି ଟିମ୍‌ରେ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ରହିଛନ୍ତି। ପୂର୍ତ୍ତ ବିଭାଗ ଅଧିକାରୀମାନେ ପ୍ରତିଦିନ ରଥଖଳାକୁ ଯାଇ ନିର୍ମାଣ କାର୍ଯ୍ୟ ପରଖିବା କଥା। ମାତ୍ର ସେଭଳି ହେଉ ନ ଥିବା ଅଭିଯୋଗ ହେଉଛି। ପୂର୍ତ୍ତ ବିଭାଗର ଅବହେଳା ଯୋଗୁ ଠିକ୍ ଭାବେ ଯାଞ୍ଚ କରାଯାଉନାହିଁ। ଫଳରେ ଅନେକ ଫାଟ ସ୍ଥାନ ଚିହ୍ନଟ ହୋଇପାରିବ ନାହିଁ। ଶେଷ ମୁହୂର୍ତ୍ତକୁ କାମ ବଳିପଡ଼ିଲେ, ମରାମତି ପାଇଁ ସମୟ ରହିବନି ବୋଲି ଜଗନ୍ନାଥପ୍ରେମୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି, ରଥଚକରେ ଫାଟକୁ ନେଇ କେହି ବ୍ୟସ୍ତ ବିବ୍ରତ ହେବାର ଆବଶ୍ୟକତା ନାହିଁ। ମହାପ୍ରଭୁଙ୍କ ରଥ କଞ୍ଚାକାଠରେ ନିର୍ମିତ ହୋଇଥାଏ। ଏଥିରେ ନୂଆ କଥା କିଛି ନାହିଁ। ଚକଗୁଡ଼ିକ ନିର୍ମାଣ ହୋଇ ଖରାରେ ରହିଥାଏ। କଞ୍ଚା କାଠରେ ଖରା ବାଜିଲେ ଫାଟ ସୃଷ୍ଟି ହୋଇଥାଏ। ଖରାରୁ ଚକଗୁଡ଼ିକ ସୁରକ୍ଷିତ ରଖିବା ପାଇଁ ସେଗୁଡ଼ିକ ଉପରେ ନଡ଼ିଆ ଛାଞ୍ଚ ଘୋଡ଼ିଆ ଯାଇଥାଏ। ତେବେ କାଠ ଜିନିଷ କାମ ହେବା ମାନେ ହିଁ ସେଥିରେ ଫାଟ ସୃଷ୍ଟି ହେବ। ଫାଟଗୁଡ଼ିକ ଯାଞ୍ଚ କରି ସେଥିରେ କ୍ଲାମ୍ପ ଲଗାଯାଇଥାଏ। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ରହିଛି। ଯାଞ୍ଚ କରି ମରାମତି କରାଯାଏ। କିନ୍ତୁ ବର୍ତ୍ତମାନ ସେଭଳି କୌଣସି ସମସ୍ୟା ନାହିଁ। ମହାପ୍ରଭୁଙ୍କ କାର୍ଯ୍ୟ ମହାପ୍ରଭୁ ନିଜେ କରୁଛନ୍ତି, ଆମେ ନିମିତ୍ତ ମାତ୍ର ବୋଲି ରବି କହିଛନ୍ତି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜିତ ମହାପାତ୍ର କହିଛନ୍ତି, ଚକରେ ସାମାନ୍ୟ ଫାଟ ହୋଇଥିବା ସୂଚନା ମିଳିଛି। ଯେଉଁ ଚକ ଓ ଅଖରେ ଫାଟ ସୃଷ୍ଟି ହୋଇଛି ତାହାକୁ ଯାଞ୍ଚ କରାଯାଇ ମରାମତି କରାଯିବ। ପ୍ରତ୍ୟହ ପୂର୍ତ୍ତ ବିଭାଗ ଅଧିକାରୀ କାର୍ଯ୍ୟ ଯାଞ୍ଚ କରୁଛନ୍ତି। ସେହିପରି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଟେକ୍ନିକାଲ୍ ଏକ୍ସପର୍ଟ ଟିମ୍ ଯାଞ୍ଚ କରୁଛି। ଟେକ୍ନିକାଲ୍ ଟିମ୍ ସବୁ ଚକ ଓ ଅଖ ଉପରେ ରିପୋର୍ଟ ଦେବ। ଯେଉଁ ଫାଟ ମରାମତିଯୋଗ୍ୟ ତାହାକୁ ମରାମତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ଓ ପୂର୍ତ୍ତ ବିଭାଗ ମିଳିତ ଭାବେ ପ୍ରତିଦିନ ଯାଞ୍ଚ କରୁଛନ୍ତି। ଏହା କୌଣସି ବଡ଼ଧରଣର ସମସ୍ୟା ନୁହେଁ। ଚକ କାମ ୯୦ ପ୍ରତିଶତ ସରିଆସିଲାଣି। ଏବେ ମରାମତି ପାଇଁ ସମୟ ରହିଥିବା ସେ କହିଛନ୍ତି।

## ବନାଞ୍ଚଳ ପରିସରରେ ଶିକାର ନିରୋଧୀ ଗୃହ

ବାଙ୍କୀ,(ସ୍ୱ.ପ୍ର.): ଡମପଡ଼ା-ଚନ୍ଦକା ଅଭୟାରଣ୍ୟ ବନ୍ୟପ୍ରାଣୀ ବନାଞ୍ଚଳ ପରିସର ମଧ୍ୟରେ ଶିକାର ନିରୋଧୀ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ମନୋଜ କୁମାର ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଏହି ଗୃହରେ ଶିକାର ନିରୋଧୀ କର୍ମଚାରୀମାନେ ରହି ଡମପଡ଼ା ଅଭୟାରଣ୍ୟ ମଧ୍ୟରେ ବନ୍ୟ ପ୍ରାଣୀମାନଙ୍କୁ ସୁରକ୍ଷା ଯୋଗାଇଦେବେ। ଏଠାରେ ବନ୍ୟଜନ୍ତୁଙ୍କ ଶିକାରକୁ ରୋକିବା ପାଇଁ ସଚେତନ କରାଯିବ। କାର୍ଯ୍ୟକ୍ରମରେ କଟକ ଜିଲା ଅବୈତନିକ ବନ୍ୟଜୀବ ସଂରକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ, ଚନ୍ଦକା ଡିଏଫ୍‌ଓ ମହମ୍ମଦ ଜମିନ, ଗିରିଶ ଚନ୍ଦ୍ର ତ୍ରିପାଠୀ, ସଂଗ୍ରାମ ମହାନ୍ତି ଓ ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସରିଲା ସରପଞ୍ଚ ନିର୍ବାଚନ, ୬୪ ପ୍ରତିଶତ ମତଦାନ

**କଟକ ସଦର,୨୭।୫(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡା ସରପଞ୍ଚ ନିର୍ବାଚନ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସକାଳ ୭ଟାରୁ ଅପରାହ୍ନ ୧ଟା ମଧ୍ୟରେ ୬୪ ପ୍ରତିଶତ ମତଦାନ ହୋଇଥିଲା। ମୋଟ୍ ୩୯୩୮ ଭୋଟରଙ୍କ ମଧ୍ୟରୁ ୧୧୯୦ ଜଣ ମହିଳା ଓ ୧୩୩୧ ଜଣ ପୁରୁଷ ଭୋଟ୍ ଦେଇଥିଲେ। ପରେ ସମସ୍ତ ଭୋଟ ବାକ୍ସକୁ କଟକ ସଦର ବ୍ଲକ କାର୍ଯ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ସିଲ କରାଯାଇଥିଲା। ଶନିବାର ସକାଳ ୮ଟାରୁ ଭୋଟ ଗଣତି ହେବ।

### ୩୧ରେ ଜାତୀୟ ଦାବି ଦିବସ ପାଳନ

**କଟକ ଅଫିସ, ୨୭।୫:** ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ଡାକରାରେ ଆସନ୍ତା ୩୧ ତାରିଖରେ ଜାତୀୟ ଦାବି ଦିବସକୁ ରାଜ୍ୟବ୍ୟାପୀ ପାଳନ କରାଯିବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ କଟକ ମାଛୁଆବଜାରସ୍ଥିତ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟ୍ରାକଚୁଆଲ ଓ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ, ପୁରୁଣା ପେନ୍‌ସନ୍ ଲାଗୁ, ନୂତନ ଶିକ୍ଷାନୀତି ବାତିଲ ଆଦି ଦାବି ଉପରେ ୩୧ ତାରିଖରେ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଲିଙ୍ଗରାଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କର୍ମଚାରୀ ନେତା ବିଶ୍ୱମୋହନ ମହାପାତ୍ର, ଅକ୍ଷୟ କୁମାର ମହାନ୍ତି, ଗୋକୁଳାନନ୍ଦ ବେହେରା, ବିମଳ ରାଉତ, ସୁଦର୍ଶନ ପ୍ରଧାନ, ବିକାଶ ଚନ୍ଦ୍ର ମହାପାତ୍ର, ରାଧାକାନ୍ତ ସିହ୍ନା, ନରହରି ମହାନ୍ତି, ବସନ୍ତ କୁମାର ବେହେରା, ଜ୍ୟୋତ୍ସ୍ନାମୟୀ ଦେଇ, ନିର୍ମଳ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବାଲି ଚୋରାଚାଲାଣବେଳେ ନଦୀରେ ଫସିଲା ଜେସିବି



**କଣ୍ଟାପଡା,୨୭।୫(ଡି.ଏନ୍.ଏ.):** କଣ୍ଟାପଡା ତହସିଲ ଅନ୍ତର୍ଗତ କନ୍ଦଳ ନଦୀର କୁଳବ୍ରାହ୍ମଣସାଇଲୋ-ସାଧୁଛକ ବିଜୁସେତୁ ତଳୁ ଗୁରୁବାର ରାତିରେ ବାଲି ନେବାକୁ ଆସି ଏକ ଜେସିବି ଫସିରହିବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ତେବେ ଧରାପଡିବା ପୂର୍ବରୁ ବାଲି ମାଫିଆମାନେ ଉକ୍ତ ଜେସିବିକୁ କୌଶଳକ୍ରମେ ସେଠାରୁ ନେଇଯାଇଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି, ଉକ୍ତ ତହସିଲ ଅନ୍ତର୍ଗତ ଦେବୀ ଓ କନ୍ଦଳ ନଦୀରୁ ବାଲି ଚୋରାଚାଲାଣ ହୋଇ ଆସୁଥିବାବେଳେ ଗୁରୁବାର ୱାଇଫର୍ମ ଟ୍ୟାମ୍ପରିଂ କରି ବାଲିଚାଲାଣ କରୁଥିବା ୨ଟି ହାଇୱାକୁ ଅତିରିକ୍ତ ତହସିଲଦାର ସୁଧାଂଶୁ ସାହୁ ଜବତ କରିଥିଲେ। ଜବତ ଗାଡି ମାଲିକଙ୍କଠାରୁ ଜରିମାନା ବାବଦକୁ ୮୦ ହଜାର ଟଙ୍କା ଆଦାୟ କରାଯାଇଥିଲା।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କାର୍ଯ୍ୟଶୈଳୀ ପ୍ରସ୍ତୁତ କର

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

- ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ଜିଲାକୁ ୧୪ ଜୋନ୍‌ରେ ବିଭକ୍ତ
- ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଚାଲୁ ରହିବ
- ୨୫ ପାୱାର ବୋଟ୍, ୧୨୭ ଦେଶୀ ଡଙ୍ଗା ମହଜୁଦ
- ସିଏମ୍‌ସି ଅଞ୍ଚଳ ପାଇଁ ୨୪୪ ୱାଟର ପମ୍ପ ବ୍ୟବସ୍ଥା



ବୈଠକରେ ବିଧାୟକ, ଜିଲାପାଳଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୨୭।୫**

ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସମସ୍ତ ବିଭାଗ ତତ୍ପରତାର ସହିତ କାର୍ଯ୍ୟଶୈଳୀ ପ୍ରସ୍ତୁତ କରିବାକୁ କହିଥିଲେ। ପ୍ରାକୃତିକ ପରିବେଶର ସୁରକ୍ଷା ସହ ଅଣପ୍ରାକୃତିକ ବିପର୍ଯ୍ୟୟ ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଦୁର୍ବଳ ନଦୀବନ୍ଧ ମରାମତି, ବାଲି ଉଠାଣ, ଖାଲୁଆ ସ୍ଥାନଗୁଡିକୁ ସମତଳ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ପାନୀୟଜଳ ଯୋଗାଣ, ଖାଦ୍ୟ ଯୋଗାଣ, ବିଦ୍ୟୁତ୍ ସରବରାହ, ସ୍ୱାସ୍ଥ୍ୟ ସେବା ଓ ପ୍ରାଣୀସମ୍ପଦ ସୁରକ୍ଷା ଯୋଗାଇବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି ଚଳିତବର୍ଷ ମୌସୁମୀ ବର୍ଷା, ସମ୍ଭାବ୍ୟ ବନ୍ୟା, ବାତ୍ୟା ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କଟକ ମହାନଗର ନିଗମ ସମେତ ସମସ୍ତ ଉପଖଣ୍ଡ, ବ୍ଲକ, ପୌରାଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳଗୁଡିକରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଚାଲୁ ରଖିବାକୁ ଜିଲାପାଳ କହିଥିଲେ।

ସୂଚନାଯୋଗ୍ୟ, ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ଓ ପରିଚାଳନା ପାଇଁ ଜିଲାକୁ ୧୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଏହାର ଉପଯୁକ୍ତ ପରିଚାଳନା ନିମନ୍ତେ ଅତିରିକ୍ତ ଜିଲାପାଳଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ସମସ୍ତ ଉପଜିଲାପାଳ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନିଯୁକ୍ତ ହୋଇଛନ୍ତି। ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ଜିଲାରେ ୨୫ ପାୱାର ବୋଟ୍ ଓ ୧୨୭ ଦେଶୀ ଡଙ୍ଗା ମହଜୁଦ ଅଛି। ଆବଶ୍ୟକ ଅନୁଯାୟୀ ପାୱାର ବୋଟ୍ ଓ ଅଧିକ ଦେଶୀ ଡଙ୍ଗା ବିଡିଓମାନେ ନିଜ ଅଞ୍ଚଳର ଫେରିଘାଟରେ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଜିଲାର ୧୪ଟି ବ୍ଲକର ବିଦ୍ୟାଳୟଗୁଡିକରେ ୨୯୮ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଥିବା ବେଳେ ୨୫ଟି ବହୁମୁଖୀ ଆଶ୍ରୟସ୍ଥଳୀ ରହିଛି। ୪ଟି ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣାଧୀନ ଅବସ୍ଥାରେ ରହିଛି। ବନ୍ୟା ସମୟରେ ଦୁର୍ଗମ ଅଞ୍ଚଳଗୁଡିକରେ ଯଥେଷ୍ଟ ଖାଦ୍ୟସାମଗ୍ରୀ ମହଜୁଦ ରଖାଯିବା ନେଇ ୭୪୮୪ ରୋଲ ପଲିଥିନ ମହଜୁଦ ରଖାଯାଇଛି। କଟକ ମହାନଗର ନିଗମ ଅଞ୍ଚଳ ପାଇଁ ୨୪୪ଟି ୱାଟର ପମ୍ପର ବ୍ୟବସ୍ଥା ଥିବାବେଳେ ଅଧିକ ୨୫ଟି ୱାଟର ପମ୍ପ ବ୍ୟବସ୍ଥା କରାଯିବା ସହ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବା ନିମନ୍ତେ ଜିଲାରେ ଜରୁରିକାଳୀନ ଔଷଧ ମହଜୁଦ ରଖାଯାଇଛି। ଉକ୍ତ ବୈଠକରେ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ସୌଭିକ୍ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଜିଲା ଜରୁରିକାଳୀନ ଅଧିକାରୀ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝା, ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା: ୪ ଆହତ

**ସାଲେପୁର,୨୭।୫(ଡି.ଏନ.ଏ.)**

ସାଲେପୁର ଥାନା ଅଧୀନ ଦ୍ୱୀପାଞ୍ଚଳର ମାରଡ଼ା ନିକଟରେ ଶୁକ୍ରବାର ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୪ଜଣ ଆହତ ହୋଇଛନ୍ତି। ଅନ୍ୟ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅପରାହ୍ନରେ ଜନାର୍ଦ୍ଦନପୁର ଅଞ୍ଚଳରୁ ସାଲେପୁର ଅଭିମୁଖେ ଏକ ଯାତ୍ରୀବାହୀ ଅଟୋ ଆସୁଥିଲା। ଏହି ସମୟରେ ବାଇକ୍‌ରେ ସାଲେପୁରରୁ ଜନାର୍ଦ୍ଦନପୁର ଅଭିମୁଖେ ଯାଉଥିବା ଏହି ଗ୍ରାମର ବିଜୟ କୁମାର ବାରିକଙ୍କ ବାଇକ୍ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋ ଭାରସାମ୍ୟ ହରାଇ ନାଳ ମଧ୍ୟକୁ ଖସିଯାଇ ଯାଇଥିଲା। ଅଟୋ ଚାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି ତାଙ୍କ ପରିଚୟ ମିଳିପାରିନାହିଁ। ସେହିପରି ଅଟୋରେ ଥିବା ୨ଜଣ ମହିଳା ଓ ୧୦ବର୍ଷର ଝିଅ ଆହତ ହୋଇଛନ୍ତି। ଅପରପକ୍ଷରେ ବିଜୟ ଓ ତାଙ୍କ ସ୍ତ୍ରୀ ଶର୍ମିଳା ବେହେରା ଆହତ ହୋଇଛନ୍ତି।

# ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ଜାଣିଲେ ଦୃଷ୍ଟିହୀନ ଛାତ୍ରୀ



ଓଡ଼ିଶା ଜୁଡିସିଆଲ ଏକାଡେମୀରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କ ସହ ଦୃଷ୍ଟିହୀନ ଛାତ୍ରୀମାନେ କଥା ହେଉଛନ୍ତି।

**କଟକ ଅଫିସ, ୨୭।୫**

- ହାଇକୋର୍ଟ ପରିଦର୍ଶନ କଲେ
- ଜୁଡିସିଆଲ ଏକାଡେମୀରେ ମୁଖ୍ୟ ବିଚାରପତିଙ୍କ ସହ କଥା ହେଲେ

ଭୁବନେଶ୍ୱରସ୍ଥିତ ଓଡ଼ିଶା ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡର ଦୃଷ୍ଟିହୀନ ଛାତ୍ରୀମାନେ ସେମାନଙ୍କ ଶିକ୍ଷକଙ୍କ ସହ ଶୁକ୍ରବାର ହାଇକୋର୍ଟ ପରିଦର୍ଶନ କରିଥିଲେ। ଏହି ସମୟରେ ବିଦ୍ୟାଳୟର ଶିକ୍ଷକ ଓ ହାଇକୋର୍ଟ ଅଧିକାରୀମାନେ ଛାତ୍ରୀଙ୍କୁ ନ୍ୟାୟିକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ବିଷୟରେ କହିଥିଲେ। ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ପିଲାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ନ୍ୟାୟିକ କାର୍ଯ୍ୟକ୍ରମ, ଓକିଲ ଏବଂ ବିଚାରପତିଙ୍କ ଜୀବନଶୈଳୀ ବିଷୟରେ କହିଥିଲେ। ଏହାପରେ ହେରିଟେଜ୍ ବିଲ୍ଡିଂରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ, ଚାମ୍ବର ଏବଂ କୋର୍ଟର ନୂତନ କୋଠା, ପୂର୍ବତନ ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କ ବିଷୟରେ ଜାଣି ଛାତ୍ରୀମାନେ ଉତ୍ସାହିତ ହୋଇଥିଲେ। ଏତଦ୍‌ବ୍ୟତୀତ ସମ୍ମିଳନୀ କକ୍ଷ ପରିଦର୍ଶନ ସମୟରେ ସେଠାରେ ବିଚାରପତିଙ୍କ ଶପଥ ଗ୍ରହଣ ଉତ୍ସବ ଓ ନ୍ୟାୟିକ ପ୍ରକ୍ରିୟା ଭିଡିଓ କ୍ଲିପ ଜରିଆରେ ଦେଖିଥିଲେ। ଏହାପରେ ଛାତ୍ରୀମାନେ ଆଇନସେବା ଭବନ ପରିଦର୍ଶନ କରିଥିଲେ। ଏଥିସହ ସେମାନେ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ କଥୋପକଥନ କରିଥିଲେ। ମୁଖ୍ୟ ବିଚାରପତି ସଫଳତା ପାଇଥିବା ଦେଶର କେତେଜଣ ଦୃଷ୍ଟିହୀନ ଆଇନଜୀବୀଙ୍କ ବିଷୟରେ କହିଥିଲେ। ଛାତ୍ରୀମାନେ ସେମାନଙ୍କ ସମସ୍ୟା ବିଷୟରେ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥିଲେ। ଆଇନଗତ ବିଷୟ ଉପରେ ଅଡିଓ ପ୍ରସ୍ତୁତ କରାଯିବା ସହ ସେମାନଙ୍କ ବ୍ୟବହାର ନିମନ୍ତେ ପ୍ରସାରଣ କରାଯିବ ବୋଲି ମୁଖ୍ୟ ବିଚାରପତି ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ୨୦୨୧ ମସିହା ଶିଶୁ ଦିବସରେ ଛାତ୍ରୀଛାତ୍ରମାନେ ପରିଦର୍ଶନ ପାଇଁ ହାଇକୋର୍ଟ ପରିସର ଖୋଲା ଯାଇଥିଲା। ସେବେଠାରୁ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ହାଇକୋର୍ଟ ପରିଦର୍ଶନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଦୃଷ୍ଟିହୀନ ଛାତ୍ରୀମାନେ ଶୁକ୍ରବାର ହାଇକୋର୍ଟ ପରିଦର୍ଶନ କରିଛନ୍ତି। ଏହା ପୂର୍ବରୁ ଗତ ଏପ୍ରିଲ ୩୦ ତାରିଖରେ କଟକ ସଦର ବ୍ଲକ ଅଧୀନ ୪୨ ମୌଜା ବେଣ୍ଟକାରସ୍ଥିତ ଶ୍ରୀ ଶ୍ରୀ ବେଲେଶ୍ୱର ବଧିର ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀର ୨୫ ଜଣ ଛାତ୍ରୀଛାତ୍ର ହାଇକୋର୍ଟ ପରିଦର୍ଶନ କରିଥିଲେ।

## ବ୍ୟାଙ୍କ ସମ୍ମୁଖରେ ଚାଷୀଙ୍କ ଆମରଣ ଅନଶନ

**ନିଶ୍ଚିନ୍ତକୋଇଲି,୨୭।୫(ସ୍ୱ.ପ୍ର.)**

ବ୍ୟାଙ୍କରୁ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ କରି ନିଶ୍ଚିନ୍ତକୋଇଲି ବ୍ଲକ ପାଇକରାପୁର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସମ୍ମୁଖରେ ଜଣେ ଚାଷୀ ଆମରଣ ଅନଶନ କରିଥିଲେ। ସେ ହେଲେ କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ଜଇପୁର ଗ୍ରାମର କାହ୍ନୁଚରଣ ରାଉତ। ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୧୦-୧୨ ଆର୍ଥିକ ବର୍ଷରେ ଢେଙ୍କାନାଳର ଶକ୍ତିସୁଗାର ମିଲ୍ ମାଧ୍ୟମରେ ଆଖୁଚାଷ କରୁଥିଲେ। ଉକ୍ତ ମିଲ୍ ୩ ବର୍ଷର ଆଖୁଚାଷ ପ୍ରାପ୍ୟ ବାବଦରେ ରାଉତଙ୍କ ପାଇକରାପୁରସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଜମା ଖାତାରେ ୨ଲକ୍ଷ ୮୧ ହଜାର ୯୩୦ ଟଙ୍କା ସହାୟତା ପ୍ରଦାନ କରିଥିଲେ। ମାତ୍ର ବ୍ୟାଙ୍କର କେତେଜଣ କର୍ମଚାରୀ ରାଉତଙ୍କ ଦସ୍ତଖତକୁ ନକଲ ଓ ଜାଲିଆତି କରି ୧ଲକ୍ଷ ୫୩ ହଜାର ୨ଶହ ଟଙ୍କା ଆତ୍ମସାତ କରିଦେଇଛନ୍ତି। ଏନେଇ ରାଉତ ଏକାଧିକଥର ଅମ୍ବୁଡସମ୍ୟାନ , ବ୍ୟାଙ୍କର ଉଚ୍ଚ ପଦାଧିକାରୀ, ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ପ୍ରତିବାଦରେ ରାଉତ ଅନଶନରେ ବସିଥିଲେ। ଖବରପାଇ ବ୍ୟାଙ୍କ ରିଜୋନାଲ ମ୍ୟାନେଜରଙ୍କ ଏକ ପ୍ରତିନିଧି ଦଳ ଘଟଣାସ୍ଥଳରେ ପହଞ୍ଚି ରାଉତଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ବୁଧବାର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ରାଉତଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ସେ ଅନଶନରୁ ଉଠିଥିଲେ। ଏ ସମ୍ପର୍କରେ ବ୍ୟାଙ୍କର ଶାଖା ପରିଚାଳକ ଦାଶରଥି ମଲିକ କହିଛନ୍ତି, ଏନେଇ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ତାଙ୍କ ନିର୍ଦ୍ଦେଶ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି

**ଆଠଗଡ଼,୨୭।୫(ସ୍ୱ.ପ୍ର.)**

**ଆଠଗଡ଼ ପଞ୍ଚାୟତ ସମିତି ବୈଠକ**

ଆଠଗଡ଼ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଶୁକ୍ରବାର ପୂର୍ବାହ୍ନରେ ସମିତି ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଛି। ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ବଳଭଦ୍ର ବାଘ, ବିଡିଓ ଅରୁଣ କୁମାର ଦାସ ଓ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ରାଉତ ସମସ୍ତ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଠଗଡ଼ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ଯୋଗୁ ଜଳ ସଙ୍କଟ ଦେଖା ଦେଇଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏହି ସମସ୍ୟା ଦୂର ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଡିଓ ଦାସ ପରାମର୍ଶ ଦେଇଥିଲେ। ବେକାରିଙ୍କୁ ନିୟୋଜିତ କରିବା ସମ୍ପର୍କରେ ବ୍ଲକ ମଙ୍ଗଳ ଅଧିକାରୀ ରଞ୍ଜୁ ଦେଇ କହିଥିଲେ, ଅନୁସୂଚିତ ଜାତିର ୧୮ରୁ ୩୦ ବର୍ଷ ବୟସ୍କ ଅଷ୍ଟମ ଓ ତଦୂର୍ଦ୍ଧ୍ୱ ଶିକ୍ଷା ଲାଭ କରିଥିବା ଯୁବତୀଯୁବକଙ୍କୁ ଚିହ୍ନଟ କରାଯାଇ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ବିଭିନ୍ନ ଶିଳ୍ପ ସଂସ୍ଥାରେ ତାଲିମ ପାଇଁ ନିୟୋଜିତ କରାଯିବ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ ଉକ୍ତ ବୈଠକରେ ସଂଯୋଜନା କରିଥିଲେ।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା



**ଟିଗିରିଆ,୨୭।୫(ଡି.ଏନ.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀର ଯୁବ ଅହମଦିୟା କର୍ମକର୍ତ୍ତା, ହ୍ୟୁମାନିଟି ଫାଷ୍ଟ କଟକ ଶାଖା ତରଫରୁ ଅଗ୍ନି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯିବା ସହ ନିଜିଗଡ଼ସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ସଫେଇ କାର୍ଯ୍ୟ କରାଯାଇଛି। ନିଜିଗଡ଼ ପଞ୍ଚାୟତର ଗୋପୀନାଥପୁର ଶାସନ ସଂଲଗ୍ନ କଦଳିବାଡ଼ିସ୍ଥିତ ଶବରଠାରେ ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇଥିବା ବାବୁଲି ସାହୁଙ୍କ ପରିବାରକୁ ବାସନକୁସନ ଓ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି। ବାଳିକା ଉଚ୍ଚ ବିଦ୍ୟାଳୟରେ ଯୁବ ଅହମଦିୟା କରଡ଼ାପଲ୍ଲୀର ସଭାପତି ସେରାଫତ ଅଲ୍ଲୀ, ସଉକତ ଖାଁ, ଇସିହାକ ଖାଁ, ମୌଲାନା ହଲିମ ଅହମ୍ମଦ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ଥିବା ବୁଦା ସଫେଇ କରିଥିଲେ। ହ୍ୟୁମାନିଟି ଫାଷ୍ଟ କଟକ ଶାଖା ସଭାପତି ମହମ୍ମଦ ସଫାରତ ମହମ୍ମଦ ଆରଫତ, ପନିଆ ଖାଁ,ସଫାକତ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ଦୋକାନରେ ଚଢ଼ାଉ, ଜରିମାନା ଆଦାୟ

**ବାଙ୍କୀ,୨୭।୫(ସ୍ୱ.ପ୍ର.)**

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାଙ୍କୀ ଉପଖଣ୍ଡର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଛି। ଏଥିସହ ୧୨ ଦୋକାନରୁ ୪୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବିଭିନ୍ନ ଦୋକାନରେ ଚଢ଼ାଉ କରି ଗୁଟ୍‌ଖା ଓ ଜର୍ଦ୍ଦା ମସଲା ଯାଞ୍ଚ କରିଥିଲା। ଏଥିସହ ରେଷ୍ଟୁରାଣ୍ଟ ଓ ହୋଟେଲଗୁଡ଼ିକରେ ଚଢ଼ାଉ କରି ଖାଦ୍ୟର ମାନ ଯାଞ୍ଚ କରିଥିଲା। ବାଙ୍କୀ ବଜାରର ବହୁ ହୋଟେଲରେ ଫୁଡ୍ ଲାଇସେନ୍ସ ନ ଥିବା ଏବଂ ଖାଦ୍ୟ ନିମ୍ନମାନର ଥିବା ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଚଢ଼ାଉରେ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ରାକେଶ କୁମାର ସାହୁ, ଜିଲା ଭେଷଜ ନିରୀକ୍ଷକ ପ୍ରଦୀପ କୁମାର ସାହୁ, ସୁଧୀର ରଞ୍ଜନ ରଥ, ତେଲେସ୍ଫର ଲାକ୍ରା ଓ ସମ୍ବିତ୍ କୁମାର ପ୍ରମୁଖ ସାମିଲ ହୋଇଥିଲେ।

# ଅନ୍‌ଲାଇନ ଟିକସ ବ୍ୟବସ୍ଥା କାର୍ଯ୍ୟକାରିତାକୁ ଗୁରୁତ୍ୱ

**କଟକ ଅଫିସ,୨୭।୫**

**ଟିକସ, ଅର୍ଥ, ହିସାବ ସ୍ଥାୟୀ କମିଟି ବୈଠକ**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଟିକସ, ଅର୍ଥ ଏବଂ ହିସାବ ସ୍ଥାୟୀ କମିଟିର ପ୍ରଥମ ବୈଠକ ନିଗମର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡେପୁଟି ମେୟର ତଥା କମିଟି ଅଧ୍ୟକ୍ଷା ଦମୟନ୍ତୀ ମାଝୀ ସଭାପତିତ୍ୱ କରିଥିଲେ। ବୈଠକରେ ସରକାରଙ୍କ ପକ୍ଷରୁ ଆସିଥିବା ବିଭିନ୍ନ ଅନୁଦାନ ସମ୍ପର୍କରେ ଆଲୋଚନା କରାଯିବା ସହ ଗୃହ ଟିକସ ଆଦାୟର ସମୀକ୍ଷା କରାଯାଇଥିଲା। ଏଥିସହ ଅଧିକରୁ ଅଧିକ ଗୃହଗୁଡ଼ିକୁ ଟିକସ ଅନ୍ତର୍ଭୁକ୍ତ କରାଯାଇ କିପରି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରାଯିବ ସେ ଦିଗରେ ଆଲୋଚନା ହୋଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ଗୃହ ଟିକସ ବାବଦରେ ୧୪ କୋଟି ୪୬ଲକ୍ଷ ୪୬ ହଜାର ୩୦୫ ଟଙ୍କା ଆଦାୟ କରାଯାଇଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷ ପ୍ରାରମ୍ଭରେ ମୋଟ୍ ୩ କୋଟି ୬୦ଲକ୍ଷ ୮୪ ହଜାର ୯୧୦ ଟଙ୍କା ଆଦାୟ କରାଯାଇଛି। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାରେ ସରକାରଙ୍କଠାରୁ ୧୦ କୋଟି ଟଙ୍କା ପ୍ରାପ୍ତ ହୋଇଥିବାବେଳେ ୩ କୋଟି ୫୪ ଲକ୍ଷ ୭୦ ହଜାର ୫୧୬ ଟଙ୍କା ଖର୍ଚ୍ଚ କରାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାରେ ୬୧ କୋଟି ୪୧ ଲକ୍ଷ ୬୮ ହଜାର ଟଙ୍କା ପ୍ରାପ୍ତ ହୋଇଥିବାବେଳେ ୫ କୋଟି ୬୧ଲକ୍ଷ ୯୪ ହଜାର ୭୯୭ ଟଙ୍କା ଖର୍ଚ୍ଚ କରାଯାଇଥିବା ନେଇ ତଥ୍ୟ ଉପସ୍ଥାପନା କରାଯାଇଥିଲା । ଏହି ଯୋଜନାରେ ବର୍ତ୍ତମାନ ଅନ୍ୟ କାର୍ଯ୍ୟଗୁଡ଼ିକ ଜାରି ରହିଛି। ସେହିପରି ଅନ୍‌ଲାଇନ ଟିକସ ବ୍ୟବସ୍ଥା କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ କମିଟି ସଦସ୍ୟା ଝିଲ୍ଲୀ ବିହାରୀ, ଦିପାଞ୍ଜଳୀ ସିଂହ, ବଟକୃଷ୍ଣ ସାହୁ, ଗୋପାଳ ବେହେରା, ଯତିନ୍ କୁମାର ବେହେରା, ମହମ୍ମଦ ଇଫତେଖର ଆଲାମ, ନିଗମର ଉପ ଆୟୁକ୍ତ ଲତାଶ୍ରୀ ବାଗ, ଅଜୟ କୁମାର ମହାନ୍ତି, ବିତ୍ତ ଅଧିକାରୀ ଲୁସି ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧିରେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ସମସ୍ତ ଟିକସ ଅସୁଲକାରୀ ଉପସ୍ଥିତ ଥିଲେ ।



ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସହ କମିଟି ସଦସ୍ୟା ଓ ଅନ୍ୟମାନେ।

# ସକ୍ରିୟ, ସଜାଗ ରହିବାକୁ ଅଫିସରଙ୍କୁ ନିର୍ଦ୍ଦେଶ

**କଟକ ଅଫିସ, ୨୭।୫**

**ପୋଲିସର ରଥଯାତ୍ରା ପ୍ରସ୍ତୁତି ବୈଠକ**

- ସମୁଦ୍ର କୂଳରେ ପାଟ୍ରୋଲିଂ କଡ଼ାକଡ଼ି ହେବ
- ଅସ୍ଥାୟୀ ପୋଲିସ ଆଉଟ୍‌ପୋଷ୍ଟ ଖୋଲାଯିବ



ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଡିଜିପି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଜୁଲାଇ ୧ ତାରିଖରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ। ଗୁରୁତ୍ୱପୂର୍ଣ୍ଣ ରୀତିନୀତି ମଧ୍ୟରେ ଜୁନ୍ ୨୯ ତାରିଖରେ ନବଯୌବନ ଦର୍ଶନ, ଜୁଲାଇ ୧ ତାରିଖରେ ରଥଯାତ୍ରା, ୯ରେ ବାହୁଡ଼ା ଯାତ୍ରା, ୧୦ରେ ସୁନାବେଶ ଓ ୧୨ ତାରିଖରେ ନୀଳାଦ୍ରିବିଜେ ଉପଲକ୍ଷେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ସୁନୀଲ ବଂଶଲ ଅଧ୍ୟକ୍ଷତା କରି ରଥଯାତ୍ରା ପାଇଁ ସକ୍ରିୟ ଓ ଅଧିକ ସଜାଗ ରହିବାକୁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ରଥଯାତ୍ରା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ସହ ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ନିୟୋଜିତ ହେବେ। ସେହିପରି ଆବଶ୍ୟକତା ଅନୁଯାୟୀ ବମ୍ ନିଷ୍କ୍ରିୟକାରୀ ଦଳ, ଏଚ୍‌ଏଚ୍‌ଏମ୍‌ଡି, ଡିଏମ୍‌ଏଫ୍‌ଡି, ମେଟାଲ ଡିଟେକ୍ଟର ଓ କାଉଣ୍ଟର ଗୋଇନ୍ଦା ସ୍କ୍ୱାଡ୍‌କୁ ନିୟୋଜିତ କରାଯିବ। ଭିଭିଆଇପିମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସିସିଟିଭି, ଏକ୍ସ-ରେ ବ୍ୟାଗେଜ୍ ସ୍କାନର ସ୍ଥାପନ ହେବ। ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ରୋଡ୍ ଡିଭାଇଡର, ଡିଲିନେଟର ଓ ଟ୍ରାଫିକ୍ କୋନ୍ସ ବ୍ୟବସ୍ଥା କରାଯିବ। ସେହିପରି ସମୁଦ୍ର କୂଳରେ ପାଟ୍ରୋଲିଂ କଡାକଡି କରିବାକୁ ଦୃଷ୍ଟି ଦିଆଯିବ ଓ ଅସ୍ଥାୟୀ ପୋଲିସ ଆଉଟ୍‌ପୋଷ୍ଟ ଖୋଲାଯିବ। ଏହି ବୈଠକରେ ସ୍ୱତନ୍ତ୍ର ଡିଜିପି (ଯୋଗାଯୋଗ) ଅରୁଣ କୁମାର ରାୟ, ଏଡିଜିପି (ରେଳବାଇ ଓ ଉପକୂଳ ସୁରକ୍ଷା) ଡ. ସୁଧାଂଶୁ ଷଡ଼ଙ୍ଗୀ, ଏଡିଜିପି ଆର୍. ପି. କୋଚେ, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା, ଏଡିଜିପି ସଞ୍ଜୟ କୁମାର, ଆଇଜିପି ଅମିତାଭ ଠାକୁର, ଆଇଜିପି ଏସ୍. ଦେବଦତ୍ତ ସିଂ, ଆଇଜିପି ଏସ୍. ପ୍ରବୀଣ କୁମାର, ଆଇଜିପି ନରସିଂହ ଭୋଳ, ଆଇଜିପି ଅମିତେନ୍ଦ୍ର ନାଥ ସିହ୍ନା, ଡିଆଇଜି ଜୟନାରାୟଣ ପଙ୍କଜ, ଡିଆଇଜିପି ଅନିରୁଦ୍ଧ କୁମାର ସିଂ, ଡିଆଇଜିପି ଅନୁପ କୁମାର ସାହୁ ଓ ପୁରୀ ଏସ୍‌ପି କନୱର ବିଶାଳ ସିଂ ଉପସ୍ଥିତ ଥିଲେ।